




Prime Minister Smt. Gandhi donating for
Armed Forces FLAG DAY FUN



Prime Minister Smt. Gandhi rel
the MARUTI CAR for sale..

ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରାଗାନ୍ଧୀଙ୍କ
'ମାରୁତି କାର୍' ବିକ୍ରୟରୁ ଶୁଭାରମ୍

# ଉତ୍କଳ ପ୍ରସଙ୍ଗ


ସମ୍ପାଦନା ମଣ୍ଡଳୀ

ନିର୍ଦ୍ଦେଶକ: ଶ୍ରୀ ଫଣୀଭୂଷଣ ଦାସ

ସମ୍ପାଦକ: ଶ୍ରୀ ଭୋଳାନାଥ ରାୟଗୁରୁ

ସହ ସମ୍ପାଦକ: ଛଦରାଜ ସତ୍ୟନାରାୟଣ ନନ୍ଦ

ସହଯୋଗୀ ସମ୍ପାଦକ: ଶ୍ରୀ ଲୋକନାଥ ଦଣ୍ଡୀ

ମୁଖ୍ୟ ସମ୍ପାଦକ

ଶ୍ରୀ ସତ୍ୟାନନ୍ଦ ଚମ୍ପତିରାୟ

ସଜ୍ଜା ଶିଳ୍ପୀ

ଶ୍ରୀ ଅସିତ୍ ମୁଖାର୍ଜୀ



RESEARCH & REFERENCE



ପ୍ରକାଶନ : ସୂଚନା ଓ ଲୋକସମ୍ପର୍କ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର

ବାର୍ଷିକ ଦେୟ ୧୦.୦୦
ପ୍ରତି ଖଣ୍ଡ ୧.୦୦

ମୁଦ୍ରଣ
ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ


ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ଦରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଗୁଡ଼ିକ ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଭାବିବା ଉଚିତ ନୁହେଁ ।

'ଉତ୍କଳ ପ୍ରସଙ୍ଗ' ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ହେଁ ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁବେଳରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

# ସୂଚୀପତ୍ର

ପୌଷ ୧୯୦୫ ଶକାବ୍ଦ ୪୦ ଖଣ୍ଡ ୭ମ ସଂଖ୍ୟା ଜାନୁଆରୀ ୧୯୮୪


| | | |
|---|---|---|
| ମହାମାନବଙ୍କ ଧରାବତରଣ | ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ | ୧ |
| ଗାନ୍ଧିଜୀ ଓ ସତ୍ୟାଗ୍ରହ | ଶ୍ରୀ ଗୌରୀଚନ୍ଦ୍ର କର | ୩ |
| ଶିକ୍ଷା ସମାଜ ଓ ଜାତୀୟ ପତାକା | ଶ୍ରୀ ଚନ୍ଦ୍ରଶେଖର ନାୟକ | ୬ |
| ବିପ୍ଳବୀ ବାଘା ଯତୀନ ଓ ପଞ୍ଚବିଦ୍ରୋହୀର ହନଦୀଘାଟ । | ଶ୍ରୀ ସର୍ବେଶ୍ୱର ଦାସ | ୯ |
| ସଘନ ଗ୍ରାମ୍ୟ ଉନ୍ନୟନ ଯୋଜନା ଓ ତାର ସମୀକ୍ଷା | ଶ୍ରୀ କୃଷ୍ଣଚନ୍ଦ୍ର ନାୟକ | ୧୨ |
| ଇନ୍‌ସାଟ୍ ୧-ଖ ଓ ଓଡ଼ିଶାରେ ଟେଲିଭିଜନ କାର୍ଯ୍ୟକ୍ରମର ପ୍ରସ୍ତୁତି । | ଶ୍ରୀ ପଦ୍ମଚରଣ ମହାନ୍ତି | ୧୪ |
| ପରିବାର ନିୟୋଜନରେ ଯୋଗର ଭୂମିକା | ଯୋଗାଚାର୍ଯ୍ୟ ପଣ୍ଡିତ ରମାକାନ୍ତ କର | ୧୭ |
| ପୌରସଂସ୍ଥା ଓ ବାସଗୃହ ସମସ୍ୟା | ଶ୍ରୀ ଅଜୟ କୃଷ୍ଣ ଦାସ | ୨୧ |
| ଓଡ଼ିଆ ଚଳଚ୍ଚିତ୍ରର ବିକାଶ | ଶ୍ରୀ ପ୍ରଦ୍ୟୁମ୍ନ କୁମାର ମିଶ୍ର | ୨୩ |
| ସାର୍ବଜନୀନ ପ୍ରାଥମିକ ଶିକ୍ଷା ଏକ : ଜାତୀୟ ଅଭିଯାନ । | ଶ୍ରୀ ଦେବକାନ୍ତ ମିଶ୍ର | ୨୬ |
| ସର୍ପ ସମ୍ବନ୍ଧୀୟ କେତେକ ଅନ୍ଧବିଶ୍ୱାସ ଓ ମନୁଷ୍ୟ.. | ଶ୍ରୀ ପ୍ରଫୁଲ୍ଲ କୁମାର ମହାନ୍ତି | ୨୮ |
| ଆମ ସମ୍ବିଧାନ ଓ ଜାତୀୟ ସଂହତି | ଶ୍ରୀ ତାରାକାନ୍ତ ମହାନ୍ତି | ୩୦ |
| ପଶ୍ଚିମ ଓଡ଼ିଶାର ସଂସ୍କୃତି ଓ ସାହିତ୍ୟ | ଶ୍ରୀ ଗଣେଶ ପ୍ରସାଦ ପରିଜା | ୩୭ |
| ମାଣ୍ଡିଆଗୁଣ୍ଡି ପୋକ—ଡାଲୁଅ ଧାନର ପ୍ରଧାନ ଶତ୍ରୁ | ଶ୍ରୀ ଶରତଚନ୍ଦ୍ର ବଳ | ୪୧ |

ଜନରାଜ୍ୟ ଦିବସ ଉପଲକ୍ଷେ

# ରାଜ୍ୟପାଳ

# ଶ୍ରୀ ବିଶ୍ୱମ୍ଭର ନାଥ ପାଣ୍ଡେଙ୍କ

# ବାର୍ତ୍ତା



ଓଡ଼ିଶାବାସୀ ମୋର ପ୍ରିୟ ଭାଇ ଓ ଭଉଣୀମାନେ !

ଆଜିର ଏହି ଐତିହାସିକ ଦିବସରେ ଆମ ସାଧାରଣତନ୍ତ୍ରର ୩୪ ତମ ବାର୍ଷିକୀ ଦେଶସାରା ପାଳିତ ହେଉଥିବା ବେଳେ ଓଡ଼ିଶାର ଜନସାଧାରଣଙ୍କ ପ୍ରତି ମୁଁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜ୍ଞାପନ କରୁଛି । ଓଡ଼ିଶାର ରାଜ୍ୟପାଳ ଭାବେ ଦାୟିତ୍ୱ ଗ୍ରହଣ କରିବା ଦିନଠାରୁ ମୁଁ ନିଜକୁ ଓଡ଼ିଶାର ପ୍ରଥମ ସେବକ ଭାବେ ମନେ କରୁଛି । ଓଡ଼ିଶାର ଜନସାଧାରଣ ବିଶେଷତଃ ଗରିବ ଆଦିବାସୀ ଓ ହରିଜନମାନଙ୍କ ସେବାରେ ନିୟୋଜିତ ହେବା ପାଇଁ ମୋତେ ଅପୂର୍ବ ସୁଯୋଗ ମିଳିଛି । ଓଡ଼ିଶାର ସବୁ ଶ୍ରେଣୀର ଲୋକଙ୍କର ଆଶା ଓ ଆକାଂକ୍ଷା ସହିତ ନିଜକୁ ସାମିଲ କରିବା ପାଇଁ ମୁଁ ବିଶେଷ ଯତ୍ନବାନ୍ ହେଉଛି । ଏହାର ପ୍ରତିଦାନ ସ୍ୱରୂପ ଓଡ଼ିଶାର ଜନସାଧାରଣ ମଧ୍ୟ ମୋ ପ୍ରତି ସେମାନଙ୍କର ଅକୁଣ୍ଠ ସ୍ନେହ ଶ୍ରଦ୍ଧା ଅଜାଡ଼ି ଦେଇଛନ୍ତି । ଆଗାମୀ ଦିନମାନଙ୍କରେ ସମସ୍ତ ଶକ୍ତି ଓ ସାମର୍ଥ୍ୟ ଦେଇ ଓଡ଼ିଶାର ସେବା କରିବା ପାଇଁ ମୁଁ ସତତ ଯତ୍ନବାନ୍ ହେବି ।

ଆମ ରାଜ୍ୟରେ ପ୍ରାକୃତିକ ବିଭବ ଯଥା :—ଖଣିଜ ସମ୍ପଦ, ଜଳ ସମ୍ପଦ, ସାମୁଦ୍ରିକ ସମ୍ପଦ ଓ ଅନନ୍ୟ ଅରଣ୍ୟ ସମ୍ପଦ ଭରପୂର ହୋଇ ରହିଛି । ଏକ ସମୁନ୍ନତ ସାଂସ୍କୃତିକ ପରମ୍ପରାର ଆମେ ଅଧିକାରୀ । ସୂକ୍ଷ୍ମ କାରୁକାର୍ଯ୍ୟ ଓ ବସ୍ତୁକଳାରେ ଆମର ମହନୀୟ ପରମ୍ପରା ରହିଛି । ଏସବୁ ସତ୍ତ୍ୱେ, ଓଡ଼ିଶାର ଅଧିକାଂଶ ଲୋକ ଦାରିଦ୍ର୍ୟର ସୀମାରେଖା ତଳେ ଏବେବି ପଡ଼ି-ରହିଥିବା ବିଧିର ବିଡ଼ମ୍ବନା ମାତ୍ର । ରାଜ୍ୟର ସର୍ବାଙ୍ଗୀନ ଉନ୍ନତି ତଥା ଦାରିଦ୍ର୍ୟ ଦୂରୀକରଣ ପାଇଁ ମୋ ସରକାର ଏକ ସୁଚିନ୍ତିତ କାର୍ଯ୍ୟକ୍ରମ ଅନୁସରଣ କରୁଛନ୍ତି । ପ୍ରଧାନମନ୍ତ୍ରୀଙ୍କ ନୂତନ ବିଂଶସୂତ୍ରୀ କାର୍ଯ୍ୟକ୍ରମ ପ୍ରତି ବିଶେଷ ଅଗ୍ରାଧିକାର ଦିଆଯାଇଛି । ଗ୍ରାମାଞ୍ଚଳର ଦରିଦ୍ର ଲୋକମାନଙ୍କର ଅର୍ଥନୈତିକ ଥଇଥାନ ତଥା ଜାତୀୟ ଗ୍ରାମାଞ୍ଚଳ କର୍ମ-ନିଯୁକ୍ତି କାର୍ଯ୍ୟକ୍ରମ ଦାରିଦ୍ର୍ୟ ବିରୁଦ୍ଧରେ ସଂଗ୍ରାମ ଚଳାଇବାରେ ଏକ ନୂତନ ଦିଗନ୍ତ ସୃଷ୍ଟି କରିଛି । ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ଓ ବିଂଶସୂତ୍ରୀ କାର୍ଯ୍ୟକ୍ରମର ସଫଳ ରୂପାୟନ ଦ୍ୱାରାହିଁ ଗରିବ ଶ୍ରେଣୀ ଉପକୃତ ହେବେ । ଓଡ଼ିଶାବାସୀ ମୋର ପ୍ରିୟ ଭାଇ ଓ ଭଉଣୀମାନଙ୍କୁ ମୁଁ ବିନମ୍ର ନିବେଦନ କରୁଛି ଯେ ସେମାନେ ବିଂଶସୂତ୍ରୀ କାର୍ଯ୍ୟକ୍ରମ ଓ ଦାରିଦ୍ର୍ୟ ଦୂରୀକରଣ ଯୋଜନାଗୁଡ଼ିକୁ ଉପଯୁକ୍ତ ସମୟସୀମା ମଧ୍ୟରେ କାର୍ଯ୍ୟକାରୀ କରିବା ତଥା ସଫଳ କରିବା ପାଇଁ ସବୁମତେ ସାହାଯ୍ୟ ସହଯୋଗ କରନ୍ତୁ ।

ଓଡ଼ିଶାବାସୀ ମୁଖ୍ୟତଃ କୃଷି ଉପରେ ନିର୍ଭର କରି ଜୀବିକା ନିର୍ବାହ କରନ୍ତି । ମୁଁ ବିଶେଷ ଆନନ୍ଦିତ ଯେ କୃଷି କ୍ଷେତ୍ରରେ ସ୍ଥାଣୁତ୍ୱ ଦୂର ହୋଇ ଭୂମି ଓ ଜଳ ସଂପଦର ସର୍ବାଧିକ ବିନିଯୋଗ ପାଇଁ ନିରବଚ୍ଛିନ୍ନ ଉଦ୍ୟମ ଚାଲିଛି । ମହାତ୍ମା ଗାନ୍ଧୀ ସବୁବେଳେ କହୁଥିଲେ ଏବଂ ବିଶ୍ୱାସ କରୁଥିଲେ ଯେ ଗ୍ରାମଗୁଡ଼ିକରେ ଭାରତର ଆତ୍ମା ବିଦ୍ୟମାନ । ଆମ ଚାଷୀ ଭାଇମାନେ ବିବିଧ ଶସ୍ୟ ଉତ୍ପାଦନ ପ୍ରଣାଳୀ ଅବଲମ୍ବନ କରିବା ସଙ୍ଗେ ସଙ୍ଗେ କୃଷି କ୍ଷେତ୍ରରେ ଆଧୁନିକ ଚାଷ ପ୍ରଣାଳୀର ପ୍ରୟୋଗ

ଏବଂ ବିହନ, ସାର ଓ କୀଟନାଶକ ଔଷଧର ଉପଯୁକ୍ତ ବିନିଯୋଗ କରିବା ଆବଶ୍ୟକ । ଏଥି ସହିତ କାଜୁବାଦାମ, ସୋୟାବିନ୍ ଏବଂ ଡାଲି ଓ ତୈଳବୀଜ ଜାତୀୟ ଅର୍ଥକରୀ ଫସଲ ଅଧିକ ଜମିରେ ଚାଷ କରିବା ପ୍ରତି ମଧ୍ୟ ଧ୍ୟାନ ଦେବା ଆବଶ୍ୟକ । ଆମେ ବାସ୍ତବିକ ଭାଗ୍ୟବାନ ଯେ ପ୍ରକୃତିରାଣୀ ଆମ ପ୍ରତି ସଦୟ ହୋଇଛି ଓ ଅନୁକୂଳ ମୌସୁମୀ ପ୍ରବାହ ଯୋଗୁଁ ଚଳିତ ବର୍ଷ ଅପେକ୍ଷାକୃତ ଭଲ ଖରିଫ ଓ ରବି ଫସଲ ଅମଳ ହେବାର ସମ୍ଭାବନା ରହିଛି । ମାତ୍ର ଅତୀତରେ ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟ ଘଟି ରାଜ୍ୟର ଅର୍ଥନୀତି ବିପର୍ଯ୍ୟସ୍ତ ହୋଇ ପଡ଼ିଛି । ଆମର ବିପର୍ଯ୍ୟସ୍ତ ଅର୍ଥନୀତିକୁ ସୁଧାରିବା ଦିଗରେ ଯେ ଆମକୁ କେବଳ କଠୋର ପରିଶ୍ରମ କରିବାକୁ ପଡ଼ିବ ତା' ନୁହେଁ, ପରନ୍ତୁ କୃଷିର ବିକାଶକୁ ତ୍ୱରାନ୍ୱିତ କରି ତଥା ଅଧିକ ଅଞ୍ଚଳକୁ ଜଳସେଚନ ସୁବିଧା ଯୋଗାଇ ଦେବା ସଙ୍ଗେ ସଙ୍ଗେ କୃଷିଭିତ୍ତିକ ଶିଳ୍ପ ପରିସର ବୃଦ୍ଧି କରି ଏହାକୁ ସୁଦୃଢ଼ କରିବାକୁ ପଡ଼ିବ ।

ସୁଖର କଥା ଶିଳ୍ପ କ୍ଷେତ୍ରରେ ଜାଗରଣ ସୃଷ୍ଟି ହୋଇଛି ଏବଂ ରାଜ୍ୟର ମାନଚିତ୍ର ଦ୍ରୁତ ଭାବରେ ବଦଳି ଚାଲିଛି । ଓଡ଼ିଶାରେ ବହୁ ସଂଖ୍ୟକ ମର୍ଯ୍ୟାଦାସଂପନ୍ନ କେନ୍ଦ୍ରୀୟ ପ୍ରକଳ୍ପ ସ୍ଥାପିତ ହୋଇଛି ଓ ବହୁ କିସମର ବୃହତ୍, ମଧ୍ୟମ ଓ କ୍ଷୁଦ୍ର ଶିଳ୍ପ କାରଖାନା ଗଢ଼ି ଉଠୁଛି । ବିଶେଷ ଆନନ୍ଦର ବିଷୟ, ଓଡ଼ିଶାରେ ନୂତନ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ବିଗତ ତିନିବର୍ଷ ମଧ୍ୟରେ ଯେତେ ସଂଖ୍ୟକ ଲାଇସେନ୍ସ ଓ କରାରପତ୍ର ଦିଆଯାଇଛି ପୂର୍ବବର୍ଷଗୁଡ଼ିକ ତୁଳନାରେ ଏହାର ସଂଖ୍ୟା ତିନିଗୁଣ । ପଞ୍ଚମ ପଞ୍ଚବାର୍ଷିକ ଯୋଜନା ତୁଳନାରେ ରାଜ୍ୟର ଯୋଜନା ଅଟକଳ ଓ ମୁଣ୍ଡପିଛା ବିନିଯୋଗ ହାର ଷଷ୍ଠ ଯୋଜନାରେ ପର୍ଯ୍ୟାପ୍ତ ପରିମାଣରେ ବୃଦ୍ଧି କରାଯାଇଛି । ଆମର ପ୍ରିୟ ପ୍ରଧାନ ମନ୍ତ୍ରୀଙ୍କ ଆଶୀର୍ବାଦ ଲାଭ କରି ନିକଟରେ ବ୍ରାହ୍ମଣୀପାଳଠାରେ ଏକ ମର୍ଯ୍ୟାଦା ସଂପନ୍ନ ସ୍ପଞ୍ଜହୋମ କାରଖାନାର ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଛି । ଏହା ଫଳରେ ମୋ ସରକାର ଉନ୍ନତ ଶିଳ୍ପ ନୀତିର ପରାକାଷ୍ଠା ଦେଖାଇଛନ୍ତି । ଓଡ଼ିଶାର ଯୁବ ଶିଳ୍ପୋଦ୍ୟୋଗୀମାନଙ୍କୁ ମୁଁ ଆହ୍ୱାନ କରୁଛି ଯେ ସେମାନେ ବର୍ତ୍ତମାନର ଅନୁକୂଳ ବାତାବରଣର ସୁଯୋଗ ନେଇ କ୍ଷୁଦ୍ର ଓ କୁଟୀରଶିଳ୍ପମାନ ପ୍ରତିଷ୍ଠା କରନ୍ତୁ, ଯାହା ଫଳରେକି କର୍ମନିଯୁକ୍ତିର ସୁବିଧା ସୁଯୋଗ ଯଥେଷ୍ଟ ମାତ୍ରାରେ ମିଳି ପାରିବ । ବର୍ତ୍ତମାନର ଆହ୍ୱାନ ହେଲା ସବୁ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବା ।

ଶିଳ୍ପପୁଞ୍ଜର ଆଶାତୀତ ବୃଦ୍ଧି ଫଳରେ ବିଦ୍ୟୁତ୍ ଶକ୍ତିର ଅଭାବ ଏକ ସମସ୍ୟା ରୂପେ ଦେଖା ଦେଇଛି । ମୋ ସରକାର ଏ ସମସ୍ୟା ପ୍ରତି ସଦାସର୍ବଦା ସତର୍କ ଦୃଷ୍ଟି ରଖିଛନ୍ତି । ନାଲ୍କୋ ଭଳି ବୃହତ୍ ପ୍ରକଳ୍ପଗୁଡ଼ିକ ନିଜ ନିଜର ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ରମାନ ସ୍ଥାପନ କରୁଛନ୍ତି । ମୋ ସରକାର ଇନ୍ଦ୍ରାବତୀ ଉପର କୋଲାବ୍ ଓ ରେଙ୍ଗାଲି ଜଳ ବିଦ୍ୟୁତ ପରିକଳ୍ପନା କାର୍ଯ୍ୟକାରୀ କରୁଛନ୍ତି ଓ ତାଳଚେରଠାରେ ଏକ ସୁପର ତାପଜ ପରିକଳ୍ପନା କାର୍ଯ୍ୟକାରୀ ହେବା ପାଇଁ ସକ୍ରିୟ ପଦକ୍ଷେପ ନିଆଯାଇଛି । ଏଗୁଡ଼ିକ ସଂପୂର୍ଣ୍ଣ ହେଲେ ଆମର ଶିଳ୍ପ, କୃଷି ତଥା ଘରୋଇ ବିଦ୍ୟୁତ୍ ଚାହିଦା ପୂରଣ ହୋଇପାରିବ ।

ଗାଁ ଗହଳରେ ପାନୀୟ ଜଳ ଯୋଗାଣ ଜନିତ ସମସ୍ୟା ସୁଧାରିବା ନିମନ୍ତେ ମୋ ସରକାର ପାନୀୟ ଜଳ ସମସ୍ୟା ଜଡ଼ିତ ଗ୍ରାମଗୁଡ଼ିକୁ ଚିହ୍ନଟ କରିଛନ୍ତି ଏବଂ ଷଷ୍ଠ ଯୋଜନା ଶେଷ ସୁଦ୍ଧା ଏ ଧରଣର ପ୍ରତ୍ୟେକ ଗ୍ରାମରେ ଅନ୍ତତଃ ଗୋଟିଏ ଲେଖାଏଁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରିବା ପାଇଁ କାର୍ଯ୍ୟକ୍ରମ ରଖାଯାଇଛି । ହରିଜନ ଓ ଆଦିବାସୀ କଲ୍ୟାଣ ବ୍ୟବସ୍ଥାର ବିକାଶ ସାଧନ ପାଇଁ ଅଗ୍ରାଧିକାର ଦିଆଯାଇଛି ଓ ଉପଯୁକ୍ତ ଶିକ୍ଷା କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି । ସମସ୍ତ ପ୍ରକାର ଶୋଷଣରୁ ହରିଜନ ଓ ଆଦିବାସୀମାନଙ୍କୁ ରକ୍ଷା କରିବା ସଙ୍ଗେ ସଙ୍ଗେ ସେମାନଙ୍କ ସ୍ୱାର୍ଥର ସୁରକ୍ଷା ସକାଶେ ଆବଶ୍ୟକ ବୈଧାନିକ ତଥା ପରିଚାଳନାଗତ ବ୍ୟବସ୍ଥା ଗ୍ରହଣ କରାଯିବା ଏକ ଉଲ୍ଲେଖଯୋଗ୍ୟ ଘଟଣା ।

ଓଡ଼ିଶାର ପର୍ଯ୍ୟଟନ ବିଭବ ଆନ୍ତର୍ଜାତୀୟ ଖ୍ୟାତି ଲାଭ କରିଥିବା ଜାଣି ମୁଁ ବିଶେଷ ଆନନ୍ଦିତ । ବିସ୍ମୟ ସୃଷ୍ଟିକାରୀ କୀର୍ତ୍ତିମାଳା, ଦିଗନ୍ତ ବିସ୍ତାରୀ ସମୁଦ୍ର ବେଳାଭୂମି, ଚିଲିକାର ତରଙ୍ଗାୟିତ ବୀଚିମାଳା, ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ବନ୍ୟଜନ୍ତୁ ପରିପୂର୍ଣ୍ଣ ନିବିଡ଼ ଅରଣ୍ୟ ସମ୍ପଦ ଆମର ପର୍ଯ୍ୟଟନ ପରିସର ମଧ୍ୟରେ ସ୍ଥାନ ପାଇଛି । ପର୍ଯ୍ୟଟନର ଭିତ୍ତିଭୂମି ରୂପେ ପରିଗଣିତ ହେଉଥିବା ହୋଟେଲ ଏକ ଶିଳ୍ପ ଆକାରରେ ଘୋଷଣା କରାଯିବା ପରେ ବହୁ ସଂଖ୍ୟକ ହୋଟେଲ ଓ ମୋଟେଲ ସମ୍ପ୍ରତି ଗଢ଼ି ଉଠୁଛି ।

ଜନସାଧାରଣଙ୍କର ସ୍ୱାସ୍ଥ୍ୟର ସୁରକ୍ଷା ଉଦ୍ଦେଶ୍ୟରେ କୁଷ୍ଠ ରୋଗର ନିରାକରଣ ଲାଗି ସମସ୍ତ ସମ୍ଭାବ୍ୟ ପଦକ୍ଷେପ ନିଆଯାଉଛି । ଭାରତର ଚାରିଗୋଟି ଜିଲ୍ଲାରେ ବହୁ ସଂଖ୍ୟକ କୁଷ୍ଠରୋଗୀ ଦେଖାଯାନ୍ତି । ସେଥିମଧ୍ୟରୁ ଆମର ଗଞ୍ଜାମ ଜିଲ୍ଲା ଅନ୍ୟତମ । ଅନ୍ୟ ତିନୋଟି ଜିଲ୍ଲା ହେଉଛି, ଆନ୍ଧ୍ର ପ୍ରଦେଶର ବିଜୟ ନଗର ଓ ଶ୍ରୀକାକୁଲମ୍ ଏବଂ ତାମିଲନାଡୁର ଉତ୍ତର ଆର୍କୋଟ୍ ଜିଲ୍ଲା । ଅକର୍ମଣ୍ୟ ରୋଗୀମାନଙ୍କୁ ଫଳପ୍ରଦ ଧନ୍ଦା ଯୋଗାଇ ସେମାନଙ୍କୁ ଥଇଥାନ କରିବା ଲାଗି ଗଠନମୂଳକ କାର୍ଯ୍ୟପନ୍ଥା ନିଆଯାଉଛି । ଯକ୍ଷ୍ମା ଓ କର୍କଟ ରୋଗର ଭୟାବହତା ଦୂର କରିବା ପାଇଁ ମଧ୍ୟ ପଦକ୍ଷେପ ନିଆଯାଉଛି । କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜରେ ଥିବା କର୍କଟ ରୋଗ ବିଭାଗକୁ ଏକ ସ୍ୱୟଂ ଶାସିତ ଅନୁଷ୍ଠାନରେ ପରିଣତ କରିବା ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଉଛି ।

ରାଜ୍ୟରେ ଅନେକ ଅଗ୍ରଗତି କରାଯାଇଥିଲେ ମଧ୍ୟ ଆମେ ସମ୍ଭବତଃ ତହିଁରେ ଆତ୍ମସନ୍ତୋଷ ଲାଭ କରିପାରିବା ନାହିଁ । ଆମେ ଆମର ଉଦ୍ୟମକୁ ଦ୍ୱିଗୁଣିତ କରି ବିକାଶର ବେଗକୁ ତ୍ୱରାନ୍ୱିତ କରିବା ଆବଶ୍ୟକ । ଯାହା ଫଳରେ କି ଏ ରାଜ୍ୟର ଗରିବ ତଥା ଦୁଃସ୍ଥ ଲୋକମାନେ ଉପକୃତ ହେବେ ।

ଏହି ଅବସରରେ ଓଡ଼ିଶାକୁ ଏକ ଦୃଢ଼, କର୍ମତତ୍ପର, ସମୃଦ୍ଧ ତଥା ଅଗ୍ରଗାମୀ ରାଜ୍ୟ ରୂପେ ଗଢ଼ି ତୋଳିବା ଦିଗରେ ନିଜ ନିଜକୁ ଉତ୍ସର୍ଗ କରିବା ପାଇଁ ମୁଁ ମୋର ପ୍ରିୟ ଓଡ଼ିଶାବାସୀଙ୍କୁ ନିବେଦନ କରୁଛି । ଆମ ରାଜ୍ୟରେ ଥିବା ବିପୁଳ ପ୍ରାକୃତିକ ସମ୍ପଦ ସାଙ୍ଗକୁ ଦକ୍ଷ କର୍ମପ୍ରବଣତା ଜରିଆରେ ଆମର ଏହି ଅନଗ୍ରସର ରାଜ୍ୟକୁ ଦେଶର ସମୃଦ୍ଧିଶାଳୀ ରାଜ୍ୟ ସହିତ ସମକକ୍ଷ କରିବା ଲାଗି ପ୍ରତ୍ୟେକ ବ୍ୟକ୍ତି—ପୁରୁଷ, ମହିଳା ଓ ଶିଶୁଙ୍କର ଐକାନ୍ତିକ ଉଦ୍ୟମ ଆବଶ୍ୟକ । ଜାତୀୟ ସଂହତିକୁ କ୍ଷୁର୍ଣ୍ଣ କରୁଥିବା ଜାତି ପ୍ରଥା, ଭାଷାଗତ ବିଭେଦ, ଆଞ୍ଚଳିକ ବାଦ-ବିସମ୍ବାଦ ଓ ସାମ୍ପ୍ରଦାୟିକତାର ସଂକୀର୍ଣ୍ଣ ଗଣ୍ଡିରୁ ଓଡ଼ିଶାବାସୀ ଯେ ମୁକ୍ତ ସେଥିପାଇଁ ମୁଁ ଅତ୍ୟନ୍ତ ପ୍ରୀତ । ମହାମହିମ ଜଗନ୍ନାଥ ମତବାଦ ଯେଉଁଥିରେ କି ସମସ୍ତ ସାମାଜିକ, ଅର୍ଥନୈତିକ ଓ ଉଦାର ଚିନ୍ତାଧାରାର ଅପୂର୍ବ ସମନ୍ୱୟ ଘଟିଛି, ତହିଁରୁ ଆମେ ଏହି ମହାନୁଭବତା ଶିକ୍ଷା କରିଛୁ । ଭାରତମାତାର ଏକ ବଳିଷ୍ଠ ବାହୁ ରୂପେ ଆମ ରାଜ୍ୟକୁ ଗଢ଼ି ତୋଳିବା ପାଇଁ ମୋର ଓଡ଼ିଶାବାସୀ ଭାଇଭଉଣୀମାନେ ସଙ୍କଳ୍ପବଦ୍ଧ ଉଦ୍ୟମ କରିବା ଉଚିତ । ସମୟର ଆହ୍ୱାନରେ ଆବଶ୍ୟକ ପଡ଼ିଲେ ମାତୃଭୂମିର ସୁରକ୍ଷା ପାଇଁ ଏବଂ ତା'ର ମର୍ଯ୍ୟାଦାକୁ ଅକ୍ଷୁର୍ଣ୍ଣ ରଖି ସମୃଦ୍ଧିକୁ ଅପ୍ରତିହତ ରଖିବା ନିମନ୍ତେ ସେମାନେ ସଜାଗ ରହିବା ସଙ୍ଗେ ସଙ୍ଗେ ସେମାନଙ୍କର ସମସ୍ତ ଶକ୍ତି ବିନିଯୋଗ କରିବେ ବୋଲି ଆଶା ପ୍ରକାଶ କରୁଛି ।

ଜୟ ଓଡ଼ିଶା

ଜୟହିନ୍ଦ୍



ଜନରାଜ୍ୟ ଦିବସ ଉପଲକ୍ଷେ

# ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

୩୫ତମ ଜନରାଜ୍ୟ ଦିବସ ଉପଲକ୍ଷେ ଓଡ଼ିଶାର ଜନସାଧାରଣଙ୍କୁ ମୁଁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି ।

ଜନରାଜ୍ୟ ଦିବସ ଆମର ଗଣତାନ୍ତ୍ରିକ ପରମ୍ପରା, ସମାଜବାଦ ଓ ଧର୍ମ ନିରପେକ୍ଷତାର ପ୍ରତୀକ । ଏହିସବୁ ମୂଲ୍ୟବୋଧ ପ୍ରତି ଆମର ପ୍ରଗାଢ଼ ଆସ୍ଥା ଜ୍ଞାପନ ପାଇଁ ମଧ୍ୟ ଏ ଦିବସଟି ଉଦ୍ଦିଷ୍ଟ ।

ଆମର ବରେଣ୍ୟା ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ନେତୃତ୍ୱରେ ଆମ ଦେଶ ଆଜି ପ୍ରଗତିର ଏକ ନୂତନ ଦିଗନ୍ତ ଆଡ଼କୁ ଆଗେଇ ଚାଲିଛି । ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଘୋଷିତ ନୂଆ ବିଂଶସୂତ୍ରୀ କାର୍ଯ୍ୟକ୍ରମ ଜାତି ପାଇଁ ପ୍ରଗତିର ମୂଳମନ୍ତ୍ର ରୂପେ ଗ୍ରହଣ କରାଯାଇଛି । ଉତ୍ପାଦନ ବୃଦ୍ଧି ନିମନ୍ତେ ତାଙ୍କର ଆହ୍ୱାନ ସବୁ ଶ୍ରେଣୀର ଜନସାଧାରଣଙ୍କ ମଧ୍ୟରେ ବିପୁଳ ଉତ୍ସାହ ସୃଷ୍ଟି କରିଛି । ଆମ ରାଜ୍ୟ ମଧ୍ୟ ଏହି ଲକ୍ଷ୍ୟ ସାଧନ ନିମନ୍ତେ ବଦ୍ଧ ପରିକର ।

ଓଡ଼ିଶାର ଅର୍ଥନୈତିକ, ସାମାଜିକ ତଥା ସାଂସ୍କୃତିକ ବିକାଶ ଦିଗରେ ଆମର ଉଦ୍ୟମ ସର୍ବଜନ ବିଦିତ । ରାଜ୍ୟରେ ଜଳସେଚନ ବ୍ୟବସ୍ଥା ଓ ବିଦ୍ୟୁତ୍ ଶକ୍ତିର ପ୍ରସାର, କୃଷି ଉତ୍ପାଦନ ଓ ଶିଳ୍ପର ବିକାଶ ନିମନ୍ତେ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଶିକ୍ଷା, ପର୍ଯ୍ୟଟନ, ଶିଳ୍ପ ଏବଂ ଆଦିବାସୀ ଓ ହରିଜନ ସଂପ୍ରଦାୟର ଲୋକଙ୍କ ସାମାଜିକ ତଥା ଅର୍ଥନୈତିକ ବିକାଶ କ୍ଷେତ୍ରରେ ମଧ୍ୟ ବିଶେଷ ତତ୍ପରତା ପ୍ରକାଶ ପାଇଛି । ଗ୍ରାମାଞ୍ଚଳରେ ବାସକରୁଥିବା ଦରିଦ୍ରତମ ଲୋକଙ୍କର ଅର୍ଥନୈତିକ ଅଭ୍ୟୁତ୍ଥାନ ପାଇଁ ଆମର ଅନନ୍ୟସାଧାରଣ କାର୍ଯ୍ୟକ୍ରମ ଜରିଆରେ ହଜାର ହଜାର ଦରିଦ୍ର ଜନସାଧାରଣଙ୍କର ଉନ୍ନତି ସାଧନ କରାଯାଇଛି । ଆମ ରାଜ୍ୟ ଆଜି ସମୃଦ୍ଧିର ଦ୍ୱାର ଦେଶରେ ଉପନୀତ ।

ପବିତ୍ର ଜନରାଜ୍ୟ ଦିବସ ଉପଲକ୍ଷେ ପ୍ରଗତି ଓ ସମୃଦ୍ଧି ଦିଗରେ ରାଜ୍ୟ ସରକାରଙ୍କ ସମସ୍ତ ଉଦ୍ୟମ ସହିତ ସକ୍ରିୟ ଭାବରେ ସହଯୋଗ କରିବା ନିମନ୍ତେ ମୁଁ ଓଡ଼ିଶାର ଜନସାଧାରଣଙ୍କୁ ନିବେଦନ କରୁଛି ।

ଜୟହିନ୍ଦ୍

# ମହାମାନବର ଧରାବତରଣ

ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ

ଗାନ୍ଧୀ ଜୟନ୍ତୀ କେବଳ ଭାରତବର୍ଷ ନୁହେଁ ସମଗ୍ର ବିଶ୍ୱପାଇଁ ଏକ ମହାନ୍ ଦିବସ । କାରଣ ଏହି ଦିନରେ ମହାତ୍ମା ଗାନ୍ଧୀ ଏ ଧରା ପୃଷ୍ଠରେ ଜନ୍ମ ଗ୍ରହଣ କରିଥିଲେ । ବିଶ୍ୱର ଜଣେ ଶ୍ରେଷ୍ଠ ମନିଷୀ ତଥା ବୈଜ୍ଞାନିକ ଆଇନଷ୍ଟାଇନଙ୍କ ଭାଷାରେ "ଏପରି ଜଣେ ବ୍ୟକ୍ତି ଦିନେ ସଂସାରରେ ଦେହ ଧାରଣକରି ବିଚରଣ କରୁଥିଲେ, ଏହା ହୁଏତ ଭବିଷ୍ୟତ ବଂଶଧରମାନେ ବିଶ୍ୱାସ କରିବେ ନାହିଁ ।" ବୋଧହୁଏ, ଗୌତମ ବୁଦ୍ଧଙ୍କ ପରେ ଭାରତର ସେ ଏକମାତ୍ର ବ୍ୟକ୍ତି ଯେ କି ସମଗ୍ର ବିଶ୍ୱର ହୃଦୟକୁ ଜୟ କରି ପାରିଥିଲେ ଏବଂ ଯୀଶୁଖ୍ରୀଷ୍ଟଙ୍କ ପରେ ସେ ଦ୍ୱିତୀୟ ବ୍ୟକ୍ତି ଯେ କି ପାଶ୍ଚାତ୍ୟ ଜଗତକୁ ଅଭିଭୂତ କରିଥିଲେ । ଯେତେବେଳେ ମହାତ୍ମା ଗାନ୍ଧୀଙ୍କ ଗୁଣାବଳୀ କୀର୍ତ୍ତନ କରାଯାଏ, ସେତେବେଳେ ବିଶ୍ୱର ମାତ୍ର ଦୁଇ ତିନିଜଣ ବ୍ୟକ୍ତିଙ୍କ ସହିତ ତାଙ୍କୁ ତୁଳନା କରାଯାଏ ।

## ଜନ୍ମଭୂମିର ମୁକ୍ତିଦାତା

ମହାତ୍ମା ଗାନ୍ଧୀ ଭାରତବର୍ଷରେ ଅହିଂସା ଓ ଶାନ୍ତିପୂର୍ଣ୍ଣ ପନ୍ଥାରେ ଯେଉଁ **ସଫଳ** ସଂଗ୍ରାମ କରିଥିଲେ, ବିଶ୍ୱର ବହୁ ସ୍ଥାନରେ ଅନ୍ୟାୟ ବିରୁଦ୍ଧରେ ତାହାର ଅନୁସରଣ କରାଯାଉଛି । ଅନୁକରଣ ପୃଥିବୀର ବହୁ ରାଷ୍ଟ୍ରରେ ହୋଇ ଯାଇଛି । ବିଶେଷତଃ ଆମେରିକାରେ ମାର୍ଟିନ୍ ଲୁଥର କିଙ୍ଗ୍ ନିଗ୍ରୋମାନଙ୍କର ସ୍ୱାଧୀନତା ଦାବୀ କରିବା ପାଇଁ ମହାତ୍ମା ଗାନ୍ଧୀଙ୍କୁ ଅନୁସରଣ କରି ଅହିଂସା ଆନ୍ଦୋଳନ ଆରମ୍ଭ କରିଥିବା କଥା ନିଜେ ପ୍ରକାଶ କରିଛନ୍ତି । ମାର୍ଟିନ୍ ଲୁଥର କିଙ୍ଗଙ୍କ ଜେସି ଜାକ୍‌ସନ୍ ଯେ କି ଆମେରିକାରେ ନିଗ୍ରୋମାନଙ୍କ ନେତା ସେ ନିକଟରେ ଏକ ଅଭିଭାଷଣରେ କହିଛନ୍ତି "ଏ ପୃଥିବୀକୁ ବହୁରାଜା, ଶାସକ, ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଆସିବେ କିନ୍ତୁ ସେମାନଙ୍କୁ ଏ ଦୁନିଆଁ ଭୁଲିଯିବ । ହେଲେ ଜଣେ ଗାନ୍ଧୀ ବା ଜଣେ ଯୀଶୁଖ୍ରୀଷ୍ଟଙ୍କୁ ଏ ସଂସାର କେବେହେଲେ ଭୁଲି ପାରିବ ନାହିଁ" । ମହାତ୍ମା ଗାନ୍ଧୀ ଆମ ଦେଶର ଜଣେ କେବଳ ସନ୍ଥ ବା ମହାପୁରୁଷ ନ ଥିଲେ । ସେ ଥିଲେ ଆମ ଜନ୍ମଭୂମିର ମୁକ୍ତିଦାତା । ଦୀର୍ଘ ଦୁଇଶହ ବର୍ଷକାଳ ଭାରତ ପରାଧୀନ ହୋଇ ରହିଲା ଏବଂ ଗୋଟିଏ ଅନ୍ଧକାରମୟ କାରାଗୃହରେ ପରିଣତ ହେଲା । ଏ ଦେଶର ମୁକ୍ତି କେବେହେଲେ ସମ୍ଭବ ହେବ ନାହିଁ ବୋଲି ଲୋକେ ବିଶ୍ୱାସ କରି ଅତି ଭୟରେ ଯେତେବେଳେ ଜଡ଼ସଡ଼ ହୋଇ ରହିଥିଲେ, ସେତେବେଳେ ହୋଇଥିଲା ମହାତ୍ମା ଗାନ୍ଧୀଙ୍କର ଆବିର୍ଭାବ । ସେ ଗୋଟିଏ କଥା କହିଥିଲେ ଯେ କାହାରିକୁ ଭୟ କର ନାହିଁ । ଏହାଥିଲା ସେତେବେଳେ ଭାରତବର୍ଷ ପାଇଁ ବଜ୍ର ନିର୍ଘୋଷ ବାଣୀ । ଈଶ୍ୱରଙ୍କ ଛଡ଼ା କାହାରିକୁ ଭୟ ନ କରିବା ପାଇଁ ସେ ଗ୍ରାମେ ଗ୍ରାମେ ବୁଲି ପ୍ରଚାର କରିଥିଲେ । ସେ ବ୍ରିଟିଶ୍ ସାମ୍ରାଜ୍ୟକୁ ତଥା ବ୍ରିଟିଶ୍ ରାଜକୁ ଲକ୍ଷ୍ୟ କରି କହିଥିଲେ, ଏ ହେଉଛି ଏକ ସୈତାନର ରାଜ୍ୟ । ଏହି ଅଭୟ ମନ୍ତ୍ରଦ୍ୱାରା ସମଗ୍ର ଭାରତବର୍ଷକୁ ସେ ଉଦ୍‌ବୁଦ୍ଧ କରିଥିଲେ । ତାଙ୍କର ମହାନ୍ ସ୍ୱାଧୀନତା ସଂଗ୍ରାମ ବିଶ୍ୱରେ ଅଦ୍ୱିତୀୟ । ସେ କେବଳ ଜଣେ ମୁକ୍ତିଦାତା ନୁହଁନ୍ତି, ଆଜି ଯେଉଁସବୁ ପ୍ରଧାନ ଆଦର୍ଶ ସମଗ୍ର ବିଶ୍ୱକୁ ପ୍ରଭାବିତ କରୁଛି, ସେ ସମସ୍ତ ଆଦର୍ଶର ପ୍ରବର୍ତ୍ତକ ଥିଲେ ମହାତ୍ମା ଗାନ୍ଧୀ । ସେ ଥିଲେ ବର୍ଣ୍ଣ ବୈଷମ୍ୟର ବିରୁଦ୍ଧରେ ଆଦର୍ଶ ସଂଗ୍ରାମୀ । ଦକ୍ଷିଣ ଆଫ୍ରିକାରେ ସେ ଏହି ସଂଗ୍ରାମ ଆରମ୍ଭ କରିଥିଲେ ଏବଂ ଏହି ସଂଗ୍ରାମ ଏବେ ମଧ୍ୟ ଚାଲିଛି ।

## ନାରୀ ସ୍ୱାଧୀନତା

ମହାତ୍ମା ଗାନ୍ଧୀ କହିଥିଲେ, ନାରୀମାନଙ୍କର ସ୍ୱାଧୀନତା ଯଦି ନ ରହେ, ସମାଜରେ ସେମାନଙ୍କର ଯଦି ସମାନ ଅଧିକାର ପ୍ରତିଷ୍ଠିତ ନ ହୁଏ, ତାହାହେଲେ ସମାଜର କୌଣସି ଉନ୍ନତି ସାଧିତ ହୋଇ ପାରିବ ନାହିଁ ଏବଂ ତାହା ହେବ ଏକ ବିକଳାଙ୍ଗ ସମାଜ । ସେଥିପାଇଁ ସ୍ୱାଧୀନତା ସଂଗ୍ରାମ କାଳରେ ସେ ନାରୀମାନଙ୍କୁ ମୁକ୍ତିର ଆହ୍ୱାନ ଦେଇଥିଲେ । ନାରୀ ମୁକ୍ତିର ପ୍ରଥମ ସଂଗ୍ରାମ ଆରମ୍ଭ ହୋଇଥିଲା ତାଙ୍କରି ସମୟରେ । ଯେତେଦିନ ପର୍ଯ୍ୟନ୍ତ ସମାଜରେ ନାରୀମାନଙ୍କର ସ୍ୱାଧୀନତା ସ୍ୱୀକୃତ ହୋଇନାହିଁ ଓ ଅଧିକାର ପ୍ରତିଷ୍ଠିତ ହୋଇନାହିଁ, ସେତେଦିନ ଯାଏ ଏ ସଂଗ୍ରାମ ଚାଲୁ ରହିଥିବ ।

## ଧର୍ମ ନିରପେକ୍ଷତାର ପ୍ରବର୍ତ୍ତକ

ଗାନ୍ଧିଜୀ ଥିଲେ ଅସ୍ପୃଶ୍ୟତାର ଓ ଜାତିପାତିର ଘୋର ବିରୋଧୀ । ସେତେବେଳେ ଯେଉଁମାନେ ସ୍ୱାଧୀନତା ସଂଗ୍ରାମ ଆରମ୍ଭ କରିଥିଲେ, ସେମାନେ ସଙ୍କଳ୍ପ ନେଇଥିଲେ ଏ ଜାତିପାତିକୁ ଦୂର କରିବା

ପାଇଁ ହେବ । ସାରା ଭାରତବର୍ଷରେ କାନ୍ତାବ୍ ତୋଡ଼ କ୍ ମଣ୍ଡଳ ନାମରେ ଗୋଟିଏ ସଂସ୍ଥା ଗଠିତ ହୋଇଥିଲା । ଏହାଦ୍ଵାରା ଜାତି ଓ ବର୍ଣ୍ଣ ବୈଷମ୍ୟର ବିଲୋପ ପାଇଁ ଦେଶବାସୀ, ସଙ୍କଳ୍ପ ନେଇଥିଲେ । ଯେଉଁ ଧର୍ମ ନିରପେକ୍ଷତା ଅନୁସାରେ ଭାରତୀୟ ସମ୍ବିଧାନ ପ୍ରତିଷ୍ଠିତ, ଗାନ୍ଧିଜୀ ନିଜେ ସେ ଧର୍ମ ନିରପେକ୍ଷତାର ପ୍ରବର୍ତ୍ତକ ଥିଲେ । ତାଙ୍କ ଜୀବନ କାଳରେ ସେ ଜଣେ ମହାନ ଭାରତୀୟ ଭାବରେ ନିଜକୁ ପ୍ରମାଣିତ କରିବାକୁ ଚେଷ୍ଟା କରୁଥିଲେ । ସବୁ ଧର୍ମପ୍ରତି ତାଙ୍କର ଅଖଣ୍ଡ ସମ୍ମାନ ଥିଲା । ସବୁ ଧର୍ମର ଐକ୍ୟ ସ୍ଥାପନ କରିବା ପାଇଁ ସେ ଉଦ୍ୟମ କରିଥିଲେ । ତାଙ୍କର ଶେଷ ସଂଗ୍ରାମ ଥିଲା ହିନ୍ଦୁ ମୁସଲମାନ ଏକତାର ପ୍ରତିଷ୍ଠା ଏବଂ ସେଇଥିପାଇଁ ସେ ଶହୀଦ୍ ହୋଇଗଲେ । ଗାନ୍ଧିଜୀଙ୍କ ଜୀବନର ଚିନ୍ତାଥିଲା ସର୍ବଧର୍ମ ମତରେ ଏକତା ସ୍ଥାପନ କରିବା ଏବଂ ସର୍ବଧର୍ମ ଉପରେ ଏକ ଜାତୀୟତା ପ୍ରତିଷ୍ଠା କରିବା ।

## ସମାଜବାଦ ଓ ଗଣତନ୍ତ୍ର

ଗାନ୍ଧିଜୀ ୧୯୧୫ ମସିହାରେ ଭାରତର ସ୍ୱାଧୀନତା ସଂଗ୍ରାମର ନେତୃତ୍ୱ ନେବାର ବହୁ ପୂର୍ବରୁ ସାମନ୍ତବାଦ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିଥିଲେ । ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ଏକ ସଭାରେ ଭାଷଣ ଦେବା ପାଇଁ ପଣ୍ଡିତ ମଦନ ମୋହନ ମାଳବ୍ୟ ତାଙ୍କୁ ଡାକିଥିଲେ । ସଭା ସ୍ଥଳରେ ବହୁ ରାଜା ମହାରାଜା ଉପସ୍ଥିତ ଥାଆନ୍ତି । ସେମାନଙ୍କୁ ଲକ୍ଷ୍ୟକରି ଗାନ୍ଧିଜୀ କହିଥିଲେ "ଆଜି ବ୍ରିଟିଶ ସାମ୍ରାଜ୍ୟବାଦ ଯଦି ଭାରତବର୍ଷରେ ରହିଛି, ତା ହେଲେ ଏହିମାନଙ୍କ ପାଇଁ ରହିଛି । ଏହିମାନେ ହେଉଛନ୍ତି ସାମ୍ରାଜ୍ୟବାଦର ସ୍ତମ୍ଭ ସ୍ୱରୂପ ।" ଭାଷଣ ସରିବା ସଙ୍ଗେ ସଙ୍ଗେ ଯେତେ ରାଜା ମହାରାଜା ସେଠାରେ ଥିଲେ, ସମସ୍ତେ ସଭାସ୍ଥଳ ଛାଡି ଚାଲି ଯାଇଥିଲେ । ପୁଞ୍ଜିପତିମାନଙ୍କୁ ମଧ୍ୟ ସେ ତୀବ୍ର ସମାଲୋଚନା କରୁଥିଲେ । ଭାରତବର୍ଷର ଜନଗଣଙ୍କର ଅଧିକାର ଯଦି ଅହିଂସା ପନ୍ଥାରେ ସାବ୍ୟସ୍ତ ନ ହୁଏ, ତେବେ ଏକ ହିଂସାତ୍ମକ ବିପ୍ଳବ ଏ ଦେଶକୁ ଗ୍ରାସ କରିଯିବ ବୋଲି ସେ କହୁଥିଲେ । ତେଣୁ ସମାଜବାଦ ଓ ଗଣତାନ୍ତ୍ରିକ ପନ୍ଥାରେ ଭାରତବର୍ଷର ସମାଜ ପରିବର୍ତ୍ତନ ସଙ୍ଗେ ସଙ୍ଗେ ଅର୍ଥନୈତିକ ସମତା ପ୍ରତଷ୍ଠା କରିବା ପାଇଁ ଗାନ୍ଧିଜୀ ଆହ୍ୱାନ ଦେଇଥିଲେ ।

## ପୃଥିବୀର ଧ୍ରୁବତାରା

ଆଜି ଏକ ମହାନ୍ ଜୀବନ ଆମ ଆଖି ଆଗରେ ଭାସିଉଠେ । ସେ କେବଳ ଭାରତର ନୁହନ୍ତି, ଏ ପୃଥିବୀର ପତିତ, ନିପୀଡ଼ିତ ଦଳିତ ଜନଗଣଙ୍କର ପଥ ପ୍ରଦର୍ଶକ ଓ ଆଲୋକ ବର୍ତ୍ତିକା । ସାମାଜିକ, ଅର୍ଥନୈତିକ, ରାଜନୈତିକ କ୍ଷେତ୍ରରେ ସମସ୍ତ ଅନ୍ୟାୟ ଓ ଶୋଷଣ ବିରୁଦ୍ଧରେ ସଂଗ୍ରାମ କରିବାର ସେ ହେଉଛନ୍ତି ଏକ ମହାନ୍ ପ୍ରେରଣାର ଉତ୍ସ । ଚିରକାଳ ପାଇଁ ମହାତ୍ମା ଗାନ୍ଧୀ ଏ ଭାରତବର୍ଷ ନୁହେଁ, ପୃଥିବୀର ଧ୍ରୁବତାରା ହୋଇ ରହିଥିବେ ।

## ଗ୍ରାମାଞ୍ଚଳ ପାନୀୟ ଜଳଯୋଗାଣ ଯୋଜନା

ଓଡ଼ିଶାର ଗ୍ରାମାଞ୍ଚଳ ପାନୀୟ ଜଳ ଯୋଗାଣ ଯୋଜନାର ସନ୍ତୋଷଜନକ ଅଗ୍ରଗତି ହୋଇଥିବାରୁ ସଂପ୍ରତି କେନ୍ଦ୍ର ସରକାର 'ବୋନସ୍ ସିମ୍' ଅନୁଯାୟୀ ସ୍ୱତନ୍ତ୍ର ଭାବରେ ୨ କୋଟି ୭୪ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି । ଏହି ଅର୍ଥ ବିନିଯୋଗରେ ରାଜ୍ୟର ପାନୀୟ ଜଳାଭାବଥିବା ଗ୍ରାମମାନଙ୍କରେ ସମୁଦାୟ ୧,୩୩୭ଟି ନଳକୂପ ବସାଇବାକୁ ନିଷ୍ପତ୍ତି କରାଯାଇଛି । ଏ ଦିଗରେ ତ୍ୱରାନ୍ୱିତ ପଦକ୍ଷେପ ନେବାପାଇଁ ସରକାର ସଂପୃକ୍ତ ଜିଲ୍ଲା କର୍ତ୍ତୃପକ୍ଷ ଓ ବିଭାଗୀୟ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏ ବାବଦରେ ଅଧିକ ୧ କୋଟି ଟଙ୍କା କେନ୍ଦ୍ରୀୟ ସାହାଯ୍ୟ ମିଳିବ ବୋଲି ଆଶା କରାଯାଉଛି ।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଏହି ୧,୩୧୭ଟି ନଳକୂପ, ଚଳିତ ବର୍ଷରେ ନଳକୂପ ଖନନ ପାଇଁ ଧାର୍ଯ୍ୟ ହୋଇଥିବା ଲକ୍ଷ୍ୟଠାରୁ ସ୍ୱତନ୍ତ୍ର । ଚଳିତ ବର୍ଷ ୧୧,୯୩୭ଟି ନଳକୂପ ବସାଇବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବାସ୍ଥଳେ ଗତ ନଭେମ୍ବର ମାସ ଶେଷ ସୁଦ୍ଧା ୬,୬୭୦ଟି ନଳକୂପ ବସାଯାଇ ସାରିଲାଣି ।

# ଗାନ୍ଧିଜୀ ଓ ସତ୍ୟାଗ୍ରହ

ଶ୍ରୀ ସୌରୀବନ୍ଧୁ କର

ସତ୍ୟାଗ୍ରହ ଶବ୍ଦର ଉତ୍ପତ୍ତି ସଂସ୍କୃତରୁ । ସତ୍ୟ ଓ ଅଗ୍ରହ ଦୁଇଟି ଶବ୍ଦର ସମ୍ମିଶ୍ରଣରେ ସତ୍ୟାଗ୍ରହ । ସତ୍ୟ ଅର୍ଥ ସତ୍ୟ ଏବଂ ଅଗ୍ରହ ଅର୍ଥ ଦୃଢ଼ଭାବରେ ଧାରଣକରିବା ବା ନିଷ୍ଠାର ସହ କରିବା । ଅର୍ଥାତ୍ ଏହାର ଅର୍ଥ ସତ୍ୟ ସହିତ ଜଡ଼ିତ ହେବା; ସତ୍ୟ ପ୍ରତି ଅନୁରକ୍ତ ହେବା ଓ ସତ୍ୟକୁ ଏକନିଷ୍ଠଭାବରେ ଯାହା ଘଟୁପଛକେ ଧରିରଖିବା ।

୧୯୦୬ ମସିହାରେ ଗାନ୍ଧିଜୀ ଦକ୍ଷିଣଆଫ୍ରିକାରେଥିବା ସମୟରେ ସେଠାର ନୀତିହୀନ ଆଇନ୍ ବିରୁଦ୍ଧରେ ଏକ ଆନ୍ଦୋଳନ ଗଢ଼ି ତୋଳିଥିଲେ । ସେହି ଆନ୍ଦୋଳନକୁ କୁହାଯାଉଥିଲା ପ୍ୟାସିଭ୍ ରେଜିଷ୍ଟାନ୍‌ସ । ମାତ୍ର ଗାନ୍ଧିଜୀଙ୍କର ପ୍ରବର୍ତ୍ତିତ ଆନ୍ଦୋଳନ ପ୍ୟାସିଭ୍ ରେଜିଷ୍ଟାନ୍‌ସଠାରୁ ପୃଥକଥିଲା । ତେଣୁ ସେ ଏହି ନୂତନ ଆନ୍ଦୋଳନ ସଂପର୍କରେ ମତ ଲୋଡ଼ିଥିଲେ । ମଖନଲାଲ ଏହାକୁ ସଦାଗ୍ରହ ଦେବାକୁ ପରାମର୍ଶ ଦିଅନ୍ତେ, ଗାନ୍ଧିଜୀ ତାହାକୁ ପରିବର୍ତ୍ତନକରି 'ସତ୍ୟାଗ୍ରହ' ରଖିଥିଲେ ଯାହାର ଅର୍ଥ ସତ୍ୟଶକ୍ତି କିମ୍ବା ସତ୍ୟଦ୍ୱାରା ଉତ୍ପନ୍ନ ହେଉଥିବା ଶକ୍ତି ଓ ପ୍ରେମ ବା ଅହିଂସା ।

ସେହିପରି ରହିଥିବାବେଳେ, ଏହାର ଅର୍ଥ ଜୀବନର ଗତିପଥ ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ପରିବର୍ତ୍ତନ ଘଟିବାରେ ଲାଗିଛି । ଏଣୁ ଗାନ୍ଧିଜୀଙ୍କର ଜୀବନରେ ଘଟିଉଠିଥିବା ଅସଂଖ୍ୟ ବିଭିନ୍ନ ଫଳପ୍ରଦ ଘଟଣା 'ସତ୍ୟର ପରୀକ୍ଷା' ମାଧ୍ୟମରେ ପରିସ୍ଫୁଟ ହୋଇଛି ।

ସତ୍ୟାଗ୍ରହର ଏକ ସଫଳ ଉଦାହରଣ ଦେବାକୁ ହେଲେ ପ୍ରଥମେ ବ୍ୟକ୍ତିଗତ ଜୀବନରେ କିପରି ଅନ୍ୟାୟ ଓ ଅତ୍ୟାଚାର ବିରୁଦ୍ଧରେ ସଂଘର୍ଷ ହୋଇଛି, ତାହା ପ୍ରହ୍ଲାଦଙ୍କ ଜୀବନୀରୁ ଦେଖିବାକୁମିଳେ । ପ୍ରହ୍ଲାଦଙ୍କ ଜୀବନର ନାନାବିଧ ଘଟଣା ଓ ସକ୍ରେଟିସ୍ ନିଜର ବିରୋଧିମାନଙ୍କ ଦ୍ୱାରା ଲାଞ୍ଛିତହୋଇ ପରିଶେଷରେ ଦଣ୍ଡ ଭୋଗକରିଥିଲେ ମଧ୍ୟ ନିଜର ଶୁଭେଚ୍ଛା ଓ ପ୍ରେମ ସେମାନଙ୍କ ପାଇଁ ରଖିଛନ୍ତି ଇତ୍ୟାଦି ଘଟଣା ଦ୍ୱାରା ବହୁଭାବରେ ପ୍ରଭାବିତ ହୋଇଛନ୍ତି ଗାନ୍ଧିଜୀ ।

ଏଠାରେ ୧୮୯୩ ମସିହାରେ ପିଟର୍ସବର୍ଗଠାରେ ଘଟିଥିବା ଘଟଣା ଉଲ୍ଲେଖନୀୟ । ସେହି ଘଟଣାରେ ଭବିଷ୍ୟତ ସତ୍ୟାଗ୍ରହ ପାଇଁ ସମସ୍ତ ଆଧାର ନିହିତ ।

ବହୁପୂର୍ବରୁ ଲେଖିଥିବା ଗାନ୍ଧିଜୀଙ୍କର ଜୀବନୀକାରମାନଙ୍କ ମଧ୍ୟରୁ ଜୋସେଫ୍‌ଡ଼ୋକ୍ ଥରେ ତାଙ୍କୁ ଏବିଷୟରେ ଅର୍ଥାତ୍ ଅହିଂସା ମାଧ୍ୟମରେ ପ୍ରତିରୋଧ କରିବା ସଂପର୍କରେ ପ୍ରଶ୍ନ କରିଥିଲେ । ଏହାର ଉତ୍ତରଦେଇ ଗାନ୍ଧିଜୀ କହିଥିଲେ, "ନୂତନ ଟେଷ୍ଟାମେଣ୍ଟ ପଢ଼ିବାପରେ ମୋର ଜାଗ୍ରତି ଘଟିଛି ସତ୍ୟପ୍ରତି ଅନୁରକ୍ତ ହେବାପାଇଁ ଓ ସତ୍ୟକୁ ଦୃଢ଼ଭାବରେ ଧାରଣକରିବାପାଇଁ ଏବଂ ମୁଁ ପ୍ୟାସିଭ୍ ରେଜିଷ୍ଟାନ୍‌ସର ମୂଲ୍ୟ ବୁଝିପାରିଛି । ମୁଁ ଯେତେବେଳେ 'ସରମନ୍ ଅନ୍ ଦି ମାଉଣ୍ଟ' ପଢ଼ିଲି, ସେଥିରେ ଲେଖାଥିଲା, "ଯାହା ଖରାପ ତାକୁ ବାଧା ଦିଅନା ଏବଂ ଯେ ତୁମକୁ ତୁମ ଗାଲରେ ମାରିବାକୁ ଆସେ, ତାକୁ ଅନ୍ୟ ପାର୍ଶ୍ୱଟି ଦେଖାଇଦିଅ" ଏବଂ ତୁମେ ତୁମର ଶତ୍ରୁକୁ ଭଲ ପାଅ ଓ ଯେ ତୁମକୁ ଦଣ୍ଡ ଦେଉଛି, ତା ପାଇଁ ପ୍ରାର୍ଥନାକର କାରଣ ସେ ହୁଏତ ତୁମ ପିତାଙ୍କର ସନ୍ତାନ ହୋଇ ଥାଇ ପାରନ୍ତି ଯେ ସ୍ୱର୍ଗରେ ଅଛନ୍ତି । "ଭଗବଦ୍‌ଗୀତା ଏହି ଭାବନାକୁ ପୁଷ୍ଟ କରିଛି ଏବଂ ଟଲଷ୍ଟୟଙ୍କର ଈଶ୍ୱରଙ୍କର ରାଜ୍ୟ ତୁମଭିତରେ ବିଦ୍ୟମାନ ଏହି ବିଶ୍ୱାସକୁ ବିଶେଷଭାବେ ଦୃଢ଼ୀଭୂତ କରିଅଛି" ।

ବର୍ତ୍ତମାନ ସତ୍ୟାଗ୍ରହ ସଂପୂର୍ଣ୍ଣତା ପ୍ରାପ୍ତିହୋଇ ଜୀବନ ଓ କର୍ମର ଦର୍ଶନକୁ ବୁଝାଉଛି । ଶବ୍ଦଗୁଡ଼ିକ

କୌଣସି ଏକ ବିଶେଷ କାର୍ଯ୍ୟରେ ଗାନ୍ଧିଜୀଙ୍କର ଟ୍ରେନ୍‌ରେ ଯାତ୍ରାକରିବାରଥାଏ ଏବଂ ସେଥିପାଇଁ ସେ ଗୋଟିଏ ପ୍ରଥମଶ୍ରେଣୀ ଟିକେଟ୍ ଖରିଦ୍ କରିଥାନ୍ତି । ପ୍ରଥମଶ୍ରେଣୀ ଟିକେଟ୍ କିଣିଥିଲେ ମଧ୍ୟ ତାଙ୍କୁ ସେହି କୋଚ୍‌ବାହାରେ କୋଚ୍‌ମ୍ୟାନ ପାଖରେ ବସିବାକୁ ବାଧ୍ୟ କରାହୁଏ । କୋଚଗାର୍ଡ ତାଙ୍କୁ ସେଠାରୁ ଉଠିଯାଇଁ ତାର ଗୋଡ଼ପାଖରେ ବସିବାକୁ ନିର୍ଦ୍ଦେଶଦିଏ । ଗାନ୍ଧିଜୀ ସମ୍ମାନର ସହ ତାର ଆଦେଶକୁ ଅମାନ୍ୟ କରନ୍ତି । ଫଳରେ ସେହି ଗାର୍ଡଟି ଗାନ୍ଧିଜୀଙ୍କପ୍ରତି ଅସହ୍ୟ ବ୍ୟବହାର ପ୍ରଦର୍ଶନକରେ । ଗାନ୍ଧିଜୀ ଚାହିଁଥିଲେ ହୁଏତ ତାକୁ ଗୋଟେ ବା ଦୁଇଟା ଆଘାତଦେଇ ପାରିଥାନ୍ତେ ବା ତାର ମନ୍ଦ ପାଞ୍ଚିପାରିଥାନ୍ତେ । ମାତ୍ର ତାଙ୍କର ପ୍ରଣାଳୀଥିଲା ଭଦ୍ର । ସେ ତାକୁ ଆଦୌ ଗାଳି ଦେଇନାହାନ୍ତି ବା ତାର ମନ୍ଦ ପାଞ୍ଚିନାହାନ୍ତି । ଅପରପକ୍ଷରେ ନିଜ ସିଟ୍‌ରେ ଦୃଢ଼ଭାବରେ ବସି ରହିଥାନ୍ତି । ସେହି ଗାର୍ଡଟି ବିରୁଦ୍ଧରେ ଆଇନ୍‌ଗତ କୌଣସି କାର୍ଯ୍ୟାନୁଷ୍ଠାନ ନକରି, ସେ ଜଣେ ସଚ୍ଚା ସତ୍ୟାଗ୍ରହୀ ଭାବରେ କାର୍ଯ୍ୟ କରିଥିଲେ । ତାଙ୍କ ପାଖରେ ଥିଲା ପ୍ରକୃତଘଟଣା ଓ ସତ୍ୟତା । ସେ ଶେଷପର୍ଯ୍ୟନ୍ତ ନିଜେ କଷ୍ଟ ଭୋଗକରିବାକୁ ଇଚ୍ଛାକରି ତାଙ୍କ ବିରୋଧିରେ ହୃଦୟ ପରିବର୍ତ୍ତନ କରିବାକୁ ଇଚ୍ଛା କରିଥିଲେ । ତାଙ୍କୁ ଦଣ୍ଡଦେବାକୁ ତାଙ୍କ ମନରେ କୌଣସି ଭାବନା ନଥିଲା । ଏପରିକି

ଯେତେବେଳେ ସେ ଅତ୍ୟନ୍ତ ଶକ୍ତିଶାଳୀହୋଇ ଉଠିଥିଲେ ଏବଂ ସୁଯୋଗଥିଲା, ସେତେବେଳେ ମଧ୍ୟ ସେ ତାଙ୍କ ବିରୁଦ୍ଧରେ କୌଣସିକଥା ଉଚ୍ଚାରଣ କରିନଥିଲେ, ଏବଂ ଠିକ୍ ସେହିଭଳିଭାବେ ସେ ନିଜକୁ ପ୍ରସ୍ତୁତ କରିବାକୁ ଲାଗିଗଲେ; ଦକ୍ଷିଣ ଆଫ୍ରିକାରେ ସମୁଦାୟ ଜନମତକୁ ଜାଗ୍ରତକରି ୧୯୦୬ ମସିହାରେ ବିପ୍ଳବ ସଂଗଠିତ କରିବାପାଇଁ । ସେହି ନିୟମଥିଲା ପାରିବାରିକ ଜୀବନର ନିୟମ, ପ୍ରେମର ନିୟମ, ସମଗ୍ର ମାନବ ସମାଜପାଇଁ ପ୍ରେମ–ଯାହାକୁ ଗାନ୍ଧିଜୀ ନିଜର ପରିବାର ବୋଲି ଗ୍ରହଣ କରିଥିଲେ । ସେହି ବୈଦିକମନ୍ତ୍ର–ବସୁଧୈବ କୁଟୁମ୍ବକମ୍ ।

ଗାନ୍ଧିଜୀ କହିଥିଲେ ସତ୍ୟାଗ୍ରହର ମୂଳମନ୍ତ୍ର ସେ ଶିଖିଥିଲେ ତାଙ୍କର ପାରିବାରିକ ଜୀବନରୁ । ସେ ଆହୁରି ମଧ୍ୟ ସ୍ୱୀକାର କରିଥିଲେ ଯେ ଯେଉଁମାନଙ୍କ ପ୍ରଭାବହେତୁ ସେ ସତ୍ୟାଗ୍ରହକୁ ମୂଳମନ୍ତ୍ର ଭାବରେ ଗ୍ରହଣ କରିଥିଲେ ସେମାନେ ଥିଲେ ସାଧୁସନ୍ଥ ଓ ମଣିଷପରି ମଣିଷ ଟଲଷ୍ଟୟ, ଥୋରା ଏବଂ ସର୍ବୋପରି ତାଙ୍କର ପତ୍ନୀ କସ୍ତୁରିବା ।

ଗାନ୍ଧିଜୀ କହିଛନ୍ତି, "ମୁଁ ସତ୍ୟାଗ୍ରହର ମନ୍ତ୍ର ଶିଖିଥିଲି ମୋର ସ୍ତ୍ରୀ କସ୍ତୁରିବାଙ୍କଠାରୁ । ମୁଁ ତାଙ୍କର ଇଚ୍ଛାକୁ ମୋର ଇଚ୍ଛାରେ ରୂପଦେବାକୁ ଚେଷ୍ଟାକଲି । ଏକପକ୍ଷରେ ମୋର ଇଚ୍ଛାକୁ ବାରମ୍ବାର ଆଘାତ ଦେବା ଓ ଅନ୍ୟ ପକ୍ଷରେ ମୋର ମୂର୍ଖତାକୁ ନୀରବରେ ଗ୍ରହଣକରି ଅନ୍ୟପାଇଁ କାର୍ଯ୍ୟକରିବା ଦ୍ୱାରା ମୁଁ ନିଜକୁ ନିଜେ ଲଜ୍ଜିତ ହେଲି ଏବଂ ମୋର ଏହି ମୂର୍ଖତାରୁ ଆରୋଗ୍ୟଲାଭ କଲି । ଏଇକଥା ଭାବି ସେ ମୋର ଜନ୍ମ ତାଙ୍କ ଉପରେ ପ୍ରଭୁତ୍ୱ ବିସ୍ତାର କରିବା ଏବଂ ପରିଶେଷରେ ସେ ମୋ ଜୀବନର ଚରମ ଧ୍ୟେୟ ସତ୍ୟାଗ୍ରହର ଗୁରୁ ଭାବରେ ଉଭା ହେଲେ ଏବଂ ମୁଁ ଦକ୍ଷିଣ ଆଫ୍ରିକାରେ ଯାହା କଲି, ତାହା ସତ୍ୟାଗ୍ରହର ଏକ ବର୍ଦ୍ଧିତ ଧାରା ଯାହାକୁ ସେ ନିଜ ଉପରେ ବାରମ୍ବାର ପ୍ରୟୋଗ କରୁଥିଲେ ।"

ଦକ୍ଷିଣ ଆଫ୍ରିକାରେ ସତ୍ୟାଗ୍ରହକୁ କିପରି ଭାବରେ ସେ ମାଧ୍ୟମରୂପେ ଗ୍ରହଣ କଲେ ବର୍ଣ୍ଣନା କରିବାକୁ ଯାଇଁ କହିଛନ୍ତି, "ସତ୍ୟାଗ୍ରହ ଏକ ବିଧିବଦ୍ଧ ଯୋଜନା ନଥିଲା । ଏହା ମନକୁ ସ୍ୱତଃସ୍ଫୂର୍ତ୍ତ ଭାବରେ ଆସିଥିଲା ଯଦିଓ ମୁଁ ଏହାକୁ ଆଦୌ ଇଚ୍ଛାକରି ନ ଥିଲି ।" ୧୯୦୬ ମସିହା ସେପ୍ଟେମ୍ବର ମାସ ୧୧ତାରିଖରେ ଭାଷଣ ଦେଇ ସେ କହିଥିଲେ, "ମୁଁ ଦୃଢ଼ଭାବରେ ଘୋଷଣା କରିପାରେ ଏବଂ ନିଶ୍ଚିତ ରୂପେ କହିପାରେ ଯେ, ଯେ ପର୍ଯ୍ୟନ୍ତ କେତେକ ମୁଷ୍ଟିମେୟ ଲୋକ ନିଜର ଅଟଳ ବ୍ରତରେ ଦୃଢ଼ ରହନ୍ତି, ସେ ପର୍ଯ୍ୟନ୍ତ ସଂଗ୍ରାମର ଫଳ କେବଳ ଗୋଟିଏ ଏବଂ ତାହା ହେଉଛି 'ସଫଳତା' ।

ସତ୍ୟାଗ୍ରହର ଅର୍ଥ ନୁହେଁ ଶକ୍ତି ଓ ସାମର୍ଥ୍ୟର ତାତ୍କ୍ଷଣିକ ବିଜୟ । ଏହାର ଅର୍ଥ ମଧ୍ୟ ନୁହେଁ ଯେ ଶକ୍ତି ଓ ସାମର୍ଥ୍ୟ ହିଁ ଠିକ୍ । ଏହା ଅନସ୍ୱୀକାର୍ଯ୍ୟ ଯେ ମଣିଷର ଚିରନ୍ତନ ମୂଳରେ ବିଦ୍ୟମାନ ପ୍ରେମ ଓ ଅହିଂସା ଏବଂ ନ୍ୟାୟ ନିଶ୍ଚିତ ଭାବରେ ବିଜୟଲାଭ କରିବ, କୌଣସି ଶକ୍ତି ଉପରେ ଆଧାରିତ ନ ହୋଇ ବରଂ ନିଜର ଅନ୍ତର୍ନିହିତଶକ୍ତି ବଳରେ ଏବଂ ତାହା ପ୍ରେମ ଓ ଯନ୍ତ୍ରଣା ଦ୍ୱାରା ଜର୍ଜରିତ ହୋଇ । ଏଥିରୁ ପରିଷ୍କାର ଜଣାପଡ଼େ, ଚିରନ୍ତନ ମାନବସମାଜକୁ ଶାନ୍ତି ଓ ମୈତ୍ରୀର ବାର୍ତ୍ତା ଦିଏ । ଏହାର ମୂଳଲକ୍ଷ୍ୟ ଅଭିବୃଦ୍ଧି ହୋଇଥିବା ହେତୁ, ସତ୍ୟାଗ୍ରହ ସବୁବେଳେ ଚେଷ୍ଟାକରେ ମଣିଷର କ୍ରମାଗତ ଉନ୍ନତିରେ ଅନ୍ତରାୟ ହେଉଥିବା ଶକ୍ତିକୁ ଦୂର କରିବା ଯାହାକୁ କୁହାଯାଏ, ଭୀରୁତା, କାପୁରୁଷତା, ମୂର୍ଖତା ଏବଂ ଲୋଭାସକ୍ତତା, ଅନ୍ୟପ୍ରତି ଖରାପ ଆଚରଣ, ନିଷ୍ପେଷିତ କରିବା, ଆତ୍ମଶ୍ଳାଘା ଏବଂ କ୍ଷମତାର ନିଶା ଇତ୍ୟାଦି ।

ସତ୍ୟାଗ୍ରହୀ ପ୍ରଥମେ ତା ନିଜମନରୁ ଅନ୍ୟପ୍ରତି ଥିବା ମନ୍ଦ ଓ ଘୃଣାଭାବ ଦୂରକରେ । ସଂଗ୍ରାମ କରିବା ପାଇଁ ଆଗଭର ହୋଇ ଠିଆ ହୋଇ ପଡ଼େ ଏବଂ ସେ ସଂଗ୍ରାମ ହୁଏ ହିଂସା ବିରୁଦ୍ଧରେ । ସଂଗ୍ରାମର ମାଧ୍ୟମ ହୁଏ ଅହିଂସା ଓ ଆତ୍ମୋତ୍ସର୍ଗ । ହିଂସାକୁ ହିଂସା ଦ୍ୱାରା, ଭୟକୁ ଅତିଭୟ ପ୍ରଦର୍ଶନ କରି ଓ ମନ୍ଦକୁ ମନ୍ଦଆଚରଣରେ ଦୂରକରିବାର ପ୍ରଣାଳୀ ନିଶ୍ଚିତ ଭାବେ ଗ୍ରହଣୀୟ ନୁହେଁ । ମନ୍ଦ ଉପାୟ ଅବଲମ୍ବନ, ଦୁଷ୍ଟକୌଶଳ ଏବଂ ଭ୍ରମାତ୍ମକ ବିଚାର ନେଇ ହିଂସାକୁ ହିଂସା ଦ୍ୱାରା, ଭୟକୁ ଅତିଭୟ ପ୍ରଦର୍ଶନ କରି ବା ଆବର୍ଜନାକୁ ଆବର୍ଜନା ମାଧ୍ୟମରେ ଦୂର କରିବା ଠିକ୍ ନୁହେଁ । ଯୁଦ୍ଧକୁ ଦୂର କରିବା ପାଇଁ ଯୁଦ୍ଧ କରାଯାଇ ନ ପାରେ । ଭୟ ମନୋବୃତ୍ତିରୁ ଘୃଣାଭାବ ଏବଂ ପ୍ରତିଶୋଧ ନେବା ମନୋବୃତ୍ତି ଜନ୍ମଲାଭ କରେ । ସମୟ ସମୟରେ ମଣିଷ ସମାଜ ହିଂସା ଓ ପ୍ରତିହିଂସାର ଚକ୍ର ଭିତରେ ପଶିଯାଉଛି, ମାତ୍ର ସେଥିରୁ ବାହାରିବାର ଏକମାତ୍ର ଉପାୟ ହେଉଛି ସତ୍ୟାଗ୍ରହ ।

ଗାନ୍ଧିଜୀଙ୍କ ଜୀବନ ଓ ଜୀବନାଦର୍ଶ ଥିଲା ସତ୍ୟ । ସେହି ସତ୍ୟନିଷ୍ଠତା ଈଶ୍ୱରଙ୍କଠାରୁ ମଧ୍ୟ ଉଚ୍ଚତର ସୋପାନ ଅଧିକାର କରିଥିଲା କାରଣ ଏହି ବସ୍ତୁବାଦୀ ଯୁଗରେ ବହୁଲୋକ ବସ୍ତୁବାଦୀ ଚେତନାଦ୍ୱାରା ଆକ୍ରାନ୍ତ ହୋଇ ଈଶ୍ୱର ବା ଈଶ୍ୱରଙ୍କର ସତ୍ତାକୁ ଗ୍ରହଣ କରନ୍ତି ନାହିଁ; ଏପରି କେତେକ ନାସ୍ତିକ ମଧ୍ୟ ଅଛନ୍ତି । ମାତ୍ର ସେ ପ୍ରଶ୍ନ କରିଛନ୍ତି, "କେହି କ'ଣ କେବେ ସତ୍ୟକୁ ଅସ୍ୱୀକାର କରିପାରେ ? କାରଣ ସତ୍ୟଦ୍ରଷ୍ଟା ହେଉଛି ବ୍ୟକ୍ତି ବିଶେଷର ମନ ଓ ଇନ୍ଦ୍ରିୟ । ଯଦି କେହି ସତ୍ୟକୁ ଅସ୍ୱୀକାର କରେ, ତେବେ ସେ ନିଜକୁ ଅସ୍ୱୀକାର କରୁଛି ଏବଂ ନିଜକୁ ଅସ୍ୱୀକାର କରିବା ହେଉଛି ନିଜର ବ୍ୟକ୍ତିସତ୍ତା ଓ ଅନୁଭୂତିକୁ ଅସ୍ୱୀକାର କରିବା ।"

ତାଙ୍କ ଦୃଷ୍ଟିରେ ଅହିଂସା ବ୍ୟାପକତା ଲାଭ କରିବ ସେବା ମାଧ୍ୟମରେ, ନିଜକୁ ଯନ୍ତ୍ରଣା ଦଗ୍ଧକରି ଏବଂ ଯଦି ଦରକାର ପଡ଼େ ତେବେ ନିଜର ସଂପୂର୍ଣ୍ଣ ଆତ୍ମୋତ୍ସର୍ଗ କରି । ତାଙ୍କର ମନ ଏହି ଦୃଷ୍ଟିରୁ ଥିଲା ସର୍ବଦା ଉନ୍ମୁକ୍ତ କାରଣ ସେ ସତ୍ୟ ଅନୁସନ୍ଧାନ ପ୍ରତି ଥିଲେ ସଚେତ ଏବଂ ନିଜର ପ୍ରତ୍ୟେକ ଦିନର ଅନୁଭବ ଓ

ହିନ୍ଦୁ ମାନେ ଭାରତରେ ସଂଖ୍ୟା ଗରିଷ୍ଠ ହେଲେ ମଧ୍ୟ ତାଙ୍କୁ ଜାତୀୟ ପତାକାରେ ଆଦ୍ୟ ଭାଗରେ ନ ରଖି ପ୍ରାନ୍ତ ଭାଗରେ ରଖିବା ଓ ସଂଖ୍ୟା ଲଘିଷ୍ଠମାନଙ୍କୁ ପ୍ରାନ୍ତ ଭାଗରେ ନ ରଖି ଆଦ୍ୟ ଭାଗରେ ରଖିବା ଦ୍ୱାରା ସ୍ପଷ୍ଟ ସୂଚାଇଥିଲା ଯେ ଗରିଷ୍ଠମାନେ ଲଘିଷ୍ଠମାନଙ୍କର ରକ୍ଷା କବଚ ହେବେ । ନିମ୍ନ ଭାଗରେ ସର୍ବାଧିକ, ମଧ୍ୟ ଭାଗରେ ମଧ୍ୟମ ସଂଖ୍ୟକ ଓ ଶୀର୍ଷ ଭାଗରେ ନ୍ୟୂନ ସଂଖ୍ୟକ ରହି ମହା ଭାରତୀୟ ଜାତୀୟତାକୁ ଏକ ସୁଦୃଢ଼ ପିରାମିଡ଼ କରି ମଜବୁତ୍ କରିବେ । ଏହାହିଁ ଥିଲା ଜାତୀୟ ପତାକା ବର୍ଣ୍ଣ ଯୋଜନାର ଅନ୍ତର୍ନିହିତ ତତ୍ତ୍ୱ । କେବଳ ସେତିକି ନୁହେଁ ଏହି ଜାତୀୟ ପତାକାରେ ଗୋଟିଏ କପଡ଼ାକୁ ତ୍ରିରଂଗ ନ କରି ପ୍ରତ୍ୟେକ ରଂଗ ପାଇଁ ସ୍ୱତନ୍ତ୍ର କପଡ଼ା ରହିବା ଓ ପ୍ରତ୍ୟେକ କପଡ଼ାକୁ ପରସ୍ପର ସହ ସିଲାଇ ସୂତ୍ରରେ ଯୋଡ଼ିବା ଦ୍ୱାରା ସ୍ପଷ୍ଟ ସୂଚିତ ଥିଲା ଯେ ଭାରତରେ ବହୁ ପୃଥକ ଧର୍ମ, ଜାତି, ଗୋଷ୍ଠୀ ଓ ସଂପ୍ରଦାୟ ଥିଲେ ମଧ୍ୟ ମହାଭାରତୀୟ ଜାତୀୟ ଐକ୍ୟ ଏକ ଅପରରୁ ବିଚ୍ଛିନ୍ନ ନୁହେଁ ।

## ଇଉନିୟନ ଜ୍ୟାକ୍‌ର ଅପସାର

ସ୍ୱଦେଶୀ ଭାବନା ଓ ବିଲାତ ବସ୍ତ୍ର ବର୍ଜନ ଆନ୍ଦୋଳନର ପ୍ରତୀକ ସ୍ୱରୂପ ଜାତୀୟ ପତାକାକୁ ହାତ କଟା ଓ ହାତ ବୁଣା ଖଦଡ଼ କପଡ଼ାରେ ପ୍ରସ୍ତୁତ କରାଗଲା । ଏହିପରି ଭାବରେ ବକ୍ଷରେ ଚରଖାର ପୂର୍ଣ୍ଣାବୟବ ଚିତ୍ରକୁ ଧାରଣ କରି ଶ୍ୱେତ ସବୁଜ ଓ ଲାଲ ରଂଗର ଏହି ତ୍ରିରଂଗ ପତାକା କଂଗ୍ରେସ ପତାକା ରୂପେ ସ୍ୱାଧୀନତା ସଂଗ୍ରାମରେ ଏକ ଅବିବାଦୀୟ ପ୍ରମୁଖ ସ୍ଥାନ ଲାଭ କରିବାକୁ ଲାଗିଲା । ୧୯୨୧ ଅସହଯୋଗ ଆନ୍ଦୋଳନର ସଂଗ୍ରାମୀମାନେ ପ୍ରଥମ କରି ତ୍ରିରଂଗ ପତାକାକୁ ହାତରେ ଧରି ଅସୀମ ବୀରତ୍ୱର ପରାକାଷ୍ଠା ପ୍ରଦର୍ଶନ କଲେ । ଦୀର୍ଘ ୩୫ ବର୍ଷ ଧରି ବ୍ୟବହୃତ ବିଲାତି ପତାକା ଇଉନିୟନ ଜ୍ୟାକ୍ କଂଗ୍ରେସରୁ ସ୍ୱତଃ ଅପସାରିତ ହୋଇଗଲା ।

## ସରକାରଙ୍କ ପ୍ରମାଦ ଓ ଭେଦ ବୁଦ୍ଧି ପ୍ରୟୋଗ

ଭାରତରେ ବିଦେଶୀ ଇଂରେଜ ସରକାର କଂଗ୍ରେସରେ ଜାତୀୟ ପତାକାର ପ୍ରମୁଖ ସ୍ଥାନ ଲାଭ ଦ୍ୱାରା ପ୍ରମାଦ ଗଣିବାକୁ ଲାଗିଲେ । ଭାରତ ସ୍ୱାଧୀନତା ଲାଭ ଦିଗରେ ଦୃଢ଼ ଅଗ୍ରଗତି କରୁଥିବା ଓ ତ୍ରିରଂଗ ଜାତୀୟ ପତାକା ଦ୍ୱାରା ଦୃଢ଼ୀଭୂତ ହେଉଥିବା ଜାତୀୟ ଏକତାକୁ ଅନୁଭବ କରି ସେମାନଙ୍କର ହୃତ୍‌କଂପ ଜାତ ହେଲା । ହେଲେ ବେଳେ କୌଶଳେ କଂଗ୍ରେସରୁ ଜାତୀୟ ପତାକାକୁ ହଟାଇ ଦେବା ପାଇଁ ବିଦେଶୀ ସରକାର ତାଙ୍କ ଭେଦ ବୁଦ୍ଧି ପ୍ରୟୋଗ ଆରମ୍ଭ କରିଦେଲେ ।

## ଶିଖ୍ ସମାଜର ଅହେତୁକ ଦାବୀ

ଏହି ଭେଦ ବୁଦ୍ଧିର ପ୍ରଥମ ଶିକାର ହେଲେ ପଞ୍ଜାବର ଶିଖ୍ ସମାଜ । ସେମାନଙ୍କ ଭିତରେ ଏହି ସାଂପ୍ରଦାୟିକ ବୀଜ ପତନ କରି ଦିଆଗଲା ଯେ ଶିଖ୍ ସମାଜ ଭାରତରେ ଏକ ବଳିଷ୍ଠ ସାମରିକ ଜାତି । ଅଥଚ ଜାତୀୟ ପତାକାରେ କଂଗ୍ରେସ ସେମାନଙ୍କୁ ସ୍ୱତନ୍ତ୍ର ସ୍ଥାନ ଦେଇ ନାହିଁ । ଏଥିରେ ଜଳି ଯାଇ ଶିଖ୍‌ମାନଙ୍କ ଆଡୁ ଦାବୀ ହେଲା ଯେ ସେମାନଙ୍କ ପାଇଁ ପତାକାରେ ଏକ ସ୍ୱତନ୍ତ୍ର ସ୍ଥାନ ରଖାଯାଉ । ସେମାନଙ୍କର ଉଗ୍ରତା କ୍ରମେ ତୀବ୍ରରୁ ତୀବ୍ରତର ହେଲା । ସେମାନେ କଂଗ୍ରେସର ନିଷ୍ପତ୍ତିକୁ ଅପେକ୍ଷା ନ କରି ତ୍ରିରଂଗ ପତାକାରେ ଅଧିକ କଳା ରଂଗର କପଡ଼ାଟିଏ ଯୋଡ଼ି ଚାରି ରଂଗିଆ ପତାକା ଉଡ଼ାଇବାକୁ ଲାଗିଲେ ।

## ବାପୁଜୀଙ୍କ ଚେତାବନୀ

ଏହା ନିଶ୍ଚିତ ରୂପରେ ଭେଦ ବୁଦ୍ଧି ସଂପନ୍ନ ଇଂରେଜ ସରକାର ସାଂପ୍ରଦାୟିକ ବିଷ ସଂଚାରର ପରିଣାମ ଅନୁଭବ କରି ମହାତ୍ମା ଗାନ୍ଧୀ ଶିଖ୍ ସମାଜକୁ ଯେଉଁ ଦୃଢ଼ ଚେତାବନୀ ଶୁଣାଇଥିଲେ, ତାହାର ଅବିକଳ ନକଲ, ବମ୍ବେରୁ "ଏ ନ୍ୟାସନାଲ ଷ୍ଟ୍ରଥ୍ ପବ୍‌ଲିକେସନ" କର୍ତ୍ତୃକ ପ୍ରକାଶିତ "ଅଲ ଏବାଉଟ୍ ଦି ନ୍ୟାସନାଲ ଫ୍ଲାଗ୍" ପତ୍ରିକାରୁ ନିମ୍ନରେ ଉଦ୍ଧାର କରାଗଲା ।

"The Sikh friends are needlessly agitated over the colours in the proposed National Flag. They want the black colour also to be inserted on the ground of their military importance. Apart from the merits, their agitation has no point, as the flag has not even come before the A. I. C. C. for discussion or decision. And in view of their objection, I do not propose to bring it up before the committee at all, as long as I have failed to convince them of the unreasonableness of the demand. The white includes all other colours. To ask for special prominence is tantamount to a refusal to merge in the two numerically great communities. I would have had only one colour if there had been no quarrel between Hindu and Musselmans. The Sikhs never had any difference with the Hindus and their quarrel with the Musslmans was of the same type as that of the Hindus. It is a dangerous thing to emphasise our differences or distinctions. We must seek our points of contact. I am aware of the difficulties of the Sikh Nationalists. The Government agents in the Sikh camp are making all kinds of mischievous suggestions to breed dissensions. And they are naturally afraid. The best thing is not to worry. If they attemp to set right every grievance manufactured against Hindus or Mussalmans or against Non-co-operation movement in

general, they will find that they will have no platform to stand upon whether they are few or many, Sikh Nationalists must know their own mind and stand unmoved by any thing by their detractors."

ଏହାର ସାରମର୍ମ ହେଲଯେ– ହିନ୍ଦୁ ମୁସଲମାନଙ୍କ ବ୍ୟତୀତ ଆଉ ଯେତେ କ୍ଷୁଦ୍ର କ୍ଷୁଦ୍ର ଭାରତୀୟ ଗୋଷ୍ଠୀ ଅଛନ୍ତି ଜାତୀୟ ପତାକାର ଶ୍ୱେତରଙ୍ଗଟି ସମସ୍ତଙ୍କ ପାଇଁ ଉଦ୍ଦିଷ୍ଟ । ତେଣୁ କୌଣସି ଗୋଷ୍ଠୀ ପତାକାରେ ସ୍ୱତନ୍ତ୍ର ସ୍ଥାନ ଦାବୀ କରିବା ଆଦୌ ଯୁକ୍ତି ସଂଗତ ନୁହେଁ । ଶିଖ ମାନଙ୍କର ହିନ୍ଦୁ ମାନଙ୍କ ସହିତ କେବେହେଲେ ହେଲେ ଅନୈକ୍ୟ ନାହିଁ । ମହାଭାରତୀୟ ଜାତୀୟତା ଭିତରେ ନିମଜ୍ଜିତ ନରହି ସ୍ୱାତନ୍ତ୍ର୍ୟ ଦାବୀ କରିବା ଅତ୍ୟନ୍ତ ବିପଦଜନକ । ଭେଦବୁଦ୍ଧି ସଂପନ୍ନ ଇଂରେଜ ସରକାର ଏଜେଣ୍ଟ ମାନଙ୍କ ପ୍ରତି ସତର୍କ ରହିବାକୁ ସାବଧାନ କରାଇ ମହାତ୍ମାଗାନ୍ଧୀ ଶିଖ ସମାଜକୁ ଚେତାବନୀ ଶୁଣାଇ-ଥିଲେଯେ ଭାରତର ଦୁଇ ଗରିଷ୍ଠ ଜାତି ହିନ୍ଦୁ ମୁସଲମାନ ତଥା ଜାତୀୟ ଅସହଯୋଗ ଆନ୍ଦୋଳନ ବିରୁଦ୍ଧରେ ଯେଉଁସବୁ ଅହେତୁକ ଦାବୀଗୁଡ଼ିକ ମୁଣ୍ଡଟେକି ଉଠୁଛି ସେଥିପ୍ରତି ସତର୍କ ନରହିଲେ ଭାରତରେ ସେମାନଙ୍କର ସ୍ଥିତି ଦୋହଲି ଯିବ । ଜାତୀୟବାଦୀ ଶିଖ ସମାଜ ଏହା ନିଶ୍ଚିତ ଭାବେ ଉପଲବ୍ଧି କରିବା ଉଚିତ ।

ଏକ ପକ୍ଷରେ ବାପୁଜୀଙ୍କର ଦୃଢ଼ ଚେତାବନୀ ଓ ଅପର ପକ୍ଷରେ ଅସହଯୋଗ ଆନ୍ଦୋଳନ ଶିଖମାନଙ୍କ ଅହେତୁକ ଦାବୀକୁ କ୍ଷଣକାଳପାଇଁ ଚପାଇ ଦେଇଥିଲା ସତ ମାତ୍ର ସ୍ଥାୟୀ ସମାଧାନ କରି ପାରିଲା ନାହିଁ ।

## ଗୁଣାତ୍ମକ ପତାକା

ପଣ୍ଡିତ ଜବାହାରଲାଲଙ୍କ ପୌରହିତ୍ୟରେ ଅନୁଷ୍ଠିତ ଲାହୋର କଂଗ୍ରେସରେ ଓ ୧୯୩୧ ମସିହାରେ ଅନୁଷ୍ଠିତ କରାଚୀ କଂଗ୍ରେସରେ ଶିଖମାନେ ସେହି ପୁରୁଣା ଦାବୀ ପୁଣି ଉତ୍‌ଥାପନ କରି ବସିଲେ । ଏ ପ୍ରକାର ଦାବୀର ଯୁକ୍ତିଯୁକ୍ତତା ବିଷୟ କରିବା ପାଇଁ ୧୯୩୧ ଏପ୍ରିଲ ପହିଲାରେ କରାଚୀ ହରଗୁନ୍ଦ ନଗରରେ ଅନୁଷ୍ଠିତ କଂଗ୍ରେସ କାର୍ଯ୍ୟକାରୀ ସମିତି ଏକ ପତାକା କମିଟି ଗଠନକଲେ । ବିଭିନ୍ନ ସୂତ୍ରରୁ ସାକ୍ଷ୍ୟ ପ୍ରମାଣ ଗ୍ରହଣ କରି ଜାତୀୟ ପତାକା କମିଟି ଜୁଲାଇ ମାସରେ ଯେଉଁ ରିପୋର୍ଟ ଦେଲେ ତାକୁହିଁ ଭିତ୍ତିକରି ଅଖିଳ ଭାରତ ଜାତୀୟ କଂଗ୍ରେସ ନିଷ୍ପତ୍ତି ନେଲେ ଯେ ଜାତୀୟ ପତାକାରୁ ସଂପ୍ରଦାୟଗତ ଅର୍ଥ ସଂପୂର୍ଣ୍ଣ ଉଠାଇ ଦିଆଯାଇ ପତାକାକୁ କେତେକ ସଦ୍‌ଗୁଣର ପ୍ରତୀକ କରାଯିବ । ତଦନୁଯାୟୀ ଅଦ୍ୟଭାଗରେ କେଶରୀ, ମଧ୍ୟ ଭାଗରେ ଶ୍ୱେତ, ଓ ନିମ୍ନଭାଗରେ ସବୁଜ ରଙ୍ଗ ରଖାଯାଇ ଓ ବକ୍ଷରେ ଚରଖାର ପୂର୍ଣ୍ଣାବୟବ ଚିହ୍ନକୁ ଧାରଣ କରି ଜାତୀୟ ପତାକା ଏକ ନବରୂପରେ ଆତ୍ମ ପ୍ରକାଶ କଲା । କେଶରୀ ହେଲା ସାହସ ଓ ତ୍ୟାଗର ପ୍ରତୀକ । ସତ୍ୟ, ଶାନ୍ତି ଓ ପବିତ୍ରତା ପାଇଁ ଶ୍ୱେତରଙ୍ଗ ଉଦ୍ଦିଷ୍ଟ ହେଲା । ସବୁଜ ରଙ୍ଗ ଶିକ୍ଷା ଦେଲା ବିରତ୍ୱ, ବିଶ୍ୱାସ, ଶ୍ରଦ୍ଧା ଓ ଭକ୍ତି । ଚରଖା ଜନସାଧାରଣଙ୍କର ଆଶା ଆକାଂକ୍ଷାର ପ୍ରତୀକ ରୂପେ ଜାତୀୟ ପତାକାର ମୂର୍ତ୍ତିମନ୍ତ ହୋଇ ଉଠିଲା । ପତାକାର ଦୈର୍ଘ୍ୟ ଓ ପ୍ରସ୍ଥର ଆନୁପାତ ୩ରେ ୨ ରଖାଗଲା ।

## ପତାକା ପୁଣ୍ୟାହ

ଅଖିଳଭାରତ ଜାତୀୟ କଂଗ୍ରେସ ନିର୍ଦ୍ଦେଶ ଦେଲା ଯେ ୧୯୩୧ ଅଗଷ୍ଟ ୩୦ ତାରିଖ ରବିବାରକୁ ପତାକା ପୁଣ୍ୟାହ ରୂପେ ଦେଶବାସୀ ପାଳନ କରନ୍ତୁ । ସର୍ବତ୍ର ଏହି ନୂଆ ପତାକା ଜାତୀୟ ପତାକା ରୂପେ ସର୍ବତ୍ର ଉତ୍ତୋଳିତ ହେଲା । ପତାକାର ସମ୍ମାନ ରକ୍ଷାପାଇଁ ସମସ୍ତେ ସଂକଳ୍ପବଦ୍ଧ ହେବାକୁ ମହାଭାରତୀୟ ଜାତୀୟ କଂଗ୍ରେସ ଦେଶବାସୀଙ୍କୁ ଆହ୍ୱାନ କଲେ ।

ପ୍ରକୃତରେ ତାହାହିଁ ହେଲା । ଚରଖା ଚିହ୍ନିତ କେଶରୀ, ଶ୍ୱେତ ଓ ସବୁଜ ରଙ୍ଗର ଏହି ତ୍ରିରଙ୍ଗ ପତାକା ଭାରତ ଜାତୀୟତାର ପ୍ରତୀକ ରୂପେ ଆକୁମାରୀ ହିମାଚଳ ଆବାଳ ବୃଦ୍ଧ ବନିତାଙ୍କ ସୁସମାବେଶରେ ଉତ୍ତୋଳିତ ହୋଇ ସମ୍ମାନୀୟ ହୋଇ ଉଠିଲା । ଜାତୀୟ ପତାକାରେ ଏହି ନୂତନ ରୂପାନ୍ତର କେବଳ ଯେ ଶିଖ ସମାଜର ଦାବୀକୁ ସମାଧାନ କଲା ତାହାନୁହେଁ, କାଳକାଳକୁ ଜାତୀୟପତାକାରେ ସାଂପ୍ରଦାୟିକତା ରୂପ ଉତ୍‌କଟ ବିଷ ଅନୁପ୍ରବେଶର ପଥରୋଧ କରିଦେଲା ।

## ସମ୍ବିଧାନ ପରିଷଦର ସ୍ୱୀକାର

୧୯୪୭ ଜୁଲାଇ ୨୨ ତାରିଖରେ ଅନୁଷ୍ଠିତ ଭାରତର ସମ୍ବିଧାନ ପରିଷଦ ଜାତୀୟ ସଂଗ୍ରାମର ପ୍ରତୀକ ଏହି କେଶରୀ ଶ୍ୱେତ ଓ ସବୁଜରଙ୍ଗର ତ୍ରିରଙ୍ଗ ପତାକାକୁ ଚରଖାର ପୂର୍ଣ୍ଣାବୟବ ବଦଳରେ କେବଳ ଚକ୍ରଟିକୁ ରଖି ଓ ତାହାକୁ ସାରନାଥରେ ନିର୍ମିତ ଅଶୋକ ଚକ୍ରର ରୂପ ପ୍ରଦାନକରି ସ୍ୱାଧୀନଭାରତର ଜାତୀୟ ପତାକା ରୂପେ ନିର୍ବିବାଦରେ ଗ୍ରହଣ କରିନେଲେ ।

## ବିଚ୍ଛିନ୍ନତାବାଦକୁ କଂଗ୍ରେସ ସ୍ୱୀକାର କରିନାହିଁ

ଏହିସବୁ ଐତିହାସିକ ତଥ୍ୟରୁ ସ୍ପଷ୍ଟ ପ୍ରମାଣ ମିଳେ ଯେ ଶିଖ ସମାଜ ପାଇଁ ଜାତୀୟ ପତାକାରେ କୌଣସି ସ୍ୱତନ୍ତ୍ର ସ୍ଥାନ କେବେହେଲେ ହେଲେ ନଥିଲା କି ମହାଭାରତୀୟ ଜାତୀୟ ସ୍ରୋତରୁ ସ୍ୱତନ୍ତ୍ର ବା ବିଚ୍ଛିନ୍ନ ହୋଇ ରହିବା ଭଳି ଆନ୍ଦୋଳନ ଆଗରେ ଜାତୀୟ କଂଗ୍ରେସ କେବେହେଲେ ହେଲେ ମୁଣ୍ଡ ନୁଆଁଇ ନାହିଁ ।

## ପତାକା ଜାତୀୟ ଐକ୍ୟର ଜୀବନ୍ତ ପ୍ରତୀକ

ଯେ ଯାହା କହନ୍ତୁ ପଛେ ଆମ ଜାତୀୟ ପତାକା ସର୍ବଥା ଅନୈକ୍ୟ ଭିତରେ ଐକ୍ୟ ଓ ମହାଭାରତୀୟ ଜାତୀୟତାର ଜୀବନ୍ତ ପ୍ରତୀକ ହୋଇ ଆସିଛି ।

ଅନୁଭୂତିରୁ ସେ ଶିକ୍ଷାଲାଭ କରୁଥିଲେ । ତାଙ୍କ ନିକଟରେ ନିଜର ଆତ୍ମ ସମୀକ୍ଷା ଥିଲା ପରୀକ୍ଷାଗାର ଏବଂ ସେହି ପରୀକ୍ଷାଗାରରେ ସେ ସତ୍ୟ ସନ୍ଧାନ କରୁଥିଲେ । ମଣିଷ ସମାଜ ଥିଲା ସାମାଜିକ ପରୀକ୍ଷାଗାର ଯାହା ସୁଖ ଓ ଆନନ୍ଦ ଦେବାକୁ ସକ୍ଷମ ହେଉଥିଲା । ପୃଥିବୀର ଯେ କୌଣସି କୋଣରେ ସେ କାର୍ଯ୍ୟ କରୁଥିଲେ । ସମଗ୍ର ମାନବସମାଜର ଭଲ କରିବାହିଁ ଥିଲା ତାଙ୍କର ଉଦ୍ଦେଶ୍ୟ ।

ସତ୍ୟ ପରୀକ୍ଷା ପାଇଁ 'ଚମ୍ପାରନ୍'ର ଇତିହାସକୁ ଗ୍ରହଣ କରାଯାଇ ପାରେ । ଥରେ କେତେକ ନିଷ୍ପାପର ଚାଷୀ ଗାନ୍ଧିଜୀଙ୍କୁ ଜଣାଇଲେ ଯେ ଚମ୍ପାରନ୍ ଜିଲାରେ ବିଦେଶୀ ବ୍ୟବସାୟୀମାନେ ସେଠାକାର ଅଧିବାସୀମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର କରୁଛନ୍ତି ଏବଂ ନିର୍ଯାତନା ଦେଉଛନ୍ତି ।

ଅନ୍ୟାୟ, ଅତ୍ୟାଚାରକୁ ଲୋକଲୋଚନକୁ ଆଣିବା କଷ୍ଟସାଧ୍ୟ ବ୍ୟାପାର । ଅତ୍ୟାଚାର ବିରୁଦ୍ଧରେ ସ୍ୱର ଉତୋଳନ କରିବାରେ ଗାନ୍ଧିଜୀଙ୍କର ସାହସ ଓ ନିର୍ଭୟତା ଅବର୍ଣ୍ଣନୀୟ । ଏକଥା ଶୁଣିବା ପରେ ସେ ସ୍ଥିରକଲେ ନିଜେ ଚମ୍ପାରନ୍ ଯାଇ ପ୍ରକୃତ ସତ୍ୟାସତ୍ୟ ଉପଲବ୍ଧି କରିବେ । ଏ ଖବର ପହଞ୍ଚିବା ମାତ୍ରେ ବ୍ୟବସାୟୀମାନେ ସେଠାକାର କେତେକ ମୁଷ୍ଟିମେୟ ଲୋକଙ୍କୁ ହାତକରି ଗାନ୍ଧିଜୀଙ୍କର ଚମ୍ପାରନ୍ ଜିଲାରେ ପ୍ରବେଶ କରିବା ବିରୁଦ୍ଧରେ ଷଡ଼ଯନ୍ତ୍ର କଲେ, ଫଳତଃ ଗାନ୍ଧିଜୀଙ୍କର ଚମ୍ପାରନ୍ ନଯିବାକୁ ଜିଲ୍ଲା କର୍ତ୍ତୃପକ୍ଷ ତାଙ୍କୁ ଆଦେଶ ଦେଲେ । ଗାନ୍ଧିଜୀ ସ୍ଥିରକଲେ ଏହି ଆଦେଶକୁ ଅତ୍ୟନ୍ତ ନମ୍ରଭାବରେ ଅମାନ୍ୟ କରିବେ । ତାଙ୍କର ଆଇନ୍ ଅମାନ୍ୟ ଆଇନ୍‌ର ନିଷ୍ପତ୍ତି ଶୁଣିବା ମାତ୍ରେ ତାଙ୍କ ଉପରେ ପ୍ରବେଶ କରିବା ନେଇ ନିଷେଧାଜ୍ଞା ଜାରି ହୋଇଥିଲା, ତାହାକୁ ପ୍ରତ୍ୟାହାର କରି ନିଆଗଲା । ଏହାଥିଲା ପ୍ରକୃତ ସତ୍ୟ ଘଟଣା ଜାଣିବାର ପ୍ରଥମ ପଦକ୍ଷେପ । ଗାନ୍ଧିଜୀ ପ୍ରଥମେ ଯାଇ ଜିଲ୍ଲାର ମୁଖ୍ୟ କାର୍ଯ୍ୟାଳୟ'ମୋତିହାରି'-ଠାରେ ନିଜର ଡ଼େରା ପକାଇଲେ ଏବଂ ଲୋକମାନଙ୍କ ସାକ୍ଷ୍ୟଦେବାକୁ ପ୍ରବର୍ତ୍ତାଇ ସେମାନଙ୍କଠାରୁ ଲିଖିତଭାବେ ସାକ୍ଷ୍ୟ ଗ୍ରହଣକଲେ । ପ୍ରଥମେ ସେ ଚାଷୀମାନଙ୍କ ମନରେ ବିଶ୍ୱାସ ସୃଷ୍ଟିକଲେ । ଫଳରେ ନିଷ୍ପେଷିତ, ଅଧ୍ୟୁଷିତ ଚାଷୀମାନେ ହଜାର ହଜାର ସଂଖ୍ୟାରେ ଯୋଗଦେଇ ଦୁଃଖ ଓ ନିର୍ଯାତନା, ବର୍ବର ବ୍ୟବହାର ଏବଂ ବେଆଇନ୍ ଶୁଳ୍କ ସମ୍ପର୍କରେ ଲୋମହର୍ଷଣ କାହାଣୀମାନ କହିବାକୁ ଲାଗିଲେ । ପ୍ରାୟ ଚାରିହଜାର ଚାଷୀ ପରିବାର ଏହି ନିର୍ଯାତନାର ଶିକାର ହୋଇଥିଲେ । ପ୍ରକୃତ ସତ୍ୟଘଟଣାକୁ ସଂଗ୍ରହକରି, ସେ ଚମ୍ପାରନ୍‌ର ଚାଷୀମାନେ ଭୋଗୁଥିବା ଅକଥ୍ୟ ଯନ୍ତ୍ରଣା ବିରୁଦ୍ଧରେ ସ୍ୱର ଉତ୍ତୋଳନ କଲେ । ଏମାନେ କେହି ଆନ୍ଦୋଳନକାରୀ, କ୍ଷମତାଲିପ୍ସୁ ରାଜନୈତିକ ଲୋକ ବା ଅସତ୍ୟ ସମ୍ବାଦ ପ୍ରେରଣ କରୁଥିବା ସାମ୍ବାଦିକ ନଥିଲେ ଯାହା ବିରୁଦ୍ଧରେ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ । ଏମାନେ ସମସ୍ତେ ଥିଲେ ସତ୍ୟପ୍ରତି ଅନୁସନ୍ଧିତ୍ସୁ ଏବଂ ସତ୍ୟର ପ୍ରତିଷ୍ଠା ପାଇଁ ଅହିଂସାକୁ ମାଧ୍ୟମ ଭାବେ ଗ୍ରହଣକରି ଧର୍ମଯୁଦ୍ଧର ଡ଼ାକରା ଦେଲେ ।

ଗାନ୍ଧିଜୀ ତାଙ୍କ ଚାରି ପାର୍ଶ୍ୱରେ ଦୁଃଖ ଓ ଦୈନ୍ୟ, ଦାରିଦ୍ର୍ୟ ଅଶିକ୍ଷା, ନିର୍ଯାତନା, ନିର୍ଯାତିତ, ଅନ୍ୟାୟ ଓ ଅନୀତିର ଘଟଣାମାନ ମଣିଷ ସମାଜରେ ଘଟୁଥିବାର ଅନୁଭବ କଲେ । ସେ ଅନୁଭବ କଲେ କେବଳ ପ୍ରେମ ଓ ମୈତ୍ରୀ ବଳରେ ଅହିଂସା ମାଧ୍ୟମରେ ମଣିଷର ଭବିଷ୍ୟତ ସ୍ୱାଚ୍ଛନ୍ଦ୍ୟକୁ ଲାଭ କରିହେବ–ଯାହାର ସମ୍ପୂର୍ଣ୍ଣ ଲକ୍ଷ୍ୟ ସାର୍ବଜନୀନ ଶାନ୍ତି, ମୈତ୍ରୀ ଓ ଆନନ୍ଦ । ଏପରିକି ସେ ୧୯୨୧ ମସିହାରେ ଅନୁଭବ କଲେ ଯେ ଜଣେ ପୂର୍ଣ୍ଣ ସତ୍ୟାଗ୍ରହୀ ଏକାକୀ ସ୍ୱରାଜ ଆଣିବା ପାଇଁ ଯଥେଷ୍ଟ ।

ଗାନ୍ଧିଜୀଙ୍କର ସମ୍ପୂର୍ଣ୍ଣ ଜୀବନ ସେବାର ଜୀବନ, ସମର୍ପଣର ଜୀବନ । ତେଣୁ ଦକ୍ଷିଣ ଆଫ୍ରିକାରେ ଭାରତୀୟମାନଙ୍କ ପାଇଁ କାମ କଲାବେଳେ ବା ଚମ୍ପାରନ୍ ଜିଲ୍ଲାର ଚାଷୀମାନଙ୍କର ଅତ୍ୟାଚାର ବିରୁଦ୍ଧରେ ଲଢ଼ିବାବେଳେ ସେ ଏହାକୁ ସେବା ଭାବରେ, ଆତ୍ମୋତ୍ସର୍ଗ ଭାବରେ ଗ୍ରହଣ କରିଥିଲେ । ଏହା ତାଙ୍କ ନିକଟରେ ଏକ ମାଧ୍ୟମ ନହୋଇ ଥିଲା ସ୍ୱତଃସ୍ଫୂର୍ତ୍ତ ପ୍ରେମର ଭାବନା, ଆତ୍ମୋତ୍ସର୍ଗର ଭାବନା ।

ଗାନ୍ଧିଜୀଙ୍କ ନିକଟରେ ଅହିଂସା ଓ ପ୍ରେମ କେବଳ ବ୍ୟକ୍ତିଗତ ନୈତିକତା ନଥିଲା କିମ୍ବା ବ୍ୟକ୍ତିଗତ ମୁକ୍ତିର ଆଧାର ନଥିଲା । ଯେପରି ଗୌତମ ବୁଦ୍ଧଙ୍କର ପ୍ରେମ, ମୈତ୍ରୀ, କରୁଣା ଓ ସମଗ୍ର ମାନବ ସମାଜର କଲ୍ୟାଣ, ତାଙ୍କ ହୃଦୟରୁ ସ୍ୱତଃ ପ୍ରବୃତ ଭାବରେ ନିର୍ଗତ ହୋଇ ସମଗ୍ର ମାନବ ସମାଜକୁ ସେଥିରେ ବୁଡ଼ାଇ ଦେଇଥିଲା । ଗାନ୍ଧିଜୀଙ୍କ ମନରେ ପ୍ରେମ ଓ କରୁଣା ସେବା ମାଧ୍ୟମରେ ମଣିଷ ସମାଜ ଆଗରେ ପରିପ୍ରକାଶ ହୋଇଥିଲା ଏବଂ ସେହି ସେବାବଳରେ ସେ ମାନବ ସମାଜର ଅର୍ଥନୈତିକ, ସାମାଜିକ ଓ ଆଧ୍ୟାତ୍ମିକ ମୁକ୍ତିରେ ସାହାଯ୍ୟ କରିଥିଲେ ।

ଗାନ୍ଧିଜୀ ନିଜର କଠିନ କାର୍ଯ୍ୟ ଓ ସେବା ବଳରେ ନିଜକୁ ସତ୍ୟାଗ୍ରହର ଶ୍ରେଷ୍ଠ ସାଧକ ଭାବରେ ପ୍ରତିଷ୍ଠିତକରି ଶକ୍ତିଶାଳୀ ସାମ୍ରାଜ୍ୟବାଦୀ ରାଷ୍ଟ୍ର ବିରୁଦ୍ଧରେ ଯୁଦ୍ଧକରି ବିଜୟ ପ୍ରାପ୍ତ ହୋଇଥିଲେ ଏବଂ ସତ୍ୟାଗ୍ରହ ଯେ ସମସ୍ତ ଆନ୍ତର୍ଜାତିକ ସମସ୍ୟାର ସମାଧାନକରି ପାରିବ ଏହା ବିଶ୍ୱ ନିକଟରେ ପ୍ରମାଣ କରିଯାଇଥିଲେ ।

ବର୍ତ୍ତମାନ ସମଗ୍ର ମାନବ ସମାଜ ଏକ ଭୟଙ୍କର ପରିସ୍ଥିତିର ସମ୍ମୁଖୀନ । ହିଂସା, ଦ୍ୱେଷରେ ଜର୍ଜ୍ଜରିତ ମଣିଷର ମନ ବର୍ତ୍ତମାନ ରୋଗଗ୍ରସ୍ତ ବସ୍ତୁବାଦର ଘନୀଭୂତ ପ୍ରଭାବରେ ଏବଂ ତା ସହିତ ଆଣବିକ ଅସ୍ତ୍ରଶସ୍ତ୍ରର ଭୟାବହତାରେ ମଣିଷର ମନ ଭାରାକ୍ରାନ୍ତ । ଏ ସୁନ୍ଦର ପୃଥିବୀ, ମାନବ ସମାଜ କେତେବେଳେ ଧ୍ୱଂସ ପାଇଯିବ, ତାହା ପ୍ରତ୍ୟେକ ମୁହୂର୍ତ୍ତରେ ଚିନ୍ତାର ବିଷୟ । ଯୁଦ୍ଧ ଓ ହିଂସା ବିରୁଦ୍ଧରେ ଜନମତ ଜାଗ୍ରତ କରି ସତ୍ୟ ଓ ନ୍ୟାୟ ପ୍ରତିଷ୍ଠାର ଆବଶ୍ୟକତା ଅନୁଭୂତକରି ନୂତନ ମାର୍ଗ ଅବଲମ୍ବନ କରାଯିବା ଉଚିତ । ତେବେ ଯାଇ ଏ ବିଶ୍ୱରେ ମଣିଷ ଶାନ୍ତିରେ ରହିପାରିବ ।

ତେଣୁ ଗାନ୍ଧିଜୀଙ୍କ ନିକଟରେ ସତ୍ୟାଗ୍ରହର ଯେଉଁ ଆଲୋକ ଦେଖୁ, ତାହା ବ୍ୟକ୍ତିଗତ ମୁକ୍ତି ନିମନ୍ତେ ଉଦ୍ଦିଷ୍ଟ ହେଲେ ହେଁ ତାହା ସମଗ୍ର ମାନବ ସମାଜର ଶାନ୍ତି ଓ ସହାବସ୍ଥାନର ରାସ୍ତା ଦେଖାଇବ ଏବଂ ତାରି ମାଧ୍ୟମରେ ବିଶ୍ୱରେ ଶାନ୍ତି ସ୍ଥାପନ ହୋଇପାରିବ ।

# ଶିଖ ସମାଜ ଓ ଜାତୀୟ ପତାକା

ଶ୍ରୀ ଚନ୍ଦ୍ରଶେଖର ନାୟକ

ଯେଉଁ ଅଖିଳ ଭାରତ ଜାତୀୟ କଂଗ୍ରେସ ୧୯୪୨ ଅଗଷ୍ଟ ୮ ତାରିଖରେ ବମ୍ବେ ଗୋୱାଲିଅର ଟ୍ୟାଙ୍କ ମୈଦାନରେ ଅନୁଷ୍ଠିତ ଐତିହାସିକ ଅଧିବେଶନରେ ଭାରତରୁ ଇଂରେଜ ଶାସନର ଚୂଡ଼ାନ୍ତ ଅପସାରଣ ଦାବୀକରି ବୈପ୍ଳବିକ 'ଭାରତ ଛାଡ଼' ଆହ୍ୱାନ ଦେଇଥିଲା ସେଇ କଂଗ୍ରେସ ୧୮୮୫ ମସିହା ଡିସେମ୍ବର ୨୮ ତାରିଖରେ ବମ୍ବେ ନଗରୀରେ ମାତ୍ର ୭୨ ଜଣ ସଦସ୍ୟଙ୍କୁ ନେଇ ଉମେଶଚନ୍ଦ୍ର ବାନାର୍ଜିଙ୍କ ପୌରୋହିତ୍ୟରେ ଜନ୍ମ ପରିଗ୍ରହ ଲଭ କଲାବେଳେ ସଂପୂର୍ଣ୍ଣ ରାଜ ଭକ୍ତ ଥିଲା ଓ ରାଜ ଭକ୍ତିର ନିଦର୍ଶନ ସ୍ୱରୂପ ଇଂରେଜ ଶାସନର ପ୍ରତୀକ ବିଦେଶୀ ଇଉନିୟନ ଜ୍ୟାକ୍‌କୁ ନିଜର ପତାକାରୂପେ ବରଣ କରି ନେଇଥିଲା ।

## ଜାତୀୟ ପତାକାର ଆବଶ୍ୟକତା

ଘଟଣାକ୍ରମେ ବହୁ ନବ ଯୁବକ କଂଗ୍ରେସକୁ ଆସି କଂଗ୍ରେସର ଲକ୍ଷ୍ୟ ଓ ଗତିରେ ବହୁ ପରିବର୍ତ୍ତନ ଆଣିଲେ । ଭାରତର ସ୍ୱାଧୀନତା ଲାଭ ହେଲା କଂଗ୍ରେସର ଲକ୍ଷ୍ୟ । ଏଥିପାଇଁ କଂଗ୍ରେସ ଏକ ଜାତୀୟ ପତାକାର ଆବଶ୍ୟକତା ଅନୁଭବ କଲେ । ଜାତୀୟ ପତାକାର ମହତ୍ତ୍ୱ ବୁଝାଇବାକୁ ଯାଇ ମହାତ୍ମା ଗାନ୍ଧୀ ୧୯୨୧ ଏପ୍ରିଲ ୧୩ ତାରିଖ ଜାଲିଆନାବାଗ ହତ୍ୟାକାଣ୍ଡ ସ୍ମୃତି ଦିବସରେ ତାଙ୍କ ସଂପାଦିତ ୟଙ୍ଗ୍ 'ଇଣ୍ଡିଆରେ' ଏକ ଉଦ୍‌ବୋଧନୀ ପ୍ରକାଶ କଲେ । ତାର ସାରମର୍ମ ହେଉଛି—

"ଦେଶ ଓ ଜାତି ପକ୍ଷରେ ଜାତୀୟ ପତାକାର ଅବଶ୍ୟକତା ଅବର୍ଜନୀୟ । ଜାତୀୟ ପତାକାର ଇଜ୍ଜତ ରକ୍ଷା କରିବା ପାଇଁ ଶତ ସହସ୍ର ସଂଖ୍ୟାରେ ଲୋକେ ଆତ୍ମବଳୀ ଦେଇଛନ୍ତି । ଇଉନିୟନ ଜ୍ୟାକ୍ ଉତ୍ତୋଳିତ ହେଲେ ଇଂରେଜଙ୍କ ହୃଦୟ ରାଜ୍ୟରେ ଯେଉଁ ଅମିତ ବିକ୍ରମର ଉଦ୍ରେକ ଘଟେ ତାହା କହି ହେବ ନାହିଁ । ମାର୍କିନଲୋକେ ତାଙ୍କ ତାରା ଓ ରେଖାଯୁକ୍ତ ପତାକାକୁ ଦେଖିଲେ ମନେ କରନ୍ତି ସତେ ଯେପରି ସାରା ବିଶ୍ୱଟା ତାଙ୍କର । ଜର୍ମାନୀ ପତାକାରେ ସ୍ୱସ୍ତିକ ଚିହ୍ନ ଓ ଜାପାନୀ ପତାକାରେ ଉଦୀୟମାନ ସୂର୍ଯ୍ୟ ଦେଶ ଓ ଜାତି ପାଇଁ ସେମାନଙ୍କ ଆତ୍ମୋତ୍ସର୍ଗର ଦୃଢ଼ ପ୍ରତିଜ୍ଞାର ପ୍ରତୀକ । ଏହି ପରିପ୍ରେକ୍ଷୀରେ ଭାରତୀୟ ଲୋକଙ୍କର ସେମାନଙ୍କର ଏକ ନିଜସ୍ୱ ପତାକା କରିବା ଓ ସେହି ପତାକାର ମାନ- ମହତ୍ତ୍ୱ ରକ୍ଷା ପାଇଁ ଆତ୍ମବଳୀ ଦେବାର ବେଳ ଆସି ଯାଇଛି ।

## ପତାକାର ରୂପରେଖ

ବାପୁଜୀଙ୍କ ଉଦ୍‌ବୋଧନରେ ଅନୁପ୍ରାଣିତ ହୋଇ ଯେଉଁ କଳାବିତମାନେ ଭାରତୀୟ ଜାତୀୟ ପତାକାର ରୂପରେଖ କଳ୍ପନା କରିନେଲେ ସେମାନଙ୍କ ଭିତରେ ପ୍ରମୁଖ ସ୍ଥାନରେ ଥିଲେ ମସଲି ପଟମ ଜାତୀୟ କଲେଜର ଅଧ୍ୟାପକ ଶ୍ରୀଯୁକ୍ତ ପି: ଭେଙ୍କାୟା । ତାଙ୍କ ନକ୍ସାରେ ଥିଲା ଏକ ଦ୍ୱିରଙ୍ଗ ପତାକା ଲାଲ ଓ ସବୁଜ । ଏହା ଯଥାକ୍ରମେ ହିନ୍ଦୁ ଓ ମୁସଲମାନଙ୍କର ପ୍ରତୀକ ଥିଲା । ମହାତ୍ମା ଗାନ୍ଧୀଙ୍କସହ ଶ୍ରୀଯୁକ୍ତ ଭେଙ୍କୟାଙ୍କ ଆଲୋଚନା ପର୍ଯ୍ୟାଲୋଚନାକ୍ରମେ ମନକୁ ଆସିଲାଯେ ଭାରତରେ ହିନ୍ଦୁ ମୁସଲମାନଙ୍କ ବ୍ୟତୀତ ବହୁ ଇତର ଜାତି, ଗୋଷ୍ଠୀ ଓ ସଂପ୍ରଦାୟ ଅଛନ୍ତି । ଜାତୀୟ ପତାକାରେ ସେମାନଙ୍କ ପାଇଁ ମଧ୍ୟ ସ୍ଥାନ ରଖିବା ଉଚିତ । ଏହି ପୋଷକ ବିଷୟରୁ ଏକ ତ୍ରିରଂଗ ପତାକାର ଅଭ୍ୟୁଦୟ ଘଟିଲା । ଉର୍ଦ୍ଧ୍ୱରେ ଶ୍ୱେତ ରଂଗ ସଂଖ୍ୟା ଲଘିଷ୍ଠମାନଙ୍କ ପାଇଁ, ମଧ୍ୟ ଭାଗରେ ସବୁଜ ରଂଗ ମୁସଲମାନଙ୍କ ପାଇଁ ଓ ଅନ୍ତିମ ଭାଗରେ ଲାଲ ରଂଗ ହିନ୍ଦୁମାନଙ୍କ ପାଇଁ ଉର୍ଦ୍ଦିଷ୍ଟ ହେଲା । ସଂଖ୍ୟା ଦୃଷ୍ଟିରୁ ହିନ୍ଦୁ ମୁସଲମାନ ଓ ସଂଖ୍ୟା ଲଘିଷ୍ଠ ଗୋଷ୍ଠୀ ବଡ଼ ସାନ ହେଲେହେଁ ପତାକାର ସେପରି କୌଣସି ବିଷୟରେ କପଡ଼ାକୁ ବଡ଼ ସାନ କରାଯାଇ ନାହିଁ । ସ୍ୱାଧୀନ ଭାରତରେ ନାଗରିକ ଅଧିକାର ସମସ୍ତଙ୍କର ସମାନ ସୂଚାଇ ଜାତୀୟ ପତାକାରେ ଶ୍ୱେତ, ସବୁଜ ଓ ଲାଲ ରଂଗର କପଡ଼ାକୁ ସମାନ ଆୟତନ ବିଶିଷ୍ଟ କରାଗଲା । ପଞ୍ଜାବର ଜଣେ ଲଢୁଆ ବୀର ଲାଲା ହଂସରାଜ ଯେ କି ୧୯୧୯ ଏପ୍ରିଲ ୧୩ ତାରିଖରେ ଜାଲିଆନାବାଲା ବାଗରେ ସମବେତ ବିଂଶ ସହସ୍ର ନରନାରୀଙ୍କୁ ମହାତ୍ମା ଗାନ୍ଧୀଙ୍କ ଅହିଂସା ଅସହଯୋଗର ବାର୍ତ୍ତା ଶୁଣାଇ ଉଦ୍‌ବୋଧନ ଦେଉ ଥିଲା ବେଳେ ଜେନେରାଲ ଡାୟାର ନାରକୀୟ ହତ୍ୟାକାଣ୍ଡ ଘଟାଇ ଥିଲେ, ସେହି ହଂସ ରାଜଜୀ ଜାତୀୟ ପତାକାରେ ଅହିଂସକ ସଂଗ୍ରାମର ଆୟୁଧ ଚରଖାକୁ ସ୍ଥାନ ଦେବା ପାଇଁ ପ୍ରସ୍ତାବ ଦେଲେ । ଏହା ସମସ୍ତଙ୍କ ମନକୁ ପାଇଲା ।

# ବିପ୍ଳବୀ ବାଘା ଯତୀନ

## ଓ ପଞ୍ଚବଦ୍ରୋହୀର ହଳଦୀଘାଟ

**ଶ୍ରୀ ସର୍ବେଶ୍ୱର ଦାସ**

ଊନବିଂଶ ଶତାବ୍ଦୀର ପ୍ରାରମ୍ଭରେ ବହୁପୂର୍ବରୁ ଭାରତୀୟ ଜୀବନ ଧାରାରେ ଅସଂଖ୍ୟ ସଂଘର୍ଷମୟ ଆବର୍ତ୍ତ ସୃଷ୍ଟିଲାଭ କରିଥିଲା । ପୂର୍ବବର୍ତ୍ତୀ ମୋଗଲ ମରହଟ୍ଟା ରାଜତ୍ୱର ଅବସାନ ହୋଇ ସେମାନଙ୍କ ଶାସନର ଦୀପଭ ବିହୁତି ନିଷ୍ପ୍ରଭ ହେବା ପୂର୍ବରୁ ଇଂରେଜମାନଙ୍କର ପ୍ରଭୁତ୍ୱ ଏ ଦେଶରେ ବିସ୍ତାର ଲାଭ କରିଯାଇଥିଲା । ଫଳରେ ବହୁ ଶତାବ୍ଦୀର ଦାସତ୍ୱ ବନ୍ଧନକୁ ଛିନ୍ନ କରି ଜାତୀୟ ଜୀବନକୁ କଳୁଷମୁକ୍ତ କରିବାର ଅଦମ୍ୟ ଆକାଂକ୍ଷା ଭାରତୀୟ ଜନତାର ମନରେ ଉଦୟ ହେବା ସଙ୍ଗେ ସଙ୍ଗେ ଐତିହାସିକ ପଟ୍ଟ ପରିବର୍ତ୍ତନ ଏବଂ ସାଂସ୍କୃତିକ ଓ ରାଜନୈତିକ ସଂଘର୍ଷ ଫଳରେ ବିପର୍ଯ୍ୟସ୍ତ ହୋଇ ପଡ଼ିଥିବା ସମାଜ ପୁଣିଥରେ ମୁଣ୍ଡ ଟେକି ଜାଗ୍ରତ ହେବାକୁ ଲାଗିଲା ।

ଜାତୀୟ ପୁନର୍ଜାଗରଣର ଏକ ଅଭିନବ ବାତାବରଣ ଧୀର ମନ୍ଥର ଗତିରେ ସୃଷ୍ଟି ହୋଇ କ୍ଷିପ୍ରରୁ କ୍ଷିପ୍ରତର ହେବାକୁ ଲାଗିଲା । ବହୁ ଶତାବ୍ଦୀର ଦାସତ୍ୱ ବନ୍ଧନକୁ ଛିନ୍ନ କରି ଜାତୀୟ ଜୀବନକୁ କଳୁଷମୁକ୍ତ କରିବାର ଅଦମ୍ୟ ଆକାଂକ୍ଷା ଭାରତୀୟ ଜନତା ମନରେ ଉଦୟ ହୋଇଥିଲା ।

ଏହି ଆକାଂକ୍ଷାର ସର୍ବପ୍ରଥମ ଓ ସ୍ୱତଃ ସ୍ଫୁର୍ତ୍ତ ପରିପ୍ରକାଶ ହେଲା ୧୮୫୭ ମସିହା ସେପ୍ଟେମ୍ବର ୧୮ ତାରିଖର ସିପାହୀ ବିଦ୍ରୋହ ରୂପରେ । ଏହି ବିଦ୍ରୋହ ଯଥାର୍ଥରେ ନବ ଚେତନାଦୀପ୍ତ ଜାତୀୟ ଜାଗୃତିର ଏକ ବୈପ୍ଳବିକ ରୂପାନ୍ତର । ମାତ୍ର ଏହା ଖଣ୍ଡିତ ଆକାରରେ ହେଲେ ହେଁ ସେଦିନ ସେହି ବିଦ୍ରୋହର ବହ୍ନି କୋଟି କୋଟି ଅନ୍ତରରେ ସୃଷ୍ଟି କରିଥିଲା ଅନିର୍ବାଣ ଅସନ୍ତୋଷର ସ୍ଫୁଲିଙ୍ଗ । ରାଜନୈତିକ କ୍ଷେତ୍ରରେ ମୁକ୍ତିର ଆକାଂକ୍ଷା ଅଭ୍ୟୁଦୟ ହେବା ସଙ୍ଗେ ସଙ୍ଗେ ସମାଜର ଜୀବନକୁ ମାର୍ଜିତ ତଥା ଆଲୋକିତ କରିବାର ପ୍ରୟାସ ନେଇ କ୍ରମବର୍ଦ୍ଧମାନ ଜାତୀୟ ଚେତନାର ସ୍ୱାଭାବିକ ପରିବେଶ ସ୍ୱରୂପ ୧୮୮୫ରେ ପ୍ରତିଷ୍ଠିତ ହେଲା ଜାତୀୟ କଂଗ୍ରେସ । ଏହା ଯେ ଏକ ଉଦୀପ୍ତ ଓ ଉଲ୍ଲେଖଯୋଗ୍ୟ ପର୍ଯ୍ୟାୟ ଏହାର ସନ୍ଦେହର ଅବକାଶ ନାହିଁ । ଏହାକୁ କେନ୍ଦ୍ର କରି ସ୍ୱରାଜ୍ୟ ବା ସ୍ୱାଧୀନତା ଲାଭର ଚିନ୍ତା ଦେଶର ଚିନ୍ତାଶୀଳ ବ୍ୟକ୍ତିଙ୍କ ମନରେ ଆଲୋଡ଼ନ ସୃଷ୍ଟି କରିଥିଲା । ଠିକ୍ ଏହି ସୁଯୋଗରେ ଦୁର୍ଦ୍ଧର୍ଷ ଇଂରେଜ ସରକାର ନିଜ ନିଜର ଶାସନ ଗାଦିକୁ ସୁଦୃଢ଼ କରିବା ପାଇଁ ବା ସଂପୂର୍ଣ୍ଣ ବିରୋଧ କରିବା ପାଇଁ ପ୍ରବର୍ତ୍ତନ କରେ "ହୋମରୋଲ" ବା "ବଙ୍ଗ ଭଙ୍ଗ" ବା ବଙ୍ଗ ବିଚ୍ଛେଦ ଭଳି ବହୁ ବିଭେଦକାରୀ ବା ବିଭେଦମୂଳକ ପ୍ରଶାସନିକ ବ୍ୟବସ୍ଥା । ଏହି ବ୍ୟବସ୍ଥାକୁ ସଂପୂର୍ଣ୍ଣ ପ୍ରତିରୋଧ କରି ଜନତାର ପ୍ରାଣରେ ସ୍ୱରାଜ୍ୟ ଲାଭର ଆଶା ବା ସ୍ୱାଧୀନତା ପ୍ରାପ୍ତିର ଆକାଂକ୍ଷା ବଳବତୀ କରିବା ପାଇଁ ବୈଦେଶିକ ପ୍ରଭାବ ଓ କର୍ତ୍ତୃତ୍ୱକୁ ପ୍ରତ୍ୟାଖ୍ୟାନ ଆନ୍ଦୋଳନର ସୂତ୍ରପାତ ହେଲା । ଏଥିରେ ପ୍ରଚଣ୍ଡ ପ୍ରତିଭାର ବିପ୍ଳବୀ ଅରବିନ୍ଦ ଘୋଷଙ୍କର ସର୍ବତ୍ର ବିପ୍ଳବର ଅଗ୍ନିମନ୍ତ୍ର ପ୍ରଚାର କରିବା ସଙ୍ଗେ ସଙ୍ଗେ ସ୍ୱାଧୀନତାର ଯଜ୍ଞାନଳକୁ ଝାସ ଦେଲେ ଜଣେ ଅସାଧାରଣ ଦୁଃସାହସିକ ଯୁବକ ଯତୀନ୍ଦ୍ର ନାଥ ମୁଖୋପାଧ୍ୟାୟ (ଯତୀନ ମୁଖାର୍ଜୀ) ଯେ' କି ୧୯୦୨ରେ ସେଣ୍ଟ୍ରାଲ କଲେଜରେ ପାଠ୍ୟ ବର୍ଜନ କରି ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ । ୧୯୦୪ ମସିହାରେ ଜଣେ ବନ୍ଧୁଙ୍କ ସହିତ ଜଙ୍ଗଲକୁ ଶୀକାର କରିବାକୁ ଯାଇ ମହାବଳ ବାଘକୁ ନିଜର ସବାର ବନାଇବା ସଙ୍ଗେ ସଙ୍ଗେ ଦୁଇ ଘଣ୍ଟା ଲଢ଼ି ଶେଷରେ ନିଜେ ଖାଦ୍ୟ ହୋଇ ଖାଦକ ଗର୍ତ୍ତରେ ସ୍ଥାନପାଇ ୪୮ ଜାଗା ବାଘଦ୍ୱାରା କ୍ଷତାକ୍ତ ହୋଇ ଡାକ୍ତରଖାନାରୁ ଏକବର୍ଷ ପରେ ପୁନର୍ଜୀବନ ଲାଭ କଲେ । ସେହି "ଯତୀନ୍ଦ୍ର ନାଥ ମୁଖାର୍ଜୀ" ଯେକି ବାଘା ଯତୀନ ନାମରେ ଅଭିହିତ, ସେ ମାତୃଭୂମିରେ ମୁକ୍ତି ମନ୍ଦା-କିନୀର ଅନ୍ତଃସଲିଳା ଫଲ୍‌ଗୁ ଛୁଟାଇ ଦେବା ପାଇଁ ନିଜେ ନିଜର ମାତୃଭୂମି ବଙ୍ଗକୁ ଛାଡ଼ିଦେଇ ବିରାଟ ଗଡ଼ ସଦୃଶ ଏହି ଓଡ଼ିଶାର ଗିରି ପ୍ରାନ୍ତ ନଦୀପଠା କାଶତଣ୍ଟୀ ବଣ ଆଉ ସମୁଦ୍ରର ବେଳା ପ୍ରାନ୍ତରେ ଘୁରି ବୁଲିବା ସଙ୍ଗେ ସଙ୍ଗେ ସନ୍ନ୍ୟାସୀମାନଙ୍କର ସଂଗଠନ ଓ ଦୁର୍ଦ୍ଧର୍ଷ ବ୍ରିଟିଶ ବେଇମାନ୍ ଜାତିର ପ୍ରତିଶୋଧ ନେବାକୁ ପଥ ପ୍ରଦର୍ଶନ କରୁଥିଲେ, ଏଥିରେ ତିଳେମାତ୍ର ସନ୍ଦେହର ଅବକାଶ ନାହିଁ । ୧୯୦୫ ମସିହା ଯେତେବେଳେ "ବଙ୍ଗଭଙ୍ଗ" ବା ସ୍ୱଦେଶୀ ଆନ୍ଦୋଳନର ତୀବ୍ରଝଡ଼ ଘୂର୍ଣ୍ଣିବାତ୍ୟାର ପ୍ରଳୟଙ୍କରି ରୂପ ନେଇ ବଙ୍ଗଳାର ମାଟିରେ ତାଣ୍ଡବର ବିଭିଷୀକା ଆରମ୍ଭ କରିଥିଲା, ଠିକ୍ ସେହି ସମୟରେ ଯତୀନ୍ଦ୍ର ନାଥ ଆର୍ଥିକ ବିଡ଼ମ୍ବନାରୁ ନିଜର ପରିବାରକୁ ରକ୍ଷା କରିବା ପାଇଁ ବଙ୍ଗ ଓଡ଼ିଶା ଗଭର୍ଣ୍ଣରଙ୍କ ପାଖରେ ଥାନ୍ତି ଷ୍ଟେନୋ । ସେ ଦାର୍ଜିଲିଂ ଯାତ୍ରା କରୁଥିବା ବେଳେ ସିଲିଗୁଡ଼ି ଷ୍ଟେସନରେ ଟ୍ରେନ ମଧ୍ୟରେ ଏକ ଗୋଳମାଳ ଦେଖି ଦୌଡ଼ି ଯାଇଥିଲେ ଓ ସେଠାରେ ସେ ଯେଉଁ ଦୃଶ୍ୟ ଦେଖିଲେ ସେଥିରେ କ୍ଷୁବ୍ଧହୋଇ ଏକା ଥରକେ ଚାରିଜଣ ଗୋରା ମିଲିଟାରୀ ଫୋର୍ସକୁ ଧକା

ମାଗି ଗାଡ଼ିଟିକୁ ଖସାଇ ପକାଇଥିଲେ ଓ ଡାକ୍ତରଖାନାକୁ ଅର୍ଦ୍ଧମୃତ ଅବସ୍ଥାରେ ପଠାଇ ଥିଲେ । ଯେ ଦିନେ ଅନ୍ୟାୟର ପ୍ରତିରୋଧ କରିବାକୁ ଯାଇ ନିଜେ ଖାଦ୍ୟ ହୋଇ ଖାଦକର ତଣ୍ଟିରେ ଛୁରୀ ଚଳାଇ ଥିଲା ସେହି କିଭଳି ଜଣେ ଭାରତୀୟ ତୃଷ୍ଣାତୁରା ରମଣୀ ଉପରେ ବିରହ ଅତ୍ୟାଚାରକୁ ସରଳ ଶିଶୁ ପରି ମୁଣ୍ଡପାତି ସହି ନେଇଥାନ୍ତା । ତା ପରେ ଗୋଇନ୍ଦା ରିପୋର୍ଟ ଅନୁସାରେ ସେ ସନ୍ତ୍ରାସବାଦୀର ନେତା ରୂପେ ଅଭିହିତ ହେବା ସଙ୍ଗେ ସଙ୍ଗେ ତାଙ୍କୁ ଚାକିରିରୁ ବହିଷ୍କାର କରାଗଲା । କେବଳ ସେତିକିରେ ନୁହେଁ ତାଙ୍କୁ ଅନ୍ଧାରୀ କାରାକକ୍ଷ ମଧ୍ୟରେ ନିର୍ମମ ନିଷ୍ଠୁର ଭାବେ ଲାଠି ପ୍ରହାର କରାଯାଇଥିଲା । ପ୍ରଥମ ଥର ତାଙ୍କୁ ଛଅମାସ ସଜା ମିଳିଥିଲା ।

ଯେଉଁ ଅନ୍ଧକାର କାରାକକ୍ଷକୁ ଆଲୋକିତ କରି କୃଷ୍ଣ ଜନ୍ମ ନିଅନ୍ତି କଂସର ନିଧନ ପାଇଁ ମଥୁରାର ବନ୍ଦୀଘରେ, ଯେଉଁ କାରାକକ୍ଷରେ ଦିବ୍ୟଜ୍ୟୋତି ରୂପରେ ପରି ପ୍ରକାଶ କରି କୃଷ୍ଣ ଦେଖାଦେଇଥିଲେ ଅରବିନ୍ଦଙ୍କୁ ମୁକ୍ତିମାର୍ଗର ପଥ ପ୍ରଦର୍ଶନ କରାଇବା ପାଇଁ, ଆଉ ଯେଉଁ କାରାକକ୍ଷକୁ ପୁତ୍ର ଅଜାତଶତ୍ରୁଙ୍କୁ ଶିଖାଇ ଦେଇଥିଲା ପ୍ରକୃତ ପିତୃତ୍ୱର ସନ୍ଧାନ ସେହି ବନ୍ଦୀଘର ଯତୀନ୍ଦ୍ରନାଥଙ୍କୁ ମଧ୍ୟ ଶିଖାଇ ଦେଇଥିଲା ଏ ମାତୃଭୂମିକୁ ଶତ୍ରୁ କବଳରୁ ନିଷ୍କଣ୍ଟକ କରିବା ପାଇଁ । ଏପରି ସେ ଜେଲରୁ ଖସି ପଳାଇ ୧୯୦୮ରେ ସେ ବିପିନ୍‌ପାଲଙ୍କ "ବନ୍ଦେମାତରମ୍" ଆନ୍ଦୋଳନରେ ଯୋଗ ଦେଲେ ଓ ଯୁଗାନ୍ତର ପତ୍ରିକାର ସ୍ରଷ୍ଟା ମେଭିନ୍ ଘୋଷଙ୍କ ସହଯୋଗରେ ଏବଂ ଯୁଗାନ୍ତର ବିପ୍ଳବୀ ବାହିନୀ ରୂପେ ସମଗ୍ର ଭାରତର ବିଭିନ୍ନ ପ୍ରାନ୍ତରେ ବିଛୁରିତ ହୋଇଗଲେ ଓ ବିଭିନ୍ନ ସ୍ଥାନରେ ବୁଲି ସାଂଗଠନିକ ଓ ସନ୍ତ୍ରାସୀ ଗୋଷ୍ଠୀ ଗଢ଼ି ଚାଲିଲେ । ୧୯୦୯ରେ ବର୍ଲିନ୍ କମିଟି ଗଠନ କରି ଜର୍ମାନରୁ ଅସ୍ତ୍ର ସାହାଯ୍ୟ ଆଣିବାର ମସୁଧା ମଧ୍ୟ ଫଳବତୀ ହେଲା । ଫଳରେ ସୁନ୍ଦର ବନର ରାୟ ମଙ୍ଗଳଠାରେ ହରିକୁମାର ଚକ୍ରବର୍ତ୍ତୀ ଓଡ଼ିଶା ଓ ବାଲେଶ୍ୱରରେ ଯତୀନ ମୁଖାର୍ଜୀ, ଗୋଆରେ ଭୋଳାନାଥ ଚାଟାର୍ଜୀ ଅସ୍ତ୍ରଗ୍ରହଣ କରିବାର ସ୍ଥିର ହେଲା ଓ ସରୋଜିନି ନାଇଡୁଙ୍କ ଭାଇ ନରେନ୍ଦ୍ର ନାଥ ଚାଟାର୍ଜୀ ଜର୍ମାନରେ ଥାଇ ଅସ୍ତଶସ୍ତ୍ର ପଠାଇବାର ଯୋଗ ସୂତ୍ରକ ରୂପେ ରହି କାର୍ଯ୍ୟ କରୁଥିଲେ । ଇତ୍ୟବସରରେ କ୍ଷୁଦିରାମ ବୋଷ, ସାବର କର ପ୍ରଭୃତିଙ୍କୁ ଅମାନୁଷିକ ଫାଶୀ ଓ ହତ୍ୟା କରାଗଲା । ତାର ପ୍ରତିରୋଧକରି ୧୯୧୦ରେ ଇଷ୍ଟ ମାଣିକ ତାଲାର ଏକ ବୋମା ବିସ୍ଫୋରଣ କାଣ୍ଡରେ ଯତୀନଙ୍କୁ ଦୋଷୀ କରି ୨ଯବାର ବନ୍ଦୀ କରି ଜେଲକୁ ନିଆଗଲା । ସେଠାରୁ ୨ମାସ ପରେ ଫେରି ଆସି ସେ ୧୯୧୩ ପୂର୍ବବଙ୍ଗର ବନ୍ୟାଞ୍ଚଳରେ ଛଦ୍ମବେଶରେ ସ୍ୱେଚ୍ଛାସେବୀ ରୂପେ କାର୍ଯ୍ୟ କଲେ । ୧୯୧୪ ମସିହାରେ ଯେତେବେଳେ ସମଗ୍ର ପୃଥିବୀରେ ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଗଲା ସେତେବେଳେ ସମଗ୍ର ବଙ୍ଗଳାର ଦାୟିତ୍ୱ ଯତୀନ୍ଦ୍ର ନାଥ ଓରଫ ବାଘାଯତୀନଙ୍କ ଉପରେ ନ୍ୟସ୍ତ କରାଗଲା । ଏଣେ ଫିରିଙ୍ଗୀ ଗୋଇନ୍ଦାଙ୍କର ସନ୍ଧାନୀ ଆଖି ସନ୍ତ୍ରାସୀ ନେତାଙ୍କୁ ଧରିଆଣି ହତ୍ୟା କରିବା ପାଇଁ ସଜାଗ ରହିଲେ ଜାଣି ଯତୀନ୍ ଆଉ ବଙ୍ଗରେ ତିଷ୍ଠି ନହେବା କଥା ଜାଣି ସେ ନଅ ଜଣ ସାଥୀଙ୍କୁଧରି ମୟୂରଭଞ୍ଜ ଜିଲ୍ଲାର କପ୍ତିପଦାର ଘନ ଜଙ୍ଗଲକୀର୍ଣ୍ଣ ମହୁଲି ଗ୍ରାମର "ମୟୂର ଚୂଡ଼ା" ପାହାଡ଼ରେ ଗୈରିକ ବସ୍ତ୍ର ପରିହିତ ସନ୍ନ୍ୟାସୀ ବେଶରେ କାଳ ଯାପନ କଲେ । ତାଙ୍କ ସହିତ ଅନ୍ୟ ବିପ୍ଳବୀ ବନ୍ଧୁ ଚିତ୍ତପ୍ରିୟ ରାୟଚୌଧୁରୀ, ଜ୍ୟୋତି ଚନ୍ଦ୍ର ଘୋଷ, ମନୋରଞ୍ଜନ ଦାସଗୁପ୍ତ, ନିରେନ୍ ଦାସଗୁପ୍ତ, ନଳିନୀ କର ପ୍ରଭୃତି ଆସି ମନୀନ୍ଦ୍ର ନାଥ ଚକ୍ରବର୍ତ୍ତୀଙ୍କ ସହାୟତାରେ ରହିଥିଲେ । ୧୯୧୫ ଜୁଲାଇ ୨୮ରେ "ନାଭୋରିକ୍" ଜାହାଜ ଗୁଳିଭର୍ତ୍ତି ଜର୍ମାନରୁ ଆସୁଥିବାବେଳେ ଗୋଇନ୍ଦା ଧରିବା ପୂର୍ବରୁ ଯତୀନ୍ ମାଲଗୁଡ଼ିକୁ ଗୁପ୍ତରେ ଉତାରି ଆଣିଲେ ତାର ଟେର୍ କେହି ପାଇ ନାହିଁ । ୧୯୧୫ ସେପ୍ଟେମ୍ବର ୭ରେ ଗୋଇନ୍ଦା ରିପୋର୍ଟ ଅନୁସାରେ କପ୍ତିପଦା ପୁଲିସ ଟେଗାର୍ଟଙ୍କ ସୈନ୍ୟବାହିନୀମାନେ ଘେରାଉ କରିବାକୁ ଆସିବା ସମ୍ବାଦ ବାରିପଦାରୁ ଯତୀନ୍ଦ୍ର ନାଥ ୮ ତାରିଖ ରାତ୍ରିରେ ଚିତ୍ତପ୍ରିୟ, ମନୋରଞ୍ଜନ, ଜ୍ୟୋତି ଚନ୍ଦ୍ର ଓ ନରେନ୍‌ଙ୍କ ସହିତ ରାତ୍ରିରେ ଜୁଳୁଜୁଳୁ-ଆଡ଼ର ପାରିହୋଇ ଆସୁଥିବାବେଳେ ଅର୍ଥ ଲୋଭି ରାଜୁ ମହାନ୍ତି ଓ ସୁଦାମ ଦାସ ତାଙ୍କୁ ଦୁମୁଦା ଗ୍ରାମରେ ପଥ ଅବରୋଧ କରି ଖାଟି ଚୁରି କଲେ । ଫଳରେ ମନୋରଞ୍ଜନଙ୍କର ଗୁଳିରେ ରାଜୁ ମହାନ୍ତି ମୃତ୍ୟୁ ଲୋଡ଼ିଲା । ଏକଥା ସକାଳେ ଘରିଆଡ଼େ ରାଷ୍ଟ୍ର ହେଲା ସତ, ମାତ୍ର ସେହି ରାତ୍ରିରେ ବାଲେଶ୍ୱରରେ ଥିବା ବାଘାଯତୀନ୍ ବା ସନ୍ତ୍ରାସୀମାନଙ୍କର ସାଇକେଲ ଏମ୍ପୋରିଅମ୍ ବା "ବିଶ୍ୱଭଣ୍ଡାର" ତଦାନିନ୍ତନ ଜିଲ୍ଲାପାଳ କିଲବି ସାହେବଙ୍କ ନିର୍ଦ୍ଦେଶରେ ଏସ୍. ପି. ଜେମସ୍ ପିକର୍ଡ ଓ ତାଙ୍କର ଫଉଜ ଘେରାଉ କଲେ । ଏ କଥା ଶୁଣି ପଞ୍ଚ ବିପ୍ଳବୀ ବାଲେଶ୍ୱର ଷ୍ଟେସନରେ ଗାଡ଼ି ଚଢ଼ି ବଙ୍ଗକୁ ଫେରି ଯିବାକୁ ମନସ୍ଥ କରନ୍ତେ, ବାଲେଶ୍ୱର ଷ୍ଟେସନରେ ପୁଲିସମାନଙ୍କ କଡ଼ା ପହରା ଦେଖି ହଳଦୀ ପଦାରୁ ଗାଡ଼ି ଚଢ଼ିବା ପାଇଁ ସ୍ଥିର କରି ଗଲେ । ବୁଢାବଳଙ୍ଗର ଭରାଗର୍ଭ ନାଉରୀ ନାଆରେ ପାର କଲନି । ଫଳରେ ସେମାନେ ନଈ ପହଁରି ପହଁରି ପାରି ହୋଇ ଚାଲ ଥିବାବେଳେ ପଛରୁ ସୁବେଦାର ଚିନ୍ତାମଣି ସାହୁ, ଭଦ୍ରକପୁରର ଲେପଣନାଣ୍ଟ ରୁଦରଫୋର୍ଡ ମେଜର ଲର୍ଡ ପ୍ରୀଥି ସାହେବ ଓ ଅନ୍ୟ ୭୦ ଜଣ ସଶସ୍ତ୍ର ସୈନିକ ତାଙ୍କୁ ପଛରୁ ଗୋଡ଼ାଇଲେ । ଏହା ଦେଖି ସେମାନେ ଭ୍ରମରେ ପୂର୍ବ ଦିଗ ଛାଡ଼ି ପଶ୍ଚିମ ଦିଗର ଚଷାଖଣ୍ଡ ଗ୍ରାମର ବୁଦୁବୁଦୁକିଆ ଜଙ୍ଗଲ ଭରା ବିରାଟ ଉଇହୁଙ୍କା ତଳେ ଦେବଗୁଆଁ ପୋଖରୀ ପାଖରେ ଲୁଚି ପଡ଼ିଲେ । ତା ପରେ ସଶସ୍ତ୍ର ବାହିନୀ ଫାଙ୍କାଗୁଳି ମାରିବା ପରେ ୫୩ ମିନିଟ୍ ଧରି ଯୁଦ୍ଧ ହେଲା । ଚିତ୍ତପ୍ରିୟ ସେହିଠାରେ ମୃତ୍ୟୁଲାଭ କଲେ । ବାଘାଯତୀନ ବାମହାତ ନେଡ଼ିରେ ବୁଲେଟ୍ ବାଜିଲା ଓ ୯ ତାରିଖ ରାତ୍ରି ଦୁଇଟାରେ ବ୍ୟାଣ୍ଡେଜ୍ ଛିଣ୍ଡାଇ ହସି ହସି ଏ ଅବହେଳିତ ସୁପ୍ତ ଜାତି ପାଇଁ ମୃତ୍ୟୁ ବରଣ କଲେ । ନିରେନ ଓ ମନୋରଞ୍ଜନଙ୍କୁ ସେଶାଲ ଟ୍ରିବ୍ୟୁନାଲର ମାଜିଷ୍ଟ୍ରେଟ୍ କାର୍ଭି ସାହେବ ବିଚାର କରି ବାଲେଶ୍ୱରର ଜେଲର ଫାଶୀ ମଞ୍ଚରେ ୩ ଡିସେମ୍ବର ୧୯୧୫ ଦିନ ୩ଟାରେ ଫାଶୀ କାଠରେ ଝୁଲାଇ ଦିଆଗଲା । ଜ୍ୟୋତିଶଚନ୍ଦ୍ର ଯାବତ୍‌ଜୀବନ କାରାଦଣ୍ଡ ଭୋଗି ବ୍ରହ୍ମପୁର ଜେଲରେ ୪-୧୨-୧୯୨୫ରେ

ପାଗଳ ଅବସ୍ଥାରେ ପ୍ରାଣ ତ୍ୟାଗ କଲେ । ସେଦିନର ସେଇଁ ଡାକ୍ତରଖାନା ବାଲେଶ୍ୱରରେ ପ୍ରତିଷ୍ଠିତ ହୋଇଥିଲା ତାହା ଆଜି ବାରବାଟୀ ବାଳିକା ବିଦ୍ୟାଳୟରେ ପରିଣତ ହୋଇଛି । ମାତ୍ର ଆଜି ୬୮ ବର୍ଷ ବିତି ଯାଇଛି ଏବଂ ବାଘା ଯତୀନ୍ ଜନ୍ମର ଶତବାର୍ଷିକ ଅତୀତ ହୋଇଛି । ସେ ୧୯୭୯ ଡିସେମ୍ବର ୯ରେ ପୂର୍ବବଙ୍ଗର ଯଶୋର ଜିଲ୍ଲାରେ ଏକ ମଧ୍ୟବିତ୍ତ ବଙ୍ଗାଳି ପରିବାରରେ ଜନ୍ମ ହୋଇଥିଲେ । ପାଞ୍ଚବର୍ଷ ବୟସରୁ ପିତା ଛେଉଣ୍ଡ ହୋଇ ମାଆର ତତ୍ତ୍ୱାବଧାନରେ ଜାଜାତିପାତି କରି ସେ ସମଗ୍ର ବଙ୍ଗ ଓ ଓଡ଼ିଶା ନୁହେଁ. ଭାରତ ତଥା ବିଶ୍ୱର ଅମର ଶହୀଦ୍ ରୂପେ ଗଣନା ହେଲେ ମାତ୍ର ରାଣା ପ୍ରତାପ ମାତୃଭୂମି ଜନ୍ମଭୂମି ଚିତୋରକୁ ରକ୍ଷା କରିବାକୁ ଯାଇ ଯେଉଁ ଯୁଦ୍ଧ ବା ସମର ପ୍ରାଙ୍ଗଣରେ ପ୍ରାଣ ବିସର୍ଜି ଥିଲେ, ଦ୍ୱାପରରେ ପାଣ୍ଡବ କୌରବ ୧୮ ଦିନ ଯୁଦ୍ଧ କରି ଯେଉଁ ଯଶକୀର୍ତ୍ତି ଅର୍ଜି ଥିଲେ, ମାତ୍ର ୫୩ ମିନିଟ୍ ଯୁଦ୍ଧରେ ବୀର ଯତୀନ୍ଦ୍ରନାଥ ଏବଂ ତାଙ୍କର ପଞ୍ଚସାଥୀ ମାଆ ପାଇଁ ଜୀବନକୁ ବଳି ଦେଇ ଯାଇଥିଲେ, ତାହା ଯୁଗ ଯୁଗ ପାଇଁ ଭାରତ ଇତିହାସରେ "ନବଭାରତର ହଳଦୀ ଘାଟ୍" ନାମରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ । କିନ୍ତୁ ସର୍ବଶେଷରେ ଏତିକି ମତ ପ୍ରକାଶ ପାଇ ପାରେ ଯେ ଯେଉଁ ମହାନ୍ ବିପ୍ଳବୀମାନଙ୍କ ଆତ୍ମବଳୀ ଦାନରେ ଏ ଦେଶ ସ୍ୱାଧୀନ ହୋଇଛି ସେମାନଙ୍କ ଦାନ, ସେମାନଙ୍କ ତ୍ୟାଗ, ସେମାନଙ୍କ ନିଷ୍ଠା ଏଜାତି, ଏଦେଶ, ଏ ବିଶ୍ୱ କେବେହେଲେ ନଭୁଲି ଓ ସେମାନଙ୍କ ପ୍ରତିଭାର ଉପଯୁକ୍ତ ପୂଜା କରୁଥାଉ ।

ସଂପାଦକ, ଲବଣ ସତ୍ୟାଗ୍ରହ ସ୍ମୃତି କମିଟି,
ଇଞ୍ଚୁଡି ଓ ବାଘାଯତୀନ୍ କମିଟି
ବାଲେଶ୍ୱର–୨୧

## ଗ୍ରାମାଞ୍ଚଳରେ ପାମୋଲିନ୍ ତେଲ

ସମ୍ପ୍ରତି ରାଜ୍ୟରେ ସୋରିଷତେଲର ଦର ଅତି ମାତ୍ରାରେ ବୃଦ୍ଧି ପାଇଥିବାରୁ ଖାଇବା ତେଲର ଦର ସ୍ୱାଭାବିକ୍ ସ୍ତରକୁ ଆଣିବାର ପଦକ୍ଷେପ ସ୍ୱରୂପ କେନ୍ଦ୍ର ସରକାରଙ୍କ ନିକଟରୁ ମିଳିଥିବା 'ପାମୋଲିନ୍ ତେଲ' କିଲୋ ପ୍ରତି ୧୧ ଟଙ୍କା ଦରରେ ବିଭିନ୍ନ ପୌରାଞ୍ଚଳ ଓ ଗ୍ରାମାଞ୍ଚଳକୁ ଯୋଗାଇ ଦିଆଯାଉଛି । ଉଲ୍ଲେଖଯୋଗ୍ୟ ଘଟଣା ହେଉଛି ଯେ ଚଳିତ ମାସରେ ପ୍ରଥମ ଥର ପାଇଁ ଏହି ତେଲ ଗ୍ରାମାଞ୍ଚଳକୁ ଯୋଗାଇ ଦିଆଯାଉଛି । ପ୍ରକୃତ ଖାଉଟିମାନଙ୍କ ନିକଟରେ ଯେପରି ଏହି ତେଲ ପହଞ୍ଚି ପାରିବ, ସେଥିପ୍ରତି ସତର୍କ ଦୃଷ୍ଟି ରଖିବା ପାଇଁ ଜିଲ୍ଲା କଲେକ୍ଟରମାନଙ୍କୁ କୁହାଯାଇଛି । ଗ୍ରାମପଞ୍ଚାୟତ ସ୍ତରରେ ଏହି ତେଲର ବିକ୍ରୟ ବ୍ୟବସ୍ଥା ସମବାୟ ବିକ୍ରୟ କେନ୍ଦ୍ର ଜରିଆରେ କରାଯିବାର ବ୍ୟବସ୍ଥା କରାଯାଇଛି । ଏହା ଫଳରେ ତେଲ ଯୋଗାଣ କ୍ଷେତ୍ରରେ ହେର ଫେର ଆଶଙ୍କାକୁ ଏଡ଼ାଇ ଦିଆଯାଇ ପାରିବ ବୋଲି ଆଶା କରାଯାଉଛି ।

ଷ୍ଟୋରେଜ୍ ଏଜେଣ୍ଟମାନେ ଏହି ତେଲ ତାଙ୍କ ନିକଟରେ ପହଞ୍ଚିବା ପରେ ପରେ ଜିଲ୍ଲାର ସବ୍‌ଡିଭିଜନାଲ ଅଫିସର ଏବଂ ଜିଲ୍ଲା ଯୋଗାଣ ଅଫିସରଙ୍କୁ ଜଣାଇବାକୁ ନିର୍ଦ୍ଦେଶ ଦେବା ପାଇଁ ଜିଲ୍ଲାପାଳମାନଙ୍କୁ କୁହାଯାଇଛି । ଏହା ବ୍ୟତୀତ ଯଥାଯଥ ଭାବରେ ଏହି ପଦାର୍ଥର ମହଜୁଦ୍ ଓ ବଣ୍ଟନ ହେଉଛି କି ନାହିଁ, ତାହା ତଦାରଖ କରିବା ପାଇଁ ଜିଲ୍ଲାପାଳମାନଙ୍କ ଅଧୀନରେ ଅବସ୍ଥାପିତ କ୍ଷମତାପ୍ରାପ୍ତ ଅଫିସରମାନେ ଷ୍ଟୋରେଜ ଏଜେଣ୍ଟମାନଙ୍କ ଗୋଦାମ ପରିଦର୍ଶନ କରିପାରିବେ ।

ଗତ ଡିସେମ୍ବରମାସ ପାଇଁ ବିଭିନ୍ନ ଜିଲ୍ଲାର ସହରାଞ୍ଚଳ ଓ ଗ୍ରାମାଞ୍ଚଳକୁ ନିମ୍ନୋକ୍ତ ପରିମାଣର ପମୋଲିନ ତେଲ ଯୋଗାଇ ଦିଆଯାଇଥିଲା ।

ବଲାଙ୍ଗୀର ଜିଲ୍ଲାର ପୌରାଞ୍ଚଳ ପାଇଁ ୪୦ କୁଇଣ୍ଟାଲ ଓ ଗ୍ରାମାଞ୍ଚଳ ପାଇଁ ୨୪ କୁଇଣ୍ଟାଲ, ଢେଙ୍କାନାଳ ଜିଲ୍ଲାର ପୌରାଞ୍ଚଳ ପାଇଁ ୪୦ କୁଇଣ୍ଟାଲ ଓ ଗ୍ରାମାଞ୍ଚଳ ପାଇଁ ୨୪ କୁଇଣ୍ଟାଲ, କଳାହାଣ୍ଡି ଜିଲ୍ଲାର ପୌରାଞ୍ଚଳ ପାଇଁ ୩୦ କୁଇଣ୍ଟାଲ ଓ ଗ୍ରାମାଞ୍ଚଳ ପାଇଁ ୨୦ କୁଇଣ୍ଟାଲ, କୋରାପୁଟ ଜିଲ୍ଲାର ପୌରାଞ୍ଚଳ ପାଇଁ ୯୦ କୁଇଣ୍ଟାଲ ଓ ଗ୍ରାମାଞ୍ଚଳ ପାଇଁ ୪୦ କୁଇଣ୍ଟାଲ, ମୟୂରଭଞ୍ଜ ଜିଲ୍ଲାର ପୌରାଞ୍ଚଳ ପାଇଁ ୩୦ କୁଇଣ୍ଟାଲ ଓ ଗ୍ରାମାଞ୍ଚଳ ପାଇଁ ୨୪ କୁଇଣ୍ଟାଲ, କେନ୍ଦୁଝର ଜିଲ୍ଲାର ପୌରାଞ୍ଚଳ ପାଇଁ ୪୦ କୁଇଣ୍ଟାଲ ଓ ଗ୍ରାମାଞ୍ଚଳ ପାଇଁ ୧୬ କୁଇଣ୍ଟାଲ, ଫୁଲବାଣୀ ଜିଲ୍ଲାର ପୌରାଞ୍ଚଳ ପାଇଁ ୧୦ କୁଇଣ୍ଟାଲ ଓ ଗ୍ରାମାଞ୍ଚଳ ପାଇଁ ୧୨ କୁଇଣ୍ଟାଲ; ସମ୍ବଲପୁର ଜିଲ୍ଲାର ପୌରାଞ୍ଚଳ ପାଇଁ ୧୨୦ କୁଇଣ୍ଟାଲ ଓ ଗ୍ରାମାଞ୍ଚଳ ପାଇଁ ୩୨ କୁଇଣ୍ଟାଲ ଏବଂ ସୁନ୍ଦରଗଡ଼ ଜିଲ୍ଲାର ପୌରାଞ୍ଚଳ ପାଇଁ ୧୩୦ କୁଇଣ୍ଟାଲ ଓ ଗ୍ରାମାଞ୍ଚଳ ପାଇଁ ୧୬ କୁଇଣ୍ଟାଲ ତେଲ ଯୋଗାଇ ଦିଆଯାଇଛି ।

# ସଘନ ଗ୍ରାମ୍ୟ ଉନ୍ନୟନ ଯୋଜନା ଓ ତାର ସମୀକ୍ଷା

ଶ୍ରୀ କୃଷ୍ଣଚନ୍ଦ୍ର ନାୟକ

ଭାରତ ସରକାରଙ୍କ ଆଇ.ଆର.ଡ଼ି.ପି. କାର୍ଯ୍ୟକ୍ରମର ପରିପୂରକରୂପେ ଓଡ଼ିଶା ସରକାର୍ ନିଜର ଇ.ଆର.ଆର.ପି. ଯୋଜନା ପ୍ରସ୍ତୁତ କରିଛନ୍ତି । ନିକଟରେ ଓଡ଼ିଶାର ସମସ୍ତ ଜିଲ୍ଲା ତଥା ବ୍ଲକ୍ କାର୍ଯ୍ୟାଳୟରେ ସରକାର ଏହି କାର୍ଯ୍ୟକ୍ରମର ସମୀକ୍ଷା କରିଥିବା ବଡ଼ ଆନନ୍ଦର କଥା । ଏହାର ସଫଳ ରୂପାୟନରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ବିଭାବଗୁଡ଼ିକ ଜନତା ସମ୍ମୁଖରେ ଆଲୋଚନା କରିବା ସରକାରଙ୍କର ଏକ ସାହସିକ ପଦକ୍ଷେପ । ଏଥିରେ ପ୍ରକାଶ ପାଇଥିବା ବିଭିନ୍ନ ଦୁର୍ବଳତା ମଧ୍ୟରେ ସରକାରୀ କଳର ଉଦାସୀନତା, ଦୁର୍ନୀତି, ବ୍ଲକ୍ କାର୍ଯ୍ୟାଳୟ ଓ ବିଭିନ୍ନ ବ୍ୟାଙ୍କଗୁଡ଼ିକ ମଧ୍ୟରେ ସମନ୍ୱୟର ଅଭାବ, ଆବଶ୍ୟକୀୟ ସମ୍ବଳର ଅଭାବ ଇତ୍ୟାଦି ପ୍ରଧାନ । ଆମ୍ଭେମାନେ ଏହାର କେତେକ ଦିଗ ଏଠାରେ ଆଲୋଚନା କରିବା ।

ଏହି କାର୍ଯ୍ୟକ୍ରମର କାର୍ଯ୍ୟକାରୀତା ବହୁ ପରିମାଣରେ ବ୍ୟାଙ୍କମାନଙ୍କ ସହଯୋଗ ଉପରେ ନିର୍ଭରଶୀଳ ଥିବାରୁ ଏହାର ପୁଙ୍ଖାନୁପୁଙ୍ଖ ସମୀକ୍ଷା ଆବଶ୍ୟକ । ବ୍ୟାଙ୍କଗୁଡ଼ିକ ଏବେ ଗ୍ରାମାଞ୍ଚଳରେ ବହୁପରିମାଣରେ ଶାଖା ଖୋଲିଥିଲେ ମଧ୍ୟ ସେହି ଅଞ୍ଚଳରେ କାର୍ଯ୍ୟ କରିବାଲାଗି ଯଥେଷ୍ଟ ମାତ୍ରାରେ ସଜ୍ଜିତ ହୋଇନାହାନ୍ତି । କ୍ୱଚିତ୍ ଶାଖାରେ ଋଣଦାନ କାର୍ଯ୍ୟରେ ମୁଖ୍ୟ ଭୂମିକା ଗ୍ରହଣ କରୁଥିବା କ୍ଷେତ୍ରାଧିକାରୀ ବା ଫିଲ୍ଡ଼ ଅଫିସର ଅଛନ୍ତି । ଯଦିବା ଅଛନ୍ତି ବୁଲି କରିବା ଓ ପରିସଂଖ୍ୟାନ ସଂଗ୍ରହ କରିବାଲାଗି ସେମାନଙ୍କର ସମୟ ମୁଖ୍ୟତଃ ବ୍ୟବହୃତ ହୁଏ । ସେମାନଙ୍କୁ ସାହାଯ୍ୟ କରିବାଲାଗି ମଧ୍ୟ କ୍ୱଚିତ ସ୍ଥାନରେ କିରାଣୀ ଓ ଅନ୍ୟାନ୍ୟ ସାହାଯ୍ୟକାରୀ ଅଛନ୍ତି । ତେଣୁ ବର୍ତ୍ତମାନ ଯେଉଁ ଶାଖାରେ ଫିଲ୍ଡ଼ ଅଫିସର ନାହାନ୍ତି ସେଠାରେ ତୁରନ୍ତ ଫିଲ୍ଡ଼ ଅଫିସର ନିଯୁକ୍ତ କରିବା ଓ ଯେଉଁଠାରେ ଅଳ୍ପସଂଖ୍ୟକ ଫିଲ୍ଡ଼ଅଫିସର ଅଛନ୍ତି ଆଇ. ଆର. ଡ଼ି. ପି. ଓ ଇ. ଆର. ଆର. ପି. ଋଣ-କାର୍ଯ୍ୟଲାଗି ଖାସ୍ ଜଣେ ଜଣେ ଅଫିସର ରଖିବାର ବ୍ୟବସ୍ଥା କରିବା ଉଚିତ । ପୁନଶ୍ଚ ଜଣେ ବ୍ଲକ୍ ଉନ୍ନୟନ ଅଧିକାରୀଙ୍କୁ ବିଭିନ୍ନ କ୍ଷେତ୍ରରେ ଅନ୍ୟୂନ ୫ଜଣ ଅଫିସର ସାହାଯ୍ୟ କରୁଥିବା ସମୟରେ ସେହି ଅଞ୍ଚଳଲାଗି କାର୍ଯ୍ୟକରୁଥିବା ଜଣେ ବ୍ୟାଙ୍କ ମ୍ୟାନେଜରଙ୍କୁ ମାତ୍ର ଜଣେ ବା ଦୁଇଜଣ ଅଫିସରଙ୍କ ଉପରେ ନିର୍ଭର କରିବାକୁ ପଡ଼ିଥାଏ । ଯଦ୍ଦ୍ୱାରାକି ସୁସ୍ଥରୂପେ କାର୍ଯ୍ୟ ସଂପାଦନ କରିବା ସମ୍ଭବ ହେଉନାହିଁ । ଋଣ ଦରଖାସ୍ତଗୁଡ଼ିକ ବହୁଦିନଧରି ପଡ଼ିରହିଥିବା ଓ ଦରଖାସ୍ତକାରୀମାନେ ବାରମ୍ବାର ଦୌଡ଼ିବାର ଏହା ଏକ ବିଶେଷ କାରଣ ।

ଏହି କାର୍ଯ୍ୟକ୍ରମକୁ ଦିଗ୍‌ଦର୍ଶନ ଦେଉଥିବା ଡ଼ି.ଆର.ଡ଼ି.ଏ. ସଂସ୍ଥା ମଧ୍ୟ ଏପର୍ଯ୍ୟନ୍ତ ସବଳହୋଇ ନାହିଁ । କେନ୍ଦ୍ରସରକାରଙ୍କ ଘୋଷିତ ଆୟନୀତି ଅନୁସାରେ କ୍ଷୁଦ୍ର ଓ ନାମମାତ୍ର କୃଷକଙ୍କର ତାଲିକା ଏଯାବତ୍ ସଂପୂର୍ଣ୍ଣ ହୋଇନାହିଁ । ତେଣୁ ବହୁସମୟରେ ଧନୀ ଓ ଜମିଦାର ଗୋଷ୍ଠୀର ଲୋକେ ଏଥିଲାଗି ଉଦ୍ଦିଷ୍ଟ ସୁବିଧାମାନ ବେଆଇନଭାବେ ପାଉଥିବାର ଦେଖାଯାଉଛି । ସମସ୍ତ ବ୍ଲକ୍‌ସ୍ତରୀୟ ସମନ୍ୱୟ ସଭାସମିତିରେ ମଧ୍ୟ ଏହାର ପ୍ରତିନିଧିତ୍ୱ ବହୁପରିମାଣରେ ପ୍ରଭାବିତ କରିପାରନ୍ତା । ଋଣ ଗ୍ରହୀତାମାନଙ୍କୁ ସବ୍‌ସିଡ୍ ଦେବାରେ ଏହି ସଂସ୍ଥା ଠିକ୍‌ସମୟରେ ପଦକ୍ଷେପ ଗ୍ରହଣ କରିପାରୁନାହିଁ । ସେଥିଲାଗି ଋଣ ଗ୍ରହୀତାମାନେ ସୁଧରେ ଭାରାକ୍ରାନ୍ତ ହେବା ସହିତ ଋଣଦାନକାରୀ ସଂସ୍ଥା ଓ ଡ଼ି. ଆର. ଡ଼ି. ଏ. ମଧ୍ୟରେ ଅଯଥା ବାଦାନୁବାଦଲାଗି ରହୁଛି । ଏହା ଯୋଜନାର କାର୍ଯ୍ୟକାରୀତାରେ ବିଳମ୍ବ ଆଣିଦେଉଛି ।

ଏହି ଯୋଜନାକୁ କାର୍ଯ୍ୟକାରୀ କରିବାଲାଗି ଯେଉଁ ବ୍ଲକ୍‌ସ୍ତରୀୟ ସମନ୍ୱୟ ସମିତି ଗଠନ କରାଯାଇଛି ତାହା ଠିକ୍‌ରୂପେ କାର୍ଯ୍ୟକରୁନାହିଁ । ଏହି କମିଟିକୁ ବ୍ଲକ୍ ଅଫିସରଗଣ ପ୍ରକୃତ ଗୁରୁତ୍ୱ ଦେଉନଥିବା ଅନୁଭବ କରାଯାଉଛି ଓ ଏଥିରେ କୌଣସି ଫଳପ୍ରଦ ଆଲୋଚନା ହୋଇପାରୁନାହିଁ । ତେଣୁ ଏହି କମିଟିର ମିଟିଂଗୁଡ଼ିକ କେବଳ ବ୍ଲକ୍ ଅଫିସରେ ନହୋଇ ସେହି ଅଞ୍ଚଳରେ କାର୍ଯ୍ୟକରୁଥିବା ବ୍ୟାଙ୍କ ସମୂହରେ ପର୍ଯ୍ୟାୟକ୍ରମେ କରାଗଲେ ମିଟିଂଗୁଡ଼ିକ ଅଧିକ ଫଳପ୍ରଦହୋଇ ପାରନ୍ତା ।

ପୁନଶ୍ଚ ଆଇ. ଆର. ଡ଼ି. ପି. ଯୋଜନାରେ ଯେଉଁ କାର୍ଯ୍ୟଧାରା ଗ୍ରହଣ କରାଯାଉଛି ତାହାର ବ୍ୟତିକ୍ରମ ବହୁସମୟରେ ଲକ୍ଷ୍ୟ କରାଯାଉଛି । ଉଦାହରଣ ସ୍ୱରୂପ ଭୂମିଭିତ୍ତିକ କାର୍ଯ୍ୟକ୍ରମ ଓ ଟ୍ରାଇମ୍‌ସ କାର୍ଯ୍ୟକ୍ରମ ବିଶେଷଭାବେ କାର୍ଯ୍ୟକାରୀ ହେଉନାହିଁ । ରାଜସ୍ୱବିଭାଗ ଓ କୃଷିବିଭାଗ ତଥା ବ୍ଲକ୍ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟର ଅଭାବ ଏହାର ପ୍ରଧାନ କାରଣ । ସରକାର ଏହିଦିଗ ପ୍ରତି ଦୃଷ୍ଟି ଦେଲେ ବହୁଉପକାର ସାଧିତ ହୋଇପାରନ୍ତା । ଟ୍ରାଇସେମ୍ ସ୍କିମ୍ ମୁଖ୍ୟତଃ ଯୁବ ସମାଜକୁ ଅଧିକ କାର୍ଯ୍ୟକ୍ଷମ କରିବାଲାଗି ଉଦ୍ଦିଷ୍ଟ । କିନ୍ତୁ ଶିଳ୍ପଶିକ୍ଷା କେନ୍ଦ୍ରଗୁଡ଼ିକ ଏଥିପ୍ରତି ଉପଯୁକ୍ତ ଧ୍ୟାନ ଦେଉନଥିବାରୁ ଏହାମଧ୍ୟ ପଛୁଆ ରହୁଅଛି ।

ଏପର୍ଯ୍ୟନ୍ତ ଋଣଯୋଗାଇଦେବା କେବଳ ଏହିକାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ହୋଇ ରହିଛି । ଋଣପାଇସାରିବାପରେ

ଋଣଗ୍ରହୀତା ସେହି ନିର୍ଦ୍ଦିଷ୍ଟ କାର୍ଯ୍ୟରେ ବିନିଯୋଗ କଲେକିନାହିଁ ତାର ତତ୍ତ୍ୱ ନିଆଯାଉନାହିଁ । ଋଣଗ୍ରହୀତା-ମାନଙ୍କର ସଂଖ୍ୟାବୃଦ୍ଧି ଦୃଷ୍ଟିରୁ ବ୍ୟାଙ୍କଗୁଡ଼ିକ ଏହା ଦେଖିବା ସମ୍ଭବ ହେଉନାହିଁ । ବ୍ଲକ୍ କର୍ମଚାରୀଗଣ ଏହିଦିଗ ପ୍ରତି ଦୃଷ୍ଟିଦେଇ ଉପଯୁକ୍ତଭାବେ ବିନିଯୋଗ ନକରୁଥିବା ଋଣକାରୀମାନଙ୍କଠାରୁ ତାହାଫେରାଇ ଆଣିବାର ବ୍ୟବସ୍ଥାକଲେ ଭଲ ହୁଅନ୍ତା । ଏହି କାର୍ଯ୍ୟ-କ୍ରମରେ ବିନିଯୋଗ କରାଯାଉଥିବା ଆର୍ଥିକ ସମ୍ବଳ ସୀମିତ ହୋଇଥିବାରୁ ଋଣଆଦାୟ ଠିକ୍‌ସମୟରେ ହେବା ନିତାନ୍ତ ଆବଶ୍ୟକ । ଏଦିଗରେ ମଧ୍ୟ ବ୍ୟାଙ୍କ କର୍ମଚାରୀମାନଙ୍କୁ ବ୍ଲକ୍‌ଙ୍କରୁ ଉପଯୁକ୍ତ ସହଯୋଗ ମିଳିବା ଆବଶ୍ୟକ ।

ଏହି କାର୍ଯ୍ୟକ୍ରମରେ ଜିଲ୍ଲାଶିଳ୍ପ କେନ୍ଦ୍ରଗୁଡ଼ିକ ଏପର୍ଯ୍ୟନ୍ତ ଭଲଭାବେ ସାମିଲହୋଇ ପାରିନାହାନ୍ତି । ପ୍ରତ୍ୟେକ ଅଞ୍ଚଳଲାଗି କେଉଁ ଶିଳ୍ପଧନ୍ଦାଗୁଡ଼ିକ ଲୋକମାନଙ୍କୁ ରୋଜଗାର ଯୋଗାଇଦେବା ସହିତ ସେହି ଅଞ୍ଚଳରେ ବିକାଶକୁ ତ୍ୱରାନ୍ୱିତ କରିପାରିବ ତାହାର ବିଜ୍ଞାନ ସମ୍ମତ ଅନୁଧ୍ୟାନ ଏପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ । ସେହି କାରଣରୁ ବ୍ୟବସାୟ ଓ ଶଗଡ଼ ଟାଣିବା କାର୍ଯ୍ୟଲାଗି ବହୁଳ ପରିମାଣରେ ଋଣ ମଞ୍ଜୁର କରିବା ସକାଶେ ସୁପାରିଶ କରାଯାଉଛି । ଗାଁ ଗହଳରେ କମାର, କୁମ୍ଭାର, ବଢ଼େଇ, ଚମାର, ତନ୍ତୀ ଓ ବାଉଁଶ କାରିଗରମାନେ ଅର୍ଥାଭାବରୁ ହଇରାଣ ହେଉଥିବା ବେଳେ କେବଳ ଉପରୋକ୍ତ ଦୁଇକାମ ଲାଗି ଋଣ-ଦେବାର କୌଣସି ଅର୍ଥନାହିଁ । ଟ୍ରାଇସେମ୍ କାର୍ଯ୍ୟକ୍ରମ ଜିଲ୍ଲାଶିଳ୍ପ କେନ୍ଦ୍ରଗୁଡ଼ିକ ଲାଗି ଉଦ୍ଦିଷ୍ଟ ଏକ ବିଶେଷ କାର୍ଯ୍ୟକ୍ରମ କିନ୍ତୁ ଏହାକୁ ଏପର୍ଯ୍ୟନ୍ତ ଠିକ୍ ରୂପେ ବ୍ୟବହାର କରାଯାଇନାହିଁ ।

ବର୍ତ୍ତମାନ ସମ୍ବଳ ପରିସ୍ଥିତି ସଂପର୍କରେ ଆଲୋଚନା କରାଯାଉ । ସମ୍ବଳର ଅର୍ଥ କେବଳ ଆର୍ଥିକ ସମ୍ବଳ ନୁହେଁ । ଏହି କାର୍ଯ୍ୟକ୍ରମରେ ଋଣ ଗ୍ରହୀତାମାନଙ୍କୁ ଯୋଗାଇବା ଲାଗି ବହୁଳ ପରିମାଣର ଗାଈ, ବଳଦ, ଛେଳି, ମେଣ୍ଢା ଓ ଘୁଷୁରୀ ଆବଶ୍ୟକ ହୋଇ ପଡୁଛି । ସ୍ଥାନୀୟ ହାଟ ପ୍ରଭୃତିରେ ଏହା ଅଧିକାଂଶ ସମୟରେ ନ ମିଳୁଥିବାରୁ ଅସାଧୁ ବ୍ୟବସାୟୀମାନେ ଏହାର ସୁବିଧା ନେଇ ଦରିଦ୍ର ଲୋକମାନଙ୍କୁ ଲୁଣ୍ଠନ କରୁଛନ୍ତି । ଦୂର ସ୍ଥାନରୁ ଏହି ସବୁ ପ୍ରାଣୀମାନଙ୍କୁ କ୍ରୟ କରିବାରେ ପରିବହନ ଓ ଆନୁସଙ୍ଗିକ ଖର୍ଚ୍ଚରେ ଋଣର ବହୁ ଅଂଶ ବ୍ୟୟ ହୋଇ ଯାଉଛି । ତେଣୁ ଏହାର ସୁଲଭତା ଲାଗି କେତେକ ଜରୁରୀ କାର୍ଯ୍ୟକ୍ରମ କରିବାକୁ ପଡ଼ିବ । ପ୍ରତ୍ୟେକ ଜିଲ୍ଲାର ମୁଖ୍ୟ ପଶୁ ଚିକିତ୍ସକଙ୍କ ତତ୍ତ୍ୱାବଧାନରେ ସେହି ଜିଲ୍ଲାର ଜଳବାୟୁକୁ ସୁହାଇଲା ପରି ଉନ୍ନତ ଧରଣର ଗାଈଗୋରୁଙ୍କ ଲାଗି ଗୋଟିଏ ଡାଏରୀ ଫାର୍ମ ପ୍ରତିଷ୍ଠା କଲେ ଗୋପାଳନ ଲାଗି ଆଦର୍ଶ ପ୍ରତିଷ୍ଠା ହେବା ସହିତ ସେହିଠାରୁ ଗୋପାଳନ ଲାଗି ଆବଶ୍ୟକ ପରିମାଣର ଗୋରୁଗାଈ ଯୋଗାଇ ଦେଇହେବ । ସେହିପରି ପ୍ରତି ଜିଲ୍ଲାରେ ଅନ୍ୟୁନ ଗୋଟିଏ କରି ଘୁଷୁରୀ, ଛେଳି ଓ ମେଣ୍ଢା ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା କରାଗଲେ ଏହି ସଂପର୍କୀୟ ବାସ୍ତବ ସ୍ୱାସ୍ଥ୍ୟଗତ ଓ ଆନୁସଙ୍ଗିକ ସମସ୍ୟାର ପ୍ରତିକାର ସାଧନ ସହିତ ପର୍ଯ୍ୟାପ୍ତ ପରିମାଣର ଏହି ପଶୁଗୁଡ଼ିକ ମିଳିବାରେ ଅସୁବିଧା ରହିବ ନାହିଁ ।

ଋଣ ବିତରଣ କାର୍ଯ୍ୟରେ ବର୍ତ୍ତମାନର ବ୍ୟାଙ୍କ ଶାଖା-ଗୁଡ଼ିକ ପର୍ଯ୍ୟାପ୍ତ ହୋଇନଥିବାରୁ ଓ ସମବାୟ ସମିତି ଗୁଡ଼ିକର ବିସ୍ତାର ଅତ୍ୟାବଶ୍ୟକ ହୋଇଥିବାରୁ ଜନ-ସାଧାରଣଙ୍କୁ ଏଥିରେ ଯୋଗଦେବା ଲାଗି ଉତ୍ସାହିତ କରାଯାଉଛି । ଅଂଶଧନ କ୍ରୟ ଲାଗି ଅର୍ଥାଭାବ ଯେପରି ପ୍ରତିବନ୍ଧକ ନହୁଏ ସେଥିଲାଗି ସରକାର କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କ ତରଫରୁ ଅଂଶଧନ ଦେଇ ସେମାନଙ୍କୁ ସମବାୟ ସଭ୍ୟ କରାଇବାର ବ୍ୟବସ୍ଥା କରିଥିଲେ ମଧ୍ୟ ଏ ଦିଗରେ ବିଶେଷ ଦୃଷ୍ଟି ଦିଆଯାଉ-ନଥିବାରୁ ସମବାୟ ଆନ୍ଦୋଳନରେ ପ୍ରସାର ଘଟି ପାରୁ ନାହିଁ । ଏହା ହୋଇ ପାରିଲେ ଗ୍ରାମାଞ୍ଚଳରେ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇ ପାରନ୍ତା ।

ଏହି ଯୋଜନା ଅଧୀନରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟ ଖସଡ଼ା ପ୍ରଣୟନ କରିବା ସମୟରେ ଯଥେଷ୍ଟ ସତର୍କତା ଅବଲମ୍ବନ କରିବା ଆବଶ୍ୟକ । ଏଥିମଧ୍ୟରେ ଶଗଡ଼ ଯୋଗାଣ ଓ ଛେଳି ମେଣ୍ଢା ପାଳନ ଭଳି କେତୋଟି କାର୍ଯ୍ୟକ୍ରମ ଉପରେ ପ୍ରତିବନ୍ଧକ ଲଗାଯାଇଛି । ଯୋଜନା ପ୍ରଣୟନ ସମୟରେ ଯଥେଷ୍ଟ ଧ୍ୟାନ ନଦେଲେ ପରବର୍ତ୍ତୀ ସମୟରେ ଏହା ସମସ୍ତଙ୍କ ଲାଗି କ୍ଷତିକାରକ ହୋଇଥାଏ । ତେଣୁ ବ୍ୟାଙ୍କ, ଅର୍ଥନୀତି ଓ ଗ୍ରାମ୍ୟଶିଳ୍ପର ବିଶେଷଜ୍ଞମାନଙ୍କୁ ନେଇ ଗଠିତ ଏକ ପରାମର୍ଶଦାତା ମଣ୍ଡଳୀର ସୁପାରିଶମାନ ଧ୍ୟାନକୁ ନେଇ କାର୍ଯ୍ୟ କରିବା ଉଚିତ ।

ନୂତନ ବିଂଶସୂତ୍ରୀ କାର୍ଯ୍ୟକ୍ରମର ଅଂଶ ସ୍ୱରୂପ ଏବେ ପ୍ରଧାନ ମନ୍ତ୍ରୀଙ୍କର "କୃଷିଲାଗି ବିପୁଳ ସାହାଯ୍ୟ ଯୋଜନା" କାର୍ଯ୍ୟକାରୀ କରାଯାଉଛି । ପ୍ରତି ବ୍ଲକରେ ଅନ୍ୟୁନ ଏକ ହଜାର ଏକର ଜଳସେଚନ ବ୍ୟବସ୍ଥା ସହିତ ଉନ୍ନତ ଚାଷ ପ୍ରଣାଳୀ ଲାଗି କୃଷକମାନଙ୍କୁ ବିହନ, ସାର ଓ ଔଷଧ ପ୍ରଭୃତିର ଉପହାର ଥଳି ଯୋଗାଇ ଦିଆଯାଉଅଛି । ଏହା କୃଷିର ଉନ୍ନତି ସାଧନ ସହିତ ନିର୍ଦ୍ଦିଷ୍ଟ ଅଞ୍ଚଳମାନଙ୍କରେ କୃଷିଭିତ୍ତିକ ସମ୍ବଳ ସୃଷ୍ଟିରେ ଯଥେଷ୍ଟ ସହାୟକ ହେବ । ତେଣୁ ଏହି କାର୍ଯ୍ୟକ୍ରମ ଯେପରି ପ୍ରତିହତ ନହୁଏ ସେଥି ଲାଗି ଉଭୟ ସରକାରୀ କଳ ଓ ବ୍ୟାଙ୍କ କର୍ମକର୍ତ୍ତାଗଣ ଧ୍ୟାନ ଦେବା ଉଚିତ ।

ଭାରତୀୟ ଷ୍ଟେଟ ବ୍ୟାଙ୍କ,
ତୁଷୁରା, ଜି: ବଲାଙ୍ଗୀର ।

# ଇନ୍‌ସାଟ୍‌-୧ଖ

## ଓ ଓଡ଼ିଶାରେ ଟେଲିଭିଜନ କାର୍ଯ୍ୟକ୍ରମର ପ୍ରସ୍ତୁତି

ଶ୍ରୀ ପଦ୍ମଚରଣ ମହାନ୍ତି

ଭାରତୀୟ ଜାତୀୟ ଉପଗ୍ରହ ୧-କ (Indian National Satellite-1A) 'ଇନସାଟ୍-୧କ'ର ଅସ୍ୱାଭାବିକ ଅକାଳମୃତ୍ୟୁ, ଭାରତୀୟ ବିଜ୍ଞାନୀ ତଥା ଜନସାଧାରଣଙ୍କ ମନରେ ଗଭୀର ବିଷାଦର ଛାୟା ଖେଳାଇ ଦେଇଥିଲା । ୧୯୮୨ ମସିହା ସେପ୍ଟେମ୍ବର ମାସ ୬ ତାରିଖ ରାତ୍ରୀ ୨ ଘଣ୍ଟା ୫୭ ମିନିଟ ସମୟରେ ଯେତେବେଳେ ସମଗ୍ର ଜାତି ନିଦ୍ରିତାବସ୍ଥାରେ ନିମଗ୍ନ ଠିକ୍ ସେତିକିବେଳେ, କର୍ଣ୍ଣାଟକସ୍ଥିତ 'ହାସାନ' ଭୂପୃଷ୍ଠ ନିୟନ୍ତ୍ରଣ କେନ୍ଦ୍ରର ପ୍ରୋଜେକ୍ଟ ଡ଼ାଇରେକ୍ଟର ଘୋଷଣା କଲେ — 'Our bird is dead' mourned a space Scientist in Bangalore'. ଏହି ବହୁମୁଖୀ ଯୋଗାଯୋଗ ଉପଗ୍ରହର ନିର୍ମାଣ ନିମନ୍ତେ ୬୦ କୋଟି ଟଙ୍କା ବିନିଯୋଗ କରାଯାଇଥିଲା ଓ ଏହା କେପ୍‌କାଣ୍ଡେଭାଲରୁ ଅପ୍ରେଲ ମାସ ୧୦ ତାରିଖରୁ ନିଃକ୍ଷେପଣ କରାଯିବା ପରେ ମାତ୍ର ୧୪୮ ଦିନ ମହାକାଶରେ ରହିଥିଲା । 'ଇସ୍ରୋ' ସଂସ୍ଥାର ଜଣେ ବୈଜ୍ଞାନିକଙ୍କ ମତରେ ଏହା ଭାରତୀୟମାନଙ୍କ ପକ୍ଷରେ ଏକ ଅତ୍ୟନ୍ତ ଲଜ୍ୟାକର ଘଟଣା ଓ ଏହା ଫଳରେ ଆନୁସଙ୍ଗିକ କାର୍ଯ୍ୟକ୍ରମ ଗୁରୁତର ଭାବେ ବ୍ୟାହତହେଲା ।

ଇନସାଟ୍-୧କର ମୃତ୍ୟୁ ଫଳରେ ଭୂ-ପୃଷ୍ଠସ୍ଥ ଆନୁସଙ୍ଗିକ ବ୍ୟୟସହ ସମୁଦାୟ ୧୫୦ କୋଟି ଟଙ୍କାର କ୍ଷତି ଘଟିଲା । ଫଳରେ ସମୁଦାୟ ୨୦ଟି ଦୂରଦର୍ଶନ କେନ୍ଦ୍ର ମଧ୍ୟରୁ ୮ଟି କେନ୍ଦ୍ର ଯେଉଁଠାରେ କି ପ୍ରତ୍ୟହ ୯୦ ମିନିଟ ଲେଖାଏଁ ଟେଲିଭିଜନ କାର୍ଯ୍ୟକ୍ରମ ପରିପ୍ରକାଶର ବ୍ୟବସ୍ଥା କରାଯାଇଥିଲା, ତାହା ବ୍ୟାହତ ହେଲା । ସେହିପରି ୧୧ଟି ରେଡିଓ ଟରମିନାଲ ଯେଉଁଠାରେ କି ଜାତୀୟ କାର୍ଯ୍ୟକ୍ରମ ପ୍ରସାରର ବ୍ୟବସ୍ଥା କରାଯାଇଥିଲା, ତାହାର କାର୍ଯ୍ୟ ମଧ୍ୟ ବନ୍ଦ ହୋଇଗଲା । ଓଡିଶା ଓ ଆନ୍ଧ୍ରପ୍ରଦେଶରେ ୩୦୦ଟି ଲେଖାଏଁ ପ୍ରତ୍ୟକ୍ଷ ଧାରଣ କ୍ଷମ ଟେଲିଭିଜନ ସେଟ୍ ( DRS ) ବ୍ୟବସ୍ଥା କାର୍ଯ୍ୟକାରୀ ହୋଇ ପାରିଲା ନାହିଁ ।

ବିଜ୍ଞାନର ସଫଳତା, ବିଫଳତାର ଧ୍ୱଂସ ସ୍ତୁପ ମଧ୍ୟରୁ ମିଳିଥାଏ । ଏହି ଆଶାରେ ଆଶାୟୀ ହୋଇ ଆମ ଦେଶର ବିଜ୍ଞାନୀ, ଇଞ୍ଜିନିୟରମାନେ ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କଲେ ଓ ଇନସାଟ୍-୧ଖର ନିର୍ମାଣ ତଥା ପ୍ରେରଣ ନିମନ୍ତେ ଜୋରସୋରରେ ଉଦ୍ୟମ ଆରମ୍ଭ କରିଦେଲେ । ଆମ ଦେଶର ଜନପ୍ରିୟ ସରକାର ଆନୁସଙ୍ଗିକ ଅର୍ଥ ଓ ଉତ୍ସାହ ଯୋଗାଇବାରେ ଯଥେଷ୍ଟ ଆଗ୍ରହ ପ୍ରକାଶ କଲେ । ଫଳରେ ଇନସାଟ୍-୧ଖ ଯେକି, ଇନସାଟ୍-୧କର ଠିକ୍ ଅବିକଳ ଅପରୂପ ଭାବେ ଏକ ଅତିରିକ୍ତ ଉପଗ୍ରହ ତଥା ପ୍ରଥମଟିର ଅଚଳ ଅବସ୍ଥାରେ କାର୍ଯ୍ୟ ସମ୍ପାଦନ କରିବା ନିମନ୍ତେ ଉଦ୍ଦିଷ୍ଟ ଥିଲା ( Stand-by satellite ) ମହାକାଶକୁ ତାହାର ଉତ୍କ୍ଷେପଣ କାର୍ଯ୍ୟକ୍ରମ ଅତ୍ୟନ୍ତ ତ୍ୱରାନ୍ୱିତ ହୋଇ ଉଠିଲା । ଫଳରେ ଇନସାଟ୍-୧ଖ ମୁଖ୍ୟ ଉପଗ୍ରହ ସ୍ଥାନ ଦଖଲ କଲା । ଇନସାଟ-୧ଗ, ଉପଗ୍ରହକୁ ୧୯୮୯ ମସିହାରେ ମହାକାଶକୁ ଉତ୍କ୍ଷେପଣ କରାଯିବାର ବ୍ୟବସ୍ଥା ଥିଲା । ବର୍ତ୍ତମାନ ଏହାର ଉତ୍କ୍ଷେପଣ କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରାଯିବ ; ଫଳରେ ଏହା ଯେପରି ମହାକାଶରେ ଇନସାଟ୍-୧ଖର ଅତିରିକ୍ତ ଉପଗ୍ରହ ବା ଷ୍ଟାଣ୍ଡବାଏ ହିସାବରେ କାର୍ଯ୍ୟ କରିବ ।

ରାତ୍ରିର ଅନ୍ଧକାରକୁ ଦିବାଲୋକପରି ଆଲୋକିତ କରି ଆମେରିକା ମହାକାଶ ସଟଲଯାନ ଚାଲେଞ୍ଜର, ଭାରତୀୟ ଜାତୀୟ ଯୋଗାଯୋଗ ବହୁମୁଖୀ ଉପଗ୍ରହ ଇନସାଟ୍-୧ଖକୁ ଧରି ଅଗଷ୍ଟମାସ ୩୦ ତାରିଖ ନିର୍ଦ୍ଧାରିତ ଭାରତୀୟ ସମୟ ଦିବା ଘ୧୧ଣ୍ଟା ୪୫ ମିନିଟଠାରୁ ୧୭ ମିନିଟ ବିଳମ୍ବରେ ମହାକାଶକୁ ଯାତ୍ରା ଆରମ୍ଭ କଲା । ଆକାଶରେ ଘଡ଼ଘଡି ସହ ମେଘ ସୃଷ୍ଟି ହେବାରୁ "ନାସା" ସଂସ୍ଥା ଚାଲେଞ୍ଜରର ଯାତ୍ରା ସମୟ ଘୁଞ୍ଚାଇ ଦେଇଥିଲେ । ଇନସାଟ୍-୧ଖର ଓଜନ ହେଉଛି ୩୩୭୬ କିଲୋଗ୍ରାମ ଓ କେବଳ ଉପଗ୍ରହଟିର ଓଜନ ୧୧୯୩.୬୬ କିଲୋଗ୍ରାମ । ଏଥିରେ ଥିବା ଇନ୍ଧନ ୮ବର୍ଷ ୫ ମାସ ପର୍ଯ୍ୟନ୍ତ କାର୍ଯ୍ୟ କରିବ । ଇନସାଟ-୧ଖ, ମହାକାଶକୁ ପ୍ରେରଣ ହେବାର ୨୫ ଘଣ୍ଟା ୧୫ ମିନିଟ ପରେ, ଏସ. ଟି. ଏସ.ରୁ ଅଲଗା ହୋଇଯିବ । ଏହି ସମୟ ମଧ୍ୟରେ "ନାସା" ସଂସ୍ଥା ମହାକାଶ ଯାନର ଗତିବିଧିକୁ ନିୟନ୍ତ୍ରଣ କରିବ । ମହାକାଶ ଯାନର ଯେଉଁ ପ୍ରକ୍ରିୟା ସଙ୍ଗଠିତ ହେବ ତାହା "ହାସାନ"ଠାରେ ଥିବା ମାଷ୍ଟର କଣ୍ଟ୍ରୋଲ ଫାସିଲିଟଠାରେ ଜଣାପଡିବ । କେନେଡି ମହାକାଶ କେନ୍ଦ୍ରରୁ ପ୍ରେରଣ ହେବାର, ଦଶଦିନ ପରେ ଇନସାଟ୍-୧ଖ ୭୦ ଡିଗ୍ରୀ ଅକ୍ଷାଂଶରେ

ରହି ତାର କାର୍ଯ୍ୟ ଆରମ୍ଭ କରିଛି । ଅକ୍ଟୋବର ମାସରୁ ଏହା ଠିକ୍‌ଭାବେ କାର୍ଯ୍ୟ ଆରମ୍ଭ କରିବ ବୋଲି ସ୍ଥିର କରାଯାଇଛି । ଇନସାଟ୍-୧ଖ ମହାକାଶକୁ ପ୍ରେରଣ ହେବାର ୬୭ ଦିନ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ପରୀକ୍ଷା ନିରୀକ୍ଷା ମଧ୍ୟରେ ଗତିକରିବ । ବର୍ତ୍ତମାନ ଅର୍ଥାତ୍ ୧୮-୯-୧୯୮୩ ତାରିଖରେ ଏହା ୭୪ ଡିଗ୍ରୀ ଦ୍ରାଘିମାରେ ୩୫,୬୮୦ କିଲୋମିଟର ଦୂରରେ ରହିଛି ।

କିନ୍ତୁ ହଠାତ୍ ଇନସାଟ୍-୧ଖର ସୌରପକ୍ଷଟି (Solar Array) ଠିକ ଭାବରେ ସମ୍ପୂର୍ଣ୍ଣ ବିସ୍ତାର ଲାଭ କରି ନ ପାରି ସଙ୍କୁଚିତ ଅବସ୍ଥାରେ ରହିଯିବା ଦ୍ୱାରା ବୈଜ୍ଞାନିକମାନଙ୍କ ମଧ୍ୟରେ ହତାଶର ଛାୟା ଖେଳି ଯାଇଥିଲା । ଠିକ୍ ଗତବର୍ଷ ଏହି ସମୟରେ ଇନସାଟ୍-୧କର ସୌରପକ୍ଷଟି ଉନ୍ମୋଚିତ ନ ହେବାରୁ ମହାକାଶକୁ ଯିବା ପରେ ଅକାମୀ ହୋଇ ପଡିଥିଲା । ଏହି ସୌରପକ୍ଷ, ସୂର୍ଯ୍ୟ ରଶ୍ମିରୁ ଆବଶ୍ୟକ ଶକ୍ତି ସଂଗ୍ରହ କରି ଉପଗ୍ରହଟିକୁ ଜୀବିତ ରଖିବା ସହିତ ମହାକାଶରେ ଏହାର ଭାରସାମ୍ୟ ରକ୍ଷା କରିଥାଏ । କିନ୍ତୁ ସୁଖର କଥା ଗତ ତା୧୪-୯-୧୯୮୩ ତାରିଖ ପ୍ରକାଶିତ ସମ୍ବାଦରୁ ଜଣାଯାଏ, ବହୁମୁଖୀ ଭାରତୀୟ ଯୋଗାଯୋଗ ଉପଗ୍ରହ, ଇନସାଟ୍-୧ଖର ସୌରପକ୍ଷଟିକୁ ସଫଳତାର ସହ ବିସ୍ତାରିତ କରାଯାଇ ପାରିଛି । ଫଳରେ ୧୨ ଦଶମିକ ୬୫ ମିଟର ଦୈର୍ଘ୍ୟ ବିଶିଷ୍ଟ ଏହି ସୌରପକ୍ଷଟି ଉନ୍ମୋଚିତ ହେବା ସହିତ ଉପଗ୍ରହଟିକୁ କାର୍ଯ୍ୟକ୍ଷମ ଅବସ୍ଥାକୁ ଆଣିବା ନିମନ୍ତେ ପ୍ରୟୋଜନୀୟ ସମସ୍ତ କାର୍ଯ୍ୟକ୍ରମ ଶେଷ ହୋଇଛି । ଏଣିକି ଉପଗ୍ରହଟିକୁ ନିର୍ଦ୍ଧାରିତ ସ୍ଥାନରେ ସ୍ଥାପନ କରିବା ପରେ ଦେଶର ଟେଲି ଯୋଗାଯୋଗ, ଟେଲିଭିଜନ ଓ ବେତାର ପ୍ରସାରଣ ସହିତ ପାଣିପାଗ ସମ୍ପର୍କୀୟ ତଥ୍ୟ ଇତ୍ୟାଦି ସଂଗ୍ରହରେ ଉନ୍ନତି ସାଧିତ ହେବ ।

ଇନସାଟ୍-୧ଖର ମହାକାଶରେ ସଫଳ ଅବସ୍ଥାପନ ଉପରେ ଆମ ଦେଶର ବହୁମୁଖୀ କାର୍ଯ୍ୟକ୍ରମ ନିର୍ଭର କରେ । ପ୍ରଥମ ପର୍ଯ୍ୟାୟରେ ଓଡିଶା, ଆନ୍ଧ୍ର ପ୍ରଦେଶ, ମହାରାଷ୍ଟ୍ର, ଗୁଜୁରାଟ, ବିହାର ଓ ଉତ୍ତର ପ୍ରଦେଶର ଗ୍ରାମାଞ୍ଚଳମାନଙ୍କରେ ଅବସ୍ଥିତ ପ୍ରାଥମିକ ବିଦ୍ୟାଳୟ-ଗୁଡିକ ଟେଲିଭିଜନ କାର୍ଯ୍ୟକ୍ରମ ଦ୍ୱାରା ବିଶେଷ ଉପକୃତ ହେବେ । ଏହି ଛଅଟି ରାଜ୍ୟର ତିନିଟି କରି ଜିଲ୍ଲାରେ ୨୦୦ ଲେଖାଏଁ ଗ୍ରାମ ଏହି ଟେଲିଭିଜନ କାର୍ଯ୍ୟକ୍ରମ ପରିସର ମଧ୍ୟକୁ ଆସିବେ । ଉପଗ୍ରହରୁ ପ୍ରତ୍ୟକ୍ଷ ଭାବେ ଗ୍ରହଣ କରୁଥିବା ଦୂରଦର୍ଶନ କାର୍ଯ୍ୟକ୍ରମ ଗ୍ରାମମାନଙ୍କୁ ସ୍ୱତନ୍ତ୍ରଭାବେ ନିର୍ମିତ ସେଟ ପ୍ରଦାନ କରାଯିବ । ପ୍ରତ୍ୟେକ ସେଟ ନିମନ୍ତେ ଏକ ୧୨ ମିଟର ପରିମିତ ବ୍ୟାସର କୁକୁଟାକୃତି ସୂକ୍ଷ୍ମ ତାର ଜାଲିରେ ନିର୍ମିତ ( Chiken Mesh ) ଛତା ବା ଆଣ୍ଟିନା ଅଛି । ଟେଲିଭିଜନ କାର୍ଯ୍ୟକ୍ରମଗୁଡିକ ସ୍ଥାନୀୟ ଦୂରଦର୍ଶନ କେନ୍ଦ୍ରରେ ପ୍ରସ୍ତୁତ କରାଯାଇ ଭୂ-ପୃଷ୍ଠ କେନ୍ଦ୍ରରୁ ଉପଗ୍ରହକୁ ପଠାଯାଏ । ବସ୍ତୁତଃ ଉପଗ୍ରହ ସହ ଯୋଗାଯୋଗ ଦିଲ୍ଲୀସ୍ଥ (ତ୍ରୁଲଣା ସାହାରା) ଭୂ-କେନ୍ଦ୍ରରୁ ହିଁ କରାଯିବ ।

ପୁନଃ ପରିପ୍ରସାର ବ୍ୟବସ୍ଥାରେ, ଦୂରଦର୍ଶନ କେନ୍ଦ୍ର ଉପଗ୍ରହରୁ ସିଧାସଳଖ ଟେଲିଭିଜନ କାର୍ଯ୍ୟକ୍ରମ ଗ୍ରହଣ କରିବ ଓ ଉଚ୍ଚ ଶକ୍ତି ସଂପନ୍ନ (ଭି. ଏଚ୍. ଏଫ୍.) ଟେଲି-ଭିଜନ ସେଟ୍‌ଗୁଡ଼ିକ ତାହା ପୁନଃ ପରିପ୍ରସାର, ସେହି ଦୂରଦର୍ଶନ କେନ୍ଦ୍ରମାଧ୍ୟମରେ କରାଇବ । ସମ୍ବଲପୁର ଓ ହାଇଦ୍ରାବାଦରେ ଏହି ପୁନଃ ପରିପ୍ରସାର ବ୍ୟବସ୍ଥା ପୂର୍ବରୁ ଅଛି ଓ ନାଗପୁରରେ ଏହା ନୂତନଭାବେ କରା-ଯାଉଛି ।

ଦେଶର ନିର୍ଦ୍ଦିଷ୍ଟ ଅନୁନ୍ନତ, ଅଗମ୍ୟ ତଥା ସୁଦୂର ପ୍ରାନ୍ତରେ ଅର୍ଥନୈତିକ ଓ ସାମାଜିକ ଉନ୍ନତିର ବିକାଶ ସାଧନ, ଇନ୍‌ସାଟ୍-୧ଖ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ । ଏହି ମୁଖ୍ୟ ଉଦ୍ଦେଶ୍ୟଗୁଡ଼ିକ ହେଲା—(୧) କୃଷି ଉତ୍ପାଦନର ଅଭିବୃଦ୍ଧି (୨) ସମାଜର ଦୁର୍ବଳ ଶ୍ରେଣୀର ଲୋକମାନଙ୍କୁ ଉନ୍ନୟନ ତଥା ସଂପ୍ରସାରଣ କାର୍ଯ୍ୟକ୍ରମରେ ସହଯୋଗ କରିବା ନିମନ୍ତେ ଉତ୍ସାହ ପ୍ରଦାନ (୩) ଗାଁ ଗହଳରେ ଜନ-ସାଧାରଣଙ୍କୁ ଆନୁସଙ୍ଗିକ କର୍ମସଂସ୍ଥାନ ମାଧ୍ୟମରେ ନିଜ ନିଜର ଆର୍ଥିକ ବ୍ୟବସ୍ଥାର ପରିବର୍ତ୍ତନ ନିମନ୍ତେ ପ୍ରେରଣା ପ୍ରଦାନ, (୪) ଉତ୍ତମ ସ୍ୱାସ୍ଥ୍ୟ ଓ ସୁସ୍ଥଜୀବନ-ଯାପନ ତଥା ପରିବାର କଲ୍ୟାଣ ନିମନ୍ତେ ସମୁଚିତ ପ୍ରେରଣା ପ୍ରଦାନ (୫) ବୈଜ୍ଞାନିକ ଚିନ୍ତାଧାରାର ବୀଜ ବପନ, (୬) ସାମାଜିକ ନ୍ୟାୟର ଭିତ୍ତିଭୂମୀ ସଂସ୍ଥାପନ (୭) ଦେଶ ବିଦେଶର ସଂବାଦ, ସଦ୍ୟ ଘଟଣା ପ୍ରବାହ, କ୍ରୀଡା ତଥା ଶାରୀରିକ ବ୍ୟାୟାମ ଓ ଗୁରୁତ୍ୱପୂର୍ଣ୍ଣ ଘଟଣାବଳୀ ଜାଣିବା ନିମନ୍ତେ ଆଗ୍ରହ ଉଦ୍ରେକ, (୮) ଶିଶୁ ଓ ଯୁବକ-ମାନଙ୍କ ମଧ୍ୟରେ ଆନୁଷ୍ଠାନିକ ତଥା ଅଣଆନୁଷ୍ଠାନିକ ଶିକ୍ଷା ପ୍ରତି ଆଗ୍ରହର ଉଦ୍ରେକ ଓ ଶିକ୍ଷକମାନଙ୍କ ଦକ୍ଷତାର ପରିବର୍ଦ୍ଧନ ।

ଆମ ଦେଶରେ ଇନ୍‌ସାଟ୍—୧ଖ ମାଧ୍ୟମରେ ଟେଲି-ଭିଜନ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ନିମନ୍ତେ ଆନୁଷ୍ଠାନିକ ବ୍ୟବସ୍ଥା ଅତ୍ୟନ୍ତ କ୍ଷିପ୍ର ଗତିରେ ଚାଲିଛି । ସମ୍ବଲପୁର, ଢେଙ୍କାନାଳ ଓ ବଲାଙ୍ଗୀର ଜିଲ୍ଲା, ଟେଲିଭିଜନ ପ୍ରସାରିତ ପୁଞ୍ଜ ନିମନ୍ତେ ସ୍ଥିରୀକୃତ ହୋଇଛି । ସମ୍ବଲପୁର ଜିଲ୍ଲା "ସାଇଟ୍" କାର୍ଯ୍ୟକ୍ରମ ସମୟରେ ୧୯୭୫-୭୬ ମସିହାରେ ଟେଲିଭିଜନ କାର୍ଯ୍ୟକ୍ରମର ସୁଯୋଗ ଉପଭୋଗ କରୁଥିଲା । "ସାଇଟ୍" କାର୍ଯ୍ୟକ୍ରମର ସଫଳତା ଉପରେ ଭିତ୍ତିକରି, ସମ୍ବଲପୁର ଜିଲ୍ଲାରେ ଆଞ୍ଚଳିକ ଟେଲିଭିଜନ କାର୍ଯ୍ୟକ୍ରମ ବା ଟେରେଷ୍ଟ୍ରିଆଲ ଯୋଜନା ଅନୁସାରେ ୧୯୭୮ ମସିହା ଅପ୍ରେଲ ମାସରୁ, ସମ୍ବଲପୁର ସହରରୁ ୪୦ କିଲୋମିଟର ବ୍ୟବଧାନ ମଧ୍ୟରେ ଏହି ଟେଲିଭିଜନ ବ୍ୟବସ୍ଥା ଚାଲି ଆସୁଅଛି । ଏହି ଉଦ୍ଦେଶ୍ୟରେ ସମ୍ବଲପୁର ଜିଲ୍ଲାର ଗ୍ରାମାଞ୍ଚଳରେ ୨୬୦ଟି ଉଚ୍ଚ ଶକ୍ତି ସଂପନ୍ନ(ଭି.ଏଚ୍. ଏଫ୍.) ଟେଲିଭିଜନ ସେଟ୍ ପ୍ରାଥମିକ ବିଦ୍ୟାଳୟରେ ସ୍ଥାପନ କରାଯାଇ, ଟେଲିଭିଜନ କାର୍ଯ୍ୟକ୍ରମ ପରିଚାଳନା କରା-ଯାଉଛି । ଇନ୍‌ସାଟ୍—୧ଖର କାର୍ଯ୍ୟପରିସର ମଧ୍ୟରେ ସମ୍ବଲପୁର ୨୬୦ଟି ଟେଲିଭିଜନ ସେଟ୍ ବ୍ୟତୀତ ଢେଙ୍କାନାଳ ଓ ବଲାଙ୍ଗୀର ଜିଲ୍ଲାର ୨୦୦ଟି ଲେଖାଏଁ ପ୍ରତ୍ୟକ୍ଷ ଗ୍ରହଣକ୍ଷମ ଟେଲିଭିଜନ ସେଟ୍ (ଡି. ଆର. ଏସ୍.) ଯୋଗାଇ

ଦିଆଯିବ । ଏହି ଟେଲିଭିଜନ ସେଟ୍ ଅବସ୍ଥାପନ ଯେପରି ଆସନ୍ତା ଅକ୍ଟୋବର ମାସ ମଧ୍ୟରେ ସମାପ୍ତ ହେବ; ସେଥିପାଇଁ ବିଦ୍ୟୁତ୍‌କରଣ ଇତ୍ୟାଦି ବ୍ୟବସ୍ଥା ଆରମ୍ଭ ହୋଇ-ଗଲଣି । ଫଳରେ ଇନ୍‌ସାଟ୍‌—୧ଖରୁ ଟେଲିଭିଜନ କାର୍ଯ୍ୟକ୍ରମ ନଭେମ୍ବର ମାସସୁଦ୍ଧା ପ୍ରସାର କରାଗଲେ; ଟେଲି-ଭିଜନ ସେଟ୍‌ରେ ଯେପରି ତାହା ଗାଁ ଗହଳରେ ଦୃଶ୍ୟମାନ ହେବ ସେଥିପାଇଁ ସଂପୃକ୍ତ ବିଭାଗଗୁଡ଼ିକ କର୍ମତତ୍ପର ହୋଇ ପଡ଼ିଛନ୍ତି ।

ଟେଲିଭିଜନ ନିମନ୍ତେ ବିଦ୍ୟାଳୟ କାର୍ଯ୍ୟକ୍ରମ ଆମ ପ୍ରଦେଶ ପାଇଁ ଦୁଇଟି ସଂସ୍ଥା ପ୍ରସ୍ତୁତ କରୁଛନ୍ତି । କଟକ ଦୂରଦର୍ଶନ କେନ୍ଦ୍ର ଓ ସି.ଇ.ଟି.; ଏନ୍.ସି. ଇ.ଆର.ଟି. ନୂଆଦିଲ୍ଲୀ । ପ୍ରତ୍ୟେକ ୨୦ ମିନିଟ ଲେଖାଁଏ କାର୍ଯ୍ୟକ୍ରମ ପ୍ରସ୍ତୁତ କରନ୍ତି । ଏହି କାର୍ଯ୍ୟକ୍ରମ ଦୁଇ ଶ୍ରେଣୀର ପିଲାଙ୍କ ନିମନ୍ତେ ପ୍ରସ୍ତୁତ ହୋଇଥାଏ । ୫ ବର୍ଷରୁ ୮ବର୍ଷ ପିଲାଙ୍କ ନିମନ୍ତେ ସକାଳ ୧୦—୩୦ ମିନିଟରୁ ୧୦—୫୦ ମିନିଟ ପର୍ଯ୍ୟନ୍ତ ଓ ୯ବର୍ଷରୁ ୧୧ବର୍ଷ ପିଲାଙ୍କ ନିମନ୍ତେ ୧୦—୫୫ ମିନିଟରୁ ୧୧—୧୫ ମିନିଟ ପର୍ଯ୍ୟନ୍ତ । ୫ମିନିଟ ସମୟ ଦୁଇ କାର୍ଯ୍ୟକ୍ରମ ମଧ୍ୟରେ ବିରତି ନିମନ୍ତେ ରଖାଯାଇଛି । ପ୍ରତ୍ୟେକ ଶନିବାର ଦିନ ଶିକ୍ଷକମାନଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅଛି ଓ ଏହାର ପ୍ରସ୍ତୁତି ସି.ଇ.ଟି. କରିଥାଏ । ଶିକ୍ଷା କାର୍ଯ୍ୟକ୍ରମର ବିଷୟ ବସ୍ତୁ କେବଳ ପାଠ୍ୟପୁସ୍ତକ ଆଧାରିତ ନୁହେଁ । ଏହା ସାଧାରଣ ଭାବେ ଅତିରିକ୍ତ ଓ ସମୃଦ୍ଧି—ସାମଗ୍ରୀ ପାଠ୍ୟକ୍ରମ ରୂପେ ପରିଗଣିତ ହୋଇ-ଥାଏ । ଶିକ୍ଷା କାର୍ଯ୍ୟକ୍ରମର ପ୍ରାକ୍ ଓ ପଶ୍ଚାତ୍ କଥନ ପରିସ୍ଥଜନା ନିମନ୍ତେ ଶିକ୍ଷକମାନଙ୍କୁ କାର୍ଯ୍ୟକ୍ରମର ବିବରଣୀ, ଶିକ୍ଷକ—ସହାୟକ ପୁସ୍ତିକା, ଏବଂ ଗବେଷଣା ଓ ମୂଲ୍ୟା-ୟନରେ ସାହାଯ୍ୟ କରିବା ନିମନ୍ତେ ଦୈନିକ ବିବରଣୀ ପୁସ୍ତିକା ଓ ମାସିକ ରିପୋର୍ଟ ଫର୍ମ ଇତ୍ୟାଦି ଏସ୍. ସି. ଇ. ଆର. ଟି. ସ୍ଥିତ ଶିକ୍ଷା ଉଦ୍ୟୋଗ କେନ୍ଦ୍ର ତରଫରୁ ଯୋଗାଇ ଦିଆଯାଇଥାଏ । ଶିକ୍ଷକମାନଙ୍କୁ ଟେଲିଭିଜନ ସେଟ୍‌ର ସଂରକ୍ଷଣ ଓ ଏହା ମାଧ୍ୟମରେ କିପରି ଶିକ୍ଷା ଦିଆଯିବ ସେଥିପାଇଁ ତତ୍ତ୍ୱାବଧାରକ ତାଲିମ ସମ୍ବଲପୁର ଜିଲ୍ଲାରେ ଗତ ମାର୍ଚ୍ଚମାସରେ ୫୦୦ ଶିକ୍ଷକ ତତ୍ତ୍ୱାବଧାରକ ଓ ପରିଦର୍ଶକମାନଙ୍କୁ ଦିଆଯାଇଛି ଓ ଆସନ୍ତା ନଭେମ୍ବର ମାସ ଆଡକୁ ଢେଙ୍କାନାଳ ଓ ବଲାଙ୍ଗୀର ଜିଲ୍ଲାର ତତ୍ତ୍ୱା-ବଧାରକମାନଙ୍କୁ ତାଲିମ ଦେବାର ବ୍ୟବସ୍ଥା କରାଯାଇଛି । ସାଧାରଣତଃ ପ୍ରତ୍ୟେକ ଟେଲିଭିଜନ ବିଦ୍ୟାଳୟରେ ଦୁଇ-ଜଣ ତତ୍ତ୍ୱାବଧାରକ ଥାଆନ୍ତି । ସେମାନେ ସକାଳବେଳା ଶିକ୍ଷା କାର୍ଯ୍ୟକ୍ରମ ବ୍ୟତୀତ ସନ୍ଧ୍ୟା କାର୍ଯ୍ୟକ୍ରମ ମଧ୍ୟ ପରି-ଚାଳନା କରିଥାଆନ୍ତି । ସନ୍ଧ୍ୟା କାର୍ଯ୍ୟକ୍ରମରେ କୃଷି, ପରିବାର କଲ୍ୟାଣ, ସାଧାରଣ ସ୍ୱାସ୍ଥ୍ୟ, କ୍ରୀଡା ଇତ୍ୟାଦି କାର୍ଯ୍ୟକ୍ରମ ମୁଖ୍ୟତଃ ସ୍ଥାନ ପାଇଥାଏ ।

ଏହି ସମସ୍ତ କାର୍ଯ୍ୟକ୍ରମ ପ୍ରସ୍ତୁତି ନିମନ୍ତେ କଟକ ଦୂରଦର୍ଶନ କେନ୍ଦ୍ର ମୁଖ୍ୟତଃ ଉଦ୍ଦିଷ୍ଟ । କିନ୍ତୁ ଶିକ୍ଷା କାର୍ଯ୍ୟକ୍ରମର ବ୍ୟାପକ ପ୍ରସାର ଦୃଷ୍ଟିରୁ ଭାରତ ସରକାର ଭୁବନେଶ୍ୱର ଠାରେ ଶିକ୍ଷାକାର୍ଯ୍ୟକ୍ରମ ପ୍ରସ୍ତୁତି ନିମନ୍ତେ ଏକ ସ୍ୱତନ୍ତ୍ର ପ୍ରଡକ୍‌ସନ୍ ସେଣ୍ଟର ନିର୍ମାଣ ଉଦ୍ଦେଶ୍ୟରେ ସଦୟ ସ୍ୱୀକୃତି ପ୍ରଦାନ କରିସାରିଲେଣି । ଫଳରେ ଭୁବନେଶ୍ୱରଠାରେ ଶିକ୍ଷା କାର୍ଯ୍ୟକ୍ରମର ପ୍ରସ୍ତୁତି ସ୍ୱତନ୍ତ୍ର ଭାବେ ହେବ । ଏଥି ନିମନ୍ତେ ଇଞ୍ଜିନିୟରିଂ, ପ୍ରଡକ୍‌ସନ୍, ଏକାଡେମିକ୍ ଓ ଆଡ୍‌ମିନ୍‌ଷ୍ଟ୍ରେଟିଭ ସ୍ତରରେ ଶତାଧିକ କର୍ମଚାରୀ ଏହି ପ୍ରଡକ୍-ସନ୍ ସେଣ୍ଟର ନିମନ୍ତେ ନିଯୁକ୍ତି ପାଇବେ । ସରକାର ଭୁବନେଶ୍ୱରସ୍ଥ ନୂଆପଲ୍ଲୀ ଗ୍ରାମରେ ଏଥି ନିମନ୍ତେ ୪୨ ଏକର ଜମି ପ୍ରଦାନ କଲେଣି । ଏଧରଣର ସ୍ୱତନ୍ତ୍ର କେନ୍ଦ୍ର ନିର୍ମାଣ ବ୍ୟବସ୍ଥା ସମଗ୍ର ଦେଶରେ କେବଳ ଓଡ଼ିଶା ଓ ଆନ୍ଧ୍ର ପ୍ରଦେଶରେ କରାଯାଉଛି ।

ଟେଲିଭିଜନ ଏକ ଗଣ ମାଧ୍ୟମ । ଏକ ନିର୍ଦ୍ଦିଷ୍ଟ ଜନତାକୁ ଆଖି ଆଗରେ ରଖାଯାଇ ଏହି କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇ ଥାଏ । ଏହି ଗଣ ମାଧ୍ୟମର ସଫଳ ରୂପା-ୟନର ଏକ ପ୍ରଧାନ ଉପାୟ ହେଉଛି ଯେ ଦର୍ଶକମାନଙ୍କ ମଧ୍ୟରେ ଧାରଣା ଉଦ୍ରେକ ହେବା ଦରକାର ଯେ ଟେଲି-ଭିଜନ ଏକ ଶିକ୍ଷଣୀୟ ମାଧ୍ୟମ । ଏହି ଧାରଣାର ଅଭାବ ଘଟିଲେ, ଟେଲିଭିଜନ ଗଣଶିକ୍ଷଣୀୟ ଯୋଜନା ସଫଳ ହୋଇ ପାରିବ ନାହିଁ । ଏହି ମହତ୍ ପ୍ରକଳ୍ପର କୃତକାର୍ଯ୍ୟତା, ଛାତ୍ର, ଶିକ୍ଷକ, ଜନସାଧାରଣ ତଥା ଗାଁ ଗହଳର ଅଗଣିତ ନରନାରୀଙ୍କ ଉପରେ ନିର୍ଭର କରେ । ସମସ୍ତେ ଏହି ପ୍ରକଳ୍ପର ପ୍ରଚାର ତଥା ପ୍ରସାର ନିମନ୍ତେ ସାହାଯ୍ୟ ସହଯୋଗ କରିବା ଉଚିତ୍ ।

ଶିକ୍ଷା ଉଦ୍ୟୋଗ ବିଭାଗ,
ଏସ୍. ସି. ଇ. ଆର୍. ଟି.
ଭୁବନେଶ୍ୱର ।

# ପରିବାର ନିୟୋଜନରେ ଯୋଗର ଭୂମିକା

**ଯୋଗାଚାର୍ଯ୍ୟ ପଣ୍ଡିତ ଶ୍ରୀ ରମାକାନ୍ତ କର**

ଆମର ଏହି ସ୍ୱାଧୀନ ଭାରତରେ ଜନ୍ମ ଗ୍ରହଣ କରି ଯଦି ଆମେ କିମ୍ବା ଆମର ଭବିଷ୍ୟତ ଦାୟାଦ ଭାବରେ ଜନ୍ମଗ୍ରହଣ କରିଥିବା ସନ୍ତାନସନ୍ତତିମାନେ ଖାଇବାକୁ ଗଣ୍ଡେ ଦାନା, ପିନ୍ଧିବାକୁ ଖଣ୍ଡେ କନା ଓ ମୁଣ୍ଡ ଗୁଞ୍ଜିବାକୁ ଖଣ୍ଡିଏ ବାସଗୃହ ଏହି ଜୀବନର ନ୍ୟୁନତମ ଆବଶ୍ୟକତାକୁ ପୂରଣ କରିନପାରୁ, ତେବେ ଆମର ଜୀବନର ସାର୍ଥକତା କେଉଁଠି ? ଦେଶପ୍ରତି ମମତା କିପରି ସଂଭବ ? ଏଥିପାଇଁ ଦାୟୀ ହେଉଛୁ ଆମେ । କାରଣ ଆମର ଆୟ ଅପେକ୍ଷା ବ୍ୟୟ ବେଶୀ । ଆମର ପରିବାରର ସଂଖ୍ୟା ତୁଳନାରେ ଆୟ ଖୁବ୍ କମ୍ । ଭବିଷ୍ୟତର ଚିନ୍ତା ମୁଣ୍ଡରେ ଆଦୌ ନାହିଁ । ଏଣୁ ଆମେ ଦେଶର ଏକ ନାଗରିକ ଭାବରେ ଦେଶର ସୁଖ, ସମୃଦ୍ଧି ଦିଗରେ ଦୃଷ୍ଟିଦେବା ସଙ୍ଗେ ସଙ୍ଗେ ନିଜ ନିଜର ପରିବାରକୁ କିପରି ସୁଖି, ସମୃଦ୍ଧ ଓ ସୁସଂସ୍କୃତ କରିପାରିବା ସେଥିପ୍ରତି ସଜାଗ ହେବା ସର୍ବାଦୌ ବାଞ୍ଛନୀୟ ।

ଏଣୁ ଆମର ପାରିବାରିକ ଜୀବନରେ ପରିବାର ନିୟୋଜନର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କାରଣ ଛୋଟ ପରିବାର ହିଁ ସୁଖୀ ପରିବାର । ଭାରତର ଅବଦାନ ଅତୁଳନୀୟ । ଯେପରି ଆଦିପୁରୁଷ ( Male ) ଓ ଆଦ୍ୟାଶକ୍ତି ( Female ) ଉଭୟଙ୍କର ସହାୟତାରେ ପୁନଃ ତ୍ରିଦେବ (ବ୍ରହ୍ମା-ବିଷ୍ଣୁ-ମହେଶ୍ୱର), ଓ ତ୍ରିଦେବୀ (ମହାସରସ୍ୱତୀ-ମହାଲକ୍ଷ୍ମୀ-ମହାକାଳୀ)ଙ୍କର ଆବିର୍ଭାବ, ସେହିପରି ପୁରୁଷ ଓ ସ୍ତ୍ରୀ ଉଭୟଙ୍କର ଔରସରୁ ସନ୍ତାନୋତ୍ପତ୍ତି ହିଁ ସଂପୂର୍ଣ୍ଣ ପ୍ରାକୃତିକ । ଏହା ଭାରତୀୟ ଦର୍ଶନର ମହାନ୍ ଆଦର୍ଶରେ ଅନୁପ୍ରାଣିତ ହୋଇ ପ୍ରତ୍ୟେକ ମାନବ ତା'ର ପରିବାର ସୃଷ୍ଟିକରି ଆସୁଅଛି । ଏହାହିଁ ଆମ୍ଭମାନଙ୍କର ଭାରତୀୟ ଦର୍ଶନର ମହତ୍ତ୍ୱ ଓ ବିଶେଷତ୍ୱ । ଏହିପରି ବିଶେଷତ୍ୱ ଅନ୍ୟ କୌଣସି ଧର୍ମରେ ଅପରିଦୃଷ୍ଟ । ଯେପରି ପୁରୁଷ (ଆଦିପୁରୁଷ) ଓ ପ୍ରକୃତି (ଆଦ୍ୟାଶକ୍ତି) ଉଭୟ ସଂସାରର ସୃଷ୍ଟି-ସ୍ଥିତି-ପ୍ରଳୟ ପାଇଁ ତ୍ରିଦେବ ଓ ତ୍ରିଦେବୀଙ୍କୁ ସୃଷ୍ଟି କରିଥାନ୍ତି, ସେହିପରି ପୁରୁଷ ଓ ସ୍ତ୍ରୀ ସମାଜରେ ସୃଷ୍ଟି-ବିକାଶ-ବିନାଶ ଲକ୍ଷ୍ୟରେ ସନ୍ତାନ-ସନ୍ତତିଙ୍କୁ ସୃଷ୍ଟି କରିଥାନ୍ତି । ଏହାକୁ ପରମେଶ୍ୱରଙ୍କର ମାୟାଶକ୍ତି ( Powe of delusion ) କୁହାଯାଏ । ପିତା-ମାତା ଉଭୟେ କେବଳ ସନ୍ତାନ-ସନ୍ତତିଙ୍କୁ ଜନ୍ମ କରିଦେଲେ ଯେ ଦାୟିତ୍ୱ ସରିଗଲା ତାହା ନୁହେଁ, ବରଂ ସେମାନଙ୍କୁ

ଜନସଂଖ୍ୟା ବୃଦ୍ଧି ଦୃଷ୍ଟିରୁ ଏହାର ଆବଶ୍ୟକତା ଢେର ବେଶୀ । ଏହାଯେ କେବଳ ବର୍ତ୍ତମାନ ଅନୁଭୂତ ହେଉଛି ତାହା ନୁହେଁ, ଏହା ବହୁ ପ୍ରାଚୀନ କାଳରୁ ମଧ୍ୟ ମାନବର ଚିନ୍ତାଧାରାରେ ସ୍ଥାନ ପାଇଥିଲା । ଏଥିରେ ନୂତନତ୍ୱ କିଛି ନାହିଁ କିମ୍ବା ଏହା କୌଣସି ଧର୍ମ ବିରୋଧୀ ମନୋଭାବ ସୃଷ୍ଟି କରେ ନାହିଁ । ଆମର ହିନ୍ଦୁ ଶାସ୍ତ୍ରରେ କୁହାଯାଇଛି --ପୁତ୍ରାର୍ଥେ କ୍ରିୟତେ ଭାର୍ଯ୍ୟା" । ଅର୍ଥାତ୍ ପୁତ୍ର ସୃଷ୍ଟିରେ ଭାର୍ଯ୍ୟାର ଆବଶ୍ୟକତା ଅପରିହାର୍ଯ୍ୟ । ଏହା କେବଳ ବର୍ତ୍ତମାନ ପାଇଁ ନୁହେଁ, ଏହା ଯୁଗ ଯୁଗରୁ ହୋଇ ଆସୁଅଛି ।

ହିନ୍ଦୁଧର୍ମର ଶାସ୍ତ୍ର ସମାଜରୁ ଲୌକିକ ସମାଜ ପର୍ଯ୍ୟନ୍ତ ସାମାଜିକ ଧାରାର ସମତା ପରିଦୃଷ୍ଟ ହୁଏ । ଶାସ୍ତ୍ରରେ ପୁରୁଷ-ପ୍ରକୃତି ସଂବନ୍ଧ ରହିଛି । ଆଦିପୁରୁଷ ( The Supreme Soul ) ଓ ଆଦ୍ୟାଶକ୍ତି (The Supreme Power) ଉଭୟଙ୍କର ଯେପରି ସଂସାର ଦୃଷ୍ଟିରେ ମୁଖ୍ୟ ଭୂମିକା ରହିଛି, ସେହିପରି ଲୌକିକ ସମାଜରେ ମଧ୍ୟ ପରିବାର ସୃଷ୍ଟିରେ ସ୍ୱାମୀ ଓ ସ୍ତ୍ରୀଙ୍କର ସମାଜରେ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ସେମାନଙ୍କର ସ୍ଥିତି-ବିକାଶ ଓ ବିନାଶ ସମ୍ବନ୍ଧୀୟ ଚିନ୍ତା ଆବଶ୍ୟକ ଓ ଧର୍ମ ସ୍ୱୀକୃତ । ଏଠାରେ ମନରେ ଏକ ପ୍ରଶ୍ନ ଉଠିପାରେ ଯାହାକୁ ଆମେ ସୃଷ୍ଟି କରିବା, ତା'ର ବିନାଶ ସମ୍ବନ୍ଧୀୟ ଚିନ୍ତା କରିବା କିପରି ସମ୍ଭବ ?

ଏହାର ଅର୍ଥ ହେଉଛି, ଯେଉଁ ମାଆ ସନ୍ତାନକୁ ଜନ୍ମଦେଇ ପୋଷଣ କରେ, ସେ ହେଉଛି ପୋଷଣ କର୍ତ୍ତ୍ରୀ । ତା'ପରେ ସନ୍ତାନ-ସନ୍ତତି ଯୌବନାବସ୍ଥାରେ ପଦାର୍ପଣ କଲେ, ସେମାନଙ୍କର ବିବାହ-ବିଧାନ କରିବା ହିଁ ସଂହାରର ମାର୍ଗ ଓ ବିନାଶର ପରୋକ୍ଷ ଚିନ୍ତାଧାରା । କାରଣ ସ୍ତ୍ରୀ ହିଁ ଏଠାରେ ଶୋଷଣକର୍ତ୍ତ୍ରୀ । ଏହା ପଛରେ ବଳିଷ୍ଠ ଯୁକ୍ତି ମଧ୍ୟ ରହିଛି । ଯୋଗଶାସ୍ତ୍ରରେ ଲିଖିତ ଅଛି– "ବ୍ରହ୍ମଚର୍ଯ୍ୟପ୍ରତିଷ୍ଠାୟାଂ ବୀର୍ଯ୍ୟଲାଭଃ" ସମାଜରେ ସମସ୍ତେ ଯଦି ବ୍ରହ୍ମଚର୍ଯ୍ୟ ଶିକ୍ଷା କରି ବୀର୍ଯ୍ୟବନ୍ତ ହୁଅନ୍ତି, ତେବେ ସେମାନେ ଦୀର୍ଘାୟୁ ହେବେ ଫଳରେ ସମାଜରେ ମୃତ୍ୟୁ ସଂଖ୍ୟା ଆଦୌ ଦେଖାଯିବ ନାହିଁ । ଯଦି ମୃତ୍ୟୁ ସଂଖ୍ୟା ଦେଖାଯାଏ, ତେବେ ଜନ୍ମ ତୁଳନାରେ

ତାହା ଖୁବ୍ କମ୍ ହେବ । ତେଣୁ ଦେଶରେ ଜନସଂଖ୍ୟା ବୃଦ୍ଧି ହିଁ ସାର ହେବ । କିନ୍ତୁ ଈଶ୍ୱରଙ୍କର ମହତୀ ସୃଷ୍ଟିର ଲକ୍ଷ୍ୟ ତାହା ନୁହେଁ ।

ସଂସାରର ସୃଷ୍ଟି-ସ୍ଥିତି-ସଂହାରର ସତ୍ତା ରହିଛି । ଯେଉଁ ମାନବ ସଂସାରରେ ଜନ୍ମ ଗ୍ରହଣ କରିବ, ସେ ସଂସାରରେ କିଛିଦିନ ରହି ସାମାଜିକ ଦାୟିତ୍ୱ ସଂପାଦନ କରିବ ଓ କିଛି କାଳ ପରେ ତା'ର ବିନାଶ ନିଶ୍ଚିତ ଭାବରେ ଘଟିବ । ଏହାହିଁ କାଳଚକ୍ରର ସିଦ୍ଧାନ୍ତ । ଏଣୁ କୁହାଯାଇଛି—"ଜାତସ୍ୟ ହି ଧ୍ରୁବ ମୃତ୍ୟୁ" । ଏଥିପାଇଁ ସମାଜରେ ବିବାହ ବିଧାନ ବହୁ ପୂର୍ବରୁ ହିନ୍ଦୁଧର୍ମ ସ୍ୱୀକୃତ । ଏହା ବାସ୍ତବିକ ଈଶ୍ୱରଙ୍କର ମାୟା ଓ ସଂପୂର୍ଣ୍ଣ ଭାବରେ ପ୍ରାକୃତିକ ସୃଷ୍ଟି ହିଁ ପ୍ରକୃତି । ଯେପରି ସୃଷ୍ଟି ପ୍ରାକୃତିକ ଓ ବର୍ତ୍ତମାନ ବିଜ୍ଞାନ ଯୁଗରେ ସୃଷ୍ଟି ମଧ୍ୟ ଅପ୍ରାକୃତିକ, ସେହିପରି ସ୍ଥିତି ଓ ବିନାଶ ମଧ୍ୟ ପ୍ରାକୃତିକ ଓ ଅପ୍ରାକୃତିକ । ସୃଷ୍ଟିର ଅପ୍ରାକୃତିକ ଉପାୟର ଏକ ଉଦାହରଣ ଏଠାରେ ଦିଆଯାଇ ପାରେ । ପରୀକ୍ଷାନଳୀରେ ଶିଶୁକୁ ସୃଷ୍ଟି କରିବା ସମ୍ବାଦ ମଧ୍ୟ ମିଥ୍ୟା ନୁହେଁ । ଏହି ସଂବନ୍ଧରେ ଜଣେ ପ୍ରସିଦ୍ଧ ଆଧୁନିକ ଚିକିତ୍ସକ ମତ ଦିଅନ୍ତି—" Ethical issues involved in the "Test TubeBaby" technique have been raised by the British Medical Association (BMA) recently. Since scientists now intend to examine the frozen eggs after fertilization, to determine whether they are free from genetic diseases or not" ମାନବ ନିଜେ ସୃଷ୍ଟି କରି ଶେଷରେ ପରିପୋଷଣ କରିବା ପାଇଁ ଅସମର୍ଥ ହୋଇ ଅପ୍ରାକୃତିକ ଉପାୟରେ ପ୍ରାକୃତିକ-ସୃଷ୍ଟି ଶିଶୁକୁ ନିଜର ହାତରେ ବିନାଶ କରୁ ନାହିଁ କି? ଅପ୍ରାକୃତିକ ସ୍ଥିତି ଓ ବିନାଶ ଅପେକ୍ଷା ପ୍ରାକୃତିକ ପଦ୍ଧତି କିମ୍ବା ଅପ୍ରାକୃତିକ ପଦ୍ଧତି ମାଧ୍ୟମରେ ସୃଷ୍ଟିକୁ ନିରୋଧ ବା ନିୟନ୍ତ୍ରିତ କରିବା ଶ୍ରେୟସ୍କର । ଏହାକୁ ସୃଷ୍ଟି ନିରୋଧ ବା ଜନ୍ମ ନିରୋଧ ( (Birth Control ) କୁହାଯାଏ ।

ପରିବାରରେ ଶିଶୁ ଜନ୍ମ ହେବା ସ୍ୱାଭାବିକ, କିନ୍ତୁ ତାହା ସୀମାରେଖାକୁ ଟପି ନଯାଇ ବରଂ ସୀମିତ ହେବା ଆବଶ୍ୟକ । ଏହି ଉଦ୍ଦେଶ୍ୟରେ John Howkins (ଜନ୍ ହକିନ୍ସ୍) ମତ ଦିଅନ୍ତି—"Ideally a child should be born because it is wanted, not because it cannot be prevented and this can be made possible by the constructive use of methods to control conception" ଏଣୁ ଜନ୍ମ ନିରୋଧ ପାଇଁ ଭାରତ ସରକାର ଚିକିତ୍ସକଙ୍କ ସହାୟତାରେ କେତେଗୁଡ଼ିଏ ପଦ୍ଧତି ସ୍ଥିର କରିଛନ୍ତି । ତାହାକୁ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରାଯାଇଛି । (୧)—ପ୍ରାକୃତିକ ପଦ୍ଧତି (ନେଚୁରାଲ ମେଥଡ୍) (୨)—ଅପ୍ରାକୃତିକ ପଦ୍ଧତି (ଅନ୍-ନେଚୁରାଲ ମେଥଡ୍) । ଅପ୍ରାକୃତିକ ପଦ୍ଧତି ମାଧ୍ୟମରେ ସ୍ତ୍ରୀ ମାନଙ୍କର ଜନ୍ମ ନିରୋଧ ପାଇଁ Spermicidal substances, Dauching, acclusive diaphragms, Intrauterine contraceptive divices, Suppre-ssion of ovulation and Surgical sterilisation ଇତ୍ୟାଦି ଓ ପୁରୁଷମାନଙ୍କ ପାଇଁ Condom or sheath, Drugs to suppress spermatogenesis, Vasectomy ଇତ୍ୟାଦି ଉପାୟ ରହିଛି । ଏଥିପାଇଁ Dumas cap, cervical cap, gratenberg-ring, Lippes Loop, Sat-T-coil ଇତ୍ୟାଦି ଉପକରଣଗୁଡ଼ିକର ଆବଶ୍ୟକତା ରହିଛି ।

ଏହି ପଦ୍ଧତି ଦୁଇଟି ମଧ୍ୟରୁ ପ୍ରଥମ ପଦ୍ଧତିଟି (ପ୍ରାକୃତିକ) ହିଁ ସର୍ବ ଶ୍ରେଷ୍ଠ ଓ ପବିତ୍ର ପଦ୍ଧତି ଅଟେ । ଏଥିପାଇଁ ସମାଜରେ ଧର୍ମ ଚେତନା, ଯୌଗିକ ପ୍ରଚାର, ନୀତିଶିକ୍ଷାମୂଳକ କାର୍ଯ୍ୟକ୍ରମାଦି ବିଶେଷ ଭାବରେ ସହାୟକ । ଏହି ପଦ୍ଧତିରେ ଜନ୍ମ ନିରୋଧ ଉପରେ ବହୁ ପୂର୍ବରୁ ଜୋର ଦିଆ ଯାଉଥିଲା । ସେଥିପାଇଁ କେତେକ ପାରମ୍ପରିକ ନୀତି ପ୍ରଚଳିତ ଥିଲା । ଋତୁର ପ୍ରଥମ ଦିବସଠାରୁ ଚତୁର୍ଥ ଦିବସ ପର୍ଯ୍ୟନ୍ତ, ଏକାଦଶ ତ୍ରୟୋଦଶ ଦିବସରେ ସହବାସ କରୁ ନ ଥିଲେ । ଏହା ବ୍ୟତୀତ ରବିବାର, ଅମାବାସ୍ୟା, ପୂର୍ଣ୍ଣିମା, ମାସାନ୍ତ, ସଂକ୍ରାନ୍ତି, ଚତୁର୍ଦ୍ଦଶୀ, ଅଷ୍ଟମୀ ଇତ୍ୟାଦି ଶୁଭତିଥି ମାନଙ୍କରେ ଓ ପବିତ୍ର ଦିବସମାନଙ୍କରେ ଧର୍ମ ଭୀତି ମାଧ୍ୟମରେ ସହବାସ କରିବା ନିଷେଧ ଥିଲା । କିନ୍ତୁ ବର୍ତ୍ତମାନ ଅନେକ ସଂଖ୍ୟାରେ ପୂର୍ବ ପରଂପରାକୁ ବର୍ଜି ଦେଇ ଯେ କୌଣସି ସମୟରେ, ଯେ କୌଣସି ତିଥିରେ କିମ୍ବା ଯେ କୌଣସି ଦିବସରେ ମଧ୍ୟ ସ୍ତ୍ରୀ ରମଣ କରିବା ପାଇଁ ପଶ୍ଚାତପଦ ହେଉ ନାହାନ୍ତି । ଏହା ଫଳରେ ଦେଶରେ ଜନସଂଖ୍ୟା ବୃଦ୍ଧି ହେବା ସଂଗେ ସଂଗେ ଦେଶରେ ଅନ୍ଧ, ବଧିର, କୁବ୍ଜା, ଛୋଟାଦି ବିକଳାଂଗ ଶରୀରଧାରୀ ବହୁ ସଂଖ୍ୟାରେ ବୃଦ୍ଧି ପାଉଛନ୍ତି । ଏଣୁ ପୁରାତନ ପରଂପରାକୁ ରକ୍ଷା କରି ଏହି ସବୁ ନୀତି ପାଳନ କରିବା ହିଁ ପ୍ରାକୃତିକ ପଦ୍ଧତିର ମୂଳ ଲକ୍ଷ୍ୟ ।

ଆମର ପ୍ରଧାନ ମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କର ପରିମାର୍ଜିତ ବିଂଶସୂତ୍ରୀ କାର୍ଯ୍ୟକ୍ରମରେ ପରିବାର ନିୟନ୍ତ୍ରଣ ପାଇଁ ପ୍ରାକୃତିକ ପଦ୍ଧତି ଉପରେ ଜୋର ଦିଆ ଯାଇଛି । ଏଣୁ ଏହି ବିଂଶ ସୂତ୍ରୀ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ କେନ୍ଦ୍ର ସରକାର ଓ ଓଡ଼ିଶା ସରକାର ଦୃଢ଼ ପଦକ୍ଷେପ ଗ୍ରହଣ କରିଛନ୍ତି । କେନ୍ଦ୍ର ସରକାରଙ୍କର ସହାୟତାରେ ପରିବାର ନିୟୋଜନ ବିଭାଗର ନିର୍ଦ୍ଧାରିତ ଜନ୍ମ ନିରୋଧ କାର୍ଯ୍ୟକ୍ରମାନୁଯାୟୀ ପ୍ରାକୃତିକ ପଦ୍ଧତିକୁ ତିନୋଟି ଉପାୟରେ ବିଭାଜନ କରା ଯାଇଛି । ୧—ସହବାସ ବିହୀନ (Total abtsinence) ୨—ବିପଦ୍ କାଳ ବ୍ୟତୀତ ସହବାସ (Rhythem method or Sexual intercourse without dangerous period) ୩—ବହିଃ ନିସାରଣ (Withdrawal or Coitus interruptus) ଏହି ତିନି ଉପାୟରେ ସଫଳତା ପାଇଁ ଯୋଗ ହିଁ ଏକ ମାତ୍ର ମୁଖ୍ୟ ସହାୟକ ।

ମାନବ ଶରୀର ପଞ୍ଚ ମହାଭୂତରେ ଗଠିତ । ଏଣୁ ଏହି ଶରୀର ପ୍ରାକୃତିକ ଓ ପ୍ରାକୃତିକ ଉପାୟହିଁ ଏକ ମାତ୍ର ଅବଲମ୍ବନୀୟ । ସଂସାରେରେ ଯେତେ କିଛି ବିଷୟ-ମଦ ରହିଛି, ତାହା ପାନ କରିବାରେ ମାନବ ହିଁ ଦକ୍ଷ । ତେଣୁ ମାନବର ଶରୀରରେ ଥିବା ପଞ୍ଚକର୍ମେନ୍ଦ୍ରିୟ ଓ ଷଡ଼ ଜ୍ଞାନେନ୍ଦ୍ରିୟ ମଧ୍ୟରେ ମନ ହିଁ ରାଜା । ଇନ୍ଦ୍ରିୟ ଗୁଡ଼ିକ ସଦା ସର୍ବଦା ବିଚଳିତ । ଏହି ଇନ୍ଦ୍ରିୟଗୁଡ଼ିକୁ ଜାଗ୍ରତ ଓ ନିସ୍ତେଜ କରିବାରେ ମନ ହିଁ ସମର୍ଥ । ଏଣୁ ମନକୁ ସଂଯତ କରିବା ଦ୍ୱାରା ହିଁ ସମସ୍ତ ଇନ୍ଦ୍ରିୟ ଆପେ ଆପେ ସଂଯତ ହୋଇଯାନ୍ତି । ଏହାଦ୍ୱାରା ମାନବର କାମଲିପ୍‌ସା (ସେକ୍‌ସୁଆଲ ଆପେଟାଇଟ୍) ଦୂରୀଭୂତ ହୁଏ । ମନକୁ ନିୟନ୍ତ୍ରଣ କରିବା ପାଇଁ ଯୋଗ ହିଁ ପ୍ରଥମ ଓ ପ୍ରଧାନ ଉପାଦେୟ । ତେଣୁ ଯୋଗୀ ପତଞ୍ଜଳିଙ୍କର "ଯୋଗ ଦର୍ଶନ"ର ପ୍ରଥମ ସୂତ୍ରରେ କୁହାଯାଇଛି "ଯୋଗଶ୍ଚିତ୍ତବୃତ୍ତି ନିରୋଧଃ" । ଯୋଗ ହିଁ ବିଷୟ ପ୍ରବୃତ୍ତିକୁ ସଂଯତ କରି କାମ ଲିପ୍‌ସାରୁ ମନକୁ ନିବୃତ୍ତ କରେ । ଯେଉଁ ପର୍ଯ୍ୟନ୍ତ ମାନବ ଶରୀରରେ ବିବେକ ଜ୍ଞାନ (ନଲେଜ ଅଫ୍ କନ୍‌ସାଇନ୍‌ସ୍) ଉଦ୍‌ଭବ ନ ହୋଇଛି ଓ ମନର ପ୍ରଭାବରେ ପ୍ରଭାବିତ ହେଉଛି, ସେ ପର୍ଯ୍ୟନ୍ତ ନିଜେ ସଂଯତ ବୋଲି କହି ନ ପାରେ ।

ବିବେକ ହିଁ ପୁରୁଷ ଓ ମନ ହିଁ ମାୟା । ମାୟାର ପ୍ରଭାବରେ ପୁରୁଷ ନର୍କଗାମୀ ଓ ବିବେକ ପ୍ରଭାବରେ ମାନବ ମୁକ୍ତିଗାମୀ ହୁଏ । ବିବେକ ଜ୍ଞାନର ବିକାଶରେ ଯୋଗ ହିଁ ପ୍ରଧାନ ସହାୟକ । ଯେଉଁ ପର୍ଯ୍ୟନ୍ତ ମାନବ ନିଜେ ବିବେକ ଦ୍ୱାରା କାମ ନ କରିଛି ଅର୍ଥାତ୍ ବିବେକୀ ଭାବରେ ପରିବାର ମଙ୍ଗଳ ଇଚ୍ଛା ନ କରିଛି, ସେ ପର୍ଯ୍ୟନ୍ତ ବାଧ୍ୟ-ବାଧକତା, ଧମକ-ଚମକ-ଉତ୍ସାହିତ ମାଧ୍ୟମରେ ଜନ୍ମ ନିରୋଧ କରାଯାଇ-ନ ପାରେ । ଯୋଗର ଆଠଟି ଅଙ୍ଗ ରହିଛି—ଯଥା ନିୟମ, ଆସନ, ପ୍ରାଣାୟମ, ପ୍ରତ୍ୟାହାର, ଧାରଣା, ଧ୍ୟାନ ଓ ସମାଧି । ଏଣୁ ଯୋଗକୁ "ଅଷ୍ଟାଙ୍ଗ ଯୋଗ" ବୋଲି କୁହାଯାଏ । ଏହି ଅଷ୍ଟାଙ୍ଗ ମଧ୍ୟରୁ ତିନୋଟି ଅଙ୍ଗର ଭୂମିକା ପରିବାର ନିୟୋଜନ କ୍ଷେତ୍ରରେ ରହିଛି । ଏଣୁ ଦତ୍ତାତ୍ରେୟ ସଂହିତାରେ କୁହାଯାଇଛି— "ଯମଶ୍ଚ ନିୟମଶ୍ଚୈବ ଆସନଂ ଚ ତତଃ ପରମ୍" । ଯମ ଓ ନିୟମ ପରେ ପରେ ଆସନ ବା ଯୌଗିକ ବ୍ୟାୟାମ ଅଭ୍ୟାସ କରିବା ଦ୍ୱାରା ଜନ୍ମ ନିୟନ୍ତ୍ରଣର ମାର୍ଗ ସୁଗମ ହୋଇଥାଏ । ଯମ ଅର୍ଥାତ୍ ସଂଯମ ନିୟମ ଅର୍ଥାତ୍ ନିୟମିତ ସ୍ନାନ ଭୋଜନ—ଶୟନାଦି । ଭୋଜନରେ ଖାଦ୍ୟ ନିୟନ୍ତ୍ରଣ ଏକ ବିଶେଷ ଉପାଦାନ । ପାଶ୍ଚାତ୍ୟ ଦେଶର ଗରମ ଖାଦ୍ୟ, ପୋଷାକ, ମଦ୍ୟାଦି ନିଶାଦ୍ରବ୍ୟ ଗ୍ରହଣ, ଯୌନ ସମ୍ବନ୍ଧୀୟ ପୁସ୍ତକାଦିର ଅଧ୍ୟୟନ, ଚଳଚ୍ଚିତ୍ର ନିଶାମନ ଓ ପଶୁପକ୍ଷୀମାନଙ୍କର ମୈଥୁନ କ୍ରିୟାଦି ପ୍ରଦର୍ଶନ ଇତ୍ୟାଦିକୁ ତ୍ୟାଗ କରିବା ହିଁ ନିୟମସିଦ୍ଧ ଅଟେ । ଏହା ବଦଳରେ ସାତ୍ତ୍ୱିକ ଖାଦ୍ୟଗ୍ରହଣ, ସଦ୍‌ଗ୍ରନ୍ଥ ପଠନ, ସତ୍ ଅନୁଷ୍ଠାନରେ ଯୋଗଦାନ ଇତ୍ୟାଦି ସତ୍ ନିୟମ ପ୍ରତି ଦୃଷ୍ଟି ଦେବା ବାଞ୍ଛନୀୟ । ଏହା ବ୍ୟତୀତ ଆସନ ବା ଯୌଗିକ ବ୍ୟାୟାମ କରିବା ସ୍ୱାସ୍ଥ୍ୟ ପକ୍ଷରେ ଲାଭ ଓ ସଂଯମ ପକ୍ଷରେ ଉତ୍ସାହଜନକ ।

ଯୌଗିକ ଆସନଗୁଡ଼ିକୁ ନିୟମିତ ଅଭ୍ୟାସ କରିବା ଦ୍ୱାରା ମନୁଷ୍ୟର ତ୍ରିବିଧ ଶକ୍ତି ଉପରେ ଏହାର ପ୍ରଭାବ ପଡ଼ିଥାଏ । ଫଳରେ ମାନବର ମନ ନିୟନ୍ତ୍ରଣ (ମାଇଣ୍ଡ୍ କଣ୍ଟ୍ରୋଲ), ଶରୀର ନିୟନ୍ତ୍ରଣ (ବଡି କଣ୍ଟ୍ରୋଲ) ଓ ଆଧ୍ୟାତ୍ମ ନିୟନ୍ତ୍ରଣ (ସ୍ପିରିଟ୍ କଣ୍ଟ୍ରୋଲ) କରାଯାଇ ପାରେ । ଏହି ତ୍ରିବିଧ ନିୟନ୍ତ୍ରଣ ଦ୍ୱାରା ପରିବାର ନିୟନ୍ତ୍ରଣ ମଧ୍ୟ ସମ୍ଭବ ହୋଇ ପାରେ । ପ୍ରଜାପତି ଯେପରି ଡିମ୍ବ, ଲାର୍ଭା, ପ୍ୟୁପା, ଇମାଗୋ ଇତ୍ୟାଦି ଚାରୋଟି ଅବସ୍ଥା ମାଧ୍ୟମରେ ପୂର୍ଣାଙ୍ଗ ଲାଭ କରେ, ସେହିପରି ମାନବ ମଧ୍ୟ ବ୍ରହ୍ମଚର୍ଯ୍ୟ, ଗାର୍ହସ୍ଥ୍ୟ, ବାନପ୍ରସ୍ଥ ଓ ସନ୍ନ୍ୟାସ ଏହି ଚାରୋଟି ଅବସ୍ଥା ଦେଇ ପୂର୍ଣମାନବତ୍ୱ ପ୍ରାପ୍ତ କରେ । ବ୍ରହ୍ମଚର୍ଯ୍ୟାଶ୍ରମରେ ୬୪ଟି ଆସନ, ଗାର୍ହସ୍ଥ୍ୟାଶ୍ରମରେ ୬୪ଟି ବନ୍ଧ, ବାନପ୍ରସ୍ଥାଶ୍ରମରେ ୬୪ଟି ଭାବ ଓ ସନ୍ନ୍ୟାସାଶ୍ରମରେ ୬୪ଟି ନୀତି ନିର୍ଦ୍ଧାରିତ ହୋଇଅଛି ।

ଯୋଗଶାସ୍ତ୍ରରେ ୮୪ ଲକ୍ଷ ଆସନ ବର୍ଣ୍ଣିତ ହୋଇ-ଥିଲେ ମଧ୍ୟ ତନ୍ମଧ୍ୟରୁ ୬୪ଟି ଆସନ ଅଭ୍ୟାସ କରିବା ଦ୍ୱାରା ସ୍ୱାସ୍ଥ୍ୟୋନ୍ନତି ଘଟିଥାଏ । ଏହି ୬୪ଟି ମୁଖ୍ୟ ଆସନ ମଧ୍ୟରୁ ସିଦ୍ଧାସନ, ଶୀର୍ଷାସନ, ସର୍ବାସନ, ମତ୍ସ୍ୟାସନ, ଅର୍ଦ୍ଧମତ୍ସ୍ୟେନ୍ଦ୍ରାସନ ଓ ପାଦାଙ୍ଗୁଷ୍ଠାସନ ଜନ୍ମ ନିରୋଧ ପାଇଁ ଉତ୍କୃଷ୍ଟ । ଏହା ବ୍ୟତୀତ ଯୋଗମୁଦ୍ରା, ବଜ୍ରୋଲୀ ମୁଦ୍ରା, ଶାମ୍ଭବୀ ମୁଦ୍ରା ମଧ୍ୟ ଜନ୍ମନିୟନ୍ତ୍ରଣ କ୍ଷେତ୍ରରେ ବିଶେଷ ସହାୟକ । ଏହି ତିନୋଟି ମୁଦ୍ରା ମଧ୍ୟରୁ ବଜ୍ରୋଳି ମୁଦ୍ରାର ମହାତ୍ମ୍ୟ ସମ୍ବନ୍ଧରେ ଯୋଗଶାସ୍ତ୍ରରେ ବର୍ଣ୍ଣିତ ଅଛି । ଏହା ହଠ ଯୋଗର ଏକ ପ୍ରଧାନ କ୍ରିୟା । ମୂତ୍ରନଳୀ ମଧ୍ୟରେ ଏକ ୧୪ ଇଞ୍ଚ ବିଶିଷ୍ଟ ସୁନା, ରୂପା, କିମ୍ବା ତମ୍ବା ଧାତୁରେ ନିର୍ମିତ ଏକ ନଳୀକୁ ପ୍ରଥମେ ଦୁଇ ଇଞ୍ଚ, ତା'ପରେ ତିନି ଇଞ୍ଚ, ତା'ପରେ ଚାରି ଇଞ୍ଚ ଏହି କ୍ରମଶଃ ଅଭ୍ୟାସ କରି ୧୨ ଇଞ୍ଚ ପର୍ଯ୍ୟନ୍ତ ପ୍ରବେଶ କରା-ଯାଏ । ଖୁବ୍ ସତର୍କତାର ସହିତ ଉକ୍ତ ନଳୀ ମଧ୍ୟରେ ଦୁଧ, ତେଲ, ମହୁ ଓ ପାରଦକୁ ସମ ପରିମାଣରେ ପ୍ରବେଶ କରାଯାଇଥାଏ । ଏହିପରି ନିୟମିତ ଅଭ୍ୟାସ କରିବା ଫଳରେ ଏକ ବିନ୍ଦୁ ସୁଦ୍ଧା ବୀର୍ଯ୍ୟ ନିର୍ଗତ ହୁଏ ନାହିଁ କି ସହବାସ କଲେ ମଧ୍ୟ କୌଣସି ସନ୍ତାନୋ-ତ୍ପତ୍ତିର ସମ୍ଭାବନା ରହେ ନାହିଁ । ଏହା କରିବା ଫଳରେ ମାନବ ତେଜସ୍ୱାନ୍ ହୁଏ ଓ ଶରୀରରୁ ସୁଗନ୍ଧ ବାହାରେ । ଉକ୍ତ ମୁଦ୍ରା ଭଗବାନ୍ ଶ୍ରୀକୃଷ୍ଣ ଅଭ୍ୟାସ କରି ଦକ୍ଷତା ହାସଲ କରିଥିବାର ଲିଖିତ ପ୍ରମାଣ ମଧ୍ୟ ରହିଛି । ଏଣୁ ଶ୍ରୀକୃଷ୍ଣ ଶତ ଶତ ଗୋପାଙ୍ଗନାଙ୍କ ସହିତ କ୍ରୀଡ଼ା କରି ମଧ୍ୟ ନିଜର ସୌନ୍ଦର୍ଯ୍ୟ ଓ ତେଜ ସୁଗନ୍ଧ ଦ୍ୱାରା ଆକର୍ଷ କରି ପାରୁଥିଲେ ଓ ନିତ୍ୟ ବ୍ରହ୍ମଚାରୀ ଭାବରେ ଜଗତ ବିଦିତ ଥିଲେ ।

କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶାନୁଯାୟୀ ପରିବାର ନିୟନ୍ତ୍ରଣ ପାଇଁ ନିର୍ଦ୍ଧାରିତ ପଦ୍ଧତିମାନଙ୍କ ମଧ୍ୟରେ ପ୍ରାକୃତିକ ପଦ୍ଧତିକୁ ଉଚ୍ଚସ୍ଥାନ ଦିଆଯିବା ଓ ଓଡ଼ିଶା ସରକାରଙ୍କ ଦ୍ୱାରା ଜନ୍ମ ନିରୋଧ କ୍ଷେତ୍ରରେ ପ୍ରାକୃତିକ ପଦ୍ଧତିକୁ କାର୍ଯ୍ୟରେ ପରିଣତ କରିବା ପାଇଁ ଯୌଗିକ ପ୍ରଣ୍ଣର ଓ ଶିକ୍ଷା ମାଧ୍ୟମରେ ଯୋଗ ଶିକ୍ଷା ପ୍ରତି ଦୃଷ୍ଟି ଦିଆଯାଇଥିବା କଥା ସ୍ୱାଗତ ଯୋଗ୍ୟ । ଏହାଦ୍ୱାରା ପରିବାର ନିୟୋଜନ ଓ ପରିବାର ମଙ୍ଗଳ ସାଧନ କରାଯିବା ସଙ୍ଗେ ସଙ୍ଗେ ସମାଜର ଉନ୍ନତି ସାଧନ ସହଜସାଧ୍ୟ ହୋଇ ପାରିବ ।

ସଂସ୍କୃତ ଶିକ୍ଷକ
ଓଳସିଂହ ହାଇସ୍କୁଲ,
ପୁରୀ ।

## ଅଣକୁଶଳୀ କର୍ମଚାରୀଙ୍କ ସର୍ବନିମ୍ନ ମଜୁରୀ


ସର୍ବନିମ୍ନ ମଜୁରୀ ଉପଦେଷ୍ଟା ବୋର୍ଡର ପରାମର୍ଶକ୍ରମେ ରାଜ୍ୟ ସରକାର ସର୍ବନିମ୍ନ ମଜୁରୀ ଆଇନ ୧୯୪୮ ର ୫ମ ଧାରା ଅନୁଯାୟୀ ସମଗ୍ର ରାଜ୍ୟରେ କଂସା ପିତଳ, ରଙ୍ଗ ଓ୍ୱାର୍କସ, ବରଫ କାରଖାନା ଓ ଶୀତଳଭଣ୍ଡାର, ଟ୍ରଙ୍କ, ସୁଟ୍‌କେଶ ଓ ବାଲଟି ଉତ୍ପାଦନ, କୋକ ଓ କାଲେଣୀ କୋଇଲା, ସୂତା ଓ ତନ୍ତ ରଙ୍ଗେଇବା, ପେଇଟିଂ, ନିଟିଂ, ଏମ୍ବ୍ରୋଡେରୀ, ବିଦ୍ୟୁତ୍‌ଚାଳିତ ହସ୍ତତନ୍ତ, ପେଟ୍ରୋଲ ଓ ଡିଜେଲ ଅଏଲ ପଂପ୍, ଦିଆସିଲି, ଆତସବାଜି ଓ ବିସ୍ଫୋରକ ଦ୍ରବ୍ୟ ତିଆରି, କାଜୁବାଦାମ ପ୍ରସେସିଂ, ଫାଉଣ୍ଡ୍ରୀ, ନିୟନ୍ତ୍ରିତ ବଜାର ବିକ୍ରିବଟା ସମିତି, ସମବାୟ ସମିତି ଓ ବ୍ୟାଙ୍କ, ଖଣ୍ଡସାରୀ ଓ ଅନ୍ୟାନ୍ୟ ଉତ୍ପାଦିତ ସାମଗ୍ରୀ ସମେତ ଖଦୀ ଓ ଗ୍ରାମୋଦ୍ୟୋଗ, ଡ୍ରାଇଓ୍ୱାସିଂ ସମେତ ଲଣ୍ଡ୍ରୀ, ମତ୍ସ୍ୟରକ୍ଷଣ ତଥା ସାମୁଦ୍ରିକ ମତ୍ସ୍ୟ ଖାଦ୍ୟ ପ୍ରସ୍ତୁତି, ଆଲୁମିନିୟମ ଓ ହିଣ୍ଡାଲିୟମ ସମେତ ଅନ୍ୟାନ୍ୟ ବାସନକୁସନ ତିଆରି, ଗାଲିଚ୍ଚ ବୁଣିବା, ଦୁଲାନ୍ତ୍ର ମଞ୍ଜି ବାହାରକରି ସଜାଇ ରଖିବା ସାବୁନ ଓ ପରିଷ୍କାରକ ଦ୍ରବ୍ୟ ପ୍ରସ୍ତୁତ, ଅଟୋମୋବାଇଲ ସର୍ଭିସିଂ ଓ ରିପେରିଂ ଗ୍ୟାରେଜ ଓ ଓ୍ୱାର୍କସପ୍, ମାଟିପାତ୍ର ତିଆରି, କାଚଗ୍ଲାସ ତିଆରି, ଆୟୁର୍ବେଦ ଓ ୟୁନାନୀ ଫାର୍ମାସୀ, କାଗଜ ଓ କାର୍ଡବୋର୍ଡ, ବିଭିନ୍ନ ଯନ୍ତ୍ରାଂଶ ନେଇ ରେଡ଼ିଓ ତିଆରି, ଇଲେକ୍‌ଟ୍ରିକ୍ ବଲ୍‌ବ ଉତ୍ପାଦନ, ଖେଳନା ଜିନିଷ ସମେତ ପ୍ଲାଷ୍ଟିକ ଦ୍ରବ୍ୟ ତିଆରି, ନଡ଼ିଆକତାରେ ବିଭିନ୍ନ ଜିନିଷ ଉତ୍ପାଦନ, କୋଲ୍ଡଡ୍ରିଙ୍କ୍, ସୋଡ଼ା ଓ ଅନ୍ୟାନ୍ୟ ତତ୍‌ସଂପର୍କୀୟ ଜିନିଷ ପ୍ରସ୍ତୁତ, କଣ୍ଟା ଓ ପିନ୍ ଉତ୍ପାଦନ, ବରଫି ତିଆରି, ବିସ୍କୁଟ ସମେତ ପାଉଁରୁଟି ଓ ମିଷ୍ଟାନ୍ନ ତିଆରି, କାଠ କାମ ଓ ଆସବାବପତ୍ର ତିଆରି ଶିଳ୍ପାନୁଷ୍ଠାନଗୁଡ଼ିକରେ କାର୍ଯ୍ୟ କରୁଥିବା ପିଅନ, ମଜଦୁର, କ୍ଲିନର, ମେସେଞ୍ଜର, ଝାଡୁଦାର, ଓ୍ୱାଚମ୍ୟାନ, ଚୌକିଦାର ଓ ଏହି ଶ୍ରେଣୀର ଯେ କୌଣସି ଅଣକୁଶଳୀ କର୍ମଚାରୀଙ୍କ ପାଇଁ ସର୍ବନିମ୍ନ ମଜୁରୀ ୬ ଟଙ୍କା କିମ୍ବା ମାସିକ ୧୮୦ ଟଙ୍କା ଧାର୍ଯ୍ୟ କରାଯାଇଛି । ଏ ଧାର୍ଯ୍ୟ ମଜୁରୀ ବ୍ୟବସ୍ଥା ଗତ ଡିସେମ୍ବର ମାସ ୧୦ ତାରିଖଠାରୁ ପ୍ରବର୍ତ୍ତନ କରାଯାଇଛି ।

## କ୍ରୀଡ଼ାର ଉତ୍ତରୋତ୍ତର ବିକାଶଲାଗି ସଂଘବଦ୍ଧ ଉଦ୍ୟମ ଆବଶ୍ୟକ

କ୍ରୀଡ଼ା, ଖେଳ ଓ କସରତର ଉତ୍ତରୋତ୍ତର ବିକାଶ ଲାଗି ସରକାର ସବୁମତେ ଉଦ୍ୟମ କରୁଛନ୍ତି । ଏସବୁର ଉନ୍ନତି ପାଇଁ ସଂଘବଦ୍ଧ ଉଦ୍ୟମ ଆବଶ୍ୟକ । ଏଥିସକାଶେ ଆବଶ୍ୟକୀୟ ଅର୍ଥ ଯୋଗାଇ ଦେବା ନିମନ୍ତେ ଯଥାସାଧ୍ୟ ଉଦ୍ୟମ କରାଯାଉଛି ।

ଗତ ଡିସେମ୍ବର ୧୧ ତାରିଖ ଦିନ ଭଦ୍ରଖ କଲେଜର ୩୫ ତମ କ୍ରୀଡ଼ା ଉତ୍ସବରେ ପର୍ଯ୍ୟଟନ, କ୍ରୀଡ଼ା ଓ ସଂସ୍କୃତି ବିଭାଗ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଯୁଗଳ କିଶୋର ପଟ୍ଟନାୟକ ଏହା କହିଥିଲେ । ଭୁବନେଶ୍ୱରଠାରେ କ୍ରୀଡ଼ାର ବିକାଶ ପାଇଁ ଗୋଟିଏ ଷ୍ଟାଡ଼ିୟମ୍ କରାଯାଉଛି । ସବୁ ଜିଲ୍ଲା ସଦର ମହକୁମାରେ ଷ୍ଟାଡ଼ିୟମ୍ ନିର୍ମାଣ କରାଯିବ, ଏପରିକି ସବ୍‌ଡ଼ିଭିଜନ ସ୍ତରରେ ମଧ୍ୟ କ୍ରୀଡ଼ାର ବିକାଶ ପାଇଁ ଧ୍ୟାନ ଦିଆଯାଉଛି । ଏଥିପାଇଁ ଆବଶ୍ୟକ ଅର୍ଥର ଅଭାବ ହେବନାହିଁ ବୋଲି ସେ କହିଥିଲେ । ସରକାର ରାଜରାଣୀ ଲଟେରୀ କରିଆରେ ଯେଉଁ ଅର୍ଥ ଲାଭ କରିବେ, କ୍ରୀଡ଼ାର ଉନ୍ନତି ଦିଗରେ ବିନିଯୋଗ କରାଯିବ । ରାଜ୍ୟ, ଜିଲ୍ଲା ଓ ସବ୍‌ଡ଼ିଭିଜନ ସ୍ତରରେ କ୍ରିକେଟ୍, ହକି, ବାସ୍କେଟ୍ ବଲ୍, ଭଲିବଲ୍, ଫୁଟ୍‌ବଲ ଓ କବାଡ଼ି ଖେଳର ଉନ୍ନତିଲାଗି ବ୍ୟବସ୍ଥା କରାଯାଉଛି । ସ୍କୁଲ ଓ କଲେଜରେ ଖେଳକୁ ଉତ୍ସାହିତ କରିବା ପାଇଁ କୃତୀ ଖେଳାଳୀମାନଙ୍କୁ ବୃତ୍ତି ଦେବା ବ୍ୟବସ୍ଥା କରାଯାଉଛି । କୃତୀ ଖେଳାଳୀଙ୍କୁ ମଧ୍ୟ ଚାକିରି ଯୋଗାଇ ଦେବାରେ ଅଗ୍ରାଧିକାର ଦିଆଯାଉଛି । ଯେଉଁମାନେ ଖେଳରେ କୃତକାର୍ଯ୍ୟ ହୋଇପାରି ନାହାନ୍ତି, ସେମାନେ ହତୋତ୍ସାହ ନହୋଇ ଅଧିକ ଉତ୍ସାହ ସହିତ ଖେଳିବା ପାଇଁ ସେ ପରାମର୍ଶ ଦେଇଥିଲେ ।

କଲେଜ ଅଧ୍ୟକ୍ଷ ଶ୍ରୀ ଗଙ୍ଗାଧର ସାହୁ ଏହି ଉତ୍ସବରେ ପୌରହିତ୍ୟ କରିଥିଲେ । ଏଥିରେ ବାଲେଶ୍ୱରର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଉମାଶଙ୍କର ମିଶ୍ର, ଭଦ୍ରଖ ସବ୍‌ଡ଼ିଭିଜନାଲ ଅଫିସର ଶ୍ରୀ ବ୍ରହ୍ମାନନ୍ଦ ରାଉତ ପ୍ରମୁଖ ଯୋଗ ଦେଇଥିଲେ ।






ରାଜ୍ୟପାଳ ଶ୍ରୀ ପାଣ୍ଡେଙ୍କ ଜନ୍ମତିଥିରେ ଏ
ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଦମ୍ପତିଙ୍କ ଅଭିନନ୍ଦନ..
BIRTH-DAY FELICITATION TO GOVERNOR Mr. PAN

GOVERNOR SHRI PANDE ADRESSING THE SILVER JUBILEE FUNCTION, CHINTAMANI BIDYA NIKETAN... →








ଓଡ଼ିଶା ବାୟୋ-କେମିଷ୍ଟ
ଆସୋସିଏସନ୍‌ର ୧୦ମ ବାର୍ଷିକ
ଉତ୍ସବରେ, ମାନ୍ୟବର ରାଜ
ଶ୍ରୀଯୁକ୍ତ ପାଣ୍ଡେ.....
←

GOVERNOR SHRI PANDE ADRESSING AT THE URDU LIBRARY, CUTTACK.. →



ଶିଶୁ ସଙ୍ଗୀତ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ
ଶ୍ରୀମତୀ ଗାନ୍ଧୀ....






...e Minister Smt Indira Gandhi claping ...mmunity singing by Delhi school of Children (Children's Day, 1983).



କଳାହାଣ୍ଡି ଜିଲ୍ଲା ଚିଚେଇଗୁଡ଼ା ଗ୍ରାମ ସ୍ଥିତ ତନ୍ତୁବାୟ ସମବାୟ ସମିତିର ପରିଦର୍ଶନରେ ରାଜ୍ୟପାଳ ଶ୍ରୀ ପାଣ୍ଡେ....

ORISSA GOVERNOR VISITED HANDLOOM WEAVER'S CO-OP SOCIETY, CHICHEIGUDA (KALAHANDI)


ବାଣୀବିହାର ଠାରେ ଆୟୋଜିତ ଷଷ୍ଠ ସର୍ବ ଭାରତ ଇଂରାଜୀ ଶିକ୍ଷକ ସମ୍ମିଳନୀ ଉଦ୍‌ଘାଟନ ଉତ୍ସବରେ ମାନ୍ୟବର ରାଜ୍ୟପାଳ ଶ୍ରୀ ପାଣ୍ଡେ....




INS Talwar, a Whitby class frigate of Indian Navy
ଭାରତୀୟ ନୌବାହିନୀର ଆଇ. ଏନ୍. ଏସ୍. ତଲୱାର




FINNPOLARIS on the Third Indian expedition to Antractica
ତୃତୀୟ ଭାରତୀୟ ଆଣ୍ଟାର୍କଟିକା ଅଭିଯାନରେ "ଫିନ୍‌ପୋଲାରିସ୍








TWO PETYA CLASS PATROL VESSELS OF INDIAN NAVY PROWLING THE SEAS ON A ROUTINE EXERCISE

ଉପକୂଳ ଅଥଳି ସୁରକ୍ଷା ଦିଗରେ ଭାରତୀୟ ନୌବାହିନୀ

# ପୌରସଂସ୍ଥା ଓ ବାସଗୃହ ସମସ୍ୟା

**ଶ୍ରୀ ଅଜୟ୍ କୃଷ୍ଣ ଦାସ**

ସମଗ୍ର ଦେଶରେ ସହରାଞ୍ଚଳବାସୀଙ୍କ ସଂଖ୍ୟା ପ୍ରାୟ ୨୩.୭୩ ଭାଗ । ତେଣୁ ଆମର ସବୁ ଯୋଜନା କେବଳ ଗ୍ରାମାଭିମୁଖୀ ନ ହୋଇ କେତେକାଂଶରେ ସହରାଭିମୁଖୀ ହେବା ଆବଶ୍ୟକ । ୧୯୮୧ ମସିହା ଜନଗଣନା ଅନୁସାରେ ସହରରେ ବାସକରୁଥିବା ଲୋକଙ୍କ ସଂଖ୍ୟା ୧୫୬ ନିୟୁତ । ତୁଳନାତ୍ମକ ଭାବେ ଏହାର ପରିମାଣ ବହୁତ ଅଧିକ । ତେଣୁ ବର୍ତ୍ତମାନ ପରିସ୍ଥିତିରେ ସହରର ଉନ୍ନତି ପାଇଁ ଗ୍ରାମାଞ୍ଚଳର ପରିକଳ୍ପନା ସହିତ ସମନ୍ୱୟ ରଖି ଯୋଜନା ପ୍ରସ୍ତୁତ କରାଯିବା ଆବଶ୍ୟକ ।

ଏହି ପରିପ୍ରେକ୍ଷୀରେ ଓଡ଼ିଶାର କଥା ବିଷୟରକୁ ଆଣିବା ଦରକାର । ୧୯୮୧ ମସିହା ଜନଗଣନା ଅନୁସାରେ ଓଡ଼ିଶାର ଲୋକସଂଖ୍ୟା ୨୬,୩୭୦.୨୭୧ । ଏଥି ମଧ୍ୟରୁ ସହରରେ ବସବାସ କରୁଥିବା ଲୋକ ସଂଖ୍ୟା ୩,୧୧୦.୨୮୨ ।

ବର୍ତ୍ତମାନ ସହରର ଉନ୍ନତି ପାଇଁ ଏପରିଭାବେ ଯୋଜନା କରାଯିବା ଦରକାର, ଯାହାଦ୍ୱାରା କି ସହର-ଅଞ୍ଚଳରୁ ମଫସଲ ଅଞ୍ଚଳ ସହିତ ସହଜ ଯୋଗାଯୋଗ ରଖାଯାଇ ପାରିବ । ସହରଗୁଡ଼ିକ ବିଭିନ୍ନ ସାମଗ୍ରୀର ଉତ୍ପାଦନ କରିବା ସଙ୍ଗେ ସଙ୍ଗେ ଗ୍ରାମରୁ କୃଷି ଉତ୍ପନ୍ନ ସାମଗ୍ରୀର ବିକ୍ରୟ ସ୍ଥଳ ହୋଇ ପାରିବ । ଏହାଛଡ଼ା ସହର ଗ୍ରାମମାନଙ୍କୁ ଅନ୍ୟାନ୍ୟ ସୁବିଧା ଯୋଗାଇ ଦେଇ ପାରିବ । ତେଣୁ ଦେଶର ଉନ୍ନତି ପରିକଳ୍ପନାରେ ସହରର ଉନ୍ନତି ଏକାନ୍ତ ଆବଶ୍ୟକ ।

ସହରର ଉନ୍ନତି ପରିକଳ୍ପନାରେ ପ୍ରଥମେ ପାନୀୟ ଜଳ ଏବଂ ପରିଷ୍କାର ପରିଛନ୍ନତା ଉପରେ ଦୃଷ୍ଟି ଦିଆଯାଏ । ପ୍ରଥମତଃ ବାସଗୃହଗୁଡ଼ିକର ପାଇଖାନା ସଫାକରି ଏବଂ ତାହା ପରିବହନ କରି ଉପଯୁକ୍ତ ସ୍ଥାନରେ ସଂରକ୍ଷଣ କରି ରଖିବା ଦରକାର । ବର୍ତ୍ତମାନ ଯେପରି ଭାବେ ଏହା କାର୍ଯ୍ୟକାରୀ କରାଯାଉଛି ଏହା ସହରବାସୀଙ୍କ ପକ୍ଷରେ ବିପଦର କାରଣ ହୋଇଥାଏ । ଏହି ବ୍ୟବସ୍ଥାର ଉଚିତ ପ୍ରତିକାର ବ୍ୟବସ୍ଥା ନ କଲେ ଏହା ସହରାଞ୍ଚଳରେ ବିପଦର କାରଣ ହୋଇ ଉଠିବ ଏବଂ ସହରର ଅନୁନ୍ନତ ଅଞ୍ଚଳଗୁଡ଼ିକ ସଂକ୍ରାମକ ରୋଗର ପୀଠସ୍ଥଳି ହୋଇ ଉଠିବ । ସହରର ପରିଷ୍କାର ପରିଛନ୍ନତା ଓ ନାଳ ପ୍ରଭୃତି ଉପଯୁକ୍ତ ଭାବରେ ନିର୍ମାଣ କରା ନ ଗଲେ ଯୋଗାଇ ଦିଆଯାଉଥିବା ପାନୀୟ ଜଳ ମଧ୍ୟ ଦୂଷିତ ହେବାର ସମ୍ଭାବନା ରହିବ ।

ମଧ୍ୟମ ଓ ଛୋଟ ସହରଗୁଡ଼ିକରେ ଉନ୍ନତ ପରିକଳ୍ପନା ପାଇଁ ବିଶେଷଭାବେ ଧ୍ୟାନ ଦେବା ଦରକାର । ଏ ସହରଗୁଡ଼ିକ ଗ୍ରାମର ହାଟ ବଜାର ଭଳି କାର୍ଯ୍ୟକରେ । ମଫସଲରେ ଉତ୍ପନ୍ନ ହେଉଥିବା ବିଭିନ୍ନ ଫସଲ ସୁବିଧାରେ ବିକ୍ରୟ କରିହେବ ଏବଂ ଗ୍ରାମର କୃଷୀମାନେ ସହରରୁ ସୁବିଧାରେ ଫସଲ ଉତ୍ପାଦନ ପାଇଁ ବିହନ, ସାର, ନଙ୍ଗଳ ଓ ପୋକମରା ଔଷଧ ପ୍ରଭୃତି ନେଇ ପାରିବେ ।

୧୯୮୧ ମସିହା ଜନଗଣନା ଅନୁସାରେ ଭାରତର ପ୍ରାୟ ୩,୨୪୫ଟି ବଡ଼ ଓ ଛୋଟ ପୌର ସଂସ୍ଥା ରହିଛି । ଏଥିମଧ୍ୟରୁ ୨୧୬ଟି ବଡ଼ନଗରୀ ଯାହାର ଲୋକ-ସଂଖ୍ୟା ୧ ଲକ୍ଷରୁ ଅଧିକ । ୧୨ଟି ନଗରୀ ଲୋକସଂଖ୍ୟା ୧୦ ଲକ୍ଷରୁ ଅଧିକ । ୧୯୭୧–୮୧ ମସିହା ମଧ୍ୟରେ ସହରର ଲୋକ ସଂଖ୍ୟା ଶତକଡ଼ା ୪୬ ଭାଗ ବୃଦ୍ଧି ପାଇଛି । ମାତ୍ର ଗ୍ରାମାଞ୍ଚଳ ଲୋକ ସଂଖ୍ୟା ଏହି ସମୟ ମଧ୍ୟରେ ଶତକଡ଼ା ୨୪.୬୪ ଭାଗ ବୃଦ୍ଧି ପାଇଛି । ୧୯୭୧ ମସିହା ଜନଗଣନା ଅନୁସାରେ ସହରରେ ଶତକଡ଼ା ୨୧.୮ ଭାଗ ବାସଗୃହ ଥିବା ସ୍ଥଳେ ୧୯୮୧ ଜନଗଣନା ଅନୁସାରେ ୨୩.୭୩ ଭାଗ ଲୋକ ସହରରେ ବସବାସ କରୁଛନ୍ତି । ଏହି ପରିପ୍ରେକ୍ଷୀରେ ସହରମାନଙ୍କରେ ବାସଗୃହ ଗୋଟିଏ ସମସ୍ୟା ହୋଇଛି । ସର୍ବସାଧାରଣ ସଂସ୍ଥା କେବଳ ମାତ୍ର କିଛି ଅଂଶ ସମସ୍ୟାର ସମାଧାନ କରି ପାରିବେ । ମାତ୍ର ପୁଞ୍ଜିର ଅଭାବ ହେବା ଦ୍ୱାରା ଏହାର ବିଶେଷ ଅଗ୍ରଗତି ହୋଇ ପାରୁ ନାହିଁ । ଏହା କେବଳ କେତେକାଂଶରେ ଅଭାବ ପୂରଣ କରିବାରେ ସକ୍ଷମ ହୋଇ ପାରୁଛି । ଷଷ୍ଠ ପଞ୍ଚବାର୍ଷିକ ଯୋଜନାରେ ସର୍ବସାଧାରଣ ସଂସ୍ଥା ଜରିଆରେ କେବଳ ଦୁର୍ବଳଶ୍ରେଣୀ ମାନଙ୍କ ପାଇଁ ଅଳ୍ପକିଛି ବ୍ୟବସ୍ଥା କରାଯାଇଛି ।

ଏହି ଯୋଜନା ଅନୁସାରେ ଘରଡ଼ିହ ଯୋଗାଇ ଦେବା ସଙ୍ଗେ ସଙ୍ଗେ ଗୃହପାଇଁ ଟ୩୦୦ଙ୍କା ଋଣ ସ୍ୱଳ୍ପ ସୁଧରେ ଯୋଗାଇ ଦିଆଯାଏ । ଏହି ଋଣକୁ ୨୦-୨୫ ବର୍ଷ ମଧ୍ୟରେ ପରିଶୋଧ କରିବା ଦରକାର । ଏହି ଋଣର ଉଦ୍ଦେଶ୍ୟ

ଥାଏ ଯେ ଭବିଷ୍ୟତରେ ଋଣ ଗ୍ରହଣ କରିଥିବା ବ୍ୟକ୍ତି ହୁଏତ ଉନ୍ନତି କରିପାରିବ ଏବଂ ଋଣର ଉପଯୁକ୍ତ ବିନିମୟରେ ନିଜର ରହିବାର ବ୍ୟବସ୍ଥା ସଙ୍ଗେ ସଙ୍ଗେ ଋଣ ପରିଶୋଧ କରିପାରିବ । ଯୋଜନାରେ ଏଥିପାଇଁ ୪୮୫ କୋଟି ଟଙ୍କାର ବ୍ୟବସ୍ଥା କରାଯାଇ ୨୬.୮ ଲକ୍ଷ ଘର ତିଆରିର ଲକ୍ଷ୍ୟାଧାର୍ଯ୍ୟ କରାଯାଇଛି ।

ଧାର୍ଯ୍ୟ ଯୋଜନାର ବହୁପରିମାଣର ଟଙ୍କା ଘର ତିଆରି ପାଇଁ ହୁଡ୍‌କୋ ସଂସ୍ଥା ମାଧ୍ୟମରେ ଖର୍ଚ୍ଚ କରାଯାଏ । ବର୍ତ୍ତମାନ ସୁଦ୍ଧା ହୁଡ୍‌କୋ ସଂସ୍ଥା ୧୧୪୫ କୋଟି ଟଙ୍କାର ଋଣ ମଞ୍ଜୁରୀ ଟଙ୍କାରେ ୧୪ ଲକ୍ଷ ବାସଗୃହ କରାଯିବାର ଅଟକଳ କରାଯାଇଛି । ୧୯ଟି ପ୍ରଦେଶ ଓ ୪ଟି ୟୁନିୟନ ଟେରିଟୋରି ମଧ୍ୟରେ ପ୍ରାୟ ୬୦୦ ସହରରେ ଓ ଅନେକ ଗ୍ରାମରେ ଏହି ବାସଗୃହ ପରିକଳ୍ପନା କାର୍ଯ୍ୟକାରୀ କରାଯାଉଛି ।

ଅନ୍ୟାନ୍ୟ ବାସଗୃହର ବ୍ୟବସ୍ଥା ସହଯୋଗ ସମିତି ଜରିଆରେ କିମ୍ବା ଘରୋଇ ସଂସ୍ଥା ଜରିଆରେ ହେବା ଦରକାର । ଏଥିପାଇଁ ଏ ସଂସ୍ଥା ଟଙ୍କା ଯୋଗାଇ ପାରନ୍ତେ । ଏହି ପରିପ୍ରେକ୍ଷୀରେ ଏପରି ଏକ ପରିକଳ୍ପନା ଦରକାର ଯାହାଦ୍ୱାରାକି ଘରୋଇ ସଂସ୍ଥାଗୁଡ଼ିକ ବାସଗୃହ ନିର୍ମାଣ ପାଇଁ ଋଣ ଦେବାକୁ ଆଗେଇ ହୋଇ ଆସିବେ ।

ଷଷ୍ଠ ଯୋଜନା କାଳରେ ମଧ୍ୟ ଘରୋଇ ସଂସ୍ଥା ଜରିଆରେ ଅଧିକ ସମ୍ବଳଥିବା ଲୋକମାନଙ୍କ ପାଇଁ ବାସଗୃହର ବ୍ୟବସ୍ଥା କରିବାର ଆଶା କରାଯାଉଛି । ଘରୋଇ ସଂସ୍ଥାଗୁଡ଼ିକ ମଧ୍ୟମ ଆୟକାରୀମାନଙ୍କ ବାସଗୃହ ପାଇଁ ଋଣ ଦେବାରେ ଆଗ୍ରହୀ ହେବାର ଆଶାକରାଯାଏ । ଏହାଦ୍ୱାରା ବହୁତ ମଧ୍ୟମ ଆୟକାରୀ ବ୍ୟକ୍ତି ବିଶେଷ ଉପକୃତ ହେବେ. ସଙ୍ଗେ ସଙ୍ଗେ ସହରାଞ୍ଚଳରେ ବାସଗୃହର ଅଭାବ କେତେକାଂଶରେ ଦୂରହୋଇ ପାରନ୍ତା ।

ଯଦି ଘରୋଇ ସଂସ୍ଥାମାନଙ୍କୁ ଉପଯୁକ୍ତ ଭାବେ ଉତ୍ସାହିତ କରାଯିବ, ସେମାନେ ସହରାଞ୍ଚଳରେ ଘର ତିଆରି ପାଇଁ ନିଜସ୍ୱ ଋଣ ଦେବାକୁ ଆଗ୍ରହ ପ୍ରକାଶ କରିବେ । ଏପରି ସ୍ଥଳେ ଏଥିପାଇଁ ସୁଚିନ୍ତିତ ଯୋଜନା ପ୍ରସ୍ତୁତ କଲେ ବହୁତ ବ୍ୟକ୍ତି ଉପକୃତ ହୋଇ ପାରନ୍ତେ । ବିଶେଷତଃ ଛୋଟ ସହରଗୁଡ଼ିକ ଉନ୍ନତ ଧରଣର ସହର ରୂପେ ଗଢ଼ିଉଠିବାକୁ ମଧ୍ୟ ସକ୍ଷମ ହୋଇ ପାରିବେ ବୋଲି ଆଶା କରାଯାଇ ପାରନ୍ତା ।

ପୌର ନିର୍ବାହୀ ଅଧିକାରୀ
ଜଡ଼ବିଲ

## ଗୋବରଗ୍ୟାସ ପ୍ଲାଣ୍ଟ୍ ଚୁଲ୍ଲୀ

ଗୋଟିଏ ୧୫ ଘନମିଟର ଗୋବରଗ୍ୟାସ ପ୍ଲାଣ୍ଟ ତିଆରି ପାଇଁ ସମସ୍ତ ଖର୍ଚ୍ଚ ବାବଦକୁ ହାରାହାରି ୨୨ ହଜାର ଟଙ୍କା ଖର୍ଚ୍ଚ ହୋଇଥାଏ । ଏହି ମାପର ପ୍ଲାଣ୍ଟ ନିର୍ମାଣ ପାଇଁ କ୍ଷୁଦ୍ର ଓ ନାମମାତ୍ର ଚାଷୀ, ଭୂମିହୀନ ଓ ଅନୁସୂଚିତ ଉପଜାତି ଲୋକମାନଙ୍କୁ ୬ ହଜାର ଟଙ୍କା ସବ୍‌ସିଡ଼ି ଦିଆଯାଏ ଏବଂ ଅନ୍ୟମାନଙ୍କ ପାଇଁ ଏହି ସବ୍‌ସିଡ଼ିର ପରିମାଣ ୪ ହଜାର ଟଙ୍କା । ଏହି ଚୁଲ୍ଲୀକୁ ସହଜରେ ଓ ଆବଶ୍ୟକ ଅନୁଯାୟୀ ଲଗାଇପାରେ ଏବଂ ଲିଭା ଯାଇପାରେ ।

ନୂତନ ବିଂଶସୂତ୍ରୀ ଅର୍ଥନୈତିକ କାର୍ଯ୍ୟକ୍ରମ ଅନୁଯାୟୀ ବାୟୋଗ୍ୟାସ ପ୍ଲାଣ୍ଟର ପ୍ରସାର ଉପରେ ଗୁରୁତ୍ୱ ଦିଆଯାଇଛି । ରାଜ୍ୟ ବିଜ୍ଞାନ, କାରିଗରୀ ଓ ପରିବେଶ ବିଭାଗ ସହାୟତାରେ ବ୍ରହ୍ମପୁର ସହରର ମୋତି ହୋଟେଲ ପାଇଁ ଗୋଟିଏ ୧୫ ଘନମିଟର ମାପର ଗୋବରଗ୍ୟାସ ପ୍ଲାଣ୍ଟ ନିର୍ମାଣ କରାଯାଇଛି । ତାହା ଖୁବ୍ ସଫଳତାର ସହିତ କାର୍ଯ୍ୟ କରୁଛି । ବିଭାଗୀୟ ପଦସ୍ଥ ଅଫିସରମାନଙ୍କର ଏହି ପ୍ଲାଣ୍ଟକୁ ପରିଦର୍ଶନରେ ଯାଇଥିବାବେଳେ ହୋଟେଲର ପରିଚାଳକ କହିଲେ ଯେ, ହୋଟେଲରେ ଆବଶ୍ୟକ ହେଉଥିବା ସମସ୍ତ ଖାଦ୍ୟ ପ୍ଲାଣ୍ଟ ଚୁଲ୍ଲୀରେ ରନ୍ଧନ କରାଯାଉଅଛି ଓ ଜାଳେଣି ଖର୍ଚ୍ଚରୁ ବର୍ତ୍ତମାନ ମାସକୁ ୫,୭୦୦ ଟଙ୍କା ବଞ୍ଚିପାରୁଛି । ପୂର୍ବରୁ ହୋଟେଲରେ ଦୈନିକ ୨୦୦ ଟଙ୍କାର କୋଇଲା ଖର୍ଚ୍ଚ ହେଉଥିବାବେଳେ ବର୍ତ୍ତମାନ ଦୈନିକ ମାତ୍ର ୨୦ ଝୁଡ଼ି କଞ୍ଚା ଗୋବର ପ୍ଲାଣ୍ଟ ପାଇଁ ଦରକାର ପଡୁଛି । ବ୍ୟବହାର ହୋଇଥିବା ଗୋବରକୁ ମଧ୍ୟ ବିକ୍ରୀ କରାଯିବାପରେ ଦୈନିକ ଆବଶ୍ୟକ ହେଉଥିବା ଗୋବର ବାବଦକୁ ମାତ୍ର ୧୦ ଟଙ୍କା ଖର୍ଚ୍ଚ ହେଉଥିବା କଥା ହୋଟେଲର ପରିଚାଳକ ବିଭାଗୀୟ ଅଫିସରମାନଙ୍କ ସମ୍ମୁଖରେ ପ୍ରକାଶ କରିଥିଲେ ।

# ଓଡ଼ିଆ ଚଳଚିତ୍ରର ବିକାଶ

**ଶ୍ରୀ ପ୍ରଦ୍ୟୁମ୍ନ କୁମାର ମିଶ୍ର**

ଓଡ଼ିଆ ଚଳଚିତ୍ର ଶିଳ୍ପର ଜନ୍ମହୁଏ ୧୯୩୪ ମସିହାରେ "ମୋହନ ସୁନ୍ଦର ଗୋସ୍ୱାମୀଙ୍କ ଦ୍ୱାରା ପ୍ରଯୋଜିତ ପ୍ରଥମ ଓଡ଼ିଆ ଚଳଚିତ୍ର ସୀତା ବିବାହ" । ତା' ପରେ ଦୀର୍ଘ ପନ୍ଦର ବର୍ଷ ଧରି କୌଣସି ଓଡ଼ିଆ ଚଳଚିତ୍ର ନିର୍ମାଣ ହୋଇନାହିଁ । ବୋଧହୁଏ ଉପଯୁକ୍ତ ପରିବେଶ ଓ ଉଦ୍ୟମ ଅଭାବରୁ ଏଇ ସମୟରେ ଓଡ଼ିଆ ଚଳଚିତ୍ରର ନିର୍ମାଣରେ ଯଥେଷ୍ଟ ଶିଥିଳତା ପ୍ରକାଶ ପାଇଥିଲା । ୧୯୪୯ ମସିହାରୁ ୧୯୮୩ ଜୁଲାଇ ମାସ ଭିତରେ ସର୍ବମୋଟ ୧୧୬ଟି ଚଳଚିତ୍ର ନିର୍ମାଣ ହୋଇଅଛି । ଏହାମଧ୍ୟରେ ୧୯୪୯ରୁ ୧୯୬୦ ମଧ୍ୟରେ ୧୧ଟି, ୧୯୬୧ରୁ ୧୯୭୦ ମସିହା ଭିତରେ ୨୨ଟି, ୧୯୭୧ରୁ ୧୯୮୦ ମସିହା ଭିତରେ ୬୨ଟି, ୧୯୮୧ରୁ ଆଜି ପର୍ଯ୍ୟନ୍ତ ୨୧ଟି ଓଡ଼ିଆଚିତ୍ର ନିର୍ମାଣ ହୋଇଛି । ପ୍ରତ୍ୟେକ ଦଶନ୍ଧିରେ ନିର୍ମାଣ ହୋଇଥିବା ଓଡ଼ିଆ ଚଳଚିତ୍ରର ସଂଖ୍ୟାକୁ ସମୀକ୍ଷାକଲେ ଦେଖାଯିବଯେ ୧୯୭୧ ମସିହାଠାରୁ ଓଡ଼ିଆ ଚଳଚିତ୍ରର ନିର୍ମାଣ ସମସ୍ୟା କ୍ରମଶଃ ବଢ଼ି ଚାଲିଛି । ଆଜିପର୍ଯ୍ୟନ୍ତ ସର୍ବମୋଟ ୧୧୭ଟି ଚଳଚିତ୍ର ଭିତରୁ ୨୯ଟି, ରଙ୍ଗୀନ ଓ ୮୮ଟି କଳାଧଳାରେ ନିର୍ମିତ ହୋଇଛି । ୧୯୭୬ରେ ପ୍ରଥମ ରଙ୍ଗୀନ୍ ଛବି 'ଗପହେଲେବି ସତ' ନିର୍ମିତ ହୋଇଥିଲା ଓ ୧୯୮୨ରେ ପ୍ରଥମ ରଙ୍ଗୀନ୍ ସିନେମାସ୍କୋପ୍ ଚଳଚିତ୍ର "ହିସାବ ନିକାଶ" ନିର୍ମିତ ହୋଇଥିଲା ।

କେବଳ କିଛି ବହିଃଦୃଶ୍ୟ ଗ୍ରହଣ ବ୍ୟତୀତ ୧୯୮୧ ମସିହା ପର୍ଯ୍ୟନ୍ତ ସମସ୍ତ ଓଡ଼ିଆ ଚଳଚିତ୍ରର ନିର୍ମାଣକାର୍ଯ୍ୟ ଓଡ଼ିଶା ବାହାରେ ହେଉଥିଲା କାରଣ ଓଡ଼ିଶାରେ କୌଣସି ଷ୍ଟୁଡ଼ିଓ ବା ଚଳଚିତ୍ର ନିର୍ମାଣପାଇଁ ଉପଯୁକ୍ତ ପରିବେଶ ନଥିଲା । ସେଥିପାଇଁ ଓଡ଼ିଶାରେ ଓଡ଼ିଆ ଚଳଚିତ୍ରର ବିକାଶ ଓ ଅଭିବୃଦ୍ଧି ପାଇଁ ରାଜ୍ୟ ସରକାର ୧୯୭୬ ମସିହା ଏପ୍ରିଲ ୨୨ତାରିଖରେ ଓଡ଼ିଆ ଚଳଚିତ୍ର ନିଗମ ପ୍ରତିଷ୍ଠା କରିଅଛନ୍ତି । ୧୯୭୮ ମସିହାରେ ଓଡ଼ିଆ ଚଳଚିତ୍ର ଉନ୍ନୟନ ନିଗମ ଓଡ଼ିଆ ଚଳଚିତ୍ରର ବିକାଶ ପାଇଁ କେତେକ ବିଧିବଦ୍ଧ ଯୋଜନା ପ୍ରସ୍ତୁତ କରିଛନ୍ତି ।

ଓଡ଼ିଶାରେ ପ୍ରେକ୍ଷାଳୟର ବୃଦ୍ଧି ସହିତ ଓଡ଼ିଆ ଚଳଚିତ୍ର ନିର୍ମାଣର ଅଗ୍ରଗତି ନିବିଡ଼ ଭାବରେ ସଂପୃକ୍ତ । କାରଣ, ଓଡ଼ିଶା ବାହାରେ ଓଡ଼ିଆ ଚଳଚିତ୍ର ପ୍ରଦର୍ଶନର ଅନୁକୂଳ ସୁଯୋଗନାହିଁ । ସେଥିପାଇଁ ୬ଷ୍ଠ ଯୋଜନାରେ କର୍ପୋରେସନ ୬୨ଟି ଜନତା ପ୍ରେକ୍ଷାଳୟକୁ ଆର୍ଥିକ ଋଣ ମଞ୍ଜୁର କରିବାକୁ ସ୍ଥିର କରିଛନ୍ତି । ଛଅଲକ୍ଷଟଙ୍କା ଅଟକଳରେ ପ୍ରସ୍ତୁତ ଏହି ଜନତା ପ୍ରେକ୍ଷାଳୟରେ ପ୍ରାୟ ପାଞ୍ଚଶହ ଦର୍ଶକ ବସିପାରିବେ । ମୋଟ ଅଟକଳର ୭୦ଭାଗ ବ୍ୟାଙ୍କ ଜରିଆରେ ଋଣ ମିଳିପାରିବ । ୧୫ ଭାଗ ଋଣ ଚଳଚିତ୍ର ଉନ୍ନୟନ ନିଗମ ବହନ କରିବ ଏବଂ ଅବଶିଷ୍ଟ ୧୫ ଭାଗ ଉଦ୍ୟୋଗୀଙ୍କୁ ବହନ କରିବାକୁହେବ । ଏହି ଯୋଜନା ଅନୁଯାୟୀ ସର୍ବମୋଟ ୩୨ଟି ପ୍ରେକ୍ଷାଳୟରୁ ବର୍ତ୍ତମାନ ସୁଦ୍ଧା ୨୭ଟି ପ୍ରେକ୍ଷାଳୟ ହେଉଅଛି ଓ ୫ଟି ପ୍ରେକ୍ଷାଳୟ କାର୍ଯ୍ୟ ସଂପୂର୍ଣ ହୋଇ ଚଳଚିତ୍ର ପ୍ରଦର୍ଶନ ହେଉଅଛି । ଏପର୍ଯ୍ୟନ୍ତ ମୋଟ ୫୧ଜଣ ଉଦ୍ୟୋଗୀଙ୍କୁ କର୍ପୋରେସନ ଜନତା ପ୍ରେକ୍ଷାଳୟ ନିର୍ମାଣପାଇଁ ଦରଖାସ୍ତ ମଞ୍ଜୁର କରିଛନ୍ତି । ଏହା ବ୍ୟତୀତ ଜାତୀୟ ଚଳଚିତ୍ର ଉନ୍ନୟନ ନିଗମ ଓ ଓଡ଼ିଶା ଚଳଚିତ୍ର ଉନ୍ନୟନ ନିଗମର ମିଳିତ ସହଯୋଗରେ ୭ଟି ପ୍ରେକ୍ଷାଳୟକୁ ଋଣ ମଞ୍ଜୁର କରାଯାଇଛି । ତନ୍ମଧ୍ୟରୁ ଗୋଟିଏ ପ୍ରେକ୍ଷାଳୟ ଭୁବନେଶ୍ୱରରେ ସଫଳତାର ସହ ଚାଲିଛି । ରାଜ୍ୟସରକାରଙ୍କ ଏକ ନୂତନ ଯୋଜନା ଅନୁଯାୟୀ ୧୯୮୪ ଶେଷ ସୁଦ୍ଧା ଗ୍ରାମାଞ୍ଚଳରେ ପ୍ରଥମ ପର୍ଯ୍ୟାୟରେ ୧୦୦ଟି ପ୍ରେକ୍ଷାଳୟ ନିର୍ମାଣ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଉଛି । ୧୯୭୯ ମସିହାରେ ଓଡ଼ିଶାର ସର୍ବମୋଟ ୧୧୭ଟି ପ୍ରେକ୍ଷାଳୟ ଥିଲା । ୧୯୮୦ରେ ଏହାବୃଦ୍ଧିପାଇ ୧୩୫ହେଲା ଓ କ୍ରମଶଃ ଏହା ବୃଦ୍ଧିପାଇ ବର୍ତ୍ତମାନ ସୁଦ୍ଧା ଏହାର ସଂଖ୍ୟା ୧୮୪ରେ ପହଞ୍ଚିଅଛି । ଏହାକେବଳ ସମ୍ଭବ ହୋଇପାରିଛି ରାଜ୍ୟସରକାର ଚଳଚିତ୍ର ପ୍ରେକ୍ଷାଳୟ ନିର୍ମାଣକୁ ଏକ-କ୍ଷୁଦ୍ରଶିଳ୍ପରୂପେ ଗ୍ରହଣ କରିଥିବାରୁ । ଏହାଦ୍ୱାରା ବିଭିନ୍ନ କୋ-ଅପରେଟିଭ୍ ବ୍ୟାଙ୍କ ଓ କମରସିଆଲ ବ୍ୟାଙ୍କ ପ୍ରେକ୍ଷାଳୟ ନିର୍ମାଣପାଇଁ ଆର୍ଥିକ ସାହାଯ୍ୟ ଦେବାରେ ସକ୍ଷମ ହୋଇଛନ୍ତି । ରାଜ୍ୟସରକାରଙ୍କର ଘୋଷିତ ୧୯୮୦ ମସିହାରେ ଇଣ୍ଡଷ୍ଟ୍ରିଆଲ ପଲିସିରେ ଥିବା ବିଭିନ୍ନ ପ୍ରକାର ଇନ୍‌ସେନ୍‌ଟିଭ୍ ପାଇବା ପାଇଁ ଏହି ପ୍ରେକ୍ଷାଳୟଗୁଡ଼ିକ ମଧ୍ୟ ହକ୍‌ଦାର ହୋଇପାରିଛନ୍ତି । ଅତି ସୁଖର ବିଷୟ ଯେ ସାରା ଭାରତରେ ଓଡ଼ିଶା ସରକାର ପ୍ରଥମ କରି ଏହି ପଦକ୍ଷେପ ନେଇଛନ୍ତି ।

ଓଡ଼ିଶାରେ ଓଡ଼ିଆ ଚଳଚିତ୍ରର ଆର୍ଥିକ ବିକାଶ ଦିଗରେ ସାହାଯ୍ୟ କରିବା ଅଭିପ୍ରାୟରେ ବାଧ୍ୟତାମୂଳକ

ଓଡ଼ିଆ ଚଳଚ୍ଚିତ୍ର ପ୍ରଦର୍ଶନର ନିୟମ ପ୍ରଣୟନ କରାଯାଇଛି । ଏହି ନିୟମ ଅନୁଯାୟୀ ଓଡ଼ିଶାର ପ୍ରତ୍ୟେକ ପ୍ରେକ୍ଷାଳୟ ଅନ୍ୟୁନ ଛଅ ସପ୍ତାହ ବାଧ୍ୟତାମୂଳକ ଭାବେ ଓଡ଼ିଆ ଚଳଚ୍ଚିତ୍ର ପ୍ରଦର୍ଶନ କରିବେ ।

ଓଡ଼ିଆ ପ୍ରଯୋଜକମାନଙ୍କୁ ଚଳଚ୍ଚିତ୍ର ନିର୍ମାଣ ତଥା ମୁକ୍ତି ଲାଭ ଦିଗରେ ସହାୟତା କରିବା ପାଇଁ ମାତ୍ର ଶତକଡ଼ା ଏକ ଟଙ୍କା ସୁଧ ହାରରେ ଏକଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଦାନ କରିବାର ବ୍ୟବସ୍ଥା ହୋଇଛି । ଫଳରେ ବହୁ ଓଡ଼ିଆ ଚଳଚ୍ଚିତ୍ର ପ୍ରଯୋଜକ ଏହାର ସୁଯୋଗ ନେଇ ପାରୁଛନ୍ତି । ଏପର୍ଯ୍ୟନ୍ତ ଏ ପ୍ରକାରର ଋଣ ୨୯ ଜଣ ଓଡ଼ିଆ ଚଳଚ୍ଚିତ୍ର ପ୍ରଯୋଜକଙ୍କ ସପକ୍ଷରେ ମଞ୍ଜୁର କରାଯାଇଛି । ଏହାବ୍ୟତୀତ ୮ଜଣ ଓଡ଼ିଆ ଚଳଚ୍ଚିତ୍ର ପ୍ରଯୋଜକଙ୍କୁ ଚଳଚ୍ଚିତ୍ର ନିର୍ମାଣ ସକାଶେ ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ ଗ୍ୟାରେଣ୍ଟିରେ ବିଭିନ୍ନ ବ୍ୟାଙ୍କରୁ ଋଣ ନେବା ପାଇଁ ନିଷ୍ପତ୍ତି ନିଆ ଯାଇଅଛି ।

ପୁନା ଫିଲିମ୍ ଓ ଟେଲିଭିଜନ୍ ଇନ୍‌ଷ୍ଟିଚ୍ୟୁଟ୍‌ରେ ସଫଳତାର ସହିତ ତାଲିମ୍ ପାଇଥିବା ଓଡ଼ିଶାର ଛାତ୍ରମାନଙ୍କୁ ଓଡ଼ିଆ ଚଳଚ୍ଚିତ୍ର ନିର୍ମାଣ କରିବାରେ ସୁଯୋଗ ଦେବା ପାଇଁ ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ ଜାତୀୟ ଚଳଚ୍ଚିତ୍ର ଉନ୍ନୟନ ନିଗମ ସହିତ ଆର୍ଥିକ ସାହାଯ୍ୟ ସକାଶେ ଚୁକ୍ତିବଦ୍ଧ ହୋଇଅଛି । ଏହି ଯୋଜନା ଅନୁସାରେ ସର୍ବଶ୍ରୀ ସାଧୁମେହେର, ନିରୋଦ ମହାପାତ୍ର, ମନମୋହନ ମହାପାତ୍ର ୩ ଜଣ ପ୍ରଯୋଜକଙ୍କୁ ଓଡ଼ିଆ ଚଳଚ୍ଚିତ୍ର ନିର୍ମାଣ ପାଇଁ ଋଣ ମଞ୍ଜୁର କରା ହୋଇଅଛି ।

ଓଡ଼ିଆ ଚଳଚ୍ଚିତ୍ର ନିର୍ମାଣକୁ ଉତ୍ସାହିତ କରିବା ପାଇଁ ତା ୧-୪-୭୮ ପରେ ସେନ୍‌ସର ହୋଇଥିବା କଳାଧଳା ଓଡ଼ିଆ ଚିତ୍ରଗୁଡ଼ିକୁ ଏକ ଲକ୍ଷ ପର୍ଯ୍ୟନ୍ତ ଓ ରଙ୍ଗୀନ୍ ଚିତ୍ରଗୁଡ଼ିକୁ ଏକଲକ୍ଷ ପଚାଶ ହଜାର ଟଙ୍କା ପର୍ଯ୍ୟନ୍ତ ସବ୍‌ସିଡ଼ି ଦେବାର ବ୍ୟବସ୍ଥା ରହିଛି । ସବ୍‌ସିଡ଼ି ଟଙ୍କାର ୫୦ ଭାଗ ପ୍ରଥମ ଚିତ୍ରର ସେନ୍‌ସର ସାର୍ଟିଫିକେଟ୍ ପାଇବା ପରେ ପ୍ରଯୋଜକ ପାଇ ପାରିବେ ଏବଂ ଅବଶିଷ୍ଟ ୫୦ ଭାଗ ସବ୍‌ସିଡ଼ି ଦ୍ୱିତୀୟ ଚିତ୍ରର ଆଉଟ୍ ଡୋର ଓ ଇନ୍‌ଡୋର ସୁଟିଂ ଶେଷ ହେବା ପରେ ପାଇ ପାରିବେ ।

ଏହାବ୍ୟତୀତ ଅନ୍ୟ ଭାଷା ଲାଗି ଚିତ୍ର ନିର୍ମାତାମାନେ ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ ସହାୟତାରେ ନିର୍ମିତ କଳିଙ୍ଗ ଷ୍ଟୁଡ଼ିଓରେ ଚିତ୍ର ନିର୍ମାଣ କଲେ ସବ୍‌ସିଡ଼ି ପାଇବା ପାଇଁ ବିବେଚନା କରାଯିବ । ଏହି ସବ୍‌ସିଡ଼ି ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଦିଆଯାଇ ପାରିବ । ଏହି ନୂତନ ବ୍ୟବସ୍ଥାର ମୁଖ୍ୟ କାରଣ ହେଲା ଯେ ଭାରତର ବିଭିନ୍ନ ଭାଷା ଭାଷୀ ଚିତ୍ର "କଳିଙ୍ଗ ଷ୍ଟୁଡ଼ିଓ"ରେ ପ୍ରସ୍ତୁତ ହୋଇ ପାରିବ ଓ ଆମ ଟେକ୍‌ନିସିଆନ୍, କଳାକାରମାନେ ବିଭିନ୍ନ ଭାଷାର ଚଳଚ୍ଚିତ୍ରରେ କାର୍ଯ୍ୟ କରିବାର ସୁଯୋଗ ପାଇବେ ଏବଂ ତଦ୍ୱାରା ସେମାନଙ୍କ ଆର୍ଥିକ ଅବସ୍ଥାର ଉନ୍ନତି ଘଟିବ । ଏହାଛଡ଼ା ଆମ ଷ୍ଟୁଡ଼ିଓ ଅଧିକ କର୍ମମୁଖର ହୋଇ ପାରିବ ଏବଂ ବହୁ ଅର୍ଥ ବ୍ୟୟରେ ଆମର ଯେଉଁ ଷ୍ଟୁଡ଼ିଓ କଂପ୍ଲେକ୍‌ସ୍ ନିର୍ମାଣ କରାଯାଇଛି ତା'ର ସଦ୍ ଉପଯୋଗ ହୋଇ ପାରିବ । ୧୯୮୩ ମସିହା ଜୁନ୍‌ମାସ ସୁଦ୍ଧା ମୋଟ ୧୮ଟି ରଙ୍ଗୀନ ଓ ୩ଟି କଳାଧଳା ଚିତ୍ର ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମରୁ ସବ୍‌ସିଡ଼ି ପାଇଅଛି ।

ଓଡ଼ିଆ ଚଳଚ୍ଚିତ୍ର ନିର୍ମାଣ ଓ ଅଭିବୃଦ୍ଧି ପାଇଁ ଏକ ଉନ୍ନତ ଧରଣର ଷ୍ଟୁଡ଼ିଓର ବହୁ ଆବଶ୍ୟକତା ଥିଲା । ଓଡ଼ିଶା ସରକାରଙ୍କର ଉତ୍ସାହ, ପ୍ରେରଣା ଓ ସହଯୋଗରେ ଏକ ଅତ୍ୟାଧୁନିକ ଷ୍ଟୁଡ଼ିଓ କଂପ୍ଲେକ୍‌ସ୍ "କଳିଙ୍ଗ ଷ୍ଟୁଡ଼ିଓ" ଭୁବନେଶ୍ୱର ଖଣ୍ଡଗିରି ନିକଟରେ ନିର୍ମିତ ହୋଇଛି । ଏହାଦ୍ୱାରା ଚଳଚ୍ଚିତ୍ର ସହିତ ସଂପୃକ୍ତ ଓଡ଼ିଶାର ଶିଳ୍ପୀମାନଙ୍କର ଏକ ଦୀର୍ଘ ଦିନର ସ୍ୱପ୍ନ ସଫଳ ହୋଇ ପାରିଛି । ଏହି ଷ୍ଟୁଡ଼ିଓରେ ପ୍ରାୟ ବର୍ଷକୁ ୩୦ଟି ଚଳଚ୍ଚିତ୍ର ପ୍ରସ୍ତୁତ ହୋଇ ପାରିବ ।

ଏହି ଷ୍ଟୁଡ଼ିଓର ଶିଳାନ୍ୟାସ ୨୯ ଅକ୍‌ଟୋବର ୧୯୮୦ରେ ହୋଇ ନିର୍ଦ୍ଧାରିତ ସମୟ ପୂର୍ବରୁ ସଂପୂର୍ଣ୍ଣ ହୋଇ ମଇ ୫ ତାରିଖ ୧୯୮୨ ମସିହାରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇ ପାରିଛି । ଓଡ଼ିଶାର ପ୍ରଯୋଜକମାନେ ଏହି ଷ୍ଟୁଡ଼ିଓର ଯଥାର୍ଥ ସଦୁପଯୋଗ କରୁଛନ୍ତି ଏବଂ ଓଡ଼ିଶାର ବାହାର ପ୍ରଯୋଜକମାନେ ମଧ୍ୟ ଏହି ଷ୍ଟୁଡ଼ିଓରେ କାର୍ଯ୍ୟ କରିବା ପାଇଁ ଯଥେଷ୍ଟ ଆଗ୍ରହ ପ୍ରକାଶ କରୁଛନ୍ତି ।

ଅତି ଗୌରବର ବିଷୟ ଯେ ଏହି ଷ୍ଟୁଡ଼ିଓରେ ଆଜି ପର୍ଯ୍ୟନ୍ତ ୨୦ଟି ଚଳଚ୍ଚିତ୍ରର ବିଭିନ୍ନ ନିର୍ମାଣ କାର୍ଯ୍ୟ ସଂପାଦନ ହୋଇଅଛି । ଏହି ଚଳଚ୍ଚିତ୍ରଗୁଡ଼ିକ ହେଲା :—

୧ । ପରଦେଶି ଘର ଭାଙ୍ଗେନା .. ଓଡ଼ିଆ ରଙ୍ଗୀନ୍
୨ । ହିସାବ ନିକାଶ .. ଓଡ଼ିଆ ରଙ୍ଗୀନ୍
୩ । ରାମ ରହିମ୍ .. ଓଡ଼ିଆ ରଙ୍ଗୀନ
୪ । ସପନ .. ହିନ୍ଦି ରଙ୍ଗୀନ୍
୫ । ମହାସତୀ ସାବିତ୍ରୀ .. ଓଡ଼ିଆ ରଙ୍ଗୀନ୍
୬ । ନଳ ଦମୟନ୍ତୀ .. ଓଡ଼ିଆ ରଙ୍ଗୀନ୍
୭ । ଧାରେ ଆଲୁଅ .. ଓଡ଼ିଆ ରଙ୍ଗୀନ୍
୮ । ଜୀବନ ସଂଗ୍ରାମ .. ଓଡ଼ିଆ ରଙ୍ଗୀନ୍
୯ । ସଂସ୍କାର .. ଓଡ଼ିଆ ରଙ୍ଗୀନ୍
୧୦ । ଭକ୍ତ ସାଲବେଗ .. ଓଡ଼ିଆ ରଙ୍ଗୀନ୍
୧୧ । ଆଶାର ଆକାଶ .. ଓଡ଼ିଆ ରଙ୍ଗୀନ୍
୧୨ । ଶୀତ ରାତି .. ଓଡ଼ିଆ କଳାଧଳା
୧୩ । ଅଭିଳାଷ .. ଓଡ଼ିଆ ରଙ୍ଗୀନ୍

୧୪ । ବାସନ୍ତୀ ଅପା .. ଓଡ଼ିଆ ରଙ୍ଗୀନ୍

୧୫ । ମଶାଲ .. ଓଡ଼ିଆ ରଙ୍ଗୀନ୍

୧୬ । ମାମୁଁ .. ଓଡ଼ିଆ ରଙ୍ଗୀନ୍

୧୭ । ମୁଁ, ତୁମେ ଓ ସେ .. ଓଡ଼ିଆ ରଙ୍ଗୀନ୍

୧୮ । ସ୍ୱପ୍ନ ସାଗର .. ଓଡ଼ିଆ ରଙ୍ଗୀନ୍

୧୯ । ଅନାମିକା .. ଓଡ଼ିଆ

୨୦ । ନୀରବ ଝଡ଼ . ଓଡ଼ିଆ ରଙ୍ଗୀନ୍

ଏହି ଷ୍ଟୁଡ଼ିଓରେ ନିର୍ମିତ ହୋଇଥିବା ହିନ୍ଦି ଚିତ୍ର "[illegible]ନ" ଓ ଓଡ଼ିଆ ଚିତ୍ର "ଶୀତ ରାତି" ଏହା ମଧ୍ୟରେ ଜାତୀୟ ସ୍ତରରେ ଭାରତ ସରକାରଙ୍କ ଦ୍ୱାରା ପୁରସ୍କୃତ ହୋଇପାରିଛି ।

ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ ଓଡ଼ିଶାର ପ୍ରଯୋଜକ, କଳାକାର ଓ ଟେକ୍‌ନିସିଆନମାନଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ କରିବା ପାଇଁ ୧୯୭୯ରୁ ଆଞ୍ଚଳିକ ଚଳଚ୍ଚିତ୍ର ଉତ୍ସବ ଆୟୋଜନ କରିଛି । ୫ଟି ଆଞ୍ଚଳିକ ଚଳଚ୍ଚିତ୍ର ଉତ୍ସବରେ ଭାରତର ବିଭିନ୍ନ ଭାଷାରେ ଜାତୀୟ ଓ ରାଜ୍ୟ-ସ୍ତରରେ ପୁରସ୍କାର ପ୍ରାପ୍ତ ଚଳଚ୍ଚିତ୍ର ବ୍ୟତୀତ ଆନ୍ତର୍ଜାତୀୟ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବିଭିନ୍ନ ଭାଷାର ଚଳଚ୍ଚିତ୍ର ମଧ୍ୟ ପ୍ରଦର୍ଶନ କରାଯାଇଛି । ରାଜ୍ୟ ସ୍ତରରେ ପ୍ରତ୍ୟେକ ବର୍ଷ ଏହିପରି ଚଳଚ୍ଚିତ୍ର ଉତ୍ସବର ଆୟୋଜନ କେବଳ ଓଡ଼ିଶାରେ ହେଉଅଛି । ୧୯୮୦ରେ ଚଳଚ୍ଚିତ୍ର ପ୍ରେମୀ, ଦର୍ଶକ, କଳାକାର ତଥା ଟେକ୍‌ନିସିଆନ୍‌ଙ୍କ ମଧ୍ୟରେ ଚିନ୍ତାଧାରାର ବିନିମୟ ପାଇଁ ଗୋଟିଏ ଉଚ୍ଚ-କୋଟୀର ସେମିନାର ମଧ୍ୟ କଟକରେ ଆୟୋଜିତ ହୋଇଥିଲା । ଏହି ସେମିନାରରେ ଭାରତର ବହୁ ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ, ସମାଲୋଚକ ଅଂଶ ଗ୍ରହଣ କରି-ଥିଲେ । ୧୯୭୮ ଠାରୁ କଟକ ଓ ଭୁବନେଶ୍ୱରରେ ଶିଶୁ ଚଳଚ୍ଚିତ୍ର ଉତ୍ସବ ପ୍ରତିବର୍ଷ ଅନୁଷ୍ଠିତ ହେଉଛି । ଏହା ବ୍ୟତୀତ ୧୯୮୧ରେ ଚେକୋସ୍ଲୋଭ ଚଳଚ୍ଚିତ୍ର ଉତ୍ସବର ଆୟୋଜନ କରାଯାଇଥିଲା ଏବଂ ୧୯୮୨ରେ କଟକ ଓ ଓ ଭୁବନେଶ୍ୱରରେ ସ୍ୱିଜରଲ୍ୟାଣ୍ଡର ଚଳଚ୍ଚିତ୍ରମାନଙ୍କର ଉତ୍ସବ ମଧ୍ୟ ଆୟୋଜନ କରାଯାଇଥିଲା ।

ଓଡ଼ିଶାର ଚଳଚ୍ଚିତ୍ର ବିକାଶ ଦିଗରେ ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ ଏକ ବିକାଶମୂଳକ ପଦକ୍ଷେପ ନେଇଛି । ଭାରତର ଚଳଚ୍ଚିତ୍ର ଶିଳ୍ପର ଦ୍ରୁତ ବିକାଶ ଘଟିଛି । ଓଡ଼ିଶାର ତରୁଣ ଉଦ୍ୟୋଗୀମାନେ ରାଜ୍ୟ ସରକାରଙ୍କ ସହଯୋଗରେ ପ୍ରତିଷ୍ଠିତ ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ ତଥା ସହଯୋଗୀ ଅନୁଷ୍ଠାନ "କଳିଙ୍ଗ ଷ୍ଟୁଡ଼ିଓ"ର ବିଭିନ୍ନ ସୁବିଧା ସୁଯୋଗର ଯଥାର୍ଥ ବିନିଯୋଗ କରି ଓଡ଼ିଶା ଚଳଚ୍ଚିତ୍ର ଶିଳ୍ପର ଆହୁରି ଦ୍ରୁତ ବିକାଶ କରି ପାରିବେ । ଓଡ଼ିଶାର ପ୍ରତିଭାଶାଳୀ ଲେଖକ, ନିର୍ଦ୍ଦେଶକ, ସଙ୍ଗୀତଜ୍ଞ, ପ୍ରଯୋଜକ, ଅଭିନେତା, ଅଭିନେତ୍ରୀ ଓ କୁଶଳୀ କଳାକାରଙ୍କର ଅଭାବ ନାହିଁ । ଅନେକ ସର୍ବଭାରତୀୟ ସ୍ତରରେ ଉଚ୍ଚ ସମ୍ମାନ ପାଇଛନ୍ତି । ସେମାନଙ୍କର ସାହାଯ୍ୟ ସହଯୋଗ ଓ ସହାନୁଭୂତି ଦ୍ୱାରା ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପ ନିଶ୍ଚିତ ଭାବେ ଅଦୂର ଭବିଷ୍ୟତରେ ବିଶ୍ୱଦରବାରରେ ନିଜକୁ ପ୍ରତିଷ୍ଠିତ କରିପାରିବ ବୋଲି ଆଶା ଓ ବିଶ୍ୱାସ ।

ଯେଉଁ କଳାକାର, ଶିଳ୍ପୀ ଓ ଉଦ୍ୟୋଗୀମାନେ ବହୁ ବାଧାବିଘ୍ନକୁ ଅତିକ୍ରମ କରି ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପର ଅଭିବୃଦ୍ଧିପାଇଁ ନିଜକୁ ଉତ୍ସର୍ଗ କରିଛନ୍ତି ଓ ଏହାର କ୍ରମ ବିକାଶ ପାଇଁ ନିଷ୍ଠାର ସହିତ ଚେଷ୍ଟା କରୁଅଛନ୍ତି, ସେମାନେ ପ୍ରଶଂସନୀୟ ।

ପରିଚାଳନା ନିର୍ଦ୍ଦେଶକ,
ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ,
କଟକ ।

## ଖଜୁରୀପଡ଼ାରେ ଋଣମେଳା

ପ୍ରଧାନମନ୍ତ୍ରୀଙ୍କ ବିଂଶସୂତ୍ରୀ କାର୍ଯ୍ୟକ୍ରମ ଅନୁଯାୟୀ ଫୁଲବାଣୀ ଜିଲାର ଗ୍ରାମାଞ୍ଚଳର ଅନୁନ୍ନତ ଗରିବ ପରିବାରଙ୍କୁ ବିଭିନ୍ନ ଲାଭଜନକ ଧନ୍ଦାରେ ଥଇଥାନ କରିବା ନିମନ୍ତେ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଗତ ନଭେମ୍ବର ୨୭ ତାରିଖରେ ଏହି ଜିଲାର ଖଜୁରୀପଡ଼ା ବ୍ଲକ ସଦର ମହ-କୁମାରେ ଜିଲାପାଳ ଶ୍ରୀ ବିହାରୀଲାଲ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଏକ ଋଣମେଳା ଅନୁଷ୍ଠିତ ହୋଇଥିଲା । ଏଥିରେ ୯୭ ଜଣ ଗରିବ ଗ୍ରାମବାସୀଙ୍କୁ ୩ ଲକ୍ଷ ୫୪ ହଜାର ଟଙ୍କା ଋଣ ପ୍ରଦାନ କରାଯାଇଛି । ଏମାନଙ୍କ ମଧ୍ୟରୁ ୨୯ ଜଣଙ୍କୁ ହଳ ବଳଦ, ୧୫ ଜଣଙ୍କୁ ଗାଈ, ୧୩ ଜଣଙ୍କୁ ହଳ ଶଗଡ଼ ଏବଂ ଛୋଟ ଦେଉରାତି ଦୋକାନ ନିମନ୍ତେ ୨୮ ଜଣଙ୍କୁ ଋଣ ମଞ୍ଜୁର କରାଯାଇଛି । ଏହାଛଡ଼ା ସେଚକୂପ ନିମନ୍ତେ ୬ ଜଣ ଓ ପଂପ୍‌ସେଟ୍ ଖରିଦ ପାଇଁ ୨ ଜଣଙ୍କୁ ଋଣ ଦିଆଯାଇଛି । ଏହି ଋଣରୁ ୧ ଲକ୍ଷ ୪୨ ହଜାର ଟଙ୍କା ରିହାତି ଆକାରରେ ଋଣ ଗ୍ରହୀତାଙ୍କୁ ଛାଡ଼ ମିଳିବ ।

ଋଣ ମଞ୍ଜୁର କରାଯାଇଥିବା ଗ୍ରାମବାସୀଙ୍କ ମଧ୍ୟରୁ ୩୯ ଜଣ ହେଉଛନ୍ତି ହରିଜନ ଓ ୩୬ ଜଣ ଆଦିବାସୀ । ଏ ଉପଲକ୍ଷେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ମୃତ୍ତିକା ସଂରକ୍ଷଣ, ଶିଳ୍ପ, ପଶୁପାଳନ ଓ ସ୍ଥାନୀୟ ଲ୍ୟାମ୍ପ୍ ତରଫରୁ ଏକ ଚିତ୍ତାକର୍ଷକ ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା ।

# ସାର୍ବଜନୀନ ପ୍ରାଥମିକ ଶିକ୍ଷା : ଏକ ଜାତୀୟ ଅଭିଯାନ

ଶ୍ରୀ ଦେବକାନ୍ତ ମିଶ୍ର

ସମ୍ବିଧାନର ୪୫ ଧାରା ଅନୁଯାୟୀ ଆମ ଦେଶର ୬ଠାରୁ ୧୪ବର୍ଷ ବୟସ ସନ୍ତାନମାନଙ୍କ ପାଇଁ ପ୍ରାଥମିକ ଶିକ୍ଷାକୁ ୧୯୬୦ ମସିହା ମଧ୍ୟରେ ବାଧ୍ୟତାମୂଳକ ଭାବରେ କାର୍ଯ୍ୟକାରୀ କରାଇବା ପାଇଁ ସରକାର ସଙ୍କଳ୍ପବଦ୍ଧ ହୋଇଥିଲେ । ଏହି ସାମ୍ବିଧାନିକ ସ୍ୱୀକୃତିକୁ କାର୍ଯ୍ୟରେ ପରିଣତ କରିବା ପାଇଁ ଥରକୁ ଥର ୧୯୭୦ ଓ ୧୯୭୬ ମସିହାକୁ ସମୟ ନିର୍ଘଣ୍ଟ ରୂପେ ନିର୍ଦ୍ଧାରିତ କରାଯାଇଥିଲେ ହେଁ ଏପରି ଏକ ବ୍ୟୟବହୁଳ ତଥା ଆୟାସସାଧ୍ୟ ବ୍ୟାପାରରେ କୃତକାର୍ଯ୍ୟ ହେବା ସମ୍ଭବପର ହେଲା ନାହିଁ । ଅତୀତର ଅଭିଜ୍ଞତାରୁ ଶିକ୍ଷା ଲାଭ କରିବା ପରେ ଜାତୀୟ ସରକାର ୧୯୯୦ ମସିହାକୁ ନିର୍ଦ୍ଧାରିତ ସମୟ ନିର୍ଘଣ୍ଟ ରୂପେ ସ୍ଥିର କରିବା ସଙ୍ଗେ ସଙ୍ଗେ ଏ ଦିଗରେ ନିଶ୍ଚିତ ସଫଳତା ହାସଲ କରିବା ପାଇଁ ବଦ୍ଧପରିକର ହୋଇଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପ୍ରବର୍ତ୍ତିତ ବିଂଶସୂତ୍ରୀ କାର୍ଯ୍ୟକ୍ରମରେ ସାର୍ବଜନୀନ ପ୍ରାଥମିକ ଶିକ୍ଷାକୁ ଷୋଡ଼ଶ ସୂତ୍ରରେ ସ୍ଥାନ ଦିଆଯାଇଛି । ଏହି ଜାତୀୟ ଆହ୍ୱାନର ମୁକାବିଲା କରିବା ପାଇଁ ବର୍ତ୍ତମାନ ସାରା ଦେଶରେ ବ୍ୟାପକ ଅଭିଯାନ ଚାଲିଛି । ଚଳିତବର୍ଷ ସେପ୍ଟେମ୍ବର ମାସ ୫ ତାରିଖଠାରୁ ଗୁରୁ ଦିବସର ଶୁଭ ଲଗ୍ନରେ ଆମ ରାଜ୍ୟରେ ଏ ସଂକ୍ରାନ୍ତ କାର୍ଯ୍ୟକ୍ରମର ସାଫଲ୍ୟ ଦିଗରେ ବ୍ୟାପକ ଅଭିଯାନ ଆରମ୍ଭ ହୋଇଛି ।

ବିଂଶସୂତ୍ରୀ କାର୍ଯ୍ୟକ୍ରମର ୧୬ ଦଫାଟି ପ୍ରାଥମିକ ଶିକ୍ଷାକୁ କେବଳ ସଂଖ୍ୟାତ୍ମକ ଦୃଷ୍ଟିରୁ ସାର୍ବଜନୀନ କରାଇବା ସଂକୀର୍ଣ୍ଣ ପରିସର ମଧ୍ୟରେ ସୀମିତ ହୋଇନାହିଁ । ୧୯୯୦ ମସିହା ସୁଦ୍ଧା ସାରା ଦେଶର ୬ ଠାରୁ ୧୪ ବର୍ଷ ବୟସ ବାଳକ ବାଳିକାମାନେ ଯେପରି ଶିକ୍ଷାନୁଷ୍ଠାନମାନଙ୍କରେ ନାମ ଲେଖାଇ ପାରିବେ, ତାହା ଅବଶ୍ୟ ଏହି ଜାତୀୟ କାର୍ଯ୍ୟକ୍ରମର ପ୍ରଧାନ ଲକ୍ଷ୍ୟ । ସାକ୍ଷରତାର ସଂଖ୍ୟା ଦୃଷ୍ଟିରୁ ତଥା ପ୍ରାଥମିକ ଶିକ୍ଷାର ସମାପ୍ତି ଘଟାଇବା ପର୍ଯ୍ୟନ୍ତ ଶିକ୍ଷାନୁଷ୍ଠାନରେ ବିଦ୍ୟାର୍ଥୀ ଜୀବନ ବିତାଇବା ଦୃଷ୍ଟିରୁ ବ୍ୟାପକ ସର୍ବେକ୍ଷଣ କରାଯିବା ଫଳରେ ଜଣା ପଡ଼ିଛି ଯେ, ବାଳିକା, ମହିଳା, ତଫସିଲଭୁକ୍ତ ଜାତି ଓ ସଂପ୍ରଦାୟ, ସାକ୍ଷରତା ଦୃଷ୍ଟିକୋଣରୁ ବିଶେଷ ଅନଗ୍ରସର ଅବସ୍ଥାରେ ରହିଛନ୍ତି । ଏଣୁ ଏହି ଅବହେଳିତ ଗୋଷ୍ଠୀର ସନ୍ତାନମାନଙ୍କୁ ପ୍ରାଥମିକ ଶିକ୍ଷା ଦେବା ପାଇଁ ତଥା ବିଶେଷ ଭାବରେ ବାଳିକା ଓ ମହିଳାମାନଙ୍କୁ ଆନୁଷ୍ଠାନିକ ତଥା ପ୍ରୌଢ଼ ଶିକ୍ଷା ମାଧ୍ୟମରେ ଶିକ୍ଷା ଦାନ କରିବା ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମଗୁଡ଼ିକୁ କାର୍ଯ୍ୟକାରୀ କରାଯିବା ଦିଗରେ ବିଶେଷ ଗୁରୁତ୍ୱ ଆରୋପିତ ହୋଇଛି । ପ୍ରାଥମିକ ଶିକ୍ଷା ଓ ପ୍ରୌଢ଼ ଶିକ୍ଷା ମାଧ୍ୟମରେ ଥିବା ଘନିଷ୍ଠ ଯୋଗସୂତ୍ରଟିର ତାତ୍ପର୍ଯ୍ୟ ଅନାୟାସରେ ଉପଲବ୍ଧ ହେଉଛି । ପିତାମାତା ତଥା ଅଭିଭାବକମାନଙ୍କ ରୁଚିକୁ ପରିମାର୍ଜିତ କରାନଗଲେ ଏବଂ ସେମାନେ ଶିକ୍ଷାର ମହତ୍ୱ ଉପଲବ୍ଧି ନକଲେ ସାର୍ବଜନୀନ ପ୍ରାଥମିକ ଶିକ୍ଷା କେବେହେଲେ ଫଳପ୍ରଦ ହେବ ନାହିଁ । କେବଳ ଉପସ୍ଥାନ ଖାତାରେ ଛାତ୍ରଛାତ୍ରୀମାନଙ୍କ ନାମୋଲ୍ଲେଖ ସମ୍ଭବ ହୋଇପାରେ ; ମାତ୍ର ଅଭିଭାବକମାନଙ୍କ ଯତ୍ନ ଅଭାବରୁ ସେମାନେ ଶିକ୍ଷା ସମାପ୍ତ ହେବା ପର୍ଯ୍ୟନ୍ତ ବିଦ୍ୟାଳୟକୁ ନିୟମିତ ଭାବରେ ଆସିବେ ନାହିଁ । ଛାତ୍ରଛାତ୍ରୀମାନେ ଯେପରି ଭାବରେ ପାରିବାରିକ ପରିସ୍ଥିତିର ତାଡ଼ନାରେ ବିଦ୍ୟାଳୟକୁ ଆସି ନପାରି ନିଜ ନିଜ ପ୍ରାଥମିକ ଶିକ୍ଷା ପର୍ବର ଅକାଳ ପରିସମାପ୍ତି ଘଟାଉଛନ୍ତି, ସେଥିପାଇଁ ଦେଶର ପ୍ରଭୂତ କ୍ଷତି ଘଟୁଛି । ଏଣୁ ପ୍ରାଥମିକ ଶିକ୍ଷାକୁ ସାମାଜିକ ସଙ୍ଗତିସଂପନ୍ନ ମାର୍ଗରେ ଚିତ୍ତାକର୍ଷକ କରାଯିବା ଦିଗରେ ଗୁରୁତ୍ୱ ଆରୋପ କରାଯାଉଛି । ଆମ ଦେଶର ବିଭିନ୍ନ ଅଞ୍ଚଳର ଭାଷା, ସଂସ୍କୃତି ଓ ପ୍ରାକୃତିକ ବିଭବ ଭିନ୍ନ ଭିନ୍ନ ହୋଇଥିବାରୁ ପ୍ରତ୍ୟେକ ଅଞ୍ଚଳର ସ୍ୱାତନ୍ତ୍ର୍ୟକୁ ବିଚାରକୁ ନେଇ ପାଠ୍ୟକ୍ରମରେ ଆନୁଷଙ୍ଗିକ ପରିବର୍ତ୍ତନ କରାଯିବା ପ୍ରତି ଧ୍ୟାନ ଦିଆଯାଇଛି । ଆଞ୍ଚଳିକ ପରିବେଶ ଓ ସାମାଜିକ ବୈଶିଷ୍ଟ୍ୟଗୁଡ଼ିକୁ ବିଚାରକୁ ନେଇ ଶିକ୍ଷାକୁ ଅର୍ଥସୂଚକ ତଥା ଚିତ୍ତାକର୍ଷକ କରାଇବା ଉଦ୍ଦେଶ୍ୟରେ ଶିକ୍ଷା ବିଭାଗର ପ୍ରଶାସନ ଓ ପରିଯୋଜନାର ଓ ବିକେନ୍ଦ୍ରୀକରଣ ଦିଗରେ ମଧ୍ୟ ପ୍ରାଧାନ୍ୟ ଆରୋପିତ ହୋଇଛି । ପ୍ରତ୍ୟେକ ପ୍ରାନ୍ତର, ସହରାଞ୍ଚଳ, ସହର ତଳ ଅଞ୍ଚଳ, ଗ୍ରାମାଞ୍ଚଳ ଓ ଆଦିବାସୀ ଗରିଜନ ବହୁଳ ଅଞ୍ଚଳ ତଥା ଶିଳ୍ପାଞ୍ଚଳର ସ୍ୱାତନ୍ତ୍ର୍ୟକୁ ବିଚାରକୁ ନିଆଯାଇ ତଥା ପ୍ରତ୍ୟେକ ଅଞ୍ଚଳର ମାତୃଭାଷା ଓ ଆଞ୍ଚଳିକ ବୈଶିଷ୍ଟ୍ୟକୁ ବିଚାରକୁ ନିଆଯାଇ ପାଠ୍ୟ ପୁସ୍ତକଗୁଡ଼ିକୁ ପ୍ରଣୟନ କରାଯାଉଛି । ଆମ ରାଜ୍ୟର ଏସ. ସି. ଇ. ଆର. ଟି ଆନୁକୂଲ୍ୟରେ ଏ ଦିଗରେ ଆନୁଷଙ୍ଗିକ ପଦକ୍ଷେପଗୁଡ଼ିକୁ କାର୍ଯ୍ୟକାରୀ କରାଗଲଣି ।

ଏଠାରେ ଶିକ୍ଷକମାନଙ୍କ ଦାୟିତ୍ୱବୋଧ ପ୍ରତି ବିଶେଷ ଗୁରୁତ୍ୱ ଆରୋପ କରାଯିବା ସମୀଚିନ ବୋଧ ହେଉଛି । ରେଡ଼ିଓ, ଟେଲିଭିଜନ୍, ଭିଡ଼ିଓ କ୍ୟାସେଟ୍, ଟେପ୍‌ରେକର୍ଡର, ଓଭର ହେଡ୍ ପ୍ରୋଜେକ୍ଟର ଭଳି ବାହ୍ୟ ଶୈକ୍ଷିକ ଟେକ୍‌ନୋଲୋଜିଗୁଡ଼ିକର ସାହାଯ୍ୟ ନିଆଯାଇ ପାଠ୍ୟକ୍ରମର ବୋଧଗମ୍ୟତାକୁ ଅଭିବର୍ଦ୍ଧିତ କରାଯିବାର ଉଦ୍ୟମ କରାଗଲେ ହେଁ କହିବା ବାହୁଲ୍ୟ ଯେ, ଶ୍ରେଣୀପ୍ରକୋଷ୍ଠରେ ଶିକ୍ଷକଙ୍କ ଭୂମିକା ଅତୀବ ତାତ୍ପର୍ଯ୍ୟପୂର୍ଣ୍ଣ । ଶିକ୍ଷକ ହିଁ ଛାତ୍ର

ଛାତ୍ରୀମାନଙ୍କର ବ୍ୟକ୍ତିତ୍ୱ ଗଠନ ବ୍ୟାପାରରେ ପଥ ପ୍ରଦର୍ଶକ ଭୂମିକା ଗ୍ରହଣ କରନ୍ତି । ଏଣୁ ଶିକ୍ଷକମାନେ ଯଦି ଉଦ୍ଦିଷ୍ଟ ପାଠ୍ୟକ୍ରମକୁ ସରସ ଓ ଚିତ୍ତାକର୍ଷକ କରାଇବା ପାଇଁ ଆନ୍ତରିକ ଉଦ୍ୟମ କରନ୍ତି ଏବଂ ପାରିପାର୍ଶ୍ୱିକ ପରିପ୍ରେକ୍ଷୀରେ ନିଜ ବୁଦ୍ଧି ବଳରେ ଏ ଦିଗରେ ଅଭିନବ ଉପାୟଗୁଡ଼ିକୁ ଉଦ୍‌ଭାବନ କରିବାକୁ ସମର୍ଥ ହୁଅନ୍ତି, ତାହାହେଲେ ଏହି ଜାତୀୟ ଉଦ୍ୟମ ନିଶ୍ଚିତ ଭାବରେ ଫଳପ୍ରଦ ହୋଇପାରିବ । ପ୍ରଶିକ୍ଷଣ ବ୍ୟାପାରରେ ଇନୋଭେସନ୍ ପ୍ରବଣ ତଥା କର୍ତ୍ତବ୍ୟନିଷ୍ଠ ଶିକ୍ଷକମାନଙ୍କର ଏରୂପ କର୍ମତତ୍ପରତାକୁ ପଦୋନ୍ନତି ବା ଜାତୀୟ ପୁରସ୍କାର ବିନିମୟରେ ପ୍ରୋତ୍ସାହିତ କରିବା ପାଇଁ ତଥା କୌଣସି ଅଭିନବ ପ୍ରଶିକ୍ଷଣ ପଦ୍ଧତି ସଂପର୍କରେ ଅନ୍ୟ ଶିକ୍ଷକମାନଙ୍କୁ ଅବଗତ କରାଇବା ପାଇଁ ପ୍ରଶାସନିକ କର୍ତ୍ତୃପକ୍ଷ ଯଦି ବିହିତ ପଦକ୍ଷେପ ଗ୍ରହଣ କରନ୍ତି, ତାହାହେଲେ ଜାତୀୟ ପ୍ରଗତି ପାଇଁ ଆବଶ୍ୟକ ହେଉଥିବା ଜନ ସମ୍ବଳର ସର୍ଜନା ପଥରେ ଶିକ୍ଷକମାନେ ଫଳପ୍ରଦ ଭୂମିକା ଗ୍ରହଣ କରିପାରିବେ ।

ଜନସଂଖ୍ୟାର ସଂପ୍ରତିକ ଅଭିବୃଦ୍ଧିର ହାରକୁ ବିଚାରକୁ ନେବା ଦ୍ୱାରା ସ୍ଥୂଳ ଭାବରେ ଜଣା ପଡୁଛି ଯେ, ୧୯୯୦ ମସିହା ବେଳକୁ ୧୬୦ ନିୟୁତ ଛାତ୍ରଛାତ୍ରୀମାନଙ୍କ ପାଇଁ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ବାଧ୍ୟତାମୂଳକ ଭାବରେ କାର୍ଯ୍ୟକାରୀ କରାଯିବ । ଷଷ୍ଠ ପଞ୍ଚବାର୍ଷିକ ଯୋଜନାର ପ୍ରାରମ୍ଭ କାଳରେ ୯୦ ନିୟୁତ ଛାତ୍ରଛାତ୍ରୀମାନଙ୍କ ପ୍ରାଥମିକ ଶିକ୍ଷା ପାଇଁ ବିହିତ ପଦକ୍ଷେପ ଗ୍ରହଣ କରାଯିବା ସମ୍ଭବ ହୋଇଥିଲା । ଷଷ୍ଠ ପଞ୍ଚବାର୍ଷିକ ଯୋଜନା ଶେଷ ହେବା ବେଳକୁ ପ୍ରାୟ ୧୧୦ ନିୟୁତ ବାଳକ ବାଳିକାଙ୍କୁ ଆନୁଷ୍ଠାନିକ ଭାବରେ ପ୍ରାଥମିକ ଶିକ୍ଷା ପ୍ରାପ୍ତ ହେବାର ସୁବିଧା ଦେବା ପାଇଁ ନିର୍ଭରଯୋଗ୍ୟ ଆୟୋଜନ କରାଗଲାଣି । ଏଣୁ ସପ୍ତମ ପଞ୍ଚବାର୍ଷିକ ଯୋଜନାର (୧୯୮୫-୯୦) କାର୍ଯ୍ୟକାଳମଧ୍ୟରେ ଆହୁରି ୫୦ ଲକ୍ଷ ବାଳକ ବାଳିକାମାନଙ୍କ ପାଇଁ ଆନୁଷ୍ଠାନିକ ଭାବରେ ପ୍ରାଥମିକ ଶିକ୍ଷା ଗ୍ରହଣ କରିବା ଉଦ୍ଦେଶ୍ୟରେ ଅବସ୍ଥାପନା ସୃଷ୍ଟି କରାଯିବ । ଏପରି ଏକ ବ୍ୟୟବହୁଳ ଯୋଜନାକୁ କାର୍ଯ୍ୟକାରୀ କରାଯିବାବେଳେ ଏହା ଯେପରି ଆଶାନୁରୂପ ମାର୍ଗରେ ଫଳପ୍ରଦ ହୋଇପାରିବ, ସେଥିପାଇଁ ନିର୍ଭରଯୋଗ୍ୟ ବ୍ୟବସ୍ଥାଗୁଡ଼ିକର କାର୍ଯ୍ୟକାରିତା ପ୍ରତି ଆଜଠୁଁ ସଜାଗ ଦୃଷ୍ଟିପାତ କରିବା ବାଞ୍ଛନୀୟ । ସାରା ଦେଶର ଶିକ୍ଷକ, ଶିକ୍ଷୟିତ୍ରୀ, ପ୍ରବୀଣ ଶିକ୍ଷାବିତ୍, ଶିକ୍ଷା ବିଭାଗୀୟ ପ୍ରଶାସକ, ରାଜନୈତିକ ନେତୃବର୍ଗ ତଥା ଅଭିଭାବକମାନଙ୍କ ହାର୍ଦ୍ଦିକ ସହଯୋଗ ଓ ଏକନିଷ୍ଠ ଉଦ୍ୟମ ବଳରେ ହିଁ କେବଳ ଏପରି ଏକ ସୁବୃହତ୍ ଯୋଜନା ଆଶାନୁରୂପ ମାର୍ଗରେ ସଫଳ ହୋଇ ପାରିବ । ଆମ ଦେଶର ସମ୍ବାଦପତ୍ର, ବେତାର ଓ ଟେଲିଭିଜନ୍ ଭଳି ପ୍ରଚାର ମାଧ୍ୟମଗୁଡ଼ିକର କର୍ଣ୍ଣଧାରମାନେ ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ଏ ଦିଗରେ ବିଶେଷ କର୍ମତତ୍ପର ହୋଇ ପାରିଲେ ସାରା ଦେଶର ବୌଦ୍ଧିକ ପରିବେଶ ନିର୍ଦ୍ଧାରିତ ମହନୀୟ ଜାତୀୟ ଲକ୍ଷ୍ୟ ପୂରଣ ଦିଗରେ ଅନୁକୂଳ ହେବ ।

ଉପନିର୍ଦ୍ଦେଶକ,
ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ,
ଓଡ଼ିଶା, ଭୁବନେଶ୍ୱର ।

## ହରିଜନ ଓ ଆଦିବାସୀ କଲ୍ୟାଣ ଦିଗରେ

ଓଡ଼ିଶା ସରକାରଙ୍କ ହରିଜନ ଓ ଆଦିବାସୀ କଲ୍ୟାଣ ବିଭାଗ ବିଗତ ୩ ବର୍ଷ ମଧ୍ୟରେ ହରିଜନ ଓ ଆଦିବାସୀ କଲ୍ୟାଣ କାର୍ଯ୍ୟକ୍ରମରେ ଅତ୍ୟନ୍ତ ସଫଳତା ହାସଲ କରି-ପାରିଛି । ଏହି ୩ ବର୍ଷ ମଧ୍ୟରେ ବେଆଇନ୍ ଭାବେ ହସ୍ତାନ୍ତର ହୋଇଥିବା ଆଦିବାସୀ ଓ ହରିଜନମାନଙ୍କ ଜମିକୁ ପୁଣି ସେମାନଙ୍କୁ ଫେରାଇବା ପାଇଁ ୮୯,୦୦୧ଟି ମକଦ୍ଦମା ରୁଜୁ କରାଯାଇ ୮୩,୯୭୩ଟି ଫଏସଲ କରା-ଯାଇଛି ଓ ୪୦,୨୬୮ଟି ମକଦ୍ଦମା ଆଦିବାସୀମାନଙ୍କ ସପକ୍ଷରେ ରାୟ ହୋଇ ସେମାନଙ୍କୁ ୪୮,୪୮୯.୦୬୮ ଏକର ଜମି ଫେରାଇ ଦିଆଯାଇଛି ।

ସେହିପରି ୬୨,୦୦୩ଟି ଆଦିବାସୀ ଓ ହରିଜନ ପରିବାରକୁ ୮୧,୫୬୧ ଏକର ସିଲିଂ ବହିର୍ଭୁତ ଜମି, ୨୪,୪୦୫ଟି ତଫସିଲଭୁକ୍ତ ପରିବାରକୁ ୩୪,୦୧୨.୪୧୯ ଏକର ଗୃହୋପଯୋଗୀ ଜମି ଏବଂ ୧୭,୪୭୦ଟି ତଫସିଲ-ଭୁକ୍ତ ପରିବାରକୁ ୧୨୯୭.୩୫୩ ଏକର ଘରଡ଼ିହ ୧୯୮୩ ମାର୍ଚ୍ଚ ସୁଦ୍ଧା ବଣ୍ଟନ କରାଯାଇ ପାରିଛି ।

ଆଦିବାସୀ ଓ ହରିଜନ ଅଧ୍ୟୁଷିତ ଅଞ୍ଚଳମାନଙ୍କରେ ଅଧିକ ୧ଲକ୍ଷ ୧୦ ହଜାର ହେକ୍ଟର ଜମିକୁ ଜଳସେଚନର ସୁବିଧା ଯୋଗାଇ ଦିଆଯାଇଛି । ଟ୍ରାଇବାଲ୍ ସବ୍-ପ୍ଲାନ୍ ଓ ମାଇକ୍ରୋ ପ୍ରୋଜେକ୍ଟ ଅଞ୍ଚଳର ତଫସିଲଭୁକ୍ତ ପରିବାରଙ୍କ ଜମିରେ ସେଚକୂପ ଖନନ କରାଯାଇ ୪୩୫ଟି ଉଠା ଜଳସେଚନ ପଏଣ୍ଟ ସ୍ଥାପନ କରାଯାଇଛି । ୧୯୮୦ ସୁଦ୍ଧା ମାତ୍ର ୪୩୪୪ଟି ହରିଜନ ଓ ଆଦିବାସୀ ବହୁଳ ଗ୍ରାମକୁ ବିଦ୍ୟୁତଶକ୍ତି ଯୋଗାଇ ଦିଆଯାଇଥିବା ସ୍ଥଳେ ୧୯୮୩ ମସିହାରେ ମଧ୍ୟରେ ୫୪୯୯ଟି ଗ୍ରାମକୁ ବିଦ୍ୟୁତ-ଶକ୍ତି ଯୋଗାଇ ଦିଆଯାଇ ଏହିସବୁ ଗ୍ରାମରେ ୪୭୫ଟି ପମ୍ପସେଟ୍ ବସାଯାଇ ପାରିଛି ।

ପାନୀୟଜଳ ଯୋଗାଣ କ୍ଷେତ୍ରରେ ୧୯୮୦ ସୁଦ୍ଧା ନଳକୂପର ସଂଖ୍ୟା ୬୨୫ ଓ ସାନିଟାରୀ କୂପର ସଂଖ୍ୟା ୫୭୯୧ ଥିବା ସ୍ଥଳେ ୧୯୮୩ ମଧ୍ୟରେ ନଳକୂପର ସଂଖ୍ୟା ୭୪୫୧ ଓ ସାନିଟାରୀ କୂପର ସଂଖ୍ୟା ୬୯୧୪କୁ ବୃଦ୍ଧି ପାଇଛି ।

# ସର୍ପ ସମ୍ବନ୍ଧୀୟ କେତେକ ଅନ୍ଧ ବିଶ୍ୱାସ ଓ ମନୁଷ୍ୟ

**ଶ୍ରୀ ପ୍ରଫୁଲ୍ଲ କୁମାର ମହାନ୍ତ**

ପୌରାଣିକ ଓ ଐତିହାସିକ ବିବରଣୀରେ ସର୍ପ ଭାରତୀୟ ସଂସ୍କୃତିକୁ ନେଇ ଏକ ବିଶେଷ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଲାଭ କରିଛି । ମନ୍ଦିର, ସ୍ତୁପ, ଗୁହା ଆଦିରେ ଖୋଦିତ କଳା ଓ ଭାସ୍କର୍ଯ୍ୟ ହିଁ ସର୍ପମାନଙ୍କର ପ୍ରାଧାନ୍ୟର ଭୂରିଭୂରି ପ୍ରମାଣ ଅଦ୍ୟାବଧି ଉପଲବ୍ଧି କରି ହୁଏ । ଏତଦ୍ ବ୍ୟତୀତ ସର୍ପ ପୂଜା ଏ ପର୍ଯ୍ୟନ୍ତ ବି ଭାରତର ବିଭିନ୍ନ ସ୍ଥାନରେ ପାଳିତ ହୋଇ ଆସୁଅଛି । ବଡ଼ ଆଶ୍ଚର୍ଯ୍ୟର କଥା ସର୍ପ ସମ୍ବନ୍ଧରେ ମନୁଷ୍ୟ ବହୁ ପୁରାକାଳରୁ ଅବଗତ ଥିଲେ ହେଁ ତାହା ବିଷୟରେ କେତେକ ତଥ୍ୟ ଏବେ ବି ମନୁଷ୍ୟ ମନରେ ଭ୍ରମାତ୍ମକ ଧାରଣା ଭାବରେ ଲିପିବଦ୍ଧ ହୋଇ ରହି ଯାଇଛି । ଗାଁ ଗହଳି କାହିଁକି ସହରାଞ୍ଚଳର ଶିକ୍ଷିତ ଗୋଷ୍ଠୀ ବି ଚକ୍ଷୁଶ୍ରବା, ସାପର ମଣି ଇତ୍ୟାଦି କଥା ବିଶ୍ୱାସ କରି ଥାଆନ୍ତି । କିନ୍ତୁ ଏହି ତଥ୍ୟଗୁଡ଼ିକ ସଂପୂର୍ଣ୍ଣ ଭୁଲ ।

ସାପ ହେଉଛି କୁମ୍ଭୀର, ଝିଟିପିଟି, କଙ୍କିଚ ଓ ଏଣ୍ଡୁଅ ପରି ଏକ ସରୀସୃପ । ଭାରତରେ ପ୍ରାୟ ୨୧୬ ଜାତିର ସାପ ଦେଖାଯାଆନ୍ତି ଓ ସେମାନଙ୍କ ମଧ୍ୟରୁ ୫୨ ଜାତିର ସାପ ବିଷାକ୍ତ । ତେଣୁ ଏଥିରୁ ସ୍ପଷ୍ଟ ଅନୁମେୟ ଯେ ସବୁ ସାପ ଆଦୌ ବିଷାକ୍ତ ନୁହନ୍ତି । ଚୀନ୍ ଓ ଜର୍ମାନର ଲୋକମାନେ ଅଜଗର ପରି ସାପର ମାଂସ ଖାଇଥାଆନ୍ତି । ସର୍ବୋପରି ସାପର ଚର୍ବି, ସାପ ଚମଡ଼ା, ସାପ ବିଷ ଆଦି ମଧ୍ୟ ମନୁଷ୍ୟର ବିଭିନ୍ନ ବ୍ୟବହାରରେ ଆସିଥାଏ । ସାପ ବିଷଧର ହେଉ ବା ନ ହେଉ ଦୈନନ୍ଦିନ ଜୀବନରେ ଅନେକ ଉପକାରରେ ଆସିଥାଏ । ତେଣୁ ସାପ ଦୃଷ୍ଟିକୁ ଆସିବା ମାତ୍ରକେ ବିଷଧର ମନେକରି ମାରିବା ଯୁକ୍ତିଯୁକ୍ତ ନୁହେଁ ।

ପ୍ରଥମତଃ 'ଚକ୍ଷୁଶ୍ରବା' କଥା ଆଲୋଚନା କରାଯାଉ । ବାସ୍ତବରେ ସାପ କଣ ଚକ୍ଷୁ ଦ୍ୱାରା ଶୁଣି ଥାଏ ? ସାପର ମସ୍ତିଷ୍କ ଭାଗରେ ଚକ୍ଷୁ, ନାସିକା ବିବର (ଗର୍ତ୍ତମସ୍ତକୀ ଢୋଢ଼ାମାନଙ୍କର ମୁଣ୍ଡରେ କେବଳ ଅନ୍ୟ ଏକ ଗର୍ତ୍ତ ଥାଏ) ବ୍ୟତୀତ ଅନ୍ୟ କୌଣସି ଛିଦ୍ର ଦେଖାଯାଏ ନାହିଁ । ମନୁଷ୍ୟ, ଠେକୁଆ ଇତ୍ୟାଦି ସ୍ତନ୍ୟପାୟୀ ପ୍ରାଣୀମାନଙ୍କ ପରି ବାହ୍ୟକର୍ଣ୍ଣ ( ପିନ୍ନା) ଏମାନଙ୍କର ନ ଥାଏ । ଏପରିକି ବେଙ୍ଗଠାରୁ ଆରମ୍ଭ କରି ପକ୍ଷୀ ଓ ମନୁଷ୍ୟଠାରେ ଥିବା କର୍ଣ୍ଣପଟଳ (Tympanum) ମଧ୍ୟ ନ ଥାଏ । ଚକ୍ଷୁ ଉପର ଭାଗରେ ପତା ନ ଥିବାରୁ ଚକ୍ଷୁ ଦୁଇଟି ସର୍ବଦା ଖୋଲା ଥାଏ । ବାହ୍ୟ କର୍ଣ୍ଣର ଅନୁପସ୍ଥିତି ଓ ଚକ୍ଷୁ ଦୁଇଟିର ଖୋଲା ପ୍ରକୃତିକୁ ନେଇ ସାପ ଆଖିରେ ଶୁଣେ ବୋଲି ରହି ଆସିଛି । ତେଣୁ ସାପକୁ " ଚକ୍ଷୁଶ୍ରବା " ବୋଲି କୁହାଯାଏ । ମାତ୍ର ଏପରି କହିବା ସଂପୂର୍ଣ୍ଣ ଭୁଲ । ଅବଶ୍ୟ ସବୁ ପ୍ରାଣୀଙ୍କ ପରି ସାପର ଶ୍ରୁତି ଯନ୍ତ୍ର ନାହିଁ । ଏହାର ଶ୍ରୁତି ଉପକରଣ କଲ୍ୟୁମେଲା ଅରିସ (Collumela auris) ନାମକ ଅର୍ଦ୍ଧସ୍ଥାୟୀ ଅସ୍ଥି (Semi carti laginous) ଦ୍ୱାରା ଗଠିତ ଓ ଏହା ସ୍ତନ୍ୟପାୟୀ ପ୍ରାଣୀମାନଙ୍କର ଥିବା ଶେଷ ହାଡ଼ ପର୍ଯ୍ୟନିକା (ଷ୍ଟାପେସ୍) ସହ ତୁଳନୀୟ । ତେଣୁ ସାପ ଭୂମି ଉପରିସ୍ଥ ସାମାନ୍ୟ ଶବ୍ଦକୁ ଜାଣି ପାରିଥାଏ । ବିଭିନ୍ନ ପରୀକ୍ଷା କରି ଜଣାଯାଇଛି ଯେ ବାହ୍ୟ କର୍ଣ୍ଣ ନ ଥିଲେ ବି ସାପ ଶୁଣି ପାରେ । ତେଣୁ ରାତ୍ରିରେ ଯିବା ସମୟରେ ଗୋଟିଏ ବାଡ଼ି ବା ଠେଙ୍ଗା ନେଇ ଭୂମିକୁ ଆଘାତ କରି ଅର୍ଥାତ ଠକ୍ ଠକ୍ ଶବ୍ଦକରି ଯିବାର ଉଦ୍ଦେଶ୍ୟ ହେଉଛି ସାପ ଠାରୁ ଦୂରେଇ ରହିବା । କାରଣ ସାପ କେବଳ ଭୂମି ଉପରିସ୍ଥ ଶବ୍ଦକୁ ବାରି ପାରି ଥାଏ । ବାୟୁ ମଣ୍ଡଳୀୟ ଶବ୍ଦକୁ ଆଦୌ ଜାଣି ପାରି ନ ଥାଏ । ତେଣୁ ସାପ ଠେଂଗା ଶବ୍ଦକୁ ଜାଣି ଦୂରେଇ ଯାଇଥାଏ । ସାପ ବାହ୍ୟ ଶବ୍ଦ ଜାଣି ନ ପାରିବାର ପ୍ରମାଣ ହେଉଛି ଯେ କେଳା ସପ୍ତସ୍ୱରୀ ବଜାଉବା ସମୟରେ ସାପ ମୁଣ୍ଡ ହଲାଇବାର ଆଦୌ ଦେଖାଯାଇ ନ ଥାଏ । ମାତ୍ର କେଳା ଯେତେବେଳେ ହାତ ବା କଂସ ହଲାଇ ଥାଏ., ସେତେବେଳେ ହିଁ ଫଣା ହଲାଏ । ଅର୍ଥାତ ସପ୍ତସ୍ୱରୀ ବା ବଂଶୀର ଶବ୍ଦକୁ ଏହା ବାରିପାରେ ନାହିଁ । ଏହାର କାରଣ ବାହ୍ୟ କର୍ଣ୍ଣର ଅନୁପସ୍ଥିତି । ଚକ୍ଷୁ ଦୁଇଟି ଦୃଷ୍ଟି ଶକ୍ତିର ହିଁ କାରଣ । ତେଣୁ ସାପ ଆଦୌ ଚକ୍ଷୁଶ୍ରବା ନୁହେଁ ଓ ଏଭଳି ନାମକରଣ ହିଁ ଭୁଲ ।

ଦ୍ୱିତୀୟତଃ ସାପମୁଣ୍ଡର ମଣି ହୀରା, ମୋତି ମାଣିକଠାରୁ ବଳି ଆହୁରି ମୂଲ୍ୟବାନ ବୋଲି ଲୋକମାନଙ୍କର ବିଶ୍ୱାସ । ଏପରିକି ଲୋକଧାରଣା ଯେ, ସାପ ମୁଣ୍ଡରେ ଥିବା ମଣି ସେମାନେ ଗାତ ବାହାରକୁ ଆସିଲେ ସେହି ଗାତ ଭିତରେ ଛାଡ଼ିଦେଇ ଆସିଥାନ୍ତି । ହୀରାଗାତ ଅନ୍ଧକାରରେ ଆଲୋକ ଦେବାପରି, ମଣିରୁ ମଧ୍ୟ ଖୁବ ଆଲୋକ ବାହାରେ ବୋଲି କଥିତ ମାତ୍ର । ଏହି ମଣିକୁ ସାପ ଗାତ ଭିତରୁ କିଏ ନେଇ ଆସନ୍ତି, ସାପ ସେହି ନିର୍ଦ୍ଦିଷ୍ଟ ବ୍ୟକ୍ତିକୁ ମାରିଦିଏ ବୋଲି ଶୁଣାଯାଇଥାଏ । ଏତଦ୍‌ବ୍ୟତୀତ ମଣିସବୁ ସର୍ପବିଷକୁ ପ୍ରଶମିତ କରିଦିଏ ଓ ଦଂଶିତ ସ୍ଥାନରୁ ବିଷ ଟାଣି ନେଇଥାଏ ବୋଲି ଗ୍ରାମାଞ୍ଚଳ ଲୋକମାନଙ୍କର ମତ । ମାତ୍ର ଏପର୍ଯ୍ୟନ୍ତ

ସଠିକ୍ ଭାବରେ ମଣିର କୌଣସି ସତ୍ତା ମିଳିନାହିଁ ବା ସତ୍ୟତା ଜଣାପଡ଼ି ନାହିଁ ।

ତୃତୀୟତଃ ସାପର ଦୁଇଫାଳିଆ ଜିଭ । ଏ ପ୍ରକାର ଜିଭ ସାପ ସବୁବେଳେ ବାହାରକୁ ବାହାର କରୁଥିବାରୁ ମନୁଷ୍ୟକୁ କାମୁଡ଼ିଥାଏ ବୋଲି ଲୋକମାନଙ୍କର ଧାରଣା । ମାତ୍ର ତାହା ଠିକ୍ ନୁହେଁ । ସାପର ପାଟି ବନ୍ଦ ଥିଲାବେଳେ ବା ଖୋଲା ଥିଲାବେଳେ ଏହି ଜିଭ ବାହାରକୁ ଫକ୍ ଫକ୍ କରି ବାହାରି ଆସିଥାଏ । ଏହି ଜିଭ ମୁଖ୍ୟତଃ ଏକ ଜ୍ଞାନେନ୍ଦ୍ରିୟ ଭାବରେ କାର୍ଯ୍ୟ କରିଥାଏ । ଗତି କରିବା ସମୟରେ ଆଗରେ କୌଣସି ବିପଦ ବା ଶତ୍ରୁର ଉପସ୍ଥିତି ଏହି ଇନ୍ଦ୍ରିୟ ଦ୍ୱାରା ସାପ ଜାଣିପାରେ ଅର୍ଥାତ୍ ବିଭିନ୍ନ ଜୀବଜନ୍ତୁ ବା ମନୁଷ୍ୟର ଗନ୍ଧ ଏହି ଜିଭଦ୍ୱାରା ଜଣା ପଡ଼ିଥାଏ । ଏହା ବାୟୁରୁ ନିକଟସ୍ଥ ଜୀବର ଗନ୍ଧ ବାରିପାରି ଜାକୋବ୍‌ସନ୍ ଅଂଗ (Jacobson's Organ) ନାମକ ଏକ ସ୍ୱତନ୍ତ୍ର ଅଂଗକୁ ପଠାଇଦିଏ । ତେଣୁ ସାପ ତାହାର ନିକଟରେ ଥିବା ପ୍ରାଣୀକୁ ସହଜରେ ଜାଣିପାରେ । ଏପରିକି ନିଜ ସଙ୍ଗୀ ଜାଣିବାରେ ମଧ୍ୟ ସହାୟକ ହୋଇଥାଏ । ଏତତ୍‌ବ୍ୟତୀତ ଖାଦ୍ୟ ସଂଗ୍ରହ ଓ ଶତ୍ରୁକୁ ଠାବ କରିବାରେ ଏହାର ଭୂମିକା ରହିଛି । ଜିଭର ଏପରି ବିଚିତ୍ର ପ୍ରକାର ଗଠନ ଯୋଗୁଁ ବହୁଦୂରରେ ଥିବା ଅନ୍ୟ ଜୀବର ଉପସ୍ଥିତି ଜାଣିବା ଜୀବଜଗତରେ ଏକ ବୈଚିତ୍ର । ତେଣୁ ଘର ଭିତରେ ବେଙ୍ଗଥିଲେ ସାପ ଘରଭିତରକୁ ପଶିଆସିବାର କାରଣ ବେଙ୍ଗର ଗନ୍ଧବାରି ତାକୁ ଶିକାର କରିବା ।

ଚତୁର୍ଥତଃ ସାପ ଦେହର ଲୋମ । ଜାତି ସାପ ମାନଙ୍କର ଏକ ସାଧାରଣ ଲକ୍ଷଣ । କିନ୍ତୁ ଗ୍ରାମବାସୀମାନେ ବୁଢା ସାପମାନଙ୍କର ଧଳା ଲୋମଥିବାର ବିଶ୍ୱାସ କରିଥାନ୍ତି । ମାତ୍ର ଏହା ସଂପୂର୍ଣ୍ଣ ଭୁଲ୍ । କୌଣସି ସାପ ଦେହରେ ଲୋମ ଦେଖାଯାଇ ନଥାଏ । ମାତ୍ର କେତେକ ସାପୁଆକେଳା ଗୋଖର ଇତ୍ୟାଦି ସାପ ମୁଣ୍ଡରେ ଘୋଡ଼ାବାଳ ଖୋସିଦେଇ ମନରେ ମାୟା ସୃଷ୍ଟି କରିଥାନ୍ତି । ଏହା କେବଳ ସେମାନଙ୍କର ପଇସା ରୋଜଗାରର ଏକ ମୁଖ୍ୟ ପନ୍ଥା ।

ପଞ୍ଚମତଃ ସାପର ଗୋଡ଼କଥା ଆଲୋଚନା କରାଯାଉ । ବାସ୍ତବିକ୍ ସାପର ଆଦୌ ଗୋଡ଼ ନଥାଏ । ଶରୀର ବାହାରେ ହାତ, ପାଦ, ଅଙ୍ଗୁଳି ଇତ୍ୟାଦି କୌଣସି ଅବୟବ ନାହିଁ । ମାତ୍ର କେବଳ ତେଲିଆ ସାପ (Typhlops)ର ଦେହ ଭିତରେ ଓ ଅଜଗରର (Python) ର ଦେହ ବହିଃ ଭାଗରେ କଣ୍ଟାପରି ଦୁଇପାର୍ଶ୍ୱରେ ଦୁଇଟି ଉପାଙ୍ଗ ମିଳିଥାଏ । ଅବଶ୍ୟ ଅଜଗରର ଏଦୁଇ ଅଙ୍ଗ ପଶ୍ଚାତ୍ ଅବୟବର ସତ୍ତା ଏହା ତାକୁ ଗତି କରିବା ବା ଅନ୍ୟ କୌଣସି କାର୍ଯ୍ୟରେ ସାହାଯ୍ୟ କରି ନଥାଏ ; ମାତ୍ର ଏହାକୁ ସେ ଜୋରରେ ହଲାଇପାରେ ଓ ସାଂଘାତିକ ଭାବରେ ଗାଂପୁଡି ଆଘାତ କରିପାରେ । ସାପୁଆକେଳାମାନେ ଏ ଦୁଇ ଅଂଶ ପ୍ରଦର୍ଶନ କରାଇ ସେ ବିଷୟରେ ମିଥ୍ୟା କାହାଣୀ କହି ପଇସା ରୋଜଗାର କରିଥାନ୍ତି ।

ଏହିଭଳି ଅନେକ ଭ୍ରାନ୍ତ ଧାରଣା ଆମର ସାଧାରଣ ଲୋକମାନଙ୍କ ମନରେ ରହିଆସିଛି । ଅବଶ୍ୟ ଏଗୁଡ଼ିକୁ ମନଭିତରୁ ଦୂରକରିବା ଏକାନ୍ତ ଆବଶ୍ୟକ । ଏହି ଭ୍ରାନ୍ତ ଧାରଣା ବା ଅନ୍ଧ ବିଶ୍ୱାସ ଯୋଗୁଁ ମନୁଷ୍ୟ ନିଜର ଶିକାର ହେବାକୁ ଅନେକ ସମୟରେ ପଡ଼ିଥାଏ । ଯାହା ହେଉନା କାହିଁକି ସାପ ଆମର ଅନେକ ଉପକାର କରିଥାଏ । କୃଷି ଅଞ୍ଚଳରୁ ମୂଷାମାନଙ୍କୁ ନିପାତ କରିବାଠାରୁ ଆରମ୍ଭ କରି ବିଷରୁ ଔଷଧ ପ୍ରସ୍ତୁତି ପର୍ଯ୍ୟନ୍ତ ଅନେକ ସହାୟକ ହୋଇଥାଏ । ତେଣୁ ଏମାନଙ୍କୁ ମନଭିତରେ ବିଷଧର ନଭାବି, ବଂଶରକ୍ଷାକରି ପ୍ରାକୃତିକ ପରିବେଶ ରକ୍ଷା କରିବା ମନୁଷ୍ୟର ସର୍ବାଦୌ କର୍ତ୍ତବ୍ୟ ।

ପ୍ରାଣୀବିଜ୍ଞାନ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର
ଭୁବନେଶ୍ୱର ୭୫୧୦୦୪

## ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନାରେ ୯୮ ହଜାରରୁ ଊର୍ଦ୍ଧ୍ୱ ପରିବାର ଉପକୃତ

ସମନ୍ୱିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମ ଅନୁଯାୟୀ ଚଳିତ ଆର୍ଥିକ ବର୍ଷର ନଭେମ୍ବର ମାସ ଶେଷ ସୁଦ୍ଧା ମୋଟ୍ ୯୮,୨୩୯ ଟି ପରିବାର ଉପକୃତ ହୋଇଛନ୍ତି । ଏ ମଧ୍ୟରେ ୧୮,୯୫୩ ଟି ଅନୁସୂଚିତ ଜାତି ଓ ୨୩,୯୯୮ ଟି ଅନୁସୂଚିତ ସଂପ୍ରଦାୟ ପରିବାର ଅନ୍ତର୍ଭୁକ୍ତ । ଏହି ସମୟ ମଧ୍ୟରେ ଜାତୀୟ କର୍ମ ଯୋଗାଣ ଯୋଜନା ଦ୍ୱାରା ଉନ୍ନୟନ କାର୍ଯ୍ୟରେ ୮୬ ଲକ୍ଷ ୪୧ ହଜାର ୩୦୦ ଶ୍ରମ ଦିବସ ସୃଷ୍ଟି କରାଯାଇ ଆର୍ଥିକ ଦୁର୍ବଳ ଶ୍ରେଣୀ ଲୋକଙ୍କୁ ଉପାର୍ଜନର ସୁବିଧା ଯୋଗାଇ ଦିଆଯାଇଥିଲା ।

ଗତ ନଭେମ୍ବର ମାସ ଶେଷ ସୁଦ୍ଧା ୩,୦୯୬ ଜଣ ଗୋତି ଶ୍ରମିକଙ୍କୁ ଥଇଥାନ କରିବା ସଙ୍ଗେ ସଙ୍ଗେ ୩୬,୫୯୭ଟି ଅନୁସୂଚିତ ଜାତି ଓ ୩୬,୨୯୯ ଟି ଅନୁସୂଚିତ ସଂପ୍ରଦାୟ ପରିବାରଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥିଲା ।

# ଆମ ସମ୍ବିଧାନ ଓ ଜାତୀୟ ସଂହତି

ଶ୍ରୀ ତାରକାନ୍ତ ମହାନ୍ତି

ଜାତୀୟ ସଂହତିକୁ ଦୃଢ଼ କରିବାକୁ ଚିନ୍ତାର ଆଲୋଚନା କଲବେଳେ ଆମେ ଭାରତର ଜନସାଧାରଣ ଆମ ସମ୍ବିଧାନର ମୋଟାମୋଟି ରୂପରେଖ, ବୈଶିଷ୍ଟ୍ୟ, ଆମର ସମ୍ବିଧାନ ପ୍ରଦତ୍ତ ମୌଳିକ ଅଧିକାର ଓ ସମ୍ବିଧାନରେ ଲିପିବଦ୍ଧ ଆମର ମୌଳିକ କର୍ତ୍ତବ୍ୟ କଣ ସେ ସମ୍ପର୍କରେ ସମ୍ୟକ୍‌ଭାବେ ଅବଗତ ହେବାକୁ ପଡ଼ିବ । ଏ ପରିପ୍ରେକ୍ଷୀରେ ଆମ ସମ୍ବିଧାନରେ ବୈଶିଷ୍ଟ୍ୟ କଣ ତାହା ପ୍ରଥମେ ଜାଣିବାକୁ ପଡ଼ିବ । ୪୨ତମ ସମ୍ବିଧାନ ସଂଶୋଧନ ବିଲ ବଳରେ ଆମ ସମ୍ବିଧାନର ଉପକ୍ରମଣିକା (ଆଲିମୁଖ୍ୟ) ୧୯୭୬ ଡିସେମ୍ବର ତା୧୮ରିଖଠାରୁ ସଂଶୋଧିତ ହୋଇଛି ତାହା ନିମ୍ନରେ ପ୍ରଦତ୍ତ ହେଲ:—

"ଆମେ ଭାରତର ଜନସାଧାରଣ ଭାରତକୁ ଗୋଟିଏ ସାର୍ବଭୌମ, ଗଣତାନ୍ତ୍ରିକ, ଧର୍ମନିରପେକ୍ଷ, ସମାଜବାଦୀ ସାଧାରଣତନ୍ତ୍ର ରୂପେ ଗଠନ କରିବା ନିମିତ୍ତ ଏବଂ ଏ ଦେଶରେ ନାଗରିକଙ୍କ ପାଇଁ

ସାମାଜିକ, ଆର୍ଥନୀତିକ ଓ ରାଜନୀତିକ ନ୍ୟାୟ, ଚିନ୍ତା, ଅଭିବ୍ୟକ୍ତି, ବିଶ୍ୱାସ, ଧର୍ମ ଓ ଉପାସନାର ସ୍ୱାଧୀନତା, ସାମାଜିକ ପ୍ରତିଷ୍ଠା ଓ ସୁଯୋଗ ଦିଗରେ ସମତା ହାସଲ କରିବା ତଥା ବ୍ୟକ୍ତି ବିଶେଷର ମର୍ଯ୍ୟାଦା ଓ ଜାତିର ଏକତା ଓ ଅଖଣ୍ଡତା ପାଇଁ ନିଶ୍ଚିତ ବ୍ୟବସ୍ଥା କରି ସେମାନଙ୍କ ସମସ୍ତଙ୍କ ମଧ୍ୟରେ ଭ୍ରାତୃଭାବର ବିକାଶ ସାଧନ ନିମନ୍ତେ ଦୃଢ଼ ସଂକଳ୍ପ ହୋଇ; ଆମମାନଙ୍କର ଏହି ସଂବିଧାନ ସଭାରେ ଅଦ୍ୟ ୧୯୪୯ ମସିହା ନଭେମ୍ବର ମାସର ଷଡ଼ବିଂଶ ଦିବସରେ ଏତଦ୍ଵାରା ଏହି ସମ୍ବିଧାନକୁ ଅଙ୍ଗୀକୃତ, ଅଧିନିୟମିତ ଓ ଆତ୍ମାର୍ପିତ କରୁଛୁ" ।

୧୯୫୦ ଜାନୁଆରୀ ତା୨୬ରିଖଠାରୁ ଆମ ସମ୍ବିଧାନ ଆଇନତଃ କାର୍ଯ୍ୟକାରୀ ହେଲ । ଏଥିରେ ଆମକୁ ସାତଗୋଟି ମୌଳିକ ଅଧିକାର ପ୍ରଦାନ କରାଯାଇଛି । ସେଗୁଡ଼ିକ ହେଲ : ସାମ୍ୟର ଅଧିକାର, ସ୍ୱାଧୀନତାର ଅଧିକାର, ସଂପତ୍ତିର ଅଧିକାର, ଧର୍ମବିଶ୍ୱାସର ସ୍ୱାଧୀନତା ପାଇଁ ଅଧିକାର, ଶୋଷଣ ବିରୁଦ୍ଧରେ ଅଧିକାର, ସାଂସ୍କୃତିକ ଓ ଶିକ୍ଷାଗତ ଅଧିକାର ଓ ସାମ୍ବିଧାନିକ ପ୍ରତିକାର ସକାଶେ ଅଧିକାର । ଆମେ ଆମର ସ୍ୱାଧୀନତା ପ୍ରଦତ୍ତ ମୌଳିକ ଅଧିକାର ସାବ୍ୟସ୍ତ କରିବାକୁ ଯେତେ ସଚେତନ, ଏଠି ଗୋଟିଏ ପ୍ରଶ୍ନ ଉଙ୍କିମାରେ ଆମେ ଆମ ସମ୍ବିଧାନରେ ଲିପିବଦ୍ଧ ଦଶଗୋଟି ମୌଳିକ କର୍ତ୍ତବ୍ୟ (ସମ୍ବିଧାନର ୫୧ (କ) ଧାରା) ଯେଉଁଗୁଡ଼ିକ ୪୨ତମ ସମ୍ବିଧାନ ସଂଶୋଧନ ବିଲ୍ ବଳରେ ୧୯୭୬ ଡିସେମ୍ବର ତା ୧୮ରିଖଠାରୁ ସାମ୍ବିଧାନିକ ଆଇନରୂପେ ପରିଗଣିତ ହେଉଛି, ସେଗୁଡ଼ିକୁ ସମ୍ପାଦନ କରିବାରେ କେତେ ନିଷ୍ଠା, ଉତ୍ସାହ ଓ ତତ୍ପରତା ପ୍ରଦର୍ଶନ କରିଛୁ ତାହା ଜାତୀୟ ସଂହତି ପରିପ୍ରେକ୍ଷୀରେ ବିଚାର କରିବାର କଥା । ଯଦି ଆମେ ସେହି ଦଶଗୋଟି ମୌଳିକ କର୍ତ୍ତବ୍ୟ ପ୍ରତି ସଚେତନ ରହି ସେହି ଅନୁସାରେ କାର୍ଯ୍ୟ କରୁଥାନ୍ତେ, ତେବେ ସଂପ୍ରତି ଜାତୀୟ ସଂହତିକୁ ବିପନ୍ନ କଲଭଳି ଯେଉଁ ସବୁ ଅଶୋଭନୀୟ କାର୍ଯ୍ୟକଳାପ ବୃଦ୍ଧି ପାଉଛି, ସେଗୁଡ଼ିକୁ ଅତିରେ ଏଡ଼ାଇ ଦେଇ ହୋଇଥାଆନ୍ତା । ସେହି ଦଶଗୋଟି ମୌଳିକ କର୍ତ୍ତବ୍ୟ ହେଉଛି:—

(୧) ସଂବିଧାନକୁ ମାନିବା, ସମ୍ମାନ ଦେବା ଏବଂ ସଂବିଧାନର ଭାବନା ତଥା ଉଲ୍ଲେଖ ଥିବା ବ୍ୟବସ୍ଥାଗୁଡ଼ିକୁ ପାଳନ କରିବା ସଙ୍ଗେ ସଙ୍ଗେ ଜାତୀୟ ପତାକା ସମେତ ଜାତୀୟ ସଂଗୀତକୁ ସମ୍ମାନ ପ୍ରଦର୍ଶନ କରିବା ।

(୨) ସ୍ୱାଧୀନତା ପାଇଁ ଆମର ଜାତୀୟ ଆନ୍ଦୋଳନକୁ ପ୍ରେରଣା ଯୋଗାଇଥିବା ମହତ୍ ଆଦର୍ଶଗୁଡ଼ିକୁ ବଞ୍ଚେଇ ରଖିବା ସଙ୍ଗେ ସଙ୍ଗେ ତାହାକୁ ଅକ୍ଷରେ ପାଳନ କରିବା ।

(୩) ଭାରତର ସଂହତି, ଏକତା ଓ ସାର୍ବଭୌମତ୍ୱକୁ ବଜାଏ ରଖିବା ।

(୪) ଦେଶକୁ ଶତ୍ରୁ ହାତରୁ ରକ୍ଷା କରିବା ଏବଂ ଦେଶର ସେବା କରିବା ।

(୫) ଧର୍ମ, ଭାଷା, ଆଞ୍ଚଳିକତା, କିମ୍ବା ଗୋଷ୍ଠୀଗତ ବିଭିନ୍ନତାକୁ ପାଶୋରି ଦେଇ ଭାରତର ଲୋକମାନଙ୍କ ମଧ୍ୟରେ ଅଭିନ୍ନ ଭ୍ରାତୃଭାବ ତଥା ସଦ୍‌ଭାବର ବିକାଶ ଲାଗି ଉଦ୍ୟମ କରିବା ଏବଂ ମହିଳାମାନଙ୍କ ମର୍ଯ୍ୟାଦା କ୍ଷୁର୍ଣ୍ଣ ହେଲଭଳି ଆଚରଣ ପରିହାର କରିବା ।

(୬) ଆମ ମିଶ୍ରିତ ସଂସ୍କୃତିର ଗୌରବମୟ ପରମ୍ପରାକୁ ରକ୍ଷା କରିବା ଓ ମୂଲ୍ୟ ଦେବା ।

(୭) ଜୀବଜନ୍ତୁଙ୍କ ପ୍ରତି ଦୟା ପ୍ରଦର୍ଶନ କରିବା ସଙ୍ଗେ ସଙ୍ଗେ ବଣ୍ୟଜନ୍ତୁ, ନଦୀ, ହ୍ରଦ ଓ ଜଙ୍ଗଲ ସମେତ ପ୍ରାକୃତିକ ବାତାବରଣକୁ ରକ୍ଷା କରିବା ଓ ତାର ବିକାଶ ଦିଗରେ ଉଦ୍ୟମ କରିବା ।

(୮) ମାନବିକତା, ସଂସ୍କାର, ସତ୍ୟକଥା ଜାଣିବା ପାଇଁ ଜିଜ୍ଞାସୁ ମନୋଭାବ ଓ ବୈଜ୍ଞାନିକ ଚିନ୍ତାଧାରାର ବିକାଶ ଦିଗରେ ମନ ବଳାଇବା ।

(୯) ସରକାରୀ ସଂପତ୍ତି ସୁରକ୍ଷା କରିବା ଓ ହିଂସାଭାବ ପରିହାର କରିବା ।

(୧୦) ଦେଶ ଯେପରି ଅଧିକ ଉନ୍ନତର ଲକ୍ଷ୍ୟ ହାସଲ ଦିଗରେ ବ୍ରତୀ ହୋଇ ପାରିବ ସେଥିପାଇଁ ସମସ୍ତ ବ୍ୟକ୍ତିଗତ ଓ ସମୂହ କାର୍ଯ୍ୟକଳାପ କ୍ଷେତ୍ରରେ ଚରମ ସାର୍ଥକତା ଲାଗି କଠିନ ପରିଶ୍ରମ କରିବା ।

ଏଣୁ ଆମେ ଭାରତର ୬୫ କୋଟି ଜନସାଧାରଣ କୌଣସି ପରିସ୍ଥିତିରେ ଆମେ କେବେ ଭୁଲିଯିବା ଉଚିତ ହେବ ନାହିଁ ଯେ ଆମର ପ୍ରିୟ ଜନ୍ମଭୂମି ଭାରତ ହେଉଛି ଏକ ସାର୍ବଭୌମ, ଗଣତାନ୍ତ୍ରିକ, ଧର୍ମନିରପେକ୍ଷ, ସମାଜବାଦୀ ସାଧାରଣତନ୍ତ୍ର । ଆମ ସମ୍ବିଧାନ ଆମ ପ୍ରତ୍ୟେକଙ୍କ ପାଇଁ ପ୍ରଦାନ କରିଛି ଧର୍ମ ବିଶ୍ୱାସର ସ୍ୱାଧୀନତା ପାଇଁ ଅଧିକାର ଓ ସାମ୍ୟର ଅଧିକାର । ଆମେ ସେ ଦେଶର ନାଗରିକ ଏବଂ ଆମର ପବିତ୍ର କର୍ତ୍ତବ୍ୟ ହେଉଛି ଭାରତର ସଂହତି, ଏକତା ଓ ସାର୍ବଭୌମତ୍ୱକୁ ବଜାଏ ରଖିବା, ଦେଶକୁ ଶତ୍ରୁ ହାତରୁ ରକ୍ଷା କରିବା, ଧର୍ମ, ଭାଷା, ଆଞ୍ଚଳିକତା କିମ୍ବା ଗୋଷ୍ଠୀଗତ ବିଭିନ୍ନତାକୁ ପାଶୋରି ଦେଇ ଭାରତର ଲୋକମାନଙ୍କ ମଧ୍ୟରେ ଅଭିନ୍ନ ଭ୍ରାତୃଭାବର ବିକାଶ ଲାଗି ଉଦ୍ୟମ କରିବା ଏବଂ ସେଥିପାଇଁ ଆମକୁ ଗଣ-ଶପଥ ନେବାକୁ ପଡ଼ିବ । ଯେଉଁ ଶପଥକୁ ଆମେ ପ୍ରତିବର୍ଷ ଜାତୀୟ ସଂହତି ଦିବସ (ଅକ୍ଟୋବର ୨୦ ତାରିଖ), କ୍ୱାମୀ ଏକତା ଦିବସ ଓ ଏକତା ସପ୍ତାହ ଅବସରରେ (National solidarity Day) (ପ୍ରତିବର୍ଷ ନଭେମ୍ବର ମାସ ୧୯ ତାରିଖ ଦିନ) ନିମ୍ନମତେ ନେଇଥାଉଁ ।

"ଆମେ ଦେଶ ତଥା ଜାତିର ସ୍ୱାଧୀନତା ଓ ସଂହତିକୁ ବଜାୟ ରଖିବା ସଙ୍ଗେ ସଙ୍ଗେ ସୁଦୃଢ଼ କରିବା ଦିଗରେ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ ସମ୍ପାଦନ କରିବା ନିମନ୍ତେ ସତ୍ୟନିଷ୍ଠାରେ ଶପଥ ଗ୍ରହଣ କରୁଛୁ ।

ଆମେ ପୁନବାର ପ୍ରତିଜ୍ଞା କରୁଛୁ ଯେ ଆମେ କଦାପି ହିଂସାର ଆଶ୍ରୟ ନେବୁ ନାହିଁ ଏବଂ ଧର୍ମ ତଥା ଭାଷାଗତ ଓ ଆଞ୍ଚଳିକ ବାଦ ବିବାଦ ଓ ସମସ୍ତ ପ୍ରକାରର ମତଭେଦ ଏବଂ ଅନ୍ୟାନ୍ୟ ରାଜନୈତିକ ତଥା ଅର୍ଥନୈତିକ ଆପତ୍ତି ଅଭିଯୋଗଗୁଡ଼ିକ ଶାନ୍ତିପୂର୍ଣ୍ଣ ଓ ସାମ୍ବିଧାନିକ ଉପାୟରେ ସମାଧାନ କରିବୁ ।"

ସମ୍ପ୍ରତି ଦେଶର କେତେକ ଅଞ୍ଚଳରେ ଧର୍ମ, ଭାଷା, ସାମ୍ପ୍ରଦାୟିକତା ଓ ଆଞ୍ଚଳିକତାକୁ ଭିତ୍ତିକରି ଯେପରି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି ଓ ଅଶୋଭନୀୟ କାଣ୍ଡ ହେଉଛି, ତାହା ଜାତୀୟ ସଂହତି ଉପରେ ଆଞ୍ଚ ଆଣି ଭାରତର ଭାବମୂର୍ତ୍ତିକୁ କଦାକାର କରି ଦେଉଛି ଓ ସଂହତି ବିପନ୍ନ ହେବାକୁ ଯାଉଛି । ତେଣୁ ଏହି ସନ୍ଧିକ୍ଷଣରେ ଆମେମାନେ "ଏକତାରେ ସ୍ଥିତି ଓ ବିଭାଜନରେ ବିଲୟ" ଏହି ଉକ୍ତିର ତାତ୍ପର୍ଯ୍ୟକୁ ଗଭୀରଭାବେ ହୃଦୟଙ୍ଗମ କରି ସେହି ଅନୁସାରେ ଜାତୀୟ ସଂହତିକୁ ଅତୁଟ ରଖିବା ପାଇଁ କାର୍ଯ୍ୟ କରିବାକୁ ପଡ଼ିବ । ସର୍ବୋପରି ଭାରତର ନାଗରିକମାନଙ୍କର କର୍ତ୍ତବ୍ୟ ହେଉଛି ଆମ ମିଶ୍ରିତ ସଂସ୍କୃତିର ଗୌରବମୟ ପରମ୍ପରାକୁ ରକ୍ଷା କରିବା ଓ ମୂଲ୍ୟ ଦେବା ପାଇଁ ସିଂହାବଲୋକନ କରିବା । ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶର ଅନୁଗାମିନୀ ଓ ତାଙ୍କର ପଟ୍ଟଶିଷ୍ୟା ଭଗିନୀ ନିବେଦିତା (୧୮୬୭—୧୯୧୧) କହିଥିଲେ, "ଯଦି ଭାରତର ପ୍ରତ୍ୟେକ ବ୍ୟକ୍ତି ପ୍ରତି ସନ୍ଧ୍ୟାରେ ଦଶମିନିଟ ପାଇଁ ଭାବିବେ ଯେ ଆମେ ଏକ ଏବଂ ଯେ କୌଣସି ପରିସ୍ଥିତି ଆସୁନା କାହିଁକି ଆମେ ଏହି ଐକ୍ୟ ମନୋଭାବ ଛାଡ଼ିବୁ ନାହିଁ, ସେତେବେଳେ ସେମାନେ ଏମିତି ମହାଐକ୍ୟଶକ୍ତିର ଅଧିକାରୀ ହେବେ ଯେ ଭାରତର କଲ୍ୟାଣ ପାଇଁ ଯାହା ଉଚିତ୍ ଓ କରଣୀୟ ତାହାକୁ କାର୍ଯ୍ୟରେ ପରିଣତ କରି ସମଗ୍ର ବିଶ୍ୱକୁ ଦେଖାଇ ପାରିବେ ।"

୧୯୮୬ ମସିହା ନଭେମ୍ବର ମାସ ୨୭ ତାରିଖ ଦିନ ଜାତୀୟ ସଂହତି ସମ୍ପର୍କରେ ପ୍ରଥମ କାର୍ଯ୍ୟକାରୀ ଦଳର ବୈଠକ ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରାଗାନ୍ଧୀ ସେତେବେଳେ କହିଥିଲେ, "ଭାରତୀୟତା" ଉପରେ ସମସ୍ତେ ଗୁରୁତ୍ୱ ଆରୋପ କରିବାର ଲାଗିଛନ୍ତି ଏବଂ ମୁଁ ମଧ୍ୟ ଅନେକ ଥର ସେହି ଶବ୍ଦ ବ୍ୟବହାର କରିଛି । ଅବଶ୍ୟ କେତେକ ସାମ୍ପ୍ରଦାୟିକ ମନୋଭାବାପନ୍ନ ଦଳ ଯେଉଁ ଅର୍ଥରେ ଏ ଶବ୍ଦ ବ୍ୟବହାର କରୁଛନ୍ତି, ମୁଁ ସେ ଅର୍ଥରେ ବ୍ୟବହାର କରି ନାହିଁ । ଭାରତୀୟ କହିଲେ କୌଣସି ଗୋଷ୍ଠୀ ତାର ଅସ୍ତିତ୍ୱକୁ ସଂଖ୍ୟା ଗରିଷ୍ଠ ସମ୍ପ୍ରଦାୟର ଅସ୍ତିତ୍ୱରେ ହରେଇ ବସିବ ବୋଲି ବୁଝାଏ ନାହିଁ । ସବୁ ଭିନ୍ନ ଗୋଷ୍ଠୀ, ନିଜନିଜର ପାର୍ଥକ୍ୟ, ଧର୍ମବିଶ୍ୱାସ ଏବଂ ଅସ୍ତିତ୍ୱକୁ ବଜାଏ ରଖି କେତେକ ନିର୍ଦ୍ଦିଷ୍ଟ ଆଦର୍ଶ ଓ ମୌଳିକ ମୂଲ୍ୟ-ବୋଧକୁ ମାନି ନେବା ହିଁ ହେଉଛି ଭାରତୀୟତା । ଯେଉଁ ଆଦର୍ଶ ଓ ମୌଳିକ ମୂଲ୍ୟବୋଧ ଯୋଗୁ ଭାରତ ଆଜି ନୁହେଁ, ଯୁଗ ଯୁଗଧରି ନିଜର ଅସ୍ତିତ୍ୱ ଅକ୍ଷୁର୍ଣ୍ଣ ରଖି ପାରିଛି, ସେହି ଆଦର୍ଶକୁ ଓ ମୂଲ୍ୟବୋଧକୁ ମାନି-ନେବା ସମସ୍ତଙ୍କର କର୍ତ୍ତବ୍ୟ ।" ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ କହନ୍ତି " ଏ ଦେଶରେ ହିନ୍ଦୁ, ବୌଦ୍ଧ, ଜୈନ, ମ୍ଳେଚ୍ଛ, ଯବନ ଆଦି ଥିଲେ, କିନ୍ତୁ ସମସ୍ତେ ଥିଲେ ଭାରତୀୟ । ଆଜି ଇତିହାସର ବିବର୍ତ୍ତନ ଧାରାରେ ଏହି ଦେଶର ସେ ମଧୁର ସମନ୍ୱୟ

ନଷ୍ଟ ହୋଇନାହିଁ । ହିନ୍ଦୁ, ମୁସଲମାନ, ଶିଖ, ଖ୍ରୀଷ୍ଟାନ୍ ପାର୍ଶି ସମସ୍ତଙ୍କ ମଧ୍ୟରେ ବିଭେଦ ଓ ପାର୍ଥକ୍ୟ ସତ୍ତ୍ୱେ ଯେଉଁ ଗଭୀର ସମାନତା ଓ ମୈତ୍ରୀ ବିଦ୍ୟମାନ ତାହା ଭୁଲିଗଲେ ଆମେ ଭାରତ ମାତାର ରୂପକୁ ଭୁଲିଯିବା ।"

ଦେଶର ଜାତୀୟ ସଂହତି ପ୍ରକ୍ରିୟାକୁ ପୁନଃ ସକ୍ରିୟ କରିବା ଉଦ୍ଦେଶ୍ୟରେ ସେତେବେଳେ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଦୁଇଟି କାର୍ଯ୍ୟକାରୀ ଦଳ ଗଠନ କରିଥିଲେ । ଏହି ଦଳଗୁଡ଼ିକର କାର୍ଯ୍ୟଥିଲା ଜାତୀୟ ସଂହତି ସଂକ୍ରାନ୍ତ କେତୋଟି ସମସ୍ୟା ଯଥା :—(୧) ସାମ୍ପ୍ରଦାୟିକ ଓ ସାଧାରଣ ଉଭୟ ପ୍ରକାର ହିଂସାକାଣ୍ଡର ବିଶ୍ଳେଷ ସାଧନ; (୨) ସଂଖ୍ୟାଲଘୁ ଗୋଷ୍ଠୀ ଓ ସେମାନଙ୍କର ନିଯୁକ୍ତି ସମସ୍ୟା ; (୩) ହରିଜନ ଓ ଆଦିବାସୀଙ୍କ ପ୍ରତି ବାଛ ବିଚାର ଓ ନିଷ୍ଠୁର ଆଚରଣ ; (୪) ଆଞ୍ଚଳିକ ସଦ୍‌ଭାବ ଏବଂ (୫) ଛାତ୍ର, ଯୁବକ ଶିକ୍ଷା ତଥା ଗଣ ମାଧ୍ୟମ ସଂକ୍ରାନ୍ତ ସମସ୍ୟାଗୁଡ଼ିକର ଗଭୀରଭାବେ ଅନୁଧ୍ୟାନ, ମତାମତ ପ୍ରଦାନ ଓ କାର୍ଯ୍ୟକ୍ରମ ପ୍ରସ୍ତୁତି । ସେହି ଦଳଗୁଡ଼ିକ ଉପରୋକ୍ତ ସମାସ୍ୟାଗୁଡ଼ିକର ଗଭୀରଭାବେ ଅନୁଧ୍ୟାନ କରି ସାତଦଫା କାର୍ଯ୍ୟକ୍ରମ ପ୍ରସ୍ତୁତି କରିଥିଲେ । ସାମ୍ପ୍ରତି ପରିସ୍ଥିତିରେ ସେମାନଙ୍କ ଦ୍ୱାରା ସୁପାରିଶ ହୋଇଥିବା ସେହି ସାତଦଫା କାର୍ଯ୍ୟକ୍ରମ ମଧ୍ୟରୁ ତିନୋଟି କାର୍ଯ୍ୟକ୍ରମ ପ୍ରଧାନ ନିଷ୍ଠାର ସହିତ କାର୍ଯ୍ୟକାରୀ ହେଲେ, ତାହା ଜାତୀୟ ସଂହତିକୁ ସୁଦୃଢ଼ କରିବାରେ ଅନୁକୂଳ ବାତାବରଣ ସୃଷ୍ଟି କରିବ । ସେଗୁଡ଼ିକ ହେଲା :—

(୧) ଆମ ସମାଜର କେତୋଟି ଗୋଷ୍ଠୀ ଉପରେ ସଂସ୍କାର ବିରୋଧୀ ଓ ଉଗ୍ରବାଦୀମାନଙ୍କର ଯେଉଁ ପ୍ରଭାବ ରହିଛି, ତାକୁ ଦୂର କରିବାକୁ ହେବ । ପ୍ରତ୍ୟେକ ଗୋଷ୍ଠୀ ମଧ୍ୟରେ ରହିଥିବା ଉଗ୍ରପନ୍ଥୀମାନଙ୍କର କାର୍ଯ୍ୟକଳାପ ରୋକାଯିବା ଆବଶ୍ୟକ ଏବଂ ଏହି ବିପଦ୍‌ଜନକ ଓ ବିଭେଦ ସୃଷ୍ଟିକାରୀ ବ୍ୟକ୍ତିମାନଙ୍କର ମୁକାବିଲା କରିବା ପାଇଁ ଗଣମାଧ୍ୟମଗୁଡ଼ିକୁ ଦଳପ୍ରବ-ଭାବେ ଅଧିକ ସକ୍ରିୟ କରିବାକୁ ପଡ଼ିବ ।

(୨) ସୁସ୍ଥ ଧର୍ମ ନିରପେକ୍ଷ ଭାବନା ଓ ଆଦର୍ଶ-ଗୁଡ଼ିକର ପ୍ରସାର କାର୍ଯ୍ୟରେ ଜନସାଧାରଣ ଅବିଚ୍ଛେଦ୍ୟ ଭାବେ ସମ୍ପୃକ୍ତ ହେବା ପାଇଁ ଗଣ ମାଧ୍ୟମଗୁଡ଼ିକ ଜରିଆରେ ସେମାନଙ୍କୁ ଉତ୍ସାହିତ କରାଯିବା ଦରକାର ।

(୩) ଯେଉଁ ଶକ୍ତିଗୁଡ଼ିକ, ଭିନ୍ନ ଭିନ୍ନ ଧର୍ମ ବିଶ୍ୱାସୀ ତଥା ବିଭିନ୍ନ ସମ୍ପ୍ରଦାୟର ଲୋକଙ୍କୁ ଏକାଠି କରେଇ ପାରିବେ, ସେହି ଭଳି ଶକ୍ତିଗୁଡ଼ିକୁ ଗଣମାଧ୍ୟମ ଜରିଆରେ ଉତ୍ସାହିତ କରାଯିବା ଦରକାର । ଖାଲି ସେତିକି ନୁହେଁ, ଯେଉଁ ସବୁ ଲେଖା, ସବୁ ଧର୍ମର ଲୋକଙ୍କୁ ପ୍ରେରଣା ଯୋଗାଇ ପାରିବ, ସେ ଭଳି ଲେଖାର ପ୍ରସାର କରାଯିବା ଉଚିତ୍ ।

'ବିବିଧତା ମଧ୍ୟରେ ଏକ୍ୟ ହେଉଛି, ଭାରତର ବୈଶିଷ୍ଟ୍ୟ । ଭାରତର ମହନୀୟତା ବଙ୍କିମ୍ ଚନ୍ଦ୍ର ଚଟର୍ଜୀଙ୍କ 'ବନ୍ଦେ ମାତରମ୍' କବିତାରେ ଓ ବିଶ୍ୱକବି ରବୀନ୍ଦ୍ରନାଥଙ୍କ 'ଜନଗଣମନ' କବିତାରେ ପରିସ୍ଫୁଟିତ ହୋଇଛି । ପ୍ରସିଦ୍ଧ ଉର୍ଦ୍ଦୁକବି ଇକ୍‌ବାଲଙ୍କ ଭାଷାରେ "ସାରା ଜହାଁସେ ଅଚ୍ଛା' ଏ ହିନ୍ଦୁସ୍ଥାନ ହମାରା" ବିପ୍ଳବୀ କବି କାଜୀ ନଜରୁଲଙ୍କ ଭାଷାରେ—

"ଗାଏ ମୁଁ ସାମ୍ୟର ଗାନ
ଯେଉଁଠି ଆସିଣ ଏକାଠି ହୋଇଛି
ସବୁ ବ୍ୟବଧାନ
ଯେଉଁଠି ମିଶିଛି ହିନ୍ଦୁ, ବୌଦ୍ଧ, ମୁସଲିମ୍,
ଖ୍ରୀଷ୍ଟାନ,
ଗାଏ ମୁଁ ସାମ୍ୟର ଗାନ ।

ପୁଣି ଅନ୍ୟ ଏକ କବିତାରେ :—

" ଦୁଇଭାଇ ହିନ୍ଦୁ ମୁସଲମାନ,
ତୋଳା ଦୁଇ ଦେଖ ନୟନର
ଦୁଇ ବୃକ୍ଷ ଦେବଦାରୁ ଆଉ ଯେ କଦମ୍ବ
ଏକ କାନନର ।"

ସବୁ ଧର୍ମ, ସବୁ ସଂସ୍କୃତି ଓ ସବୁ ସଭ୍ୟତାର ମିଳନପୀଠ ଏ ପୁଣ୍ୟଭୂମି ଭାରତ । ସ୍ୱର୍ଣ୍ଣମୟୀ ଲଙ୍କାର ଐଶ୍ୱର୍ଯ୍ୟ ଓ ବିଭବକୁ ତୁଚ୍ଛକରି ପ୍ରଭୁ ରାମଚନ୍ଦ୍ର ରାବଣ ନିହତ ହେଲାପରେ ଏହି ପୁଣ୍ୟଭୂମି ଭାରତକୁ ଫେରି ଆସିବାକୁ ବ୍ୟାକୁଳ ହୋଇଥିଲେ ଓ ଲକ୍ଷ୍ମଣଙ୍କୁ କହିଥିଲେ 'ଅପି ସ୍ୱର୍ଣ୍ଣମୟୀ ଲଙ୍କା ନମେ ଲକ୍ଷ୍ମଣ ରୋଚତେ, ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପୀ ଗରୀୟସୀ ।"

ଭାରତର ଶେଷ ମୋଗଲ ଶାସକ ବାହାଦୁରଶାହ ଜାଫର ରେଙ୍ଗୁନରେ ନିର୍ବାସିତ ହୋଇ ରହିଥିବା ବେଳେ ତାଙ୍କର ଶେଷ ଇଚ୍ଛାରେ କହିଥିଲେ ଯେ, ଭାରତଭୂମିରେ ଯଦି ଦୁଇଫୁଟ ସ୍ଥାନ ମିଳନ୍ତା ଓ ସେଠି ତାଙ୍କର କବର ଦିଆଯାଆନ୍ତା, ତେବେ ତାଙ୍କର ଆତ୍ମା ଶାନ୍ତି ପାଆନ୍ତା । ଏ ପୁଣ୍ୟଭୂମିର ଆକର୍ଷଣ କଅଣ ତାହା ଏଥିରୁ ସ୍ପଷ୍ଟ ଅନୁମେୟ । ଯଥାର୍ଥରେ ଏ ଏକ ତରଳପାତ୍ର (ମେଲିଟିଙ୍ଗ ପଟ), ଯେଉଁଠି ସବୁ ସଭ୍ୟତା, ସବୁ ଧର୍ମ ଓ ସବୁ ସଂସ୍କୃତି ଏକାକାର ହୋଇ ଯାଇଛନ୍ତି ।

ଉତ୍ତରରେ ହିମାଳୟ, ଦକ୍ଷିଣରେ କୁମାରିକା, ପୂର୍ବରେ ବର୍ମା ଓ ପଶ୍ଚିମରେ ଆରବ ସାଗର ପର୍ଯ୍ୟନ୍ତ ସମୁଦାୟ ୩୨ ଲକ୍ଷ ୮୦ ହଜାର ୪୮୩ ବର୍ଗ କିଲୋମିଟର ପରିବ୍ୟାପ୍ତ ବିସ୍ତୀର୍ଣ୍ଣ ଭୂଖଣ୍ଡ ହେଉଛି ସେହି ଉପମହାଦେଶ ଯାହାକି ଭାରତ ନାମରେ ବିଦିତ । ଏହାର ୨୨ ଗୋଟି ରାଜ୍ୟ (ଆନ୍ଧ୍ର ପ୍ରଦେଶ, ଆସାମ, ବିହାର, ଗୁଜୁରାଟ, ହରିଆଣା, ହିମାଚଳ ପ୍ରଦେଶ, ଜାମ୍ମୁ ଓ କାଶ୍ମୀର, କର୍ଣ୍ଣାଟକ, କେରଳ, ମଧ୍ୟ ପ୍ରଦେଶ, ମହାରାଷ୍ଟ୍ର, ମଣିପୁର, ମେଘାଳୟ, ନାଗାଲ୍ୟାଣ୍ଡ, ଓଡ଼ିଶା, ପଞ୍ଜାବ, ରାଜସ୍ଥାନ ସିକିମ୍, ତାମିଲନାଡୁ, ତ୍ରିପୁରା, ଉତ୍ତରପ୍ରଦେଶ ଓ ପଶ୍ଚିମ ବଙ୍ଗ) ଓ ୯ ଗୋଟି କେନ୍ଦ୍ରଶାସିତ ଅଞ୍ଚଳ ( ଆଣ୍ଡାମାନ୍,

ଏବଂ ନିକୋବର, ଅରୁଣାଚଳ ପ୍ରଦେଶ, ଚଣ୍ଡୀଗଡ଼, ଦାଦ୍ରା, ଏବଂ ନଗର ହାବେଳି, ଦିଲ୍ଲୀ, ଗୋଆ, ଦାମନ୍ ଏବଂ ଏବଂ ଡ଼ିଉ, ଲାକ୍ଷାଦ୍ୱୀପ, ମିଜୋରାମ୍ ଏବଂ ପଣ୍ଡିଚେରୀ) ମଧ୍ୟରେ ଥିବା ୫ ଲକ୍ଷ ୭୬ ହଜାର ଗ୍ରାମ, ଅନେକ ସହର ନଗର ଓ ମହାନଗରୀରେ ୧୪ଟି ମୁଖ୍ୟ ଭାଷା ଓ ଅନେକ କଥିତ ଭାଷା (ସଂସ୍କୃତ, ହିନ୍ଦୀ, ଉର୍ଦ୍ଦୁ, ଓଡ଼ିଆ, ବଙ୍ଗଳା, ତେଲୁଗୁ, ତାମିଲ, ମାଲୟାଲମ୍, କନ୍ନଡ଼ି, ଗୁଜୁରାଟୀ, ମରାଠୀ, ଅସମୀୟା, ସିନ୍ଧି, ପଞ୍ଜାବୀ, ରାଜସ୍ଥାନୀ, ମଣିପୁରୀ, ଓ ବିଦେଶୀ ଭାଷା କହୁଥିବା ଓ ଅନେକ ଲିପିରେ ଲେଖୁଥିବା ଓ ଅନେକ ଧର୍ମରେ ଓ ଉପଧର୍ମରେ ବିଶ୍ୱାସ କରୁଥିବା (ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିୟାନ୍, ଶିଖ୍, ବୌଦ୍ଧ, ଜୈନ, ଇହୁଦୀ, ପାର୍ଶି, ବାହାଇ ବ୍ରାହ୍ମ ଓ ମହିମା ଓ ଅନେକ ସମ୍ପ୍ରଦାୟରେ ବିଭକ୍ତ ହୋଇଥିବା (ହୀନଯାନ, ମହାଯାନ, କ୍ୟାଥୋଲିକ୍, ପ୍ରୋଟେଷ୍ଟାଣ୍ଟ, ସିହା, ସୁନ୍ନୀ, ଅହମଦିଆ, ଅକାଳୀ ଓ ନିରଙ୍କରୀ) ସେହି ୬୫ କୋଟି ଲୋକଙ୍କର ଅସଲ ପରିଚୟ ହେଉଛି, ସେମାନେ ସମସ୍ତେ ଭାରତୀୟ ।

ଏହି ପବିତ୍ର ଭାରତଭୂମି ହେଉଛି, ସତ୍ୟ, ସାମ୍ୟ, ପ୍ରେମ, ଶାନ୍ତି, ମୈତ୍ରୀ, ଉଦାରତା ଓ ସହନଶୀଳତାର ଭୂମି । ପୁରୁଷ ସିଂହ ସ୍ୱାମୀ ବିବେକାନନ୍ଦଙ୍କ ଭାଷାରେ ଏହି ଭାରତ ମୋର ପୁଣ୍ୟଭୂମି । ଜଗତରେ ଯେଉଁ ଟିକିଏ ବିଦ୍ୱେଷହୀନତା ଓ ଧର୍ମଭାବ ସହିତ ସହାନୁଭୂତି ଅଛି, କାର୍ଯ୍ୟତଃ ତାହା କେବଳ ଏହି ଆର୍ଯ୍ୟଭୂମିରେହିଁ ବିଦ୍ୟମାନ । ଅନ୍ୟ କୌଣସିଠାରେ ନାହିଁ । ଏହିଠାରେହିଁ କେବଳ ଭାରତବାସୀମାନେ ମୁସଲମାନଙ୍କ ପାଇଁ ମସ୍‌ଜିଦ୍ ଏବଂ ଖ୍ରୀଷ୍ଟାନମାନଙ୍କ ପାଇଁ ଗୀର୍ଜା ନିର୍ମାଣ କରି ଦିଅନ୍ତି, ଅନ୍ୟ କୌଣସି ଜାଗାରେ ନୁହେଁ, ଭାରତ ନିକଟରୁ ଜଗତକୁ ଏବେ ମଧ୍ୟ ପର ଧର୍ମ ପ୍ରତି କେବଳ ଦ୍ୱେଷ-ହୀନତା ନୁହେଁ, ପର ଧର୍ମ ପ୍ରତି ପ୍ରବଳ ସହାନୁଭୂତି ମଧ୍ୟ ଶିକ୍ଷା କରିବାକୁ ହେବ, ଆହୁରି ମଧ୍ୟ ସେ କହିଥିଲେ, 'ମୂର୍ଖ ଭାରତବାସୀ "ହେ ବୀର ! ସାହାସ ଅବଲମ୍ବନ କର, ସଦର୍ପରେ କହ, 'ମୂର୍ଖ ଭାରତ ବାସୀ, ଦରିଦ୍ର ଭାରତବାସୀ, ଚଣ୍ଡାଳ ଭାରତ-ବାସୀ ମୋର ଭାଇ ! ଭାରତର ମୃତ୍ତିକା ମୋର ସ୍ୱର୍ଗ, ଭାରତର କଲ୍ୟାଣରେ ମୋର କଲ୍ୟାଣ ।

'ଏହି ସେହି ଭାରତ ଯେଉଁଠି ବହୁ ଭାଷାଭାଷୀ, ବହୁ ଜାତି, ବହୁ ଧର୍ମ ଓ ବହୁ ଧର୍ମର ଲୋକ ଯୁଗ ଯୁଗ ଧରି ଶାନ୍ତିପୂର୍ଣ୍ଣ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ମଧ୍ୟରେ ସହାବସ୍ଥାନ କରି ଆସିଛନ୍ତି । ଭାରତରେ ହିନ୍ଦୁ ମୁସଲମାନ ସଂପ୍ରିତି ହେଉଛି ପ୍ରାୟ ୧୨୦୦ ବର୍ଷର । ଏଥିପାଇଁ ସୁଫୀ ସନ୍ଥମାନଙ୍କର ଅବଦାନ ଅବିସ୍ମରଣୀୟ । ସୁଲତାନ ବଲ୍‌ବନ୍‌ଙ୍କ ସଭାକବି ଅମୀର ଖୁସ୍ରୁ ଜଣେ ଉଦାରବାଦୀ ସୁଫୀ ସନ୍ଥ ଥିଲେ । ସେ ସୁଲତାନଙ୍କୁ ହିନ୍ଦୁମାନଙ୍କ ପ୍ରତି ସହନଶୀଳ ଓ ଉଦାର ମନୋଭାବ ପୋଷଣ କରିବା ପାଇଁ ପ୍ରବର୍ତ୍ତାଇ ଥିଲେ । ଏହା ଛଡ଼ା ହିନ୍ଦୁ ମୁସଲମାନଙ୍କ ମଧ୍ୟରେ ଭାତୃଭାବ ପ୍ରତିଷ୍ଠା ଓ ପରସ୍ପର ପ୍ରତି ସ୍ନେହ ପ୍ରଦର୍ଶନ ପାଇଁ 'ସୁଫୀ ଆନ୍ଦୋଳନ' କାର୍ଯ୍ୟ କରିଥିଲା । ପ୍ରାୟ ସମସ୍ତ ମୋଗଲ ସମ୍ରାଟଙ୍କ ରାଜତ୍ୱ କାଳରେ ରକ୍ଷା ବନ୍ଧନ (ରାକ୍ଷି) ଦଶହରା, ହୋଲି, ଦୀପାବଳୀ, ଶିବରାତ୍ରି ଓ ବସନ୍ତ ପଞ୍ଚମୀ ସୌହାର୍ଦ୍ଦପୂର୍ଣ୍ଣ ବାତାବରଣ ମଧ୍ୟରେ ପାଳିତ ହେଉଥିଲା । ସମ୍ରାଟ ଆକବରଙ୍କ ରାଜତ୍ୱ କାଳରେ ହିନ୍ଦୁ-ମୁସଲମାନ ସଂପ୍ରୀତି ସୁଦୃଢ଼ ହୋଇଥିଲା ।

ଜାତୀୟ ସଂହତିକୁ ସୁଦୃଢ଼ କରିବାକୁ ଗୁରୁ ନାନକ (୧୪୬୯-୧୫୩୯), ମହାତ୍ମାଗାନ୍ଧୀ (୧୮୬୯-୧୯୪୮) ସନ୍ଥ ବିନୋବା (୧୮୯୫-୧୯୮୨) ଓ ମୌଲାନା ଆଜାଦଙ୍କ ଅବଦାନ ମଧ୍ୟ ଅବିସ୍ମରଣୀୟ । ଆଜକୁ ୫୦୦ ବର୍ଷ ପୂର୍ବେ ଗୁରୁ ନାନକ 'ହିନ୍ଦୁସ୍ତାନ୍ ଶବ୍ଦ' ତାଙ୍କର ସ୍ତୋତାବଳୀରେ ଅନେକଥର ବ୍ୟବହାର କରିଛନ୍ତି । ଯେତେବେଳେ ବାବର ଭାରତ ଆକ୍ରମଣ କରିଛନ୍ତି, ସେତେବେଳେ ସେ ଭାରତର ଲୋଦୀ ଶାସକମାନଙ୍କୁ ଏକଜୁଟ୍ ହୋଇ ମୋଗଲ ଆକ୍ର-ମଣକୁ ପ୍ରତିହତ କରିବା ଲାଗି ଆହ୍ୱାନ ଦେଇଥିଲେ । ସେ ଏକ ଧର୍ମନିରପେକ୍ଷ, ଅବିଭାଜ୍ୟ ଭାରତ ପାଇଁ ଚିନ୍ତା-କରିଥିଲେ ଓ ମାନବୀୟ ଭାବଗତ ସଂହତି (Human and Emotional Integration) ଏବଂ ବିଶ୍ୱ ଭ୍ରାତୃତ୍ୱ ପ୍ରତିଷ୍ଠା ପାଇଁ ସମ୍ପ୍ରତି ଯେପରି 'ସଦ୍‌ଭାବନା ଯାତ୍ରା, କଥା ଚିନ୍ତା କରା-ଯାଉଛି, ସେ ତାକୁ କାର୍ଯ୍ୟକାରୀ କରିଥିଲେ । ସେ ପ୍ରଥମେ ପୂର୍ବରେ ବର୍ମା ପର୍ଯ୍ୟନ୍ତ, ତା'ପରେ ଶ୍ରୀଲଙ୍କା ଓ ଦକ୍ଷିଣ ଭାରତ, ଉତ୍ତରରେ ହିମାଳୟ ଓ ମାନସରୋବର ପର୍ଯ୍ୟନ୍ତ ଏବଂ ପରିଶେଷରେ ପଶ୍ଚିମରେ ମକ୍‌କା ଓ ବାଗ୍‌ଦାଦ୍ ପର୍ଯ୍ୟନ୍ତ ଯାତ୍ରା କରିଥିଲେ । ଏହି ଯାତ୍ରାରେ ତାଙ୍କର ଦୁଇଜଣ ସଙ୍ଗୀ ଭାଇ ମର୍ଦ୍ଦାନା, ଯେକି ଜଣେ ମୁସଲମାନ୍ ଓ ଭାଇ ବାଲା ଯେକି ଜଣେ ହିନ୍ଦୁ, ସହଯାତ୍ରା କରିଥିଲେ । କେତେକ ଧାର୍ମିକ ମୁସଲମାନ୍, ବାଗ୍‌ଦାଦ୍‌ର ସେକ୍ ବାହଲୋଲ ଓ ମକ୍‌କାର ମୌଲବୀ ରୁକ୍‌ନୁଦ୍ଦିନ, ନାନକଙ୍କ ଦ୍ୱାରା ପ୍ରଭାବିତ ହୋଇ ତାଙ୍କ ଆଦର୍ଶରେ ଅନୁଗାମୀ ହୋଇଥିଲେ । ନାନକ ଜାତିଗତ ବିଭେଦତାକୁ ମାନୁନଥିଲେ ଓ ଅବହେଳିତ, ଶୋଷିତ ଏବଂ ନିସ୍ପେସିତ ଲୋକଙ୍କ ଥଇଥାନ ଏବଂ ନାରୀମାନଙ୍କୁ ଗୃହ ଓ ସମାଜରେ ନ୍ୟାୟୋଚିତ ଓ ସ୍ୱତନ୍ତ୍ର ମର୍ଯ୍ୟାଦା ଦେବାପାଇଁ ଦାବୀ କରୁଥିଲେ । ତାଙ୍କ ମତରେ ମନ୍ଦିର ଓ ମସ୍‌ଜିଦ୍ ସବୁ ସମାନ । ମସ୍‌ଜିଦ୍ ମେଁ ହେଁ ତୋ ଖୋଦା, ମନ୍ଦିରମେ ଭି ହେଁ । ସେ ତାଙ୍କର ଧର୍ମମତକୁ କାହାରି ଉପରେ ଜବରଦସ୍ତ ଲଦି ଦେବାପାଇଁ ଇଚ୍ଛା କରିନଥିଲେ ବା ତାଙ୍କ ମତକୁ ଗ୍ରହଣ କରିବା ଲାଗି ସେ କାହାକୁ ବାଧ୍ୟ କରିନଥିଲେ । ସେ ପ୍ରତ୍ୟେକ ଧର୍ମର ସତ୍ୟତା ପ୍ରକାଶ କରୁଥିଲେ । ସେ କହୁଥିଲେ "ଇଶ୍ୱରଙ୍କ ରାଜ୍ୟରେ ଗୋଟିଏ ଜାତି ଚାରକାଳ ଧରି ରହି ଆସିଛି ଓ ରହିବ ତାହା ହେଉଛି ମାନବ ଜାତି ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ଇଶ୍ୱରଙ୍କ ସତ୍ତା ବିଦ୍ୟମାନ ଜାତି । ଇଶ୍ୱର କାହାରିକୁ କାହାରି ବଂଶ ବା ଗୋତ୍ର ବିଷୟରେ ପଚ୍ଚରନ୍ତି ନାହିଁ, ପଚ୍ଚରନ୍ତି କେଉଁ ସତ୍‌କର୍ମ କରି ଆସିଛୁ ।"

ଜାତିର ଜନକ ମହାତ୍ମାଗାନ୍ଧୀଙ୍କର ଏକାଦଶ ବ୍ରତ ମଧ୍ୟରୁ ୯ମ ବ୍ରତ ଥିଲା 'ସର୍ବଧର୍ମ ସମାନତ୍ୱ' । ସେ ଭାରତର

ଂହତି ପାଇଁ ତିନୋଟି ବିଷୟରେ ଗୁରୁତ୍ୱ ଆରୋପ ରିଥିଲେ । ପ୍ରଥମଟି ହେଉଛି ଅସ୍ପୃଶ୍ୟତାର ବିଲୋପ ସାଧନ, ମୁଁ ସ୍ପୃଶ୍ୟ', 'ସେ ଅସ୍ପୃଶ୍ୟ', ଏହି ମନୋଭାବ ବିଭେଦତାର ାରାମୀଢ଼ ସୃଷ୍ଟି କରୁଛି । ତେଣୁ ଭାରତୀୟଙ୍କ ମନରୁ ଏହି ନୋଭାବ ପରିହାର କରିବା ପାଇଁ ସେ ପରାମର୍ଶ ଦେଇ- ଲେ ଓ ହରିଜନମାନଙ୍କର ଉନ୍ନତି ପାଇଁ ଏବଂ ଅସ୍ପୃଶ୍ୟତା ବାରଣ ପାଇଁ ସେ ବହୁ ପଦକ୍ଷେପ ନେଇଥିଲେ । ଦ୍ୱିତୀୟରେ ହିନ୍ଦୁ-ମୁସଲମାନଙ୍କ ମଧ୍ୟରେ ସାମ୍ପ୍ରଦାୟିକ ଦ୍ଭାବ ପ୍ରତିଷ୍ଠା ପାଇଁ ସେ ପ୍ରାଣପାତ ଉଦ୍ୟମ କରିଥିଲେ । ାତୀୟଐକ୍ୟ ହାସଲ କରିବା ପାଇଁ ଅହିଂସା ଆନ୍ଦୋଳନର ୂମିକା ଉପରେ ଗୁରୁତ୍ୱ ଦେଇ କହୁଥିଲେ "ଅହିଂସାର ଅର୍ଥ ଅସୀମ ପ୍ରେମ, ଅସୀମ ପ୍ରେମର ଅର୍ଥ କଷ୍ଟ ସହ୍ୟ କରିବାର ଅସୀମ ଶକ୍ତି । ଭାରତରେ ଯେତେ ଜାତିର ଲୋକ ଓ ଯେତେ ର୍ମର ଲୋକ ଅଛୁ ସମସ୍ତେ 'ଆମେ ଭାରତୀୟ' । ଏହି ମହା- ାରତୀୟ ଭାବରେ ଉଦ୍‌ବୁଦ୍ଧ ହେବାପାଇଁ ସେ କହିଥିଲେ 'Letus forget all thoughts of I am a Hindu, ou a Muslim, or I am a Gujarati, you a nadrasi' Letus sink 'I' & 'Mine' in a common ndian nationality, we shall be free only when a large number of our people are etermined to swim or sink together." 'ଗାନ୍ଧିଜୀଙ୍କର ଏହି ସ୍ୱପ୍ନ ଯେ ଫଳପ୍ରସୂ ହେବ, ତାକୁ ଲକ୍ଷ୍ୟକରି ଉତ୍କଳକବି ମଧୁସୂଦନ ରାଓ ଲେଖିଥିଲେ ।

"ବର୍ଣ୍ଣ- ଭେଦ, ଧର୍ମଭେଦର ଦିନ ହେଉଛି ଶେଷ

ମହାଯୋଗେ ହେବ ଭାରତ, ମହାଭାରତ ଦେଶ ।

ମହାତ୍ମାଗାନ୍ଧୀଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ ଉତ୍କଳର ଦଧୀଚି ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ାଙ୍କର ଏକ କବିତାରେ ଲେଖିଛନ୍ତି:—

ହିନ୍ଦୁ ମୁସଲମାନ, ବୌଦ୍ଧ, ଖ୍ରୀଷ୍ଟିଆନ
ଶିଖ, ଜୈନ ଯେତେ ଭାରତ ସନ୍ତାନ,
ଯେତେଧର୍ମ, ଯେତେବର୍ଣ୍ଣ, ଯେତେ ଜାତି କୁଳ
ଭାରତ ଜନନୀସମସ୍ତଙ୍କ ମୂଳ,
ଏକ ଆଶା, ଏକ ଲକ୍ଷ୍ୟ, ଏକ ଧ୍ୟାନ,
ଏକତ୍ର ଅସ୍ଥିତି, ଏକତ୍ର ଶ୍ମଶାନ ।
ଏକ କର୍ମ କ୍ଷେତ୍ର, ଏକ ମାତୃ ପଦେ,
କର ଏକ ପ୍ରାଣ ସଂପଦେ ବିପଦେ ।
ଏକତା ମନ୍ତ୍ରରେ ରଖ ସଦା ମତି
ହେବ ଏହି ଭାବେ ସ୍ୱରାଜ୍ୟ ପ୍ରାପତି ।"

× × × ×

"ଛାଡ଼ ଉଚ୍ଚ ନୀଚ ଭେଦ, ଅହଙ୍କାର
ହେଉ ନୀଳାଚଳୁ ସମତା ପ୍ରଚାର,
ନୀଳାଚଳବାସୀ ପ୍ରଭୁଶ୍ରୀନିବାସ
ପୂରାଇବେ ଆଶା ରଖ ଏ ବିଶ୍ୱାସ ।"

ମହାତ୍ମାଗାନ୍ଧୀଙ୍କର ଜଣେ ପ୍ରଧାନଶିଷ୍ୟ ଓ ଅହିଂସାର ପ୍ରଚାରୀ ସନ୍ଥ ବିନୋବା (୧୮୯୫—୧୯୮୨), ସର୍ବୋଦୟ ମାଧ୍ୟମରେ ଜାତୀୟ ସଂହତିକୁ ସୁଦୃଢ଼ କରିବାକୁ ଚେଷ୍ଟା କରିଥିଲେ । ଏହା ବ୍ୟତୀତ ସନ୍ଥ ବିନୋବା ସର୍ବଧର୍ମ ସମନ୍ୱୟ ମତବାଦ ଭାରତରେ ସୁପ୍ରତିଷ୍ଠିତ ହେଲେ ଜାତୀୟ ସଂହତି ସୁଦୃଢ଼ ହେବ ବୋଲି ମତବ୍ୟକ୍ତ କରୁଥିଲେ ।

ଭାରତୀୟ ସଂସ୍କୃତିର ଜଣେ ଶ୍ରେଷ୍ଠ ପୁରୋଧା ହେଉଛନ୍ତି ମୌଲାନା ଆଜାଦ୍ (୧୮୮୮—୧୯୫୮) । ଧର୍ମଗତ ସହିଷ୍ଣୁତା, ସହଯୋଗିତା ଓ ସହବସ୍ଥାନ ଥିଲା ଆଜାଦ୍‌ଙ୍କର ଧର୍ମାଦର୍ଶର ମୂଳ ଉପାଦାନ । ତଦାନୀନ୍ତନ ଭାରତରେ ହିନ୍ଦୁ ମୁସଲମାନମାନଙ୍କର ଏକତା ଭାବାତ୍ମକ ସଂହତି ଓ ସାମାଜିକ ସହାବସ୍ଥାନ ପାଇଁ ଆଜାଦ୍‌ଙ୍କର ଧର୍ମମୂଳକ କାର୍ଯ୍ୟକଳାପ ଉଦ୍ଦିଷ୍ଟ ଥିଲା ବୋଲି କୁହାଯାଇ ପାରେ । ତାଙ୍କ ମତରେ ସର୍ବଧର୍ମ ପ୍ରତି ସହିଷ୍ଣୁତା ଥିଲା, ଇସ୍‌ଲମ ଧର୍ମର ସାରତତ୍ତ୍ୱ । ଇସ୍‌ଲାମର ଅର୍ଥ ସତ୍ୟକୁ ଗ୍ରହଣ କରିବା ଓ ସେହି ଅନୁସାରେ ଆଚରଣ କରିବା । ସବୁଠି ଧର୍ମର ସାର ଏକ ରୂପରେ ପ୍ରକଟିତ । ତାହା ହେଉଛି ଈଶ୍ୱରଙ୍କ ପ୍ରଦର୍ଶିତ ମାର୍ଗରେ ପରିଚାଳିତ ହେବା । ସଦାଚରଣରେ ଏହି ରାସ୍ତା କେବଳ ମାନବ ଜାତି ପାଇଁ ନୁହେଁ ବରଂ ସମସ୍ତ ସଂସାର ପାଇଁ ଉଦ୍ଦିଷ୍ଟ ।"

ଭାରତର ଭୂତପୂର୍ବ ରାଷ୍ଟ୍ରପତି —ଡ଼କ୍ଟର ଏସ୍. ରାଧାକ୍ରିଷ୍ଣନ୍ କହିଛନ୍ତି :—

"ଜାତୀୟ ସଂହତିକୁ ଇଟା, ଚୂନ, ଓ ସମେଣ୍ଟ ଅଥବା ବାଉସୀ ଓ ହାତୁଡ଼ି ସାହାଯ୍ୟରେ ତିଆରି କରାଯାଇ ନପାରେ । ଏହା ମଣିଷର ମନ ଓ ହୃଦୟରେ ନୀରବରେ ବୃଦ୍ଧି ପାଇଥାଏ । ଏହା ହେଉଛି ଏକ ମନ୍ଥର ପ୍ରକ୍ରିୟା, କିନ୍ତୁ ଦୃଢ଼ ଓ ସ୍ଥାୟୀ ପ୍ରକ୍ରିୟା ।" ଜାତିର ବାର୍ତ୍ତାବହ ଲାଲବାହାଦୁର ଶାସ୍ତ୍ରୀ ପ୍ରଧାନମନ୍ତ୍ରୀ ଥିଲାବେଳେ ୧୯୬୫ ପାକିସ୍ତାନୀ ଯୁଦ୍ଧ ସମୟରେ ସେ ଯେଉଁ 'ଜୟ ଜବାନ୍ ଓ ଜୟ କିଷାନ୍' ଡାକରା ଦେଲେ ଏବଂ ସେତେବେଳେ ଯେଉଁ ଭାବଗତ ସଂହତି ( Emotional Entegration ) ପ୍ରତିଷ୍ଠିତ ହେଲା ଏବଂ କୋଟିଏ ମନ ଏକାଠି ହୋଇ ପାକିସ୍ଥାନର ବର୍ବରୋଚିତ ଆକ୍ରମଣ ବିରୁଦ୍ଧରେ "ଆମେ ସମସ୍ତେ ଭାରତୀୟ ଏକଜୁଟ୍ ହୋଇ ଏହି ଆକ୍ରମଣର ମୁକାବିଲା କରିବୁ," ସେହି ମନ ଏକାଠି ହୋଇଯାଉ । ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଭାଷାରେ ; " ବିଥ ନାଥ କୋଟି ମନ ଗୋଟିଏ କରି, ରେଣୁ ରେଣୁ ମିଶି ହେଉ ତୁଙ୍ଗ ଶିଖରୀ" । ସ୍ୱର୍ଗୀୟ ଲାଲ ବାହାଦୁର କହିଥିଲେ "ଭାରତର ଆତ୍ମା ଜୀବନ୍ତ, ଏବଂ ବିବେକ ପ୍ରଖର, ତେଣୁ ଆମକୁ ବସ୍ତୁବାଦୀ ପ୍ରଗତି ଓ ତାର ମୂଲ୍ୟବୋଧ ସହିତ ନୀତି ଓ ଆଧ୍ୟାତ୍ମିକ ମୂଲ୍ୟ-ବୋଧର ଏକ ସଂହତି ଖୋଜି ବାହାର କରିବାକୁ ପଡ଼ିବ । ଏହି ସଂହତିର ସୂତ୍ର, ଆମ ଦେଶକୁ ଆଗେଇ ଯିବାରେ ଯେତିକି ସାହାଯ୍ୟ କରିବ, ବିଶ୍ୱ ମାନବ ସମାଜକୁ ଶାନ୍ତି ଓ ପ୍ରଗତି ପଥରେ ସେତିକି ଆଗେଇ ନେବ ।"

ସଂପ୍ରତି ଧର୍ମକୁ କେନ୍ଦ୍ରକରି ଓ ସାଂପ୍ରଦାୟିକତାକୁ ଆଳ କରି ବର୍ତ୍ତମାନ ଦେଶରେ ଯେଉଁ ଅଶାନ୍ତି ଦେଖା ଦେଇଛି, ଏହି ଘଡ଼ି ସନ୍ଧି ମୁହୂର୍ତ୍ତରେ ଓଡ଼ିଶାର ଜଣେ ପରମ ସନ୍ଥ ଓ ସର୍ବ ଧର୍ମ ସମନ୍ୱୟ ମତବାଦ ପ୍ରଚାରକ "ପ୍ରେମାଶ୍ରୟୀ ବାବା ମଧୁସୂଦନ କହିଛନ୍ତି"ଏହି ସଙ୍କଟ-ଜନକ ପରିସ୍ଥିତିରେ ସର୍ବଧର୍ମ ସମନ୍ୱୟ ମତବାଦ ସୁପ୍ରତିଷ୍ଠିତ ନ ହେଲେ ଅଶାନ୍ତି ଦୂରୀଭୂତ ହୋଇ ପାରିବ ନାହିଁ । ସର୍ବୋପରି ମହାମାନବଙ୍କ ଜୀବନୀ ଅନୁଶୀଳନ ଓ ସେମାନଙ୍କ ବାଣୀ ଅନୁସରଣ ନ କଲେ ସମାଜ ଓ ଦେଶର ସୁରକ୍ଷା ପାଇଁ ଅନ୍ୟ ପ୍ରତିକାରର ପନ୍ଥା ନାହିଁ । ତାଙ୍କର ଗୋଟିଏ ସର୍ବଧର୍ମ ସମନ୍ୱୟ ଭଜନ ନିମ୍ନରେ ପ୍ରଦତ୍ତ ହେଲ :—

"ସମସ୍ତଙ୍କର ଗୋଟିଏ ଧର୍ମ,
ସତ୍ୟ ଶାଶ୍ୱତ ସାମ୍ୟ ପ୍ରେମ
ସମସ୍ତଙ୍କର ଗୁରୁ ଗୋଟିଏ,
ଆତ୍ମା ଅଟଇ ତାଙ୍କରି ନାମ ॥

ସବୁରି ମାତା ପିତା ଏକ,
ତଳେ ମାତା ଉର୍ଦ୍ଧ୍ୱେ ପିତା ନିରେଖ,
ବସୁଧୈବ କୁଟୁମ୍ବକ ସର୍ବ ଦେଖ,
ଭେଦଜ୍ଞାନ ତ୍ୟାଗକର ବହନ ॥

ଆଧ୍ୟାତ୍ମିକ ଜ୍ଞାନ ଅଭାବେ ନର,
ହିଂସା କାମ କ୍ରୋଧେ ସାରନ୍ତି ବେଳ
ଗୁରୁବାଣୀ ମାନି ହୋଇଣ ମେଳ,
ପ୍ରେମେ ଦେଖ ସର୍ବ ଧରମ ସମ ॥

ହିନ୍ଦୁ, ମୁସଲମାନ, ବୌଦ୍ଧ ଖ୍ରୀଷ୍ଟିୟାନ,
ସର୍ବେ ଏକ ଈଶ୍ୱରଙ୍କ ସନ୍ତାନ ।
ଅଭିମାନ ତେଜି ହୁଅ ମିଳନ,
ଜଗତର ହିତକର ସାଧନ ॥

ଭାଇ ଭାଇ କହି ମିଳାଇ ହାତ,
ଗାଅ ସର୍ବେ ପ୍ରେମ ଧର୍ମ ସଙ୍ଗୀତ ।
ଆତ୍ମାମୟ ଭାବି ସର୍ବ ଜଗତ,
ସର୍ବାତ୍ମେ ମଧୁ ପଶେ ଶରଣ ॥"

ଓଡ଼ିଶାର କଳୌକା ଆନନ୍ଦ ଧାମର କ୍ଷେତ୍ରଜ୍ଞ ବାବା ବୈକୁଣ୍ଠ ନାଥ କହନ୍ତି "ହେ ବିଶ୍ୱବାସୀ, ଆମେ ସମସ୍ତେ ସେହି ସତ୍ୟର ସେବକ, ମୁଁ ହିନ୍ଦୁ, ତୁମେ ମୁସଲମାନ, ସେ ଖ୍ରୀଷ୍ଟିୟାନ୍, କିଏ ବୌଦ୍ଧ, କିଏ କିଏ ଜୈନ, ଏସବୁ ଭାବ ଗୁଡ଼ ଆମେ ହୃଦୟରୁ ପୋଛି ପକାଇବା, ଈଶ୍ୱର ହେଉଛନ୍ତି ସତ୍ୟ ଓ ସେହି ସତ୍ୟର ସେବାହିଁ ମାନବର ପରମଧର୍ମ । ବର୍ତ୍ତମାନ ଈଶ୍ୱରଙ୍କ ସେବା କରିବାର ଅର୍ଥ ହେଉଛି ସେଇ ସତ୍ୟର ସ୍ୱାଗତ ପାଇଁ ନିଜର ଶରୀର, ମନ ଓ ପ୍ରାଣକୁ ସ୍ୱଚ୍ଛ ଓ ନିର୍ମଳ ରଖିବା । ତାହାହେଲେ ସତ୍ୟର ଜ୍ୟୋତି ସେଥିରେ ପ୍ରକଟିତ ହେବ" । ସେ ତାଙ୍କର ସର୍ବଧର୍ମ ପ୍ରାର୍ଥନାରେ ଗାଇଛନ୍ତି :—

"ହେ ନିତ୍ୟ ସତ୍ୟ, ପରମ ପବିତ୍ର
କର ବିଶ୍ୱଜନେ ଶୁଭାଶୀଷ ଦାନ ହେ !
ଗାଇ ତୁମ୍ଭନାମ ଲଭନ୍ତୁ ଅଭୟ
ଉଦ୍ଧାରନ୍ତୁ ସର୍ବେ ପ୍ରେମମୟ ଶ୍ରୀ ଭଗବାନ ହେ ।

ସ୍ୱାମୀ ବିବେକାନନ୍ଦଙ୍କର ଏକ ମର୍ମସ୍ପର୍ଶୀବାଣୀକୁ ସମସ୍ତ ଧର୍ମାବଲମ୍ବୀମାନେ ହୃଦୟଙ୍ଗମ କରି ସେହି ଅନୁସାରେ କାର୍ଯ୍ୟ କରିବା ଉଚିତ୍ । ସେ କହିଛନ୍ତି, "ଭଗବାନଙ୍କ ନାମରେ ଏତେ ଗଣ୍ଡଗୋଳ, ଯୁଦ୍ଧ, ବାଦାନୁବାଦ କାହିଁକି ? ଭଗବାନଙ୍କ ନାମରେ ଯେତେ ରକ୍ତପାତ ହେଉଛି, ଅନ୍ୟ କୌଣସି ବିଷୟରେ ତାହା ହେଉନାହିଁ । ଏହାର ପ୍ରଧାନ କାରଣ କେହି ହେଲେ ମୂଳକୁ ଯିବା ପାଇଁ ଚାହେଁ ନାହିଁ । ଧର୍ମର ସତ୍ୟକୁ ଅନୁଭବ ନ କରିବା ପର୍ଯ୍ୟନ୍ତ, ଧର୍ମ କଥା କହିବା ବୃଥା । ଭଣ୍ଡ ଅପେକ୍ଷା ସ୍ପଷ୍ଟବାଦୀ ନାସ୍ତିକ ଭଲ !"

ତେଣୁ ସମସ୍ତ ଧର୍ମ ଓ ଧର୍ମଗ୍ରନ୍ଥର ସାରକଥା ସବୁ ଧର୍ମ ପ୍ରଚାରକଙ୍କର ସତ୍ୟଧର୍ମବାଣୀ ଆମକୁ ନିରପେକ୍ଷ ଭାବେ ଅନୁଧ୍ୟାନ କରି ହୃଦୟଙ୍ଗମ କରିବାକୁ ପଡ଼ିବ, ଏ ସଂପର୍କରେ ବାହାଇ ଧର୍ମ ପ୍ରଚାରକ ବାହା-ଉଲ୍ଲା କହିଛନ୍ତି :—ସକଳ ଧର୍ମର ସାରମର୍ମ ଏକ । ଅସାର ବିଷୟଗୁଡ଼ିକରେ ପାର୍ଥକ୍ୟ ଥାଏ, ଅତଏବ ସମୁଦାୟ ଧର୍ମ ସତ୍ୟ ଓ ଅଭିନ୍ନ । ଯେ ଈଶ୍ୱରଙ୍କ ଐକ୍ୟ ବିଶ୍ୱାସୀ ସେ ଗଣନ୍ତି ସମୁଦାୟ ଅବତାର ଗଣ ଏକ, ସକଳ ଧର୍ମ ଓ ଦର୍ଶନ ଏକ, ସମସ୍ତ ଧର୍ମଗ୍ରନ୍ଥ ଏକ, ସମୁଦାୟ ମନୁଷ୍ୟ ଜାତି ଏକ, ଧନୀ ଓ ଦରିଦ୍ର, ଶିକ୍ଷିତ ଓ ଅଶିକ୍ଷିତ, ପୁରୁଷ, ନାରୀ, ଧଳା ଓ କଳା ସମୁଦାୟ ମନୁଷ୍ୟ ଏକ ।"

ଷୋଡ଼ଶ ଶତାବ୍ଦୀର ଭାରତର ଜଣେ ବିଶିଷ୍ଟ ସନ୍ଥ ମହାତ୍ମା ତୁଳସୀଦାସ କହିଛନ୍ତି :-

"ସବ୍‌ମେଁ ରସିୟେ ସବ୍‌ମେଁ ବସିୟେ "
ସବ୍‌କା ଲିଜିୟେ ନାମ ।
ହାଁ ଜି ହାଁ ଜି କରତେ ରହିୟେ
ବୈଠିୟେ ଅପନାଠାମ୍ ।"

ଅର୍ଥାତ୍ "ସବୁ ଶାସ୍ତ୍ର, ସବୁଧର୍ମ, ସବୁ ସଂପ୍ରଦାୟରେ ସହଯୋଗକରି ତହିଁରୁ ସାର ଗ୍ରହଣକରିବା ଉଚିତ୍ । ଈଶ୍ୱର ଉପାସନାର ପନ୍ଥା ବିଭିନ୍ନ ହେଲେ ହେଁ ଲକ୍ଷ୍ୟ ଏକ । ସବୁ ଧର୍ମର ମୌଳିକସତ୍ୟ ଏକ ଅଟେ । ଏହାଭାବି ସମସ୍ତ ସଂପ୍ରଦାୟରେ ଯୋଗଦାନକରି ତହିଁର ଭାବ ଲାଭ କରିବା ହିଁ ମାନବର ଧର୍ମ" । ସ୍ୱାମୀ ବିବେକାନନ୍ଦଙ୍କ ଭାଷାରେ ଧର୍ମ ବାକ୍ୟାଡ଼ମ୍ବରନୁହେଁ । ଏହା ସାଂପ୍ରଦାୟିକତା ମଧ୍ୟ ନୁହେଁ, ଆତ୍ମା ସହିତ ପରମାତ୍ମାଙ୍କ ସମ୍ବନ୍ଧ ଉପରେ ପ୍ରତିଷ୍ଠିତ । ଶ୍ରୀ ରାମକୃଷ୍ଣ ପରମହଂସଦେବ (୧୮୩୪–୧୮୮୬) କହିଛନ୍ତି ମତାମତ, ସଂପ୍ରଦାୟ, ଗୀର୍ଜା ବା ମନ୍ଦିର ଅପେକ୍ଷାକରନାହିଁ । ଧର୍ମର ଅର୍ଥ କେବଳ ଶବ୍ଦ, ନାମ ବା ସଂପ୍ରଦାୟ ବୁଝାଏନାହିଁ । ଧର୍ମର

ଅର୍ଥ କେବଳ ଆଧ୍ୟାତ୍ମିକ ଅନୁଭୂତି ବୋଲି ଭାବିବାକୁ ହେବ । ଭାରତର ପ୍ରଜ୍ଞା ସୂର୍ଯ୍ୟ ଶ୍ରୀ ଅରବିନ୍ଦ କହିଛନ୍ତି "ତାହାହିଁ ସନାତନ ଧର୍ମ ଯେଉଁଥିରେ ସକଳ ଧର୍ମ, ବିଜ୍ଞାନ ଜୀବନର ସାମଞ୍ଜସ୍ୟ ଓ ସମନ୍ୱୟ ପ୍ରାପ୍ତହୁଏ ଏବଂ ଯାହା ମାନବ ଜାତିକୁ ଏକାତ୍ମାକରେ" । ଯୁଗପୁରୁଷ ଶ୍ରୀ ସତ୍ୟସାଇ ବାବା କହନ୍ତି "ଧର୍ମଗ୍ରନ୍ଥହିଁ ଯେ ମନୁଷ୍ୟ ପରସ୍ପର ପ୍ରତି ବିଦ୍ୱେଷ ପରିହାରି କରୁ ଏବଂ ସଂହତି ଓ ସଦ୍‌ଭାବ ପ୍ରତିଷ୍ଠାକରୁ । ସନ୍ଥ କବୀର (୧୪୪୦–୧୫୧୮) କହୁଥିଲେ "ଭଗବାନ ଏକ, ସିଏ ଆଲ୍ଲା ସିଏ କରିମ୍, ସିଏ ହରି, ସିଏ ହଜରତ୍ । ଧୂନା ହେଉଛି ଏକ-ଏଥିରୁ କିଏ କେତେ ଗହଣା କରିପାରେ । ସେହିଭଳି ଭଗବାନଙ୍କ ଆରାଧନାକୁ କିଏ କହୁଛି ନମାଜ, କିଏ କହୁଛି ପୂଜା । କିଏ ହିନ୍ଦୁ କିଏ ମୁସଲମାନ ଗୋଟିଏ ପୃଥିବୀ ଉପରେ ବାସକରୁଛନ୍ତି ସମସ୍ତେ । କିଏ ବେଦପାଠ କରୁଚିତ କିଏ କୋରାନ୍ (କୁତବା) ପଢୁଛି । କାହାକୁ ମୌଲବୀ କୁହାଯାଉଛିତ କାହାକୁ ପଣ୍ଡା କୁହାଯାଉଛି । ହୃଦୟରେ ରହିଛନ୍ତି ରାମ୍‌ରହିମ । ଅଣୁ ପରମାଣୁରେ ଭଗବାନ ବିଦ୍ୟମାନ । ହିନ୍ଦୁ-ମୁସଲମାନ ସମ୍ପ୍ରୀତିପାଇଁ ସନ୍ଥ କବୀରଙ୍କ ଦାନ ଅବିସ୍ମରଣୀୟ । ତାଙ୍କର ଉଭୟ ହିନ୍ଦୁ ଓ ମୁସଲମାନ ଶିଷ୍ୟଥିଲେ ଓ ତାଙ୍କ ମୃତ୍ୟୁପରେ ତାଙ୍କର ଶବ ସତ୍‌କାର ପାଇଁ ଯେତେବେଳେ ହିନ୍ଦୁ ଓ ମୁସଲମାନ ଶିଷ୍ୟଙ୍କ ମଧ୍ୟରେ ବାଦ-ବିବାଦ ଉପୁଜିଲା, ସେତେବେଳେ ଶୂନ୍ୟବାଣୀ ହୋଇଥିଲା । ତାଙ୍କ ଶବ ଉପରେ ଧଳାଚଦର ଘୋଡ଼ାଇ ଦେବାକୁ । ଯେତେ-ବେଳେ ଶିଷ୍ୟମାନେ ସେହି ଚଦରଟିକୁ ଉଠାଇ ଦେଖିଲେ, ଶବ ଅନ୍ତର୍ଦ୍ଧାନ ହୋଇଯାଇଛି ଓ ଶବ ବଦଳରେ ପଡ଼ିରହିଛି ଗୋଟିଏ ପଦ୍ମଫୁଲ । ସେହି ପଦ୍ମ ଫୁଲକୁ ହିନ୍ଦୁ ଓ ମୁସଲମାନ ଶିଷ୍ୟମାନେ ପାଖୁଡ଼ା ପାଖୁଡ଼ାକରି ବାଣ୍ଟିନେଲେ ଓ ନିଜନିଜ ରୀତିରେ ତାଙ୍କ ଶବ ସତ୍‌କାର କରିଥିଲେ । ଅଷ୍ଟମ ଶତାବ୍ଦୀର ପ୍ରସିଦ୍ଧ ହିନ୍ଦୁଧର୍ମ ପ୍ରଚାରକ ବ୍ରହ୍ମବିତ୍ ଜଗତ୍‌ଗୁରୁ 'ଶଙ୍କରାଚାର୍ଯ୍ୟ କହିଛନ୍ତି, "ତୁମ ଆତ୍ମାଠାରେ ଓ ଅନ୍ୟତ୍ର ଏକ ବିଷ୍ଣୁ ରହିଛନ୍ତି । ଧୈର୍ଯ୍ୟଛାଡ଼ି କାହିଁକି କ୍ରୁଦ୍ଧହୁଅ ? ନିଜାତ୍ମାରେ ସର୍ବ ଜୀବାତ୍ମା ଦେଖି ଭେଦଜ୍ଞାନ ତ୍ୟାଗକର ।" ପ୍ରେମାବତାର ଶ୍ରୀ ଚୈତନ୍ୟ କହିଛନ୍ତି," ଏକମାତ୍ର ଶୁଦ୍ଧ ଭଗବାନଙ୍କର ଭଜନକର । କିନ୍ତୁ ଅନ୍ୟରୂପ, ସାଧନା ପ୍ରଣାଳୀରେ ନିନ୍ଦାକରନାହିଁ । ବାହ୍ୟ ପୃଥକ୍ ଭାବ ତର୍କ କରନାହିଁ" । ବିନମ୍ରତା ବୈଷ୍ଣବଧର୍ମରେ ପ୍ରତିପାଦିତ। ପରମ ବୈଷ୍ଣବ ରାଧାରମଣ ଦେବ କହିଛନ୍ତି, "ବ୍ରାହ୍ମଣ ଆଚଣ୍ଡାଳ କୁହରାନ୍ତକରି, ଦଣ୍ଡବତ କରିବେଜି ବହୁମାନ୍ୟକରି, ଏହି ସେ ବୈଷ୍ଣବ ଧର୍ମ ସବାର ପ୍ରଣତି, ସେହି ଧର୍ମଧ୍ୱଜୀ ଯାର ଇଥେ ନାହିଁ ମତି" । ୧୮୨୮ ଖ୍ରୀ: ଅ:ରୁ ରାଜାରାମ ମୋହନ-ରାୟଙ୍କ ପ୍ରବର୍ତ୍ତିତ ବ୍ରାହ୍ମଧର୍ମର ପ୍ରଧାନ ଉଦ୍ଦେଶ୍ୟ ହେଉଛି, ଏକମାତ୍ର ଅଦ୍ୱିତୀୟ ନିରାକାର ଈଶ୍ୱରଙ୍କ ପୂଜା, ମାନବ ସମାଜରେ ଭ୍ରାତୃତ୍ୱ ସଂସ୍ଥାପନ ଏବଂ ସେମାନଙ୍କର ସର୍ବାଙ୍ଗୀନ ଉନ୍ନତି ସାଧନ ।" ମହାବୀର ଓ ଗୌତମବୁଦ୍ଧଙ୍କ ପ୍ରଚାରିତ ଉଭୟ ଜୈନଧର୍ମ ଓ ବୌଦ୍ଧଧର୍ମ, ଅହିଂସା, ସାମ୍ୟ, ଜାତିପ୍ରଥାର ବିଲୋପସାଧନ (ଅସ୍ପୃଶ୍ୟତା ବିରୁଦ୍ଧରେ ସ୍ୱରୋଉତ୍ତୋଳନ) ବିଶ୍ୱ ମୈତ୍ରୀ ଏବଂ ଭ୍ରାତୃତ୍ୱର ବାଣୀ ଆଜକୁ ଅଢ଼େଇ ହଜାର ବର୍ଷ ହେଲା, ପ୍ରଚାର କରି ଆସୁଛି । ପାର୍ଶି ଧର୍ମଗୁରୁ ପାରସ୍ୟର ଜୋରାଷ୍ଟରଙ୍କ ପ୍ରଚାରିତ ତିନୋଟି ପବିତ୍ର ବସ୍ତୁ, ସଦ୍‌ଭାବନା, ସତ୍ ବାକ୍ୟ ଓ ସତ୍ କାର୍ଯ୍ୟ ସମଗ୍ର ମାନବ ସମାଜର ନୈତିକ ଉତ୍‌ଥାନ ପାଇଁ ଉଦ୍ଦିଷ୍ଟ । ସେହିପରି ଇହୁଦୀ ଧର୍ମ ପ୍ରଚାରକ ମୁଷାଙ୍କ ( Moses ) ଦଶାଜ୍ଞା (Ten Commandments ମଧ୍ୟ ସମଗ୍ର ମାନବ ଜାତିର ନୈତିକ ଉତ୍‌ଥାନ ପାଇଁ ଅଭିପ୍ରେତ । କ୍ଷମାବତାର ଯୀଶୁଙ୍କ ସମଗ୍ର ମାନବ ସମାଜ ପାଇଁ ଦୁଇଟି ପ୍ରଧାନ ବାଣୀ ହେଉଛି, ଯେଉଁମାନେ ତୁମ ବିରୁଦ୍ଧରେ ଅନ୍ୟାୟ କରିଥାଆନ୍ତି ସେମାନଙ୍କୁ ତୁମେ କ୍ଷମାକର ଓ ଶତ୍ରୁକୁ ପ୍ରେମ କର," ଯେ ତୁମମାନଙ୍କର କ୍ଷତିକରେ ତାର ମଙ୍ଗଳ ପାଇଁ ପ୍ରାର୍ଥନା କର । ଆମେ ସମସ୍ତେ ଏକ ଈଶ୍ୱରଙ୍କ ତନୟ-ସମସ୍ତେ ଅମରଆତ୍ମା ସ୍ୱରୂପ।" ମହମ୍ମଦ କହିଛନ୍ତି," ଜାତି ଧର୍ମ ନିର୍ବିଶେଷରେ ଏକ ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖି ସର୍ବଦା ସତ୍ କର୍ମ କଲେ ଈଶ୍ୱର ସନ୍ତୁଷ୍ଟ ହୁଅନ୍ତି ।"

ସ୍ୱାମୀ ଶିବାନନ୍ଦ ତାଙ୍କର 'ବିଶ୍ୱ ପ୍ରାର୍ଥନା'ରେ ଗାଇଛନ୍ତି "ହେ କରୁଣାମୟ, ପ୍ରେମ ସ୍ୱରୂପ ପୂଜ୍ୟ ପରମେଶ୍ୱର ଆମମାନଙ୍କୁ ସମ୍ବେଦନଶୀଳ ହୃଦୟ, ସମଦୃଷ୍ଟି, ସମଚିତ୍ତ, ଭଗବଦ୍ ବିଶ୍ୱାସ, ଭକ୍ତି ଓ ଜ୍ଞାନ ପ୍ରଦାନ କର ।" ସ୍ୱାମୀ ନିଗମାନନ୍ଦଙ୍କ ଭାଷାରେ, "ଯାହାର ହୃଦୟରେ ଜ୍ଞାନ ଓ ଭକ୍ତିର ମିଳନ ହୋଇଛି, ସେ ସବୁ ସଂପ୍ରଦାୟରେ ପଶି, ସବୁଠି ମିଶି ସବୁ ଧର୍ମ ରସାସ୍ୱାଦନ କରିଥାଏ ।" ଏହି ସଙ୍କଟମୟ ପରିସ୍ଥିତିରେ ସାର୍ବଜନୀନ ଠାକୁର ପ୍ରଭୁ ଜଗନ୍ନାଥ ଆମ୍ଭକୁ ସେହି ସମଦୃଷ୍ଟି ଓ ସମଚିତ୍ତ ପ୍ରଦାନ କରନ୍ତୁ ଏତିକି ପ୍ରାର୍ଥନା । ବେଦ ଓ ଉପନିଷଦର ସେହି ଏକତା ବାଣୀଗୁଡ଼ିକ ଆମ କର୍ଣ୍ଣ ଗହ୍ୱରରେ ଝଙ୍କୃତ ହେଉ ଓ ଆମେ ସମସ୍ତେ ଐକ୍ୟ ମନ୍ତ୍ରରେ ଦୀକ୍ଷିତ ହେଉ:–

"ଯା ନ ଭତବୋ ଯତ୍ର ବିଶ୍ୱତଃ ।"
"ଶୃଣ୍ୱନ୍ତୁ ସର୍ବେ ଅମୃତସ୍ୟ ପୁତ୍ରାଃ ।"
"ଓଁ ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ।"
" ମନୁଷ୍ୟୋଃ ଭ୍ରାତରଃ ସର୍ବେ ସ୍ୱଦେଶଂ ଭୁବନତ୍ରୟମ୍ ।"
"ସମାନୋ ଧର୍ମ ସମିତିଃ ସମାନୀ
ସମାନ ମନ୍ତ୍ର ମଭି ମନ୍ତ୍ରୟେ ବଃ ।
ସମାନ ଚେତାଃ ସହଚିତ୍ତ ମେଷାମ୍ ।
ସମାନନେ ବୋ ହବିଷୋ ଜୁ ହୋ ମି ।"
"ମିତ୍ର ସ୍ୟାହଂ ଚକ୍ଷୁଷା ସର୍ବାଣି ଭୂତାନି
ସମୀକ୍ଷେ ମିତ୍ରସ୍ୟ ଚକ୍ଷୁଷା ସମୀକ୍ଷା ମହେ ।"
"ସର୍ବେ ଭବନ୍ତୁ ସୁଖିନଃ ସର୍ବେ ସନ୍ତୁ ନିରାମୟାଃ ।
ସର୍ବେ ଭଦ୍ରାଣି ପଶ୍ୟନ୍ତୁ ମା କଶ୍ଚିତ୍ ଦୁଃଖ ଭାଗଭବେତ୍ ।"
ଓଁ ଶାନ୍ତିଃ ଓଁ ଶାନ୍ତିଃ ଓଁ ଶାନ୍ତିଃ ।

ରଚନା ଅଧିକାରୀ,
ସୂଚନା ଓ ଲୋକସଂପର୍କ ବିଭାଗ
ଭୁବନେଶ୍ୱର

# ପଶ୍ଚିମ ଓଡ଼ିଶାର ସଂସ୍କୃତି ଓ ସାହିତ୍ୟ

ଶ୍ରୀ ଗଣେଶ ପ୍ରସାଦ ପରିଡ଼ା

ଓଡ଼ିଆଭାଷା ସାହିତ୍ୟ ସମିତିର ଶତବାର୍ଷିକୀ ମହାମହୋତ୍ସବ । ଏହା କମ୍ ଆନନ୍ଦ ଗୌରବର କଥା ନୁହେଁ ଆଜି ଏହି ଅବସରରେ ମନେ ପଡ଼େ ଓଡ଼ିଆ ଜାତିର ଭାଷା ସଂସ୍କୃତିର କଥା । ବିଶେଷ କରି ଏହି ଓଡ଼ିଶାର ପଶ୍ଚିମାଞ୍ଚଳର କଥା । ଆଜିର ଓଡ଼ିଶା ଏବଂ ହଜାର ବର୍ଷ ପୂର୍ବର ଓଡ଼ିଶା ମଧ୍ୟରେ ବହୁ ପାର୍ଥକ୍ୟ ରହିଛି । ପୁଣି ଆହୁରି ପୂର୍ବକୁ ଫେରିଗଲେ ; ଏହି ମହାନ୍ ଜାତି ଭାରତୀୟଙ୍କ ଆଦି ଗ୍ରନ୍ଥ ରାମାୟଣ ଓ ତା ପରର ସମୟକୁ ଯେତେବେଳେ ଏହି ଅଞ୍ଚଳ ଦକ୍ଷିଣ କୋଶଳ ଅନ୍ତର୍ଭୁକ୍ତ । କୋଶଳର କନ୍ୟା କୌଶଲ୍ୟା ପରମ ପୁରୁଷ ରାମଚନ୍ଦ୍ରଙ୍କର ଜନନୀ । ରାମାୟଣ ଗ୍ରନ୍ଥରେ ସମସ୍ତ କଥା ନ ରହିଲେ ମଧ୍ୟ ଧାରଣା କରାଯାଇ ପାରେ ଆଦିବାସୀ ଅଞ୍ଚଳର ରାଜ କନ୍ୟାର ସୁତକୁ ଅଯୋଧ୍ୟାର ରାଜା ନ କରାଇ ଦେବା ପାଇଁ ସତତ ଯେପରି ବିରାଟ ଷଡ଼ଯନ୍ତ୍ର କରାଯାଇଥିଲା ! ସବୁ ସ୍ଥିର ହୋଇ ରାମ ରାଜା ହେବା ସମ୍ଭବ ହେଲା ନାହିଁ । ଆର୍ଯ୍ୟ କନ୍ୟା କୈକେୟୀ ନିଜ ପୁତ୍ରକୁ ରାଜା କରିବା ପାଇଁ ଅଡ଼ି ବସିଲେ । ସତ୍ୟ ସନ୍ଧ ପରମ ପୁରୁଷ ଏହି ମାଟି କନ୍ୟାର ସନ୍ତାନ, ବିନା ଅପରାଧରେ ରାଜ୍ୟ, ଧନ, ସଂପଦ ସମସ୍ତ କିଛି ତ୍ୟାଗ କରି ୧୪ ବର୍ଷ ବନବାସ ପାଇଁ ସୀତାଙ୍କୁ ଓ ଭାଇ ଲକ୍ଷ୍ମଣଙ୍କୁ ଧରି ଏହି ଅଞ୍ଚଳକୁ ଆସିଲେ । କାହିଁକି ନା ଏହି ଅଞ୍ଚଳର ରକ୍ତ ତାଙ୍କ ଦେହରେ ଖେଳି ବୁଲୁଥିଲା । ସେହି ପୁରୁଷ ଶ୍ରୀରାମଙ୍କ ପତ୍ନୀଙ୍କୁ ଲଙ୍କାର ରାଜା ରାବଣ ନେଇଗଲା ପରେ ଏହି ଅଞ୍ଚଳର ବିଭିନ୍ନ ସଂପ୍ରଦାୟର ଆଦିମ ଅଧିବାସୀ ତାଙ୍କୁ ସାହାଯ୍ୟ କରିଥିଲେ । ଯାହାଙ୍କ ସାହାଯ୍ୟରେ ଶ୍ରୀରାମ ବଧ କଲେ ଲଙ୍କାର ରାଜା ରାବଣକୁ । ସେଠାରେ ରାଜା କରାଇଲେ ସାଧୁ ବିଭୀଷଣଙ୍କୁ । ବାଲ୍ମୀକି ରାମାୟଣର ଉତ୍ତରା କାଣ୍ଡରେ ଉଲ୍ଲେଖ ରହିଛି ଶ୍ରୀରାମ ଯେତେବେଳେ ସ୍ୱର୍ଗ ଗମନ କଲେ, ସେତେବେଳେ ବିଭୀଷଣଙ୍କୁ କହିଲେ— 'ଆରାଧୟ ଜଗନ୍ନାଥମିକ୍ଷ୍ୱାକୁ କୁଳ ଦୈବତମ୍' । ତୁମେ ଏହି ଇକ୍ଷ୍ୱାକୁ କୁଳର ଇଷ୍ଟଦେବ ଜଗନ୍ନାଥଙ୍କୁ ଆରାଧନା କରୁଥିବ । କାହିଁକି ନା ସେ ଇନ୍ଦ୍ର ଏବଂ ସମସ୍ତ ଦେବଗଣଙ୍କ ସହିତ ସର୍ବଦା ଆରାଧନୀୟ । ସେହି ଜଗନ୍ନାଥ ଆଜି ଓଡ଼ିଶାର ମହାପ୍ରଭୁ । ସେ ଥିଲେ ଇକ୍ଷ୍ୱାକୁ ବଂଶର କୁଳ ଦେବତା ।

ଯେତେବେଳେ ପରମ ସୌଗତ ସେହି ମହାତ୍ମା ସମ୍ବଳକର ରାଜା ଇନ୍ଦ୍ରଭୂତି ଜ୍ଞାନସିଦ୍ଧି ନାମକ ଗ୍ରନ୍ଥ ପ୍ରଣୟନ କଲେ, ସେତେବେଳେ ସେ ତାଙ୍କ ଗ୍ରନ୍ଥର ମଙ୍ଗଳାଚରଣର ପ୍ରଥମେ ଗାଇଲେ "ପ୍ରଣିପତ୍ୟ ଜଗନ୍ନାଥଂ ସର୍ବଜିନ ବରାର୍ଚ୍ଚିତଂ, ସର୍ବ ବୁଦ୍ଧମୟ ସିଦ୍ଧି-ବ୍ୟାପିନେ । ଗଗନୋପମମ୍ ।" ମୁଁ ଜଗନ୍ନାଥଙ୍କୁ ପ୍ରଣାମ କରୁଛି, ଯେ କି ସର୍ବଜିନ ଅର୍ଥାତ୍ ସମସ୍ତ ଶ୍ରେଷ୍ଠ ବୌଦ୍ଧ ଶ୍ରମଣଙ୍କ ଦ୍ୱାରା ବରାର୍ଚ୍ଚିତ, ସର୍ବ ବୁଦ୍ଧ ବା ଜ୍ଞାନୀମାନଙ୍କ ସିଦ୍ଧି ସ୍ୱରୂପ ଶୂନ୍ୟଭଳି ବ୍ୟାପୀ ରହିଛନ୍ତି । ସେହି ଜଗନ୍ନାଥ ବର୍ତ୍ତମାନ ନୀଳାଚଳରେ ଆରାଧିତ । ଲଙ୍କାର ରାଜା ବିଭୀଷଣ ପ୍ରତିଦିନ ତାଙ୍କୁ ପୂଜା କରିବାକୁ ଆସୁଥିବା କିମ୍ବଦନ୍ତୀ ସହିତ ପାଟଯୋଶୀ ମହାପାତ୍ରଙ୍କ ଘରେ ପୂଜା ପାଉଥିବା ତାଙ୍କ କରର କଙ୍କଣ ସାକ୍ଷ୍ୟ ଦିଏ । ସେହି ଜଗନ୍ନାଥ ହେଉଛନ୍ତି ଶୂନ୍ୟର ସ୍ୱରୂପ । ଇନ୍ଦ୍ରଭୂତି ଥିଲେ ବଜ୍ରଯାନର ପରମ ସାଧକ । ବଜ୍ର କହିଲେ ଶୂନ୍ୟକୁ ବୁଝାଏ । କାରଣ ଶୂନ୍ୟ ବଜ୍ରଭଳି ଦୃଢ଼, ସାରବାନ, ଛିଦ୍ରରହିତ, ଅଚ୍ଛେଦ୍ୟ, ଅଭେଦ୍ୟ, ଅଦାହୀ ଓ ଅବିନାଶୀ । ଶୂନ୍ୟର ନାମ ବଜ୍ର ଓ ଯେଉଁ ମାର୍ଗରେ ଗଲେ ଶୂନ୍ୟ ସହିତ ମିଳିତ ହେବାକୁ ହୁଏ ତାହାକୁ ବଜ୍ରଯାନ ବା ଶୂନ୍ୟ ଯାନ କୁହାଯାଏ । ଏହି ବଜ୍ରଯାନର ପରମ ସାଧକ ଥିଲେ ମହାତ୍ମା ଇନ୍ଦ୍ରଭୂତି । ଇନ୍ଦ୍ରଭୂତି ଏହି ଅଞ୍ଚଳର ଲୋକ ଥିଲେ । କିଏ ନାହିଁ କରିବ ବର୍ତ୍ତମାନ ଆରାଧିତ ହେଉଥିବା ଶ୍ରୀ ଜଗନ୍ନାଥ ଇନ୍ଦ୍ରଭୂତିଙ୍କର ଉପାସ୍ୟ ଶୂନ୍ୟର ପ୍ରତୀକ ନ ଥିଲେ ? ଏବେବି ତାଙ୍କ ସ୍ୱରୂପକୁ ଲକ୍ଷ୍ୟ କଲେ ସେ ଶୂନ୍ୟ ବୋଲି ସ୍ପଷ୍ଟ ଧାରଣା ହୁଏ । ଶୂନ୍ୟର ବର୍ଣ୍ଣ ଘନ ନୀଳ ଅର୍ଥାତ୍ କୃଷ୍ଣ ବର୍ଣ୍ଣ । ଶ୍ରୀଜଗନ୍ନାଥ କୃଷ୍ଣବର୍ଣ୍ଣର ଦେବତା । ତାଙ୍କର ସେ ଆଖି ପ୍ରକୃତ ଆଖି ନୁହେଁ । ଆଖି ହୋଇଥିଲେ ଭ୍ରୂ ଲତା ଥାଆନ୍ତା, ପତା ଥାଆନ୍ତା । ସେ ଦୁଇଟି ଉଷ୍ଣ ଓ ଶୀତଳର ଗ୍ରହ ମହାଗ୍ରହଙ୍କ ପ୍ରତୀକ । ଶୂନରେ ବହୁ ଉଷ୍ଣର ପ୍ରତୀକ ସୂର୍ଯ୍ୟଙ୍କ ଭଳି ଗ୍ରହ ଅଛନ୍ତି ଏବଂ ଶୀତଳର ପ୍ରତୀକ ଚନ୍ଦ୍ରଙ୍କ ଭଳି ଗ୍ରହ ମଧ୍ୟ ଅଛନ୍ତି । ତାହାରି ନିଦର୍ଶନ ସ୍ୱରୂପ ତାଙ୍କର ଦୁଇଟି ଚକ୍ଷୁ । ତାଙ୍କର ପାଟିଭଳି ଯାହା ଦେଖା ଯାଉଛି ତାହା ପାଟି ନୁହେଁ । ପାଟି ହୋଇଥିଲେ ଓଠ ଥାଆନ୍ତା, ଦାନ୍ତ ବି ଆଆନ୍ତା ତାହା ହେଉଛି ଶୂନ୍ୟରେ ଜଡ଼ିତ, ଅରୁଣ! ଲୋକ ପ୍ରଭୃତି ରଙ୍ଗ । ତାଙ୍କର ହାତ ଥାଇ ହାତ ନାହିଁ । ହାତ

ଥିଲେ ପାପୁଲି, ଅଙ୍ଗୁଳି ଆଦି ଥାଆନ୍ତା । ତାହା ସବୁର ଅସ୍ତି ନାହିଁର ସୂଚକ । ସବୁ କିଛି ଶୂନ୍ୟରେ ଅଛି, ପୁଣି ଦେଖିଲାବେଳକୁ କିଛି ନାହିଁ ।

ବଜ୍ରଯାନ ଅନୁସାରେ ଶ୍ରୀଜଗନ୍ନାଥ ପରମ ବଜ୍ରୀ- ସୁଭଦ୍ରା ତାଙ୍କର ଶକ୍ତି-ବଳଭଦ୍ର ବଜ୍ରୋଦକ ଏବଂ ଶ୍ରୀଜଗନ୍ନାଥଙ୍କ ବାମ ଭାଗରେ ଥିବା ସୁଦର୍ଶନ ବଜ୍ର । ତେଣୁ ରଥ ଯାତ୍ରାବେଳେ ଏହି ସୁଦର୍ଶନ ରୂପୀ ବଜ୍ରର ପ୍ରଥମେ ଆଗମନ ହୁଏ । କାହିଁକି ନା ବଜ୍ରର ଉତ୍ଥାନ ନ ହେଲେ ବିନ୍ଦୁର ବା ବଜ୍ରୋଦକର କ୍ଷରଣ ହୁଏ ନାହିଁ । ବଜ୍ରୋଦକ ସଚରାଚର ଶ୍ୱେତ ଏବଂ ପାରଦରଭଳି ତରଳ ତେଣୁ ମହାପ୍ରଭୁ ବଳଭଦ୍ର ଶ୍ୱେତ ବର୍ଣ୍ଣର ଓ ସେ ଭଳି ଭଳି ଆସିଥାନ୍ତି । ତନ୍ତ୍ର ଅନୁସାରେ ପରମ ବଜ୍ରୀ ସତ୍ୟ ଏବଂ ଶକ୍ତି ସତ୍ୟ । ଏହି ଦୁହିଁଙ୍କ ଦ୍ୱାରା ସୃଷ୍ଟି ହୋଇଥାଏ । ଶାସ୍ତ୍ରରେ ଅଛି ଏ ଦୁହେଁ ଯୁଗନଦ୍ଧ ଅବସ୍ଥାରେ ରହିଥାନ୍ତି । ପରବର୍ତ୍ତୀ ଶୈବ ସଂପ୍ରଦାୟରେ ଏ ଦୁହେଁ ଏକ ହୋଇ ଅର୍ଦ୍ଧନାରୀଶ୍ୱରରୂପେ ଚିହ୍ନିତ ହୋଇଛନ୍ତି । ତେଣୁ ଶିବ ଶକ୍ତି ସତ୍ୟ ଭଳି ଶ୍ରୀଜଗନ୍ନାଥ ଓ ଦେବୀ ସୁଭଦ୍ରା ସତ୍ୟ । ବଜ୍ରୋଦକ ମହାପ୍ରଭୁ ବଳଭଦ୍ର ସତ୍ୟ ନ ହେଲେ ମଧ୍ୟ ଅସତ୍ୟ ନୁହନ୍ତି । ସେ ଆପେକ୍ଷିକ ସତ୍ୟ । ତେଣୁ ତାଙ୍କର ସ୍ୱତନ୍ତ୍ର ରଥ ରହିଛି । ଶ୍ରୀଜଗନ୍ନାଥ ପରମ ବଜ୍ରୀ ହୋଇଥିବାରୁ ତାଙ୍କ ରଥରେ ବୌଦ୍ଧଚୀବରର ରଙ୍ଗ ପିତ ବର୍ଣ୍ଣର କପଡ଼ା ଆବୃତ ହୁଏ । ସେହିଭଳି ଶକ୍ତିର ଆଦି ଅନ୍ତ ନ ଥିବାରୁ ସୁଭଦ୍ରାଙ୍କ ରଥରେ କୃଷ୍ଣ ବର୍ଣ୍ଣର କନା ଢଙ୍କା ଯାଏ । ବଳଭଦ୍ର ବଜ୍ରୋଦକ ହୋଇଥିବାରୁ ସବୁଜ ରଙ୍ଗର ଷୋଡ଼ଶୀ ତାଙ୍କ ରଥକୁ ଆବୃତ କରିଥାଏ କାହିଁକି ନା ବଜ୍ରୋଦକ ହେଉଛି ସବୁଜ ସୃଷ୍ଟିର ପ୍ରତୀକ । ଯେତେବେଳେ ରଥ ଚାଲିବା ଆରମ୍ଭ ହୁଏ ସେତେବେଳେ ରଥ ଉପରୁ ଦାହୁକ 'ହୋ ଭଗତେ' କହି ବଜ୍ରବାଣୀ ପ୍ରଚାର କରେ । ଏ ସବୁର ଉପରେ ହୋଇଥିଲା କୁଣ୍ଡଳିନୀ ଶକ୍ତି ଜାଗ୍ରତ ପାଇଁ ।

କୁଣ୍ଡଳିନୀ ଶକ୍ତି ଜାଗ୍ରତ ପାଇଁ ବହୁ ପନ୍ଥା ବହୁ ମତ ପ୍ରଚାର କରିଛି । ସେହିଭଳି ସିଦ୍ଧ ଇନ୍ଦ୍ରଭୂତିଙ୍କ ବଜ୍ରଯାନ ପ୍ରଚାର କରିଛି ମହାନନ୍ଦରେ କୁଣ୍ଡଳିନୀ ଶକ୍ତି ଜାଗ୍ରତ ହୁଏ । ଏହି ମହାନନ୍ଦ ବିଭିନ୍ନ ଉପାୟରେ ଉଦ୍ରେକ ହୋଇଥାଏ । ମାତ୍ର ତାର ସରଳ ଉପାୟ ବଜ୍ରଯାନ ବ୍ୟକ୍ତ କରି କହିଲା, ବଜ୍ରୋଦକକୁ କଠିନ କରି ସ୍ତ୍ରୀ ପୁରୁଷ ଏକତ୍ର ହେଲେ ମହାନନ୍ଦ ଆସିଥାଏ । ମାତ୍ର ବଜ୍ରୋଦକ ବା ବିନ୍ଦୁ କଠିନ ନ ହେଲେ ସାଧକ ସଫଳତା ବଦଳରେ, ବିଫଳର କାଳିମାରେଖା ମୁଖରେ ମାଖି ନିମ୍ନସ୍ତରକୁ ଖସି ଆସିଥାଏ । ଏହା କରିବା କଷ୍ଟସାଧ୍ୟ । ଏକମାତ୍ର ଉପାୟ ବିନ୍ଦୁକୁ କଠିନ କଲେ ଆଉ ନିମ୍ନଗାମୀ ହେବା ସମ୍ଭବ ହୁଏ ନାହିଁ । ସେହି କଥା ମଧ୍ୟ ଶିବ ପାର୍ବତୀ ଗ୍ରହଣ କରିଥିଲେ ବୋଲି ଶୈବ ଗ୍ରନ୍ଥରେ କାର୍ତ୍ତିକଙ୍କ ଜନ୍ମ ବିଷୟରେ ଉଲ୍ଲେଖ ହୋଇଛି ।

ବଜ୍ରଯାନକୁ ସରଳ କରି ଇନ୍ଦ୍ରଭୂତିଙ୍କ ଭଉଣୀ ଲକ୍ଷ୍ମୀଙ୍କର ସହଜଯାନ ପ୍ରଚାର କଲେ । ଇନ୍ଦ୍ରଭୂତିଙ୍କ ବଜ୍ରଯାନରେ ବହୁ କଠିନର କଥା ରହିଛି । ମାତ୍ର ଲକ୍ଷ୍ମୀଙ୍କର ସେ ସବୁକୁ ସରଳ କରି କହିଲେ---

ନ କଷ୍ଟକଳ୍ପନାଂ କୁର୍ଯ୍ୟାତ୍ ନୋପବାସଂ ନଚ କ୍ରିୟାମ୍ ।
ସ୍ନାନଂ ଶୌଚଂ ନ ଚୈବାତ୍ର ଗ୍ରାମଧର୍ମ ବିବର୍ଜନମ୍ ।
ନ ଚାପି ବନ୍ଦୟେଦ୍ ଦେବାନ୍ କାଷ୍ଠ ପାଷାଣ ମୃଣ୍ମୟାନ ।
ପୂଜା ମସୈବ କାୟସ୍ୟ କୁର୍ଯ୍ୟାନିତ୍ୟଂ ସମାହିତଃ ।
ସର୍ବ ବର୍ଣ୍ଣା ସମଦ୍ଭୂତା ଜୁଗୁପ୍ସା ନୈବ ଯୋଷିତଃ ।
ସୈବ ଭଗବତୀ ପ୍ରଜ୍ଞା ସମ୍ୱୃତ୍ୟା ରୂପ ମାଶ୍ରିତା ।

ଏହି ଧର୍ମରେ କଷ୍ଟ ସାଧନା କରିବ ନାହିଁ । କିମ୍ବା ବ୍ରତୀ ଉପବାସ କରିବ ନାହିଁ । ସ୍ନାନ ସୌଚର ବିଧି ଏ ଧର୍ମରେ ନାହିଁ । ଗ୍ରାମ ଧର୍ମ ତ୍ୟାଗ କରିବ ନାହିଁ କାଠ, ପଥର ବା ମାଟିର ଦେବତାଙ୍କୁ ନମସ୍କାର କରିବ ନାହିଁ । ସଦା ସର୍ବଦା ଏହି ଦେହର ପୂଜା କରିବ । କୌଣସି ଜାତିର ସ୍ତ୍ରୀ ଲୋକକୁ ଘୃଣା କରିବ ନାହିଁ । ଭଗବତୀ ପ୍ରଜ୍ଞା ଗୋପନଭାବରେ ସ୍ତ୍ରୀ ରୂପ ଧାରଣ କରିଛନ୍ତି ।

ଏହି ସ୍ତ୍ରୀ ଲୋକମାନେ ପରମ ଯୋଗୀ ବୁଦ୍ଧଙ୍କ ଭଳି ଯୋଗିନୀ ରୂପରେ ଦେଖା ଦେଇଛନ୍ତି । ଓଡ଼ିଶାର ଦୁଇଟି ସ୍ଥାନରେ ଯୋଗିନୀ ମନ୍ଦିର ଏବେବି ରହିଛି । ଭୁବନେଶ୍ୱରର ପୂର୍ବକୁ ଭାର୍ଗବୀ ନଦୀ କୂଳରେ ହୀରାପୁରଠାରେ ଓ ବଲାଙ୍ଗିର ଜିଲ୍ଲାର ରାଣୀପୁର ଝରିଆଲରେ । ଖୁବ୍ ସମ୍ଭବତଃ ହୀରାପୁରର ଯୋଗିନୀ ବୌଦ୍ଧତନ୍ତ୍ରର ଉପାସ୍ୟ । ମାତ୍ର ରାଣୀପୁର ଝରିଆଲର ଯୋଗିନୀ ଶୈବ ତନ୍ତ୍ରର ଉପାସ୍ୟା । ନର୍ତ୍ତନଶୀଳ ଶିବଙ୍କୁ କେନ୍ଦ୍ରକରି ଚଉଷଠୀ ଯୋଗିନୀ ନୃତ୍ୟଭଙ୍ଗୀରେ ଦଣ୍ଡାୟମାନ । ଏହାର ଅସମାରମ୍ଭ ଖୁବ୍ ସମ୍ଭବତଃ ବୌଦ୍ଧତନ୍ତ୍ରରୁ ହୋଇଥିଲା । ଯୋଗ ଓ ତନ୍ତ୍ର ମତରେ ଶରୀର ସମସ୍ତ ଚକ୍ରର ଉପର ଚକ୍ରକୁ ଶୂନ୍ୟଚକ୍ର କୁହନ୍ତି । ହିନ୍ଦୁମାନେ ଏହି ଚକ୍ରକୁ ସହସ୍ରାର ବା ଦଳ କହନ୍ତି । ମାତ୍ର ବୌଦ୍ଧମାନେ ୬୪ ଦଳ କମଳ କୁହନ୍ତି । ସେମାନଙ୍କ ମତରେ ଜୀବାତ୍ମା ବା ମନପବନ ଯେତେବେଳେ ନାନା ପ୍ରକାର କ୍ରିୟା ବଳରେ ଏହି ସହସ୍ରାର କମଳ ବା ଶୂନ୍ୟ ଚକ୍ରରେ ପହଞ୍ଚେ ସେତେବେଳେ ଜୀବ ସମସ୍ତ ଦ୍ୱନ୍ଦ୍ୱ ଅବସ୍ଥା ଅତିକ୍ରମ କରିଥାଏ ଓ ସ୍ୱ ସ୍ୱରୂପରେ ବିରାଜିତ ହୁଏ । ବଜ୍ରଯାନରେ ଏହି ଅବସ୍ଥାକୁ ଶୂନ୍ୟ—ବଜ୍ର—ସମତା ମହାମୁଦ୍ରା—ତଥତା ପ୍ରଭୃତି ଶବ୍ଦ ଦ୍ୱାରା ନିର୍ଦ୍ଦେଶ କରିଥାନ୍ତି । ଷଟଚକ୍ର ପରେ ମସ୍ତିଷ୍କ ଭିତରେ ଥିବା ସହସ୍ରାର ବା ବଜ୍ରଯାନର ଅଥବା ସହଜ ଯାନର ଏହି ୬୪ ଦଳ କମଳ ରହିଥିବା ଶାସ୍ତ୍ରରେ ବ୍ୟକ୍ତ ହୋଇଛି । ଏହି ଚଉଷଠୀ ଦଳ କମଳର ପ୍ରତି ପାଖୁଡ଼ାରେ ଏକ ଏକ ମହାଶକ୍ତି ଅଛନ୍ତି । ସେହିମାନେ ଯୋଗିନୀ । ଏହି ଚଉଷଠୀ ଯୋଗିନୀର କଳ୍ପନା ପ୍ରଥମେ ବଜ୍ରଯାନରୁ ଉଦ୍ଭବ । ପ୍ରାକ୍ ଓଡ଼ିଆ ରଚନା ଚର୍ଯ୍ୟାପଦରେ ହୋଇଥିଲା । ଏହି ଚର୍ଯ୍ୟାପଦକୁ ଚଉରାଶି ସିଦ୍ଧସାଧକ ରଚନା କରିଥିଲେ

ପୁରୀ ଜିଲ୍ଲାର ଚଉରାଶି ଠାରେ ଏହି ସାଧକ ମାନଙ୍କ ଉଦ୍ଦେଶ୍ୟରେ ଏକ ଏକ ବାମ୍ନୀ ଖୋଦା ଯାଇଥିଲା, ଏବେବି ସେହି ସ୍ଥାନରେ ବାରାହୀ ଦେବୀଙ୍କ ମନ୍ଦିର ଅଛି, ଓ ତାହାର ନାମକରଣ ଚଉରାଶି କରାଯାଇଛି । ଚର୍ଯ୍ୟାପଦରେ କେତେକ ସାଧକ ଚଉଷଠୀ ପଦ୍ମ କଥା ଉଲ୍ଲେଖ କରିଛନ୍ତି । ଯଥା:—

ଚଉଷଠି ଘଡ଼ିଏ ଦେଲ୍ଲ ପସରା—୩ଚ
ଚଉଷଠି କୋଠା ଗୁଣିୟା ଲେହୁ । ୧୨ଚ
ଏକ ସୋ ପଦ୍ମା ଚୌଷଠି ଠ ପାଖୁଡ଼ା । ୧୦ଚ
ଇତ୍ୟାଦି

କେବଳ ଯୋଗିନୀ କଳ୍ପନା କରି ଓଡ଼ିଶାର ତଥା ଏହି ଅଞ୍ଚଳର ସିଦ୍ଧ ସାଧକ ସାଧିକାମାନେ ରହିଯାଇ ନ ଥିଲେ । ଏହାର ସାକ୍ଷ୍ୟ ଦେବା ପାଇଁ ଚାଲନ୍ତୁ ପଶ୍ଚିମ ଓଡ଼ିଶାର ସୋନପୁରକୁ । ସୋନପୁରର ସୁରେଶ୍ୱରୀ, ଖମ୍ବେଶ୍ୱରୀ, ମାଣିକେଶ୍ୱରୀ, ରାମଚଣ୍ଡୀ, ବୁଢ଼ୀସମଲାଇ, ଭଗବତୀ ପ୍ରଭୃତି ଦେବୀଙ୍କୁ ଦେଖିଲେ କିଏ, ଯେ କେହି କହିବ ନାହିଁ ଶକ୍ତି ସାଧନା ଏ ଅଞ୍ଚଳରେ ଶୀର୍ଷସ୍ଥାନ ଅଧିକାର କରିଥିଲା ବୋଲି । ସୁରେଶ୍ୱରୀ ଅଷ୍ଟଭୁଜା ଚାମୁଣ୍ଡା । ଐତିହାସିକ ଡଃ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଚାମୁଣ୍ଡାଙ୍କୁ ବୌଦ୍ଧଦେବୀ ପର୍ଯ୍ୟାୟରେ ଗ୍ରହଣ କରିଛନ୍ତି । ସେହିଭଳି ବଲାଙ୍ଗିର ଜିଲ୍ଲାର ସଇଁତଲାରୁ ଦ୍ୱିଭୁଜା, ଚତୁର୍ଭୁଜା, ବିଂଶଭୁଜା ଦୁର୍ଗା ସଂଗୃହୀତ ହୋଇ ସମ୍ବଲପୁର ଜ୍ୟୋତି ବିହାର ସଂଗ୍ରହାଳୟରେ ସଂରକ୍ଷିତ । ଦ୍ୱିଭୁଜା ଦୁର୍ଗାଙ୍କୁ ଦେଖିଲେ ଭାରତର ପ୍ରାଚୀନତମ ଦୁର୍ଗା ଯାହାକି ବିରଜା ନାମରେ ଯାଜପୁରରେ ଉପାସିତା ତାଙ୍କ କଥା ମନେ ପଡ଼େ । ସେହିଭଳି ଷଷ୍ଠ ଶତାବ୍ଦୀରେ ନିର୍ମିତ ହୋଇଥିବା ଭୁମରାର ଶିବମନ୍ଦିର ଗାତ୍ରରେ ଥିବା ଚତୁର୍ଭୁଜା ଦୁର୍ଗା ଯାହା କି ବର୍ତ୍ତମାନ ଏଲାହାବାଦ ମିଉଜିୟମରେ ରହିଛି । ସେହିଭଳି ଗୋଟିଏ ଚତୁର୍ଭୁଜା ଦୁର୍ଗା ସଇଁତଲାରୁ ଆସି ଜ୍ୟୋତିବିହାରରେ ରହିଛି । କଳାହାଣ୍ଡି ଜିଲ୍ଲାର ବେଲଖଣ୍ଡିରୁ ଆଉ ଗୋଟିଏ ଷଡ଼ଭୁଜା ଦୁର୍ଗା ଥିବାର ଦେଖାଯାଏ । ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ବହୁ ତନ୍ତ୍ର ପୀଠରେ ଯେପରି ସପ୍ତମାତୃକା ଉପାସିତା ହୋଇଥାନ୍ତି ସେହିଭଳି ଏହି ଅଞ୍ଚଳରେ ଟିଟିଲାଗଡ଼ ଓ ବେଲଖଣ୍ଡି ଆଦିରେ ସପ୍ତମାତୃକା ଉପାସିତା । ଏହି ଦେବୀମାନଙ୍କ ବ୍ୟତୀତ ସମ୍ବଲପୁର, କଳାହାଣ୍ଡି, ବଲାଙ୍ଗିର ଆଦି ଜିଲ୍ଲାମାନଙ୍କରେ ବହୁ ଦେବୀ ଆରାଧିତା ।

କେବଳ ଶାକ୍ତ ଧର୍ମ ବା ସଂସ୍କୃତି ନୁହେଁ ଶୈବ, ବୈଷ୍ଣବ ପ୍ରଭୃତି ସଂସ୍କୃତିର ବହୁ ବିଭବ ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ ଏବେବି ରହିଥିବାର ଦେଖାଯାଏ । ଐତିହାସିକ ଡଃ ନବୀନ କୁମାର ସାହୁ ଇତିହାସ ଓ ବୈଷ୍ଣବ ଧର୍ମ ବିଷୟରେ ବହୁ ତଥ୍ୟ ଯୋଗାଇ ଆସିଛନ୍ତି ।

ଓଡ଼ିଆ ସାହିତ୍ୟର ଏକ ଶକ୍ତିଶାଳୀ ବିଭାଷା ହେଉଛି ସମ୍ବଲପୁରୀ ବା ପଶ୍ଚିମ ଓଡ଼ିଶାର ଭାଷା । ଶାରଳାଙ୍କ ଯୁଗରେ ଏ ଭାଷାର ପ୍ରସାର ଓ ପ୍ରଚାର ସମଗ୍ର ଉତ୍କଳରେ ଥିବାର ପ୍ରମାଣ ଶାରଳା ଦାସଙ୍କ ମହାଭାରତରୁ ମିଳେ । ଓଡ଼ିଆ ସାହିତ୍ୟର ଅନ୍ୟତମ ମହାକବି ତଥା ଏ ଅଞ୍ଚଳର ଚୈତନ ଦାସ ବିଷ୍ଣୁଗର୍ଭ ପୁରାଣ ଲେଖି ବୌଦ୍ଧିକ ଚିନ୍ତାଧାରାର ପରିପ୍ରକାଶ କରିଯାଇଛନ୍ତି । ରତ୍ନଦାସଙ୍କ ସାରସ୍ୱତ ଗୀତା, ଗୋପାଳ ତେଲେଙ୍ଗାଙ୍କ ଆଧ୍ୟାତ୍ମ ରାମାୟଣ, ଭୀମ ଭୋଇଙ୍କ ସହସ୍ର ସଂଖ୍ୟକ ଭଜନ, ଶ୍ରୁତିନିଷେଧ ଗୀତା ଆଦି ତତ୍ତ୍ୱଜ୍ଞାନପୂର୍ଣ୍ଣ ପୁସ୍ତକ ପଶ୍ଚିମାଞ୍ଚଳର ମହାର୍ଘ ଅବଦାନ ।

ଖଡ଼ିଆଳର ରାଜା ବ୍ରଜରାଜ ସିଂହଦେଓ କବି-ସମ୍ରାଟ ଉପେନ୍ଦ୍ରଭଞ୍ଜଙ୍କ ଭଳି କବିତ୍ୱ ପ୍ରତିଭାର ଅଧିକାରୀ ହୋଇଥିଲେ । ସେ ନିଜ ପ୍ରତିଭାର ସମୁଚିତ ପରିଚୟ ଦେଇ ଅମର ହୋଇଛନ୍ତି । ସେ ପ୍ରବନ୍ଧ ଚିତ୍ରକାବ୍ୟ ଶୀର୍ଷକ ଯେଉଁ ଚିତ୍ର କାବ୍ୟ ପୁସ୍ତକ ଲେଖିଛନ୍ତି, ତାହା ଉପେନ୍ଦ୍ରଭଞ୍ଜଙ୍କ ପ୍ରସିଦ୍ଧ ଶବ୍ଦାଳଙ୍କାର ପୂର୍ଣ୍ଣ ଚିତ୍ରକାବ୍ୟ ଚିତ୍ରୋଦୟ ପୁସ୍ତକ ସହିତ ତୁଳନୀୟ । ନୌକା, ଖଡ୍ଗ, ରଥ, ଧ୍ୱଜାଦି ବନ୍ଧରେ ଗୀତ ରଚନା କରି ସେ ଯେଉଁ ମହନୀୟ କାବ୍ୟିକ ପ୍ରତିଭାର ପରିଚୟ ଦେଇଛନ୍ତି ତାହା ଓଡ଼ିଆ ସାହିତ୍ୟର ଶ୍ରେଷ୍ଠ ଶବ୍ଦାଳଙ୍କାର ପୂର୍ଣ୍ଣ ଗ୍ରନ୍ଥ । ଏହାବ୍ୟତୀତ ତାଙ୍କ ରଚିତ ବ୍ରଜବଧୂ ବିଳାସ, ରୂପମଞ୍ଜରୀ, ଶୋଭାବଲ୍ଲରୀ, ରତ୍ନପ୍ରଭା କାବ୍ୟ, ବଳାହକ ଚଉତିଶା, କ୍ଷମାନିଧି ଚଉତିଶା, ମାନଭଙ୍ଗ ଚଉତିଶା, ସତ୍ୟନାରାୟଣ ବ୍ରତ କଥା ତଥା ବହୁ ସଂଖ୍ୟକ ଚଉପଦୀ ଆଦି ରଚନା କରି ସେ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛନ୍ତି ।

ବ୍ରଜରାଜଙ୍କ ପରେ ବିକ୍ରମଦେବ ଜଣେ ଉନ୍ନତ ଚିତ୍ରକାର ରୂପେ ପ୍ରତିଷ୍ଠା ଲାଭ କରି ଓଡ଼ିଶାର ପ୍ରସିଦ୍ଧ ଥିବା ହସ୍ତୀବାହିନୀର ଚିତ୍ର ପ୍ରସ୍ତୁତ କରିଛନ୍ତି । ଏହା ବ୍ୟତୀତ ହିନ୍ଦି ଓ ଓଡ଼ିଆ ସାହିତ୍ୟର ସମୃଦ୍ଧି ଉଦ୍ଦେଶ୍ୟରେ ରାଜକବି ବିକ୍ରମସିଂହ ଦେଓ ନାଟକ ରଚନା ପ୍ରଣାଳୀ, ସୁହାମୁନୀ ପ୍ରହସନ, ଅମ୍ବିକାଦେବୀ, ଉତ୍କଳ ଦୂରଦର୍ଶନ, ବ୍ୟଭିଚାର-ଦୋଷ ପ୍ରଦର୍ଶନ, କୁସୁମସୁନ୍ଦରୀ, ଶୈଳବାଳା, ବାଲ୍ୟ-ବିବାହ, ବୃଦ୍ଧ ବିବାହ, ସଙ୍ଗୀତ କୁସୁମାଞ୍ଜଳୀ, ରାଜକୁମାରୀ ଶିକ୍ଷା, ଭାତୃସ୍ନେହ, ଅଶ୍ୱଶାସ୍ତ୍ର, ପ୍ରସନ୍ନମାଳା, ହରିଶ୍ଚନ୍ଦ୍ର ଆଦି ନାଟକ ଓ ଅନ୍ୟାନ୍ୟ ଗ୍ରନ୍ଥ କୋଇଲି, ଚଉତିଶା, ଛଣାଣ ଆଦି ରଚନା କରିଛନ୍ତି ।

ଏହାଛଡ଼ା ରାଜକବି ଆର୍ତ୍ତତ୍ରାଣ ଦେବ, କବିସୌରଭ ଅନୁପସିଂହଦେଓ ପ୍ରଭୃତି ଖଡ଼ିଆଳର ଯୋଗ୍ୟ ସନ୍ତାନ-ମାନେ ଓଡ଼ିଆ ସାହିତ୍ୟର ସମୃଦ୍ଧି ଲାଗି ବହୁ କାବ୍ୟ କବିତାଦି ପ୍ରଣୟନ କରିଛନ୍ତି ।

କେବଳ ଓଡ଼ିଆ ସାହିତ୍ୟ ନୁହେଁ, ପଶ୍ଚିମ ଓଡ଼ିଶାର କବିମାନେ ଭାରତର ସଂସ୍କୃତ ସାହିତ୍ୟର ଅଭିବୃଦ୍ଧି ନିମିତ୍ତ ଲେଖନୀ ଚାଳନା କରିଛନ୍ତି । ସ୍ୱର୍ଗତ ଶିବପ୍ରସାଦ ଦାସଙ୍କ ସମ୍ବଲପୁରର ଇତିହାସରୁ ଜଣାଯାଏ ଯେ କାଳିଦାସଙ୍କ ସମସାମୟିକ ମହାକବି ଭବଭୂତି ସମ୍ବଲପୁର

ଅଞ୍ଚଳର ପଦ୍ମପୁର ଅଧିବାସୀ ଥିଲେ । ସେ ତାଙ୍କ ରଚନାରେ ଯେଉଁ ପଦ୍ମପୁରର ନାମୋଲ୍ଲେଖ କରି ଯାଇଛନ୍ତି ତାହା ପଶ୍ଚିମ ଓଡ଼ିଶାର ପଦ୍ମପୁର ବ୍ୟତୀତ ଅନ୍ୟସ୍ଥାନ ନୁହେଁ ।

ଖ୍ରୀଷ୍ଟିୟ ଏକାଦଶ ଶତାବ୍ଦୀର ଅନ୍ୟତମ ବିଦ୍ୱାନ୍ ନାରାୟଣ ସତ୍‌କବ ରାମାଭ୍ୟୁଦୟ କାବ୍ୟ ସଂସ୍କୃତିରେ ରଚନା କରିଥିଲେ । ରାମାଭ୍ୟୁଦୟ କାବ୍ୟ ଅଦ୍ୟାପି ଅପ୍ରକାଶିତ ।

ଖ୍ରୀଷ୍ଟିୟ ଷୋଡ଼ଶ ଶତାବ୍ଦୀର ପାଟଣାର ରାଜା ବୈଜଳ ଦେବ ପାଣିନିଙ୍କ କଠିନ ବ୍ୟାକରଣକୁ ଅତି ସରଳ କରି ବୁଝାଇବା ଉଦ୍ଦେଶ୍ୟରେ ବ୍ୟାକରଣର ପ୍ରଧାନ ସୂତ୍ରସବୁକୁ ସରଳ ସଂସ୍କୃତରେ ଲେଖିଥିଲେ । ବୈଜଳ ଦେବଙ୍କ ବ୍ୟାକରଣର ନାମ ପ୍ରବୋଧ ଚନ୍ଦ୍ରିକା ବା ବୈଜଳ କାରିକା । ଏ ପୁସ୍ତକଟିର ଶୁଦ୍ଧ ସଂସ୍କରଣ ଏପର୍ଯ୍ୟନ୍ତ ହୋଇ ନାହିଁ ।

ପଶ୍ଚିମ ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ସଂସ୍କୃତ ବିଦ୍ୱାନ ହେଉଛନ୍ତି—ଗଙ୍ଗାଧର ମିଶ୍ର । ସେ 'କୋଶଳାନନ୍ଦ ମହାକାବ୍ୟ' ଶୀର୍ଷକ ଖଣ୍ଡିଏ ଐତିହାସିକ କାବ୍ୟ ରଚନା କରି ସଂସ୍କୃତ କବିମଣ୍ଡଳୀରେ ପ୍ରସିଦ୍ଧି ଅର୍ଜନ କରିଥିଲେ । ଏଭଳି ଖଣ୍ଡିଏ ଉନ୍ନତ ଐତିହାସିକ କାବ୍ୟ ଏପର୍ଯ୍ୟନ୍ତ ଉପଯୁକ୍ତ ସଂପାଦନାର ସହିତ ପ୍ରକାଶ ପାଇ ନାହିଁ । ଏହାଛଡ଼ା ପଶ୍ଚିମାଞ୍ଚଳର ଆହୁରି ଅନେକ କବିଙ୍କ ରଚନା ଅଦ୍ୟାପି ଆମମାନଙ୍କ ଦୃଷ୍ଟିକୁ ଆସିନାହିଁ ।

କେବଳ ସଂସ୍କୃତ ଓଡ଼ିଆ ନୁହେଁ, କବି ପ୍ରହ୍ଲାଦଦୁବେ ଭାରିଆ, ଛତିଶଗଡ଼ୀ, ଅବଧୀ ଓ ବ୍ରଜଭାଷାର ମିଶ୍ରଣରେ ଜୟଚନ୍ଦ୍ରିକାନାମକ ଖଣ୍ଡିଏ ଐତିହାସିକ ହିନ୍ଦି କାବ୍ୟ ରଚନା କରିଛନ୍ତି । ଏ ପୁସ୍ତକଟିର ମଧ୍ୟ ଶୁଦ୍ଧ ସଂସ୍କରଣ ହୋଇନାହିଁ ।

ଦୀର୍ଘଦିନ ଧରି ଏ ଅଞ୍ଚଳ ହିନ୍ଦୀଭାଷୀ ରାଜ୍ୟ ସହିତ ଅନ୍ତର୍ଭୁକ୍ତ ହୋଇଥିଲେ ମଧ୍ୟ ଏଠାକାର କବି କୋବିଦମାନେ ଓଡ଼ିଆ ଭାଷା ଓ ସାହିତ୍ୟର ଉନ୍ନତି କଳ୍ପେ ବହୁ କାର୍ଯ୍ୟ କରିଛନ୍ତି । ସେମାନଙ୍କର କୃତି ସଂପର୍କରେ ବିଶେଷ ଆଲୋକପାତ ହୋଇ ନାହିଁ । ଓଡ଼ିଶାର ଏକ ଉନ୍ନତ ଅଞ୍ଚଳ ପଶ୍ଚିମାଞ୍ଚଳର ସାଂସ୍କୃତିକ ଅଭିବୃଦ୍ଧି ହେବା ସଙ୍ଗେ ସଙ୍ଗେ ସାହିତ୍ୟିକ ଉନ୍ନତି ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ । ପଶ୍ଚିମାଞ୍ଚଳର ବହୁ ଲୋକକଥା, କିମ୍ବଦନ୍ତୀ ଏ ଅଦ୍ୟାବଧି ସଂଗ୍ରହ ହୋଇନାହିଁ । ସେହିଭଳି ବହୁ ସାଂସ୍କୃତିକ ବିଭବ ଏ ପର୍ଯ୍ୟନ୍ତ ଅବହେଳିତ । ସମସ୍ତେ ଆମେ କେବଳ ଜାଣିଛୁ କବି ଗଙ୍ଗାଧର ମେହେରଙ୍କୁ ।

ଆଧୁନିକ କାଳରେ ବହୁ ସାରସ୍ୱତ ସାଧକ, ଐତିହାସିକ ପ୍ରଭୃତି ପଶ୍ଚିମ ଓଡ଼ିଶାର ସୁବର୍ଣ୍ଣଭୂମିରୁ ଜନ୍ମଗ୍ରହଣ କରି ବହୁଗ୍ରନ୍ଥ ପ୍ରଣୟନ କରିଛନ୍ତି ଓ କରୁଛନ୍ତି । ଏଭଳି ବ୍ୟକ୍ତି ଆଜି ନାହାନ୍ତି ଯେଉଁମାନେ କି ଏହି ଭୂମିରୁ ଜନ୍ମ ହୋଇ ଆଜୀବନ ସାଂସ୍କୃତିକ ବିକାଶ ପାଇଁ ଜୀବନ ଉତ୍ସର୍ଗ କରି ଚାଲିଯାଇଛନ୍ତି । ଯାହାଙ୍କଭଳି ଦ୍ୱିତୀୟ ବ୍ୟକ୍ତି ଆଉ ସମଗ୍ର ଓଡ଼ିଶାରେ ନାହାନ୍ତି । ଅଧ୍ୟାପକ ପ୍ରହ୍ଲାଦ ପ୍ରଧାନ ସେମାନଙ୍କ ଭିତରୁ ଅନ୍ୟତମ । ପାଲିଭାଷା ଓ ସାହିତ୍ୟରେ ତାଙ୍କର ଅବାଧ ପ୍ରବେଶ ଥିଲା ।

ଓଡ଼ିଶାର ଅନ୍ୟତମ ଉପାନ୍ତ ଅଞ୍ଚଳରେ ସାହିତ୍ୟର ଶତବାର୍ଷିକୀ ପାଳନ କରାଯାଉଛି । ଏହା କମ୍ ଆନନ୍ଦ, ଗୌରବର କଥା ନୁହେଁ । ଯେଉଁ ସାରସ୍ୱତ ସାଧକମାନେ ଏହି ଖଡ଼ିଆଳ ସାହିତ୍ୟ ସମିତିକୁ ବଞ୍ଚାଇବାକୁ ଅପ୍ରାଣ ଚେଷ୍ଟା କରି ଆସିଛନ୍ତି ଏବଂ ସେମାନଙ୍କ ଭିତରୁ ବହୁ ଆଜି ଆମ ଭିତରେ ନାହାନ୍ତି । ସେହି ପ୍ରତ୍ୟେକଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶ୍ରୀଦ୍ଧାନତ କରି ସମ୍ମାନ ଜଣାଉଛି । ଖାଲି ସେତିକି ନୁହେଁ ମୁଁ ନିଜକୁ ଧନ୍ୟମନେ କରିଛି ଏ ପବିତ୍ର ଭୂମିରେ ପଦାର୍ପଣ କରି । ଓଡ଼ିଆ ସାହିତ୍ୟର ଜୟ ହେଉ, ସଂସ୍କୃତିର ଜୟ ହେଉ, ଏହାତିଚ ଦେବତାର ଜୟ ହେଉ । ହେ ସାହିତ୍ୟ, ସାଂସ୍କୃତିକ ରଥୀମାନେ ଚରୈବେତି—ଚରୈବେତି—ଚରୈବେତି ।

କ୍ୱାଟର ନଂ ୭୭, ଟାଇପ୍—୪
ଭେଲଟା କଲୋନ, ଭୁବନେଶ୍ୱର-୧୨

## କେନ୍ଦ୍ରାପଡ଼ା ସବ୍‌ଡିଭିଜନରେ ୬୪୪ଟି ନଳକୂପ

କଟକ ୨ ନମ୍ବର ଜନସ୍ୱାସ୍ଥ୍ୟ ଡ଼ିଭିଜନର କେନ୍ଦ୍ରାପଡ଼ା ଜନସ୍ୱାସ୍ଥ୍ୟ ସବଡ଼ିଭିଜନ ଅନ୍ତର୍ଗତ ୯ଟି ବ୍ଲକରେ ୧୯୮୦ ମାର୍ଚ୍ଚ ମାସଠାରୁ ଏପର୍ଯ୍ୟନ୍ତ ୧୪୯୦ଟି ନଳକୂପ ବସାଯାଇଛି ଏବଂ ଏସବୁ କାର୍ଯ୍ୟକ୍ଷମ ରହିଛି । ଚଳିତ ଆର୍ଥିକ ବର୍ଷରେ ବସାଯାଇଥିବା ୨୧୪ଟି ନଳକୂପ ଏହାମଧ୍ୟରେ ଅନ୍ତର୍ଭୁକ୍ତ ।

୧୯୮୦ ମାର୍ଚ୍ଚ ମାସ ପୂର୍ବରୁ ମାତ୍ର ୯୪୯ଟି ନଳକୂପ ବସାଯାଇଥିଲା । ମହାକାଳପଡ଼ା, ପଟାମୁଣ୍ଡାଇ, ଆଳି, କେନ୍ଦ୍ରାପଡ଼ା, ମାର୍ଶାଘାଇ, ରାଜନଗର, ଗରଦପୁର ଓ ରାଜକନିକା ବ୍ଲକର ସମୁଦାୟ ୧୪୪୨ଟି ଗ୍ରାମ ଲୁଣି ଅଞ୍ଚଳ ଅନ୍ତର୍ଭୁକ୍ତ ହୋଇଥିବାରୁ ସେ ସବୁ ଅଞ୍ଚଳରେ ଅଳ୍ପ ଗଭୀରରେ ପାନୀୟ ଜଳ ମିଳେନାହିଁ । ତେଣୁ ପ୍ରତ୍ୟେକ ନଳକୂପ ପାଇଁ ୬୦ ଫୁଟରୁ ଅଧିକ ଗଭୀର ପର୍ଯ୍ୟନ୍ତ ଖନନ କରିବାକୁ ପଡ଼ିଥାଏ ।

# ମାଟିଆ ଗୁଣ୍ଡି ପୋକ-ଡାଲୁଅ ଧାନର ପ୍ରଧାନ ଶତ୍ରୁ

ଶ୍ରୀ ଶରତ ଚନ୍ଦ୍ର ବଳ

ବାତ୍ୟା, ବନ୍ୟା, ମରୁଡ଼ି ଓ ତା ସାଙ୍ଗକୁ ଧାନରେ ଅନିଷ୍ଟକାରୀ କୀଟ ଆକ୍ରମଣ ଏହି ଚାରୋଟି ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ଆମ ଓଡ଼ିଶା ବିଶେଷ ଭାବରେ କ୍ଷତିଗ୍ରସ୍ତ ହୋଇଛି, ପ୍ରଥମ ତିନୋଟି ପ୍ରାକୃତିକ ବିପର୍ଯ୍ୟୟ ମଣିଷର ଆୟତ୍ତର ବାହାରେ, କିନ୍ତୁ ଶେଷୋକ୍ତ ବିପର୍ଯ୍ୟୟଟି ମନୁଷ୍ୟର ଆୟତ୍ତାଧିନ । ଉପଯୁକ୍ତ ପ୍ରତିକାର ବ୍ୟବସ୍ଥା ଫଳରେ ଉକ୍ତ ବିପର୍ଯ୍ୟୟଟି ଦୂରୀଭୂତ ହୋଇପାରି ଥାନ୍ତା ।

ଗତ ରବି ଋତୁରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ବିଶେଷ କରି କଟକ, ପୁରୀ ଓ ବାଲେଶ୍ୱର ଜିଲ୍ଲାରେ ଡାଲୁଅ ଧାନ ଫସଲରେ ମାଟିଆଗୁଣ୍ଡି ପୋକ (Nila parvata lugens) ଲାଗିଥିଲା । ଭାରତ ବ୍ୟତୀତ ଦକ୍ଷିଣ, ପୂର୍ବ ଏସିଆ, ଚୀନ, ଜାପାନ, କୋରିଆ ଏବଂ ମାଇକ୍ରୋନେସିଆ ଆଦି ଦେଶରେ ମାଟିଆଗୁଣ୍ଡି ପୋକ ଧାନ ଫସଲର ଅଶେଷ କ୍ଷତି ସାଧନ କରିଥାଏ । ଏହି ପୋକଟି ଧାନ ଫସଲ ବିଭିନ୍ନ ଅବସ୍ଥାରେ କ୍ଷତି ଘଟାଉଥାଏ । ମାତ୍ର ଥୋଡ ପତ୍ର ବାହାରିବାଠାରୁ ଧାନ ଷୀର ଢୋକିବା ପର୍ଯ୍ୟନ୍ତ ଏହି ସମୟ ମଧ୍ୟରେ ମାଟିଆଗୁଣ୍ଡି ପୋକ ଧାନ ଫସଲର ବିଶେଷ କ୍ଷତି ଘଟାଇଥାଏ ।

ପୂର୍ଣ୍ଣାଙ୍ଗ ମାଟିଆଗୁଣ୍ଡି ପୋକଟି ଈଷତ୍ ହଳଦିଆ ମିଶ୍ରିତ ବାଦାମି ରଙ୍ଗର (yellow brown) । ଏହାର ବକ୍ଷ ସ୍ଥଳରେ ଏକ ଧଳାଗାର ଥାଏ ଏବଂ ମୁଣ୍ଡ ଉପରେ କଳାଗାରମାନ ଥାଏ । ସାଧାରଣତଃ ଦୁଇପ୍ରକାର ମାଟିଆଗୁଣ୍ଡି ପୋକ ଦେଖାଯାନ୍ତି । ସେଥିରୁ କେତେକଙ୍କର ଡେଣା ଥାଏ ଓ ସେଗୁଡ଼ିକ ଗୋଟିଏ ଜାଗାରୁ ଅନ୍ୟ ଜାଗାକୁ ସହଜରେ ଉଡ଼ି ଯାଇ ପାରନ୍ତି । ଏହି ପୋକମାନଙ୍କର ଡେଣାଗୁଡ଼ିକ ଦେହଠାରୁ ସ୍ୱଚ୍ଛ । ଅନ୍ୟ କିସମର ପୋକମାନଙ୍କର ଡେଣା ନଥାଏ । ଏମାନେ ଧାନ ଗଛ ମୂଳରେ ମେଞ୍ଚା ମେଞ୍ଚା ହୋଇ ରହିବାର ଦେଖାଯାଏ । ପୁରୁଷ ମାଟିଆଗୁଣ୍ଡି ପୋକର ରଙ୍ଗ ସ୍ତ୍ରୀ ମାଟିଆଗୁଣ୍ଡି ପୋକର ରଙ୍ଗ ଅପେକ୍ଷା ଅପେକ୍ଷାକୃତ ଗାଢ଼ ।

ବର୍ଷାଦିନିଆ ଧାନ ଫସଲରେ ଏହି ପୋକ କମ୍ ପରିମାଣରେ ଦେଖାଯାଏ । କାରଣ ଏହି ସମୟ ମାଟିଆଗୁଣ୍ଡି ପୋକର ବଂଶ ବୃଦ୍ଧି ପାଇଁ ଅନୁକୂଳ ନୁହେଁ । ଖରାଦିନିଆ ଧାନ ଫସଲ ମାଟିଆଗୁଣ୍ଡି ପୋକର ଆକ୍ରମଣ ଦ୍ୱାରା ବିଶେଷ ଭାବରେ ଆକ୍ରାନ୍ତ ହୁଏ । ମାର୍ଚ୍ଚ ଓ ଏପ୍ରିଲ ମାସରେ ବାୟୁ ମଣ୍ଡଳର ଉଷ୍ଣତା ଅତ୍ୟଧିକ ଥାଏ । ଏହି ସମୟରେ ଧାନ ଗଛର ଉପର ଅଂଶ ପତ୍ର ଦ୍ୱାରା ଘଞ୍ଚ ହୋଇ ଥାଏ ଓ ଗଛର ମୂଳ ଅଂଶରେ ଅଧିକ ଆର୍ଦ୍ରତା ଥାଏ । ଏହିସବୁ କାରଣରୁ ମାଟିଆଗୁଣ୍ଡି ପୋକ କ୍ଷିପ୍ର ଗତିରେ ବଂଶ ବୃଦ୍ଧି କରେ । ମାର୍ଚ୍ଚ ମାସର ପ୍ରଥମାର୍ଦ୍ଧରେ ପ୍ରତି ଧାନବୁଦା ମୂଳରେ ସାଧାରଣତଃ ୨-୩ଟି ମାଟିଆଗୁଣ୍ଡି ପୋକ ଦେଖାଯାନ୍ତି । ମାତ୍ର ବାୟୁ ମଣ୍ଡଳର ଉଷ୍ଣତା ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ଅର୍ଭକ (Nymph) ଓ ପୂର୍ଣ୍ଣାଙ୍ଗ (Adult) ମାଟିଆଗୁଣ୍ଡି ପୋକଗୁଡ଼ିକ ପାଣି ଉପରେ ଗଛର ମୂଳ ଅଂଶରେ ମେଞ୍ଚା ମେଞ୍ଚା ହୋଇ ରହି ଧାନ ଗଛର କାଣ୍ଡ ଓ ମୂଳ ଅଂଶରୁ ରସ ଶୋଷି ଖାଆନ୍ତି, ଏହା ଦ୍ୱାରା ଧାନ ଗଛର ପତ୍ର ଗୁଡ଼ିକ ହଳଦିଆ ପଡ଼ିଯାଏ । ଅନୁକୂଳପାଗ ଓ ପରିବେଶ ଯୋଗୁଁ ଏମାନଙ୍କର ସଂଖ୍ୟା ବୁଦା ପିଛା ୨୫୦ରୁ ଅଧିକ ହେଲେ ଆକ୍ରାନ୍ତ ଗଛଗୁଡ଼ିକ ଶୁଖି ଯାଇ ମଡ଼ା ମଡ଼ା ହୋଇ ପୋଡ଼ିଗଲା ପରି ଦେଖାଯାଏ, ଏହାକୁ "ହପର ବର୍ଣ୍ଣ" (Hopper burn) କୁହାଯାଏ । ମାଟିଆଗୁଣ୍ଡି ପୋକ ପ୍ରଥମେ ଧାନ କିଆରୀର ମଧ୍ୟ ଭାଗରେ ଆକ୍ରମଣ କରି ତାପରେ ହିଡ଼ ଆଡ଼କୁ ମାଡ଼ି ଯାଆନ୍ତି । ଫଳ ସ୍ୱରୂପ ପ୍ରଥମେ କିଆରୀର ମଧ୍ୟ ଭାଗରୁ ଗଛ ଶୁଖି ଶୁଖି ହିଡ଼ ପର୍ଯ୍ୟନ୍ତ ମାଡ଼ି ଆସେ । ସଂପୂର୍ଣ୍ଣ ଧାନ କିଆରୀଟି ପୋଡ଼ିଗଲା ପରି ଦେଖାଯାଏ । କେଣ୍ଡାଗୁଡ଼ିକ ସଂପୂର୍ଣ୍ଣ ରୂପେ ଅଗାଡ଼ି ହୋଇ ଯାଏ । ଏହିପରି ମାଟିଆଗୁଣ୍ଡି ପୋକ ପ୍ରତ୍ୟକ୍ଷ ଭାବରେ ଧାନ ଫସଲର କ୍ଷତି ସାଧନ କରି ଉତ୍ପାଦନ କମାଇ ଦିଏ ।

ପରୋକ୍ଷଭାବରେ ମଧ୍ୟ ମାଟିଆଗୁଣ୍ଡି ପୋକ ଧାନଫସଲର କ୍ଷତିଘଟାଇ ଉତ୍ପାଦନ କମାଇଦିଏ । ଏମାନେ ଧାନଗଛ ଉପରେ ମହୁ ଶିଶିର ସ୍ରାବ କରନ୍ତି । ଏହି ପୋକଯୋଗୁଁ ଧାନଗଛରେ ହୋଇଥିବା କ୍ଷତି ମଧ୍ୟ କବକ (Fungus) ଓ ଜୀବାଣୁ (Bacteria) ପ୍ରବେଶକରି ରୋଗ ସଂକ୍ରମଣ କରେ । ଏତଦ୍‌ବ୍ୟତୀତ ଧାନଗଛର "ଘାସୁଆ କୋଡ଼ି" (Grassy Stunt) ନାମକ ଭୂତାଣୁ ଜନିତ ରୋଗ ସଞ୍ଚରଣ କରିବାରେ ମାଟିଆଗୁଣ୍ଡି ପୋକ ସାହାଯ୍ୟକରେ । ଏହି ରୋଗଦ୍ୱାରା ସଂକ୍ରମିତ

ଧାନଗଛଗୁଡ଼ିକର ଉଚ୍ଚତା ଖୁବ୍ କମ୍ ହୁଏ ଓ ପ୍ରତି ବୁଦାରୁ ବହୁତ ପିଲ ବାହାରେ । ପତ୍ରଗୁଡ଼ିକ ମଳିନ ସବୁଜରଙ୍ଗ ହୋଇଯାଏ ଓ ତଳକୁ ନଇଁବା ପରିବର୍ତ୍ତେ ଉପରକୁ ସିଧା ଠିଆହୋଇରହେ । ଏହି ରୋଗଯୋଗୁଁ ଧାନଗଛରୁ କମ୍ ସଂଖ୍ୟକ ଫେଣ୍ଡା ବାହାରେ । ପ୍ରତି ଧାନର ଶସ୍ୟଟି ପୂରଣ ନହୋଇ ତନ୍ମଧ୍ୟରେ ଗାଢ଼ ବାଦାମୀ ରଙ୍ଗର ଛୋଟ ଦାନା ରହେ ।

## ପ୍ରତିଷେଧ ଓ ପ୍ରତିକାର ବ୍ୟବସ୍ଥା

ମାର୍ଚ୍ଚ ମାସର ପ୍ରଥମ ସପ୍ତାହରୁ ପ୍ରତି ୭ଦିନ ଅନ୍ତରରେ ଧାନ କିଆରୀରେ ପଶି ଧାନ ମୂଳରେଥିବା ମାଟିଆଗୁଣ୍ଡି ପୋକ ସଂଖ୍ୟା ନିର୍ଣ୍ଣୟ କରିବା ଉଚିତ୍ । ବୁଦାପିଛା ମାଟିଆଗୁଣ୍ଡି ପୋକ ସଂଖ୍ୟା ୫ଟିରୁ ଅଧିକ ହେଲେ ଜମିରୁ ପାଣିକାଟି ନିମ୍ନଲିଖିତ ରାସାୟନିକ ଔଷଧ ବ୍ୟବହାରକରି ପୋକମାନଙ୍କୁ ଦମନ କରିବା ଉଚିତ୍ ।

ଏକରପିଛା କାରାବାରିଲ ୫୦ ଡ଼ବ୍ଲିଉ. ପି. (ସେଭିନ୍) ୧ କି. ଗ୍ରା. ହିସାବରେ କିମ୍ବା ଡାଇକ୍ଲୋରଭସ୍ ୧୦୦ ଇ. ସି. (ନୁଭାନ୍) ୧୫୦ ମି. ଲି. ହିସାବରେ କିମ୍ବା ମନୋକ୍ରୋଟୋଫସ୍ ୪୦ ଇ. ସି, (ନ୍ୟୁଭାକ୍ରାନ୍) ୪୦୦ ମି. ଲି. ହିସାବରେ ୨୦୦ ଲିଟର ପାଣିରେ ମିଶାଇ ସ୍ପ୍ରେ (ସିଞ୍ଚନ) କରିବାକୁ ହେବ ।

ଉପରୋକ୍ତ ତରଳ କୀଟନାଶକ ଔଷଧ ବ୍ୟତୀତ କେତେକ ଦାନାଦାର ଔଷଧ ବ୍ୟବହାରକରି ମାଟିଆଗୁଣ୍ଡି-ପୋକ ଦମନ କରାଯାଇପାରିବ । ଏକର ପିଛା ଫୋରେଟ ୧୦ ଜି. (ଥିମେଟ୍) ୪ କି. ଗ୍ରା. ହିସାବରେ କିମ୍ବା କାରବୋଫୁରାନ୍ ୩ ଜି (ଫୁରାଡ଼ନ୍) ୧୨ କି. ଗ୍ରା. ହିସାବରେ ଥୋଡ ବାହାରିବା ପୂର୍ବରୁ ବ୍ୟବହାର କରିବାକୁ ହେବ । ଅନୁମୋଦିତ ମାତ୍ରାଠାରୁ କମ୍ ପରିମାଣର କୀଟନାଶକ ଔଷଧ ବ୍ୟବହାର କରିବା ଅନୁଚିତ୍ କାରଣ ନିମ୍ନ ମାତ୍ରାର କୀଟନାଶକ ଔ[illegible] ବ୍ୟବହାରକଲେ ମାଟିଆଗୁଣ୍ଡି ପୋକର [illegible] ହୁଏନାହିଁ ଏବଂ ଏହା ଟି[illegible] ହେବା ପରିବର୍ତ୍ତେ ପୋକର ବଂଶବୃଦ୍ଧିରେ [illegible]କ ହୁଏ ।

ଅ[illegible]ଗୁଁ ଚାଷୀମାନେ ମାଟିଆଗୁଣ୍ଡି ପୋକର ଦମନପାଇଁ ଧାନଜମିରେ ଗୋବର, ପାଣି, ଫିନାଇଲ ଓ କିରାସିନ୍ ଆଦି ପକାଇଥାନ୍ତି । କିନ୍ତୁ ତଦ୍ୱାରା ସୁଫଳ ମିଳେନାହିଁ ।]

(୨) ହସ୍ତଚାଳିତ ସ୍ପ୍ରେୟର ସାହାଯ୍ୟରେ ତରଳ କୀଟନାଶକ ଔଷଧ ପକାଇବା ଉଚିତ୍ । ସ୍ପ୍ରେୟରର ନଳକୁ (Nozzle) ଧାନଗଛର ମୂଳକୁ ଦେଖାଇ ସ୍ପ୍ରେକଲେ କୀଟନାଶକ ଔଷଧ ଧାନଗଛର ମୂଳର ସବୁ ଅଂଶରେ ପହଞ୍ଚି ପାରିବ ଓ ତଦ୍ୱାରା ମାଟିଆଗୁଣ୍ଡି ପୋକ ସହଜରେ ମରିଯିବେ ।

(୩) କୀଟନାଶକ ଔଷଧ ପକାଇବା ପୂର୍ବରୁ ଧାନ କିଆରୀରୁ ପାଣି ବାହାରକରିସାରି ୨-୩ଫୁଟ ଅନ୍ତରରେ କନ୍ଦିକାଟି ଉକ୍ତ କନ୍ଦିମାନଙ୍କ ଭିତରେ ପଶି କୀଟନାଶକ ଔଷଧ ସ୍ପ୍ରେକରିବା ଉଚିତ୍ ।

(୪) ଗୋଟିଏ ପ୍ରକାର ଔଷଧକୁ ବାରମ୍ବାର ସ୍ପ୍ରେ ନକରି ପୂର୍ବୋକ୍ତ ଔଷଧଗୁଡ଼ିକୁ ଅଦଳବଦଳକରି ସ୍ପ୍ରେକରିବା ଉଚିତ୍ ।

(୫) ଧାନକିଆରୀରେ ବୁଦେବେଳେ ପାଣିନରଖି କିଛିଦିନ ଅନ୍ତରରେ ପାଣି ବାହାରକରି ଜମିକୁ ପାଗଦେଲେ ମାଟିଆଗୁଣ୍ଡି ପୋକ ତଥା ଅନ୍ୟାନ୍ୟ ଅନିଷ୍ଟକାରୀ କୀଟମାନଙ୍କ ଆକ୍ରମଣରୁ ରକ୍ଷାମିଳେ ।

(୬) ଏପ୍ରିଲମାସ ଶେଷ ବେଳକୁ ମାଟିଆଗୁଣ୍ଡି ପୋକ ସଂଖ୍ୟା ବୃଦ୍ଧି ପାଉଥିବାରୁ ଶୀଘ୍ର ଅମଳ ହୋଇପାରୁଥିବା ୧୨୦ଦିନ ବା ତାଠାରୁ କମ୍ଦିନରେ ଅମଳ ହୋଇପାରୁଥିବା ଧାନ ଚାଷ କରିବା ଉଚିତ୍ ।

(୭) ଜାନୁୟାରୀ ମାସ ୧୫ ତାରିଖ ଭିତରେ ଧାନ ରୁଆ ଶେଷକଲେ ମାଟିଆଗୁଣ୍ଡି ପୋକ ଆକ୍ରମଣରୁ ଫସଲ ରକ୍ଷା ପାଇବ ।

(୮) ଧାଡ଼ିକୁ ଧାଡ଼ି ୮ ଇଞ୍ଚ ବ୍ୟବଧାନରେ ଧାନ ରୋଇଲେ ମାଟିଆଗୁଣ୍ଡି ପୋକ ଆକ୍ରମଣର ଆଶଙ୍କା କମିଥାଏ ।

(୯) ଧାନ କିଆରିରୁ ଭଲ ଭାବରେ ଘାସ ବାଛିଦେବା ଉଚିତ୍ ।

(୧୦) ରାସାୟନିକ ନିୟନ୍ତ୍ରଣ ପରିବର୍ତ୍ତେ ଜୈବ ନିୟନ୍ତ୍ରଣ ଦ୍ୱାରା ମଧ୍ୟ ମାଟିଆଗୁଣ୍ଡି ପୋକକୁ ଦମନ କରାଯାଇ ପାରେ । ମାଟିଆଗୁଣ୍ଡି ପୋକ ସଂଖ୍ୟା ଆର୍ଥିକ ନିୟନ୍ତ୍ରିତ ସୀମା (Economic) (Threshold limit) ଅତିକ୍ରମ କରିଗଲେ ଅର୍ଥାତ୍ ବୁଦାପିଛା ମାଟିଆଗୁଣ୍ଡି ପୋକ ୫ରୁ ଅଧିକ ହେଲେ ମିରିଡ଼ି ବଗ୍ (Crytorhinus lividipens) ନାମକ ପରଜୀବୀକୁ ବହୁତ ସଂଖ୍ୟାରେ ଧାନ କିଆରିରେ ଛାଡ଼ି ଦିଆଗଲେ ସେମାନେ ମାଟିଆଗୁଣ୍ଡି ପୋକକୁ ଖାଇଯାଆନ୍ତି ।

(୧୧) ମାଟିଆଗୁଣ୍ଡି ପୋକ ପ୍ରତିରୋଧୀ କିହନ ଯଥା:— ସି. ଆର. ୪୦୭–୧୯, ସି. ଆର. ୧୯୦–୧୦୩, ସି. ଆର. ୧୮୧–୧୦, ସି. ଆର. ୯୪–୨୧୪–୫, ସି. ଆର. ୫୭, କେ. ଏକ୍. ୫୨, ଓ. ଆର. ୧୩୧ –୧୩–୧୩ (କେୟା) ଏବଂ ମାଟିଆଗୁଣ୍ଡି ପୋକ

ସହନଶୀଳ କିସମ ବିହନ ଯଥା:—ଆର. ଆର୍. ୩୬, ପି. ଟି. ବି.-୧୦, ଅନ୍ନପୂର୍ଣ୍ଣା, ରତ୍ନା ଓ ପାରିଜାତ ପୋକ ଲାଗୁଥିବା ଅଞ୍ଚଳରେ ଚାଷ କରିବା ଉଚିତ ।

(୧୨) ସାଧାରଣତଃ ଦେଖାଯାଇ ଥାଏ ଯେ ଚାଷୀମାନେ ଅଧିକ ଅମଳ ପାଇବା ଆଶାରେ ଜମିରେ ଶେଷଥର ଯବକ୍ଷାରଜାନ ସାର ଦେବା ସମୟରେ ଅଧିକ ପରିମାଣର ସାର ପକାଇଥାନ୍ତି । ମାତ୍ର ଏହା ମାଟିଆଗୁଣ୍ଡି ପୋକର ବଂଶବୃଦ୍ଧିରେ ସାହାଯ୍ୟକରେ । ତେଣୁ ଥୋଡ଼ ସାର ପକାଇବା ସମୟରେ ଠିକ୍ ମାତ୍ରାରେ ଯବକ୍ଷାରଜାନ ପକାଇବା ଉଚିତ୍ ।

ଜଳସେଚିତ ଅଞ୍ଚଳରେ ଦୀର୍ଘକାଳୀନ ନିୟନ୍ତ୍ରଣ ବ୍ୟବସ୍ଥା ସ୍ୱରୂପ ପ୍ରତିବର୍ଷ ଡାଲୁଆ ଧାନ ଚାଷ ନକରି ଫସଲ ପର୍ଯ୍ୟାୟ ଅବଲମ୍ବନ କରିବା ଉଚିତ୍ । ଡାଲୁଆ ଧାନ ଚାଷ ହେଉଥିବା ଅଞ୍ଚଳରେ ପ୍ରତିବର୍ଷ ଧାନଚାଷ ନକରି ତା'ବଦଳରେ ଯେକୌଣସି ଡାଲି ଜାତୀୟ ଫସଲ ଅଦଳବଦଳ କରି ଚାଷ କରିବା ଉଚିତ୍ । ଏହା କୃଷି ବିଭାଗ ଓ ଜଳସେଚନ ବିଭାଗର ସହାୟତାରେ ସମ୍ଭବ ହୋଇ ପାରିବ ।

ଟେକ୍‌ନିକାଲ୍ ଅଫିସର
କୀଟନାଶୀ ବିଶ୍ଳେଷଣାଗାର
ଭୁବନେଶ୍ୱର—୭୫୧୦୦୩

Gram : Apex
Telex No. 675-297

Phone No. 50681 & 52530

THE TRIBAL DEVELOPMENT CO-OPERATIVE CORPORATION OF ORISSA LTD.
BHUBANESWAR

A State level apex Co-operative Society dedicated to the service of tribal community.

Procures surplus agricultural produce and minor forest produce at fair price from tribals and arranges marketing. Also functions as the apex organisation for public distribution system in tribal areas.

If you want Nux-vomica, Tamarind, Turmeric myrabolans, non-edible oil seeds, Millets, Pulses, Medicinal herbs, Hill brooms and other forest and agricultural produce.

*Please contact :*

**Managing Director**


20 ଦଫାର
ଏହି ସଂଦେଶ
ହେଉ ନିରୋଗ
ଓ ଶିକ୍ଷିତ ଦେଶ

# ପଟ୍ଟାମୁଣ୍ଡାଇ ଓ ମାର୍ଶାଘାଇରେ କେନ୍ଦ୍ର ସମବାୟ ବ୍ୟାଙ୍କ

ଓଡ଼ିଶା ପରି ଅନଗ୍ରସର ରାଜ୍ୟରୁ ଦାରିଦ୍ର୍ୟ ଓ ବେକାରୀ ଦୂର କରିବା ଲାଗି ସରକାର କାର୍ଯ୍ୟକାରୀ କରୁଥିବା ଇ. ଆର. ଆର. ପି. ଏବଂ ଆଇ. ଆର. ଡି. ପରି ଦାରିଦ୍ର୍ୟ ବିରୋଧୀ କାର୍ଯ୍ୟକ୍ରମ ଗୁଡ଼ିକର ସଫଳ ରୂପାୟନ ଦଗରେ ବ୍ୟାଙ୍କ୍ ଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବାରୁ ସେ ଦିଗରେ ନିଃସ୍ୱାର୍ଥପର ଉଦ୍ୟମ କରିବାକୁ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳ ବ୍ୟାଙ୍କ୍ କର୍ତ୍ତୃପକ୍ଷମାନଙ୍କୁ ଆହ୍ୱାନ ଜଣାଇଛନ୍ତି ।

ଗତ ଡିସେମ୍ବର ୧୬ ତାରିଖ ଦିନ କେନ୍ଦ୍ରାପଡ଼ା ସବ୍‌ଡିଭିଜନ ଅନ୍ତର୍ଗତ ପଟାମୁଣ୍ଡାଇ ଏବଂ ମାର୍ଶାଘାଇଠାରେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ୍‌ର ଯଥାକ୍ରମେ ୨୯ତମ ଓ ୩୦ତମ ଶାଖା ଦ୍ୱୟ ଉଦ୍‌ଘାଟନ କରି ଶ୍ରୀ ବିଶ୍ୱାଳ କହିଲେ ଯେ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ଗ୍ରାମ୍ୟ କାରିଗର ମାନଙ୍କ ସମେତ ଦରିଦ୍ର ଶ୍ରେଣୀର ଲୋକମାନଙ୍କର ଅର୍ଥନୈତିକ ଉତ୍ଥାନ ପାଇଁ ସରକାର ସବ୍‌ସିଡ଼ି ଦେବା ସଙ୍ଗେ ସଙ୍ଗେ ସଂପୃକ୍ତ ବ୍ୟକ୍ତିମାନେ ବ୍ୟାଙ୍କ୍‌ର ଋଣ ସଙ୍ଗ୍ରହ କରୁଛନ୍ତି । କେତେକ କ୍ଷେତ୍ରରେ ବ୍ୟାଙ୍କ୍‌ଋଣ ଇତ୍ୟାଦି ସଙ୍ଗ୍ରହ କରିବା ବେଳେ ଦୁର୍ନୀତି ହେଉଥିବାର ଅଭିଯୋଗ ହେଉଛି ବୋଲି ଦର୍ଶାଇ ଶ୍ରୀ ବିଶ୍ୱାଳ କହିଲେ ଯେ ଦରିଦ୍ର ବ୍ୟକ୍ତିମାନଙ୍କ ପାଇଁ ଉଦ୍ଦିଷ୍ଟ ଅର୍ଥ 'ମହାଦେବଙ୍କ ବେଲପତ୍ରୀ' ପରି ପବିତ୍ର । ତାହାକୁ ବାଟମାରଣା କରୁଥିବା ଯେକୌଣସି କର୍ମଚାରୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ କରାଯାଉଛି ଏବଂ କରାଯିବ ବୋଲି ସେ ସତର୍କ କରିଦେଇଥିଲେ । ୧୯୬୯ ମସିହାରେ ହୋଇଥିବା ବ୍ୟାଙ୍କ୍ ଜାତୀୟକରଣ ଯୋଜନା ଏକ ଯୁଗାନ୍ତକାରୀ ତଥା ବୈପ୍ଳବିକ ପଦକ୍ଷେପ ବୋଲି ବର୍ଣ୍ଣନା କରି ଶ୍ରୀ ବିଶ୍ୱାଳ କହିଲେ ଯେ ପୂର୍ବାପେକ୍ଷା ବର୍ତ୍ତମାନ ଓଡ଼ିଶାରେ ବିଭିନ୍ନ ବ୍ୟାଙ୍କ୍‌ର ବହୁ ଶାଖା ପ୍ରତିଷ୍ଠିତ ହେଲାଣି । କିନ୍ତୁ ରାଜ୍ୟ ଜନସଂଖ୍ୟାର ଶତକଡ଼ା ୮୮ ଭାଗରୁ ଅଧିକ ଲୋକ ଗ୍ରାମାଞ୍ଚଳରେ ବାସ କରୁଥିବାରୁ ଗ୍ରାମାଞ୍ଚଳମାନଙ୍କରେ ଅଧିକ ସଂଖ୍ୟକ ଶାଖା ବ୍ୟାଙ୍କ୍ ଖୋଲାଯିବା ଆବଶ୍ୟକ ବୋଲି ସେ କହିଥିଲେ । ସର୍ବଭାରତୀୟ ସ୍ତରରେ ବ୍ୟାଙ୍କ୍ ଅର୍ଥ ଲଗାଣ ପରିମାଣ ତୁଳନାରେ ଓଡ଼ିଶାରେ ବ୍ୟାଙ୍କ୍‌ଗୁଡ଼ିକ ଦ୍ୱାରା ଶତକଡ଼ାମାତ୍ର ୧ ଭାଗ ଅର୍ଥ ଲଗାଣ ହେଉଥିବାରୁ କ୍ଷୋଭ ପ୍ରକାଶ କରି ଶ୍ରୀ ବିଶ୍ୱାଳ ଏହା ଚାହିଦା ଦୃଷ୍ଟିରୁ ପର୍ଯ୍ୟାପ୍ତ ନୁହେଁ ବୋଲି ମତବ୍ୟକ୍ତ କରିଥିଲେ । ଆସନ୍ତା ବର୍ଷ ମଧ୍ୟରେ କଟକ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଅଧିକ ୧୧ଟି ଶାଖା ବ୍ୟାଙ୍କ୍ ଖୋଲିବାକୁ ସେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ୍‌ର ସଭାପତିଙ୍କୁ ଅନୁରୋଧ କରିଥିଲେ ।

ଏହି ଉତ୍ସବ ଦୁଇଟିରେ କଟକ ବ୍ୟାଙ୍କ୍‌ର ସଭାପତି ଶ୍ରୀ ଆଶୁତୋଷ ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ । ସମବାୟ ସମିତିଗୁଡ଼ିକର ନିବନ୍ଧକ ଶ୍ରୀ ଦେବୀ ପ୍ରସାଦ ବାଗ୍‌ଚୀ, ବ୍ୟାଙ୍କ୍‌ର ନିର୍ଦ୍ଦେଶକ ଶ୍ରୀ ଭାଗବତ ପ୍ରସାଦ ମହାନ୍ତି, ପୂର୍ବତନ ମନ୍ତ୍ରୀ ଶ୍ରୀ ପ୍ରହଲ୍ଲାଦ ମଲ୍ଲିକ, କାକୁଡ଼ାଡାମ ଉନ୍ନୟନ ନିଗମର ଅଧ୍ୟକ୍ଷ ଡାଃ ଦେବେନ୍ଦ୍ର ନାଥ ରାୟ, ସ୍ଥାନୀୟ ବିଧାୟକ ଶ୍ରୀ ଇନ୍ଦ୍ରମଣି ରାଉତ ଏବଂ ଶ୍ରୀ ଦୋଳଗୋବିନ୍ଦ ନାୟକ ପ୍ରମୁଖ ସରକାରୀ ଓ ବେସରକାରୀ ବିଶିଷ୍ଟ ବ୍ୟକ୍ତିମାନେ ମଧ୍ୟ ଭାଷଣ ଦେଇ ଏହି ସମବାୟ ବ୍ୟାଙ୍କ୍ ଦୁଇଟିର ସହାୟତାରେ ସ୍ଥାନୀୟ ଗ୍ରାମବାସୀ ମାନେ ଉପକୃତ ହୋଇ ପାରିବେ ବୋଲି ଆଶା ପ୍ରକାଶ କରିଥିଲେ ।

ଭାଷଣ ପ୍ରସଙ୍ଗରେ ନିବନ୍ଧକ ଶ୍ରୀ ବାଗ୍‌ଚୀ ଋଣ ପରିଶୋଧ କରିବା ଉପରେ ଗୁରୁତ୍ୱ ଆରୋପ କରି କହିଲେ ଯେ ସମ୍ବଲପୁର ଜିଲ୍ଲାର ଚାଷୀମାନଙ୍କର ପରିଶୋଧ ମନୋବୃତ୍ତି ଥିବାରୁ ସେଠାରେ ସମବାୟ ଋଣ ଦେବା ସହଜ ହେଉଛି । ସେହିପରି କଟକ ଜିଲ୍ଲାପରି ବିରାଟ କୃଷିଜିଲ୍ଲାର ଋଣଗ୍ରହୀତାମାନେ ଋଣ ପରିଶୋଧ କରିପାରିଲେ, ଆସନ୍ତା ବର୍ଷ ମଧ୍ୟରେ ଋଣର ପରିମାଣ ୧୦ କୋଟି ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇ ପାରନ୍ତା ବୋଲି ସେ ଦୃଢ଼ ଆଶାପ୍ରକାଶ କରିଥିଲେ ।

ପଟାମୁଣ୍ଡାଇ ଅଞ୍ଚଳର ୧୧ ହଜାରରୁ ଅଧିକ ଚାଷୀଙ୍କ ସମେତ ୧୪,୬୮୧ ଜଣ ବ୍ୟକ୍ତି ସମବାୟ ସଭ୍ୟ ଅନ୍ତର୍ଭୁକ୍ତ ହୋଇଛନ୍ତି ଏବଂ ଗତ ୨ ବର୍ଷରେ ଚାଷକାର୍ଯ୍ୟ ପାଇଁ ୪,୩୭୭ ଜଣ ଚାଷୀଙ୍କୁ ସମୁଦାୟ ୪୩ ଲକ୍ଷ ୧୮ ହଜାର ଟଙ୍କା ଋଣ ଦିଆଯାଇଛି । ସେହିପରି ମାର୍ଶାଘାଇ ଅଞ୍ଚଳରେ ୪,୦୮୭ ଜଣ ସଭ୍ୟଙ୍କୁ ୨୬୭ ଲକ୍ଷ ୫୩ ହଜାର ଟଙ୍କା ଋଣ ଦିଆଯାଇଛି ବୋଲି ଏହିସବୁ ସଭାରେ ପ୍ରକାଶ ପାଇଥିଲା ।

ଶ୍ରୀ ବିଶ୍ୱାଳ ମାର୍ଶାଘାଇ ସଭାରେ ଲୋକମାନଙ୍କ ଠାରୁ ଦେଢ଼ ଲକ୍ଷ ଟଙ୍କା ଜମା ସଙ୍ଗ୍ରହ କରିଥିବା ମାର୍ଶାଘାଇ ସେବା ସମବାୟ ସମିତିକୁ ପ୍ରଥମ ପୁରସ୍କାର ଏବଂ ପ୍ରାୟ ୧ ଲକ୍ଷ ଟଙ୍କା ସଙ୍ଗ୍ରହ କରିଥିବାରୁ ଗଡ଼ଜଂଗାମା ସମିତିକୁ ଦ୍ୱିତୀୟ ପୁରସ୍କାର ପ୍ରଦାନ କରିଥିଲେ ।

## ଖୋର୍ଦ୍ଧାରେ ନୂତନ ପୌର ଭବନ

ନଗର ଉନ୍ନୟନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳ ଗତ ଡିସେମ୍ବର ୨୫ ତାରିଖ ଦିନ ଖୋର୍ଦ୍ଧାଠାରେ ବିପୁଳ ଉତ୍ସାହ ଉଦ୍ଦୀପନା ମଧ୍ୟରେ ଦ୍ୱିତଳ ବିଶିଷ୍ଟ ଏକ ପୌର ଭବନ ଉଦ୍‌ଘାଟନ କରି ଏହାକୁ ସ୍ଥାନୀୟ ଅଧିବାସୀଙ୍କ ସେବାରେ ଉତ୍ସର୍ଗ କରିଥିଲେ । ୧୩ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ଭବନର ନିର୍ମାଣ ବାବଦରେ ରାଜ୍ୟ ସରକାର ୯ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଅନୁଦାନ ଦେଇଛନ୍ତି । ଭୁବନେଶ୍ୱର ଉନ୍ନୟନ ସଂସ୍ଥାର ଉଦ୍ୟମରେ ଏହାର ଆଭ୍ୟନ୍ତରୀଣ ସାଜସଜ୍ଜା ଓ ନିର୍ମାଣଗତ କୁଶଳତା ଆଧୁନିକ ରୁଚିସଂପନ୍ନ ହୋଇଛି । ଏହି ଭବନରେ ୫୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ବସିବାର ସ୍ଥାନ ରହିଛି । ବ୍ୟାଡ୍‌ମିଂଟନ୍ ପରି ବିଭିନ୍ନ କ୍ରୀଡା ପ୍ରତିଯୋଗିତା କରିବାର ମଧ୍ୟ ଏଥିରେ ସୁବିଧା କରାଯାଇଛି ।

ଏ ଉପଲକ୍ଷେ ସେଠାରେ ଅନୁଷ୍ଠିତ ଏକ ଉତ୍ସବରେ ସ୍ଥାନୀୟ ବିଧାୟକ ଶ୍ରୀ ପ୍ରସନ୍ନ କୁମାର ପାଟସାଣୀ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ରୂପେ ଉଦ୍‌ବୋଧନ ଦେଇ ଶ୍ରୀ ବିଶ୍ୱାଳ ବୀରଭୂମି ଖୋର୍ଦ୍ଧାର ଗୌରବୋଜ୍ଜ୍ୱଳ ମହନୀୟ ପରଂପରାକୁ ସ୍ମରଣ କରି ରାଜ୍ୟର ସର୍ବାଙ୍ଗୀନ ଉନ୍ନତି କଳ୍ପେ ସ୍ଥାନୀୟ ଜନସାଧାରଣ ଓ ଯୁବ ସମାଜ ଉଦ୍ୟମ କରିବାକୁ ଆହ୍ୱାନ କରିଥିଲେ । ଖୋର୍ଦ୍ଧା ସହରର କ୍ରମଶଃ ଅଭିବୃଦ୍ଧି ହେବା ସଙ୍ଗେ ସଙ୍ଗେ ସହରବାସୀଙ୍କ ଅର୍ଥନୈତିକ ଉନ୍ନତି ହୋଇପାରିବ ବୋଲି ସେ ଦୃଢ଼ ଆଶା ପ୍ରକାଶ କରିଥିଲେ । ଶ୍ରୀ ବିଶ୍ୱାଳ କହିଲେ ଯେ ସହରର ଉପକଣ୍ଠରେ ସୂତାକଳ, ପ୍ଲାଇଉଡ୍ କାରଖାନା, ତେଲକଳ ଓ ଘଡି କାରଖାନା ସମେତ ବହୁ ଶିଳ୍ପାନୁଷ୍ଠାନ ଗଢି ଉଠୁଛି । ଏସବୁ ପୂର୍ଣ୍ଣାଙ୍ଗ ହେଲେ ସ୍ଥାନୀୟ ଶିକ୍ଷିତ ଯୁବକ ଓ କୁଶଳୀ କାରିଗରମାନେ ନିଯୁକ୍ତି ପାଇପାରିବେ । ଏହା ବ୍ୟତୀତ ୪ କୋଟି ଟଙ୍କା ବ୍ୟୟ ଅଟକଳରେ କାର୍ଯ୍ୟକାରୀ ହେଉଥିବା ମଧ୍ୟମ ଜଳସେଚନ ଯୋଜନା ପାଇଁ ଚଳିତ ବର୍ଷ ବଜେଟ୍‌ରେ ୩୦ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି । ଭାଷଣ ପ୍ରସଙ୍ଗରେ ଶ୍ରୀ ବିଶ୍ୱାଳ କେନ୍ଦ୍ର ସରକାର, ବିଶେଷତଃ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଗାନ୍ଧୀଙ୍କର ଓଡିଶା ପ୍ରତି ରହିଥିବା ସହାନୁଭୂତି ସଂପର୍କରେ ଉଲ୍ଲେଖ କରି ପ୍ରାକୃତିକ ବିପର୍ଯ୍ୟୟ ବେଳେ କେନ୍ଦ୍ରର ଅକୁଣ୍ଠିତ ଆର୍ଥିକ ସାହାଯ୍ୟ ବିଷୟରେ ସୂଚନା ଦେଇଥିଲେ । ସ୍ଥାନୀୟ ବସ୍‌ଷ୍ଟାଣ୍ଡର ଆଜିସୁଦ୍ଧା ବିକାଶ ହୋଇ ନଥିବାରୁ କ୍ଷୋଭ ପ୍ରକାଶ କରି ଶ୍ରୀ ବିଶ୍ୱାଳ ଆସନ୍ତା ବର୍ଷର ବଜେଟ୍ ପରେ ନୂତନ ବସ୍‌ଷ୍ଟାଣ୍ଡର ଶିଳାନ୍ୟାସ ହେବ ବୋଲି ବିପୁଳ କରତାଳି ମଧ୍ୟରେ ଘୋଷଣା କରିଥିଲେ । ଶେଷରେ ଶ୍ରୀ ବିଶ୍ୱାଳ ୭୬ ଜଣ ଦରିଦ୍ର ହରିଜନଙ୍କୁ ବିଭିନ୍ନ ବ୍ୟାଙ୍କରୁ ମିଳିଥିବା ୨ଲକ୍ଷ ୨୫ ହଜାର ଟଙ୍କା ଋଣ ବିନିଯୋଗରେ ରିକ୍‌ସା, ସିଲେଇ ମେସିନ୍ ଓ ଶଗଡ ଇତ୍ୟାଦି ବଣ୍ଟନ କରିଥିଲେ । ଏହା ବ୍ୟତୀତ କେତେକ ହରିଜନଙ୍କୁ ମେଷ ପାଳନ ଓ କ୍ଷୁଦ୍ର ବ୍ୟବସାୟ ପାଇଁ ଋଣ ସାହାଯ୍ୟ ଦିଆଯାଇଥିଲା ।

ପ୍ରାରମ୍ଭରେ ଏସ୍. ଡି. ଓ. ତଥା ଏନ୍. ଏ. ସିର. ଅଧ୍ୟକ୍ଷ ଶ୍ରୀ ସର୍ବେଶ୍ୱର ମହାନ୍ତି ସ୍ୱାଗତ ଭାଷଣ ପ୍ରସଙ୍ଗରେ ପୌରସଭାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଓ ଅଭାବ ଅସୁବିଧା ସଂପର୍କରେ ସୂଚନା ଦେଇଥିଲେ ।

ଏହି ଉତ୍ସବରେ ବିଧାୟକ ଶ୍ରୀ ସୁରେଶ କୁମାର ରାଉତରାୟ, ଭୁବନେଶ୍ୱର ଉନ୍ନୟନ ସଂସ୍ଥାର ଉପାଧ୍ୟକ୍ଷା ମିସ୍ ମିନା ଗୁପ୍ତା, ଜିଲାପାଳ, ପୌର ପ୍ରଶାସନର ନିର୍ଦ୍ଦେଶକଙ୍କ ସମେତ ବିଭିନ୍ନ ବିଭାଗୀୟ ପଦସ୍ଥ ଅଫିସର ଏବଂ ସ୍ଥାନୀୟ ଅଞ୍ଚଳର ପ୍ରାୟ ୭।୮ ହଜାର ଲୋକ ଯୋଗ ଦେଇଥିଲେ ।

ପୂର୍ବରୁ ଶ୍ରୀ ବିଶ୍ୱାଳ ସ୍ଥାନୀୟ ପର୍ତ୍ତ ଡିଭିଜନର ଏକ କାର୍ଯ୍ୟାଳୟ ଏବଂ ପଲ୍ଲୀଠାରେ ଖୋର୍ଦ୍ଧା ବ୍ଲକ୍‌ର ପଲ୍ଲୀବସ୍ତ୍ର ଶିଳ୍ପ ସମବାୟ ସମିତି ଗୃହ ଉଦ୍‌ଘାଟନ କରିଥିଲେ ।

## ସଘନ ଗୋ-ଉନ୍ନୟନ ଯୋଜନାର ଅଗ୍ରଗତି

୧୯୮୩ ଅକ୍‌ଟୋବର ମାସରେ ବ୍ରହ୍ମପୁର ସଘନ ଗୋ ଉନ୍ନୟନ ଯୋଜନା ଅଞ୍ଚଳରେ ୫୭୬ଟି ଗାଈଙ୍କର କୃତ୍ରିମ ପ୍ରଜନନ କରାଯାଇଥିଲା । ସେହିମାସ ମଧ୍ୟରେ ୭୮ ଗୋଟି ଉନ୍ନତ ଅଣ୍ଡିରା ବାଛୁରୀ ଓ ୧୦୪ ଗୋଟି ଉନ୍ନତ ମାଈ ବାଛୁରୀ ଜନ୍ମିଥିଲେ । ୧୧୭୦ଟି ଅଣ୍ଡିରା ବାଛୁରୀଙ୍କର ଧରାଣ କରାଯାଇଥିଲା । ୧୫୦୪ ଗୋଟି ଗୋରୁ ଗାଈ ଓ ବାଛୁରୀଙ୍କୁ ବିଭିନ୍ନ ପ୍ରତିଷେଧକ ଟୀକା ଦିଆଯାଇଥିଲା ଏବଂ ୮୪୬୫ ପଶୁ ପକ୍ଷୀଙ୍କର ସାଧାରଣ ରୋଗର ଚିକିତ୍ସା କରାଯାଇଥିଲା ।

ଏ ସମ୍ବନ୍ଧରେ ଏକ ସମୀକ୍ଷାରୁ ଜଣାଯାଏ ଯେ ଏହି ସଘନ ଗୋ-ଉନ୍ନୟନ ଯୋଜନା ଆରମ୍ଭ ହେବା ଦିନଠାରୁ ଏ ପର୍ଯ୍ୟନ୍ତ ୮୮,୧୩୬ଟି ଗାଈକୁ କୃତ୍ରିମ ପ୍ରଜନନ କରାଯାଇଛି ଏବଂ ଏ ଅଞ୍ଚଳରେ ୭୦୯୦ଟି ଉନ୍ନତ ଧରଣର ଅଣ୍ଡିରା ବାଛୁରୀ ଓ ୭୬୧୪ଟି ଉନ୍ନତ ଧରଣର ମାଈ ବାଛୁରୀ ଜନ୍ମିଛନ୍ତି । ୧ ଲକ୍ଷ ୫୨ ହଜାର ୨୪୫ଟି ଅଣ୍ଡିରା ବାଛୁରୀଙ୍କୁ ଧରାଣ କରାଯାଇଛି ଏବଂ ୧୩ଲକ୍ଷ ୫୦ ହଜାର ୪୦୪ଟି ପଶୁ ପକ୍ଷୀଙ୍କୁ ବିଭିନ୍ନ ଧରଣର ପ୍ରତିଶେଷଧକ ଟୀକା ଦିଆଯାଇଛି । ୭ ଲକ୍ଷ ୬୯ ହଜାର ୫୦୫ଟି ପଶୁ ପକ୍ଷୀଙ୍କର ରୋଗର ଚିକିତ୍ସା କରାଯିବା ସଙ୍ଗେ ସଙ୍ଗେ ୧୫୬୧ଟି ବୁଲା ଷଣ୍ଢକୁ ଅପସାରଣ କରାଯାଇଛି । ଏହା ବ୍ୟତୀତ ୧୦,୮୭୪ଟି ଘାସଗୁଚ୍ଛ ପ୍ରଦର୍ଶନ ଫାର୍ମ ଏବଂ ୨୫୭୧.୦୨ ଏକର ଜମିରେ ଉନ୍ନତ ଘାସ ଚାଷ କରାଯାଇଛି । ୫୬ଟି ଚିକିତ୍ସା ଶିବିର ଖୋଲାଯାଇ ରୋଗାକ୍ରାନ୍ତ ପଶୁପକ୍ଷୀଙ୍କର ମଧ୍ୟ ଚିକିତ୍ସା କରାଯାଇଛି ।

## ବ୍ରହ୍ମପୁରଠାରେ ଆଇନ ସହାୟକ ତାଲିମ ଶିବିର

ଗ୍ରାମାଞ୍ଚଳର ନିରୀହ, ସରଳ ଓ ଅଶିକ୍ଷିତ ଲୋକମାନଙ୍କୁ ଅଯଥା ନିର୍ଯ୍ୟାତନା, ଶୋଷଣ, ଲାଞ୍ଛନା, ଅନ୍ୟାୟ ଓ ଅତ୍ୟାଚାରରୁ ମୁକ୍ତ କରିବା ଏବଂ ସେମାନଙ୍କ ମନରେ ଥିବା ଭୟ ଦୂର କରି ଅନୀତି ଓ ଅତ୍ୟାଚାରର ପ୍ରତିରୋଧ କରିବା ପାଇଁ ଆଇନଗତ ସାହାଯ୍ୟ ଓ ଉପଦେଶ କାର୍ଯ୍ୟକ୍ରମ ଉଦ୍ଦିଷ୍ଟ । ଗତ ଡିସେମ୍ବର ୧୭ ତାରିଖ ଦିନ ବ୍ରହ୍ମପୁରସ୍ଥିତ ଚତୁର୍ଭୁଜ ଧର୍ମଶାଳାରେ ପାରା ଲିଗାଲ୍ କର୍ମୀମାନଙ୍କର ଟ୍ରେନିଂ କାର୍ଯ୍ୟକ୍ରମର ଉଦ୍‌ଯାପନ ଦିବସରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଅର୍ଥ ଓ ଆଇନ ମନ୍ତ୍ରୀ ଶ୍ରୀ ରଘୁନାଥ ପଟ୍ଟନାୟକ ପାରା-ଲିଗାଲ୍ କର୍ମୀମାନଙ୍କୁ କହିଲେ ଯେ ସେମାନେ ଗାଁ ଗହଳରେ ଏହି ଯୋଜନାର ଉପକାରିତା ସଂପର୍କରେ ଲୋକମାନଙ୍କୁ ଅବହିତ କରାଇବା ସଙ୍ଗେ ସଙ୍ଗେ ଆଇନଗତ ସାହାଯ୍ୟ ଯେପରି ସଂପୃକ୍ତ ଗରିବ ଲୋକମାନେ ଉପଭୋଗ କରିପାରିବେ, ସେଦିଗରେ ସମସ୍ତ ବିହିତ ବ୍ୟବସ୍ଥା କରି ଏକ ଗୁରୁ ସାମାଜିକ ଦାୟିତ୍ୱ ସମାପନ ଦିଗରେ ବ୍ରତୀ ହୁଅନ୍ତୁ । ପାରା-ଲିଗାଲ୍ କର୍ମୀମାନଙ୍କୁ ସ୍ୱଳ୍ପ ସମୟ ମଧ୍ୟରେ କେତେକ ସାଧାରଣ ଆଇନ ସଂପର୍କରେ ଦିଆଯାଉଥିବା ଶିକ୍ଷା ସହିତ ଯୌତୁକ ନିରୋଧ ଆଇନର ଗୁରୁତ୍ୱ ଦୃଷ୍ଟିରୁ ଏ ସଂପର୍କରେ ସେମାନଙ୍କୁ ଅବଗତ କରାଇବା ଏକ ସମୟୋପଯୋଗୀ କାର୍ଯ୍ୟକ୍ରମ । ଆଇନ ସହାୟତା କାର୍ଯ୍ୟକ୍ରମ ଜରିଆରେ ସାମାଜିକ ବିପ୍ଳବ ଘଟାଇବା ଦିଗରେ ଓକିଲ ବନ୍ଧୁମାନେ ଆଗେଇ ଆସିବା ପାଇଁ ଆଇନମନ୍ତ୍ରୀ ସେମାନଙ୍କ ସହଯୋଗ କାମନା କରିଥିଲେ ଏବଂ ତାମିଲନାଡୁରେ କିପରି ଆଇନଜୀବୀମାନେ ସ୍ୱଇଚ୍ଛାରେ ଓ ଅବୈତନିକ ଭାବରେ ଏହି କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିପାରିଛନ୍ତି, ତାହା ସୂଚାଇଥିଲେ । ଗାଁ ଗହଳରେ ଯେପରି ନାରୀ ନିର୍ଯ୍ୟାତନା ଓ ଅନ୍ୟାୟ ଅନୀତି, ଜନସଂଖ୍ୟା ଓ ଦରିଦ୍ରଙ୍କ ସଂଖ୍ୟା ସହିତ ସମାନ୍ତରାଳ ଭାବରେ ବୃଦ୍ଧି ପାଉଛି, ଏହା ସମସ୍ତ ବୁଦ୍ଧିଜୀବୀ ତଥା ଆଇନଜୀବୀମାନଙ୍କ ପକ୍ଷରେ ଏକ ଆହ୍ୱାନ ଏବଂ ନାରୀ ନିର୍ଯ୍ୟାତନା ପରି ଏକ ସାମାଜିକ କଳଙ୍କର ମୂଳୋତ୍ପାଟନ ପାଇଁ ପ୍ରତ୍ୟେକ ଶ୍ରେଣୀର ଲୋକେ ଯତ୍ନଶୀଳ ହେବାକୁ ଶ୍ରୀ ପଟ୍ଟନାୟକ ସମସ୍ତଙ୍କର ସହଯୋଗ କାମନା କରିଥିଲେ ।

ଏହି ସଭାରେ ଓଡ଼ିଶା ଆଇନଗତ ସାହାଯ୍ୟ ଓ ଉପଦେଷ୍ଟା ବୋର୍ଡ଼ କାର୍ଯ୍ୟକାରୀ ସଭାପତି ମାନ୍ୟବର ବିଚାରପତି ଶ୍ରୀଯୁକ୍ତ ରାଧାଚରଣ ପଟ୍ଟନାୟକ ଓ ଗଞ୍ଜାମ ଜିଲ୍ଲା ଜଜ୍ ଶ୍ରୀ କେ. ପି. ମହାପାତ୍ର ଉଦ୍‌ବୋଧନ ଦେଇଥିଲେ ।

## ଚକ୍ଷୁ ଶିବିରରେ ସଫଳ ଅସ୍ତ୍ରୋପଚାର

କଟକ ଜିଲ୍ଲା ଅନୁଗୋଳ ସ୍ତରର ସୁଭଦ୍ରା ମହତାବ ମହାବିଦ୍ୟାଳୟଠାରେ ରୋଟାରୀ କ୍ଲବ୍‌ର ଉଦ୍ୟମରେ ଆୟୋଜିତ ୭ମ ମାଗଣା ଚକ୍ଷୁଶିବିରକୁ ସଂପ୍ରତି ରାଷ୍ଟ୍ର-ମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳ ଉଦ୍‌ଯାପନ କରିଛନ୍ତି । ଏହି ଶିବିରରେ ଶତାଧିକ ଚକ୍ଷୁରୋଗୀ ବିଶେଷତଃ ପରଳ ରୋଗୀ ଅସ୍ତ୍ରୋପଚାର କରିବା ଲାଗି ଯୋଗ ଦେଇଥିଲେ । ସେମାନଙ୍କ ମଧ୍ୟରୁ ୬୨ ଜଣ ପରଳ ରୋଗୀଙ୍କର ସଫଳ ଅସ୍ତ୍ରୋପଚାର କରାଯାଇଛି ।

ଏ ଉତ୍ସବରେ ସେଠାରେ ଅନୁଷ୍ଠିତ ଏକ ଜନ ସମାବେଶରେ ମନ୍ତ୍ରୀ ଶ୍ରୀ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଉଦ୍‌ବୋଧନ ଦେଇ କହିଲେ ଯେ ଦୃଷ୍ଟିହୀନତା ଦୂର କରିବା ଲାଗି ପ୍ରଧାନ ମନ୍ତ୍ରୀଙ୍କ କୋଡ଼ିଏସୂତ୍ରୀ କାର୍ଯ୍ୟକ୍ରମରେ ଉଲ୍ଲେଖ ରହିଥିବାରୁ ଏପରି ଜନହିତକର କାର୍ଯ୍ୟର ସାଫଲ୍ୟ ଦିଗରେ ବେସରକାରୀ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନେ ଉଦ୍ୟମ କରିବା ଉଚିତ୍ । କଟକ ରୋଟାରୀ କ୍ଲବ ଦ୍ୱାରା ଚଳିତ ବର୍ଷ ୧ ହଜାର ଚକ୍ଷୁ ରୋଗୀ ଏବଂ ରାଜ୍ୟର ୩୪ଟି ରୋଟାରୀ କ୍ଲବ୍‌ର ଉଦ୍ୟମରେ ସମୁଦାୟ ୬ ହଜାର ରୋଗୀଙ୍କର ଅସ୍ତ୍ରୋପଚାର କରିବାକୁ ନିଷ୍ପତ୍ତି ହୋଇଥିବାରୁ ଶ୍ରୀ ବିଶ୍ୱାଳ ସଂପୃକ୍ତ କର୍ତ୍ତୃପକ୍ଷଙ୍କର ଭୂୟସୀ ପ୍ରଶଂସା କରିଥିଲେ । ଆସନ୍ତା ବର୍ଷ ୨ ହଜାର ରୋଗୀଙ୍କର ଅସ୍ତ୍ରୋପଚାର କରିବା ଲାଗି ସେ ଅନୁରୋଧ କରିଥିଲେ ।

ଏହି ଉତ୍ସବରେ କ୍ଲବର ପୂର୍ବତନ ଗଭର୍ଣ୍ଣର ତଥା ରିଜିଓନାଲ୍ ଆଇ. ଜି. ଶ୍ରୀ ଗୋବିନ୍ଦ ଚନ୍ଦ୍ର ସେନାପତି ଅଧ୍ୟକ୍ଷତା କରିଥିଲେ । ସେ କହିଲେ ଯେ ଗତବର୍ଷ ସ୍ଥାନୀୟ କୃଷ୍ଣପୁର ଗ୍ରାମରେ ଏକ ଚକ୍ଷୁ ଶିବିର ହୋଇଥିଲା । ଗ୍ରାମାଂଚଳରେ ଅଧିକ ସଂଖ୍ୟକ ଶିବିର ଆୟୋଜନ କରିବାକୁ ବହୁ ଗ୍ରାମ ତରଫରୁ ଅନୁରୋଧ କରାଯାଉଛି ଏବଂ ପ୍ରାୟ ୨୫ଟି ଏପରି ଅନୁରୋଧ ତାଙ୍କ ପାଖରେ ରହିଛି । ମନ୍ତ୍ରୀ ଶ୍ରୀ ବିଶ୍ୱାଳ ଏହିପରି ଶିବିରର ରୋଗୀ-ମାନଙ୍କର ଚିକିତ୍ସା ଓ ଅସ୍ତ୍ରୋପଚାର ଦିଗରେ ଯେଉଁ ସାହାଯ୍ୟ ସହଯୋଗ କରୁଛନ୍ତି, ତାହା ସମସ୍ତଙ୍କର ସ୍ମରଣୀୟ ହୋଇ ରହିବ ବୋଲି ସେ କହିଥିଲେ ।

ଏହି ଉତ୍ସବରେ ରୋଟାରୀ ଜିଲ୍ଲାର ଗଭର୍ଣ୍ଣର ଡାଃ ସିହ୍ନା ଓ ଶ୍ରୀମତୀ ସିହ୍ନା, ବିଧାୟକ ଶ୍ରୀ ମତଲୁବ୍ ଅଲ୍ଲୀ ଓ ଶ୍ରୀ ମାୟାଧର ସେଠୀ ଏବଂ ଚକ୍ଷୁ ବିଶେଷଜ୍ଞ ଡାଃ ଯୋଶୀ ପ୍ରମୁଖ ମଧ୍ୟ ଭାଷଣ ଦେଇଥିଲେ ।

## ୧୩ ଶହରୁ ଅଧିକ ସ୍ୱତନ୍ତ୍ର ନଳକୂପ

ଫୁଲବାଣୀ ଜିଲ୍ଲା ବ୍ୟତୀତ ରାଜ୍ୟର ଅନ୍ୟ ୧୨ଟି ଜିଲ୍ଲା ଅନ୍ତର୍ଗତ ୧୩ଟି ଜନସ୍ୱାସ୍ଥ୍ୟ ଡିଭିଜନର ଗ୍ରାମାଞ୍ଚଳରେ ସମୁଦାୟ ୧୩୩୭ଟି ନଳକୂପ ଚଳିତ ଆର୍ଥିକ ବର୍ଷ ମଧ୍ୟରେ ବସାଇବାକୁ ସରକାର ନିଷ୍ପତ୍ତି କରିଛନ୍ତି । ତଦନୁଯାୟୀ ଏ ଦିଗରେ ତ୍ୱରାନ୍ୱିତ ପଦକ୍ଷେପ ନେବା ଲାଗି ସଂପୃକ୍ତ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇ ସାରିଲଣି । କେଉଁ ଗ୍ରାମରେ ନଳକୂପ ବସାଯିବ, ତା'ର ତୃଣମୂଳୀ ତାଲିକା ପ୍ରସ୍ତୁତ କରି ଜିଲ୍ଲା ଉନ୍ନୟନ ବୋର୍ଡର ଅନୁମୋଦନକ୍ରମେ ତାହାକୁ ନିର୍ବାହୀ ଯନ୍ତ୍ରୀଙ୍କ ନିକଟକୁ ତୁରନ୍ତ ପଠାଇବା ଲାଗି ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦିଆଯାଇଛି ।

କେନ୍ଦ୍ର ସରକାରଙ୍କ ଆନୁକୂଲ୍ୟରେ ତଥା ସହାୟତାରେ କାର୍ଯ୍ୟକାରୀ ହେଉଥିବା ନୂତନ 'ତ୍ୱରାନ୍ୱିତ ଗ୍ରାମାଞ୍ଚଳ ଜଳ ଯୋଗାଣ କାର୍ଯ୍ୟକ୍ରମ ବା ଆଓ୍ୱାର୍ଡ ସିମ୍' ଅନୁଯାୟୀ ଏହିସବୁ ନଳକୂପ ବସାଯିବ । ଏଥିପାଇଁ ଜଳକଷ୍ଟ ଗ୍ରାମ ଚିହ୍ନଟ କରିବା ବେଳେ ପାନୀୟ ଜଳର କୌଣସି ସୁବିଧା ନଥିବା ହରିଜନ ଓ ଆଦିବାସୀଙ୍କ ବସ୍ତିକୁ ମଧ୍ୟ ଚିହ୍ନଟ କରି ସେଠାରେ ଅଗ୍ରାଧିକାର ଭିତ୍ତିରେ ନଳକୂପ ବସାଇବାକୁ କର୍ତ୍ତୃପକ୍ଷମାନଙ୍କୁ ମଧ୍ୟ ପରାମର୍ଶ ଦିଆଯାଇଛି ।

ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଯାୟୀ କଟକ ୨ ନମ୍ବର ଜନସ୍ୱାସ୍ଥ୍ୟ ଡିଭିଜନରେ ସର୍ବାଧିକ ୫୧୦ଟି ଏବଂ ସମ୍ବଲପୁର ଡିଭିଜନରେ ୨୦୫ଟି ନଳକୂପ ବସାଯିବ । ସେହିପରି ପୁରୀ ଡିଭିଜନରେ ୧୬୦ଟି, ବାରିପଦା ଓ କେନ୍ଦୁଝରରେ ୮୦ଟି ଲେଖାଏଁ, ଭଞ୍ଜନଗର, କଳାହାଣ୍ଡି ଓ ବଲାଙ୍ଗୀରରେ ୩୭ଟି ଲେଖାଏଁ, ବାଲେଶ୍ୱରରେ ୬୨ଟି, ଢେଙ୍କାନାଳରେ ୪୨ଟି, ବ୍ରହ୍ମପୁରରେ ୨୭ଟି, କୋରାପୁଟରେ ୨୫ଟି ଏବଂ ରାଉରକେଲା ଡିଭିଜନରେ ୩୫ଟି ନଳକୂପ ବସାଯିବ ।


## ଦୁଇଟି ଜଳ ବିଦ୍ୟୁତ କେନ୍ଦ୍ରର ପୂର୍ବ ରେକର୍ଡ ଭଙ୍ଗ

ବାଲିମେଳା ଓ ହୀରାକୁଦ ଜଳ ବିଦ୍ୟୁତ୍ କେନ୍ଦ୍ରର ବିଦ୍ୟୁତ୍ ଉତ୍ପାଦନରେ ଚଳିତ ବର୍ଷ ଉନ୍ନତି ପରିଲକ୍ଷିତ ହୋଇଥିବା ଏବଂ ଏ କ୍ଷେତ୍ରରେ ପୂର୍ବର ସମସ୍ତ ରେକର୍ଡ ଭଙ୍ଗ ହୋଇଥିବା ବିଷୟ ସେଚ ଓ ଶକ୍ତି ରାଷ୍ଟ୍ରମନ୍ତ୍ରୀ ଶ୍ରୀ ନିରଞ୍ଜନ ପଟ୍ଟନାୟକ ପ୍ରକାଶ କରିଛନ୍ତି । ବାଲିମେଳା ଜଳ ବିଦ୍ୟୁତ୍ କେନ୍ଦ୍ରର ସର୍ବୋଚ୍ଚ ବିଦ୍ୟୁତ୍ ଉତ୍ପାଦନ କ୍ଷମତା ୩୬୦ ମେଗାଓ୍ୱାଟ ଥିବାବେଳେ ଗତ ଡିସେମ୍ବର ମାସ ୧୨ ତାରିଖ ସକାଳ ୮ଟା ବେଳେ ଏଠାରୁ ୩୬୬ ମେଗାଓ୍ୱାଟ୍ ବିଦ୍ୟୁତ୍ ଉତ୍ପାଦିତ ହୋଇଥିଲା ଏବଂ ସେହି ଦିନର ୨୪ ଘଣ୍ଟା ମଧ୍ୟରେ ହାରାହାରି ବିଦ୍ୟୁତ୍ ଉତ୍ପାଦନ ୩୨୫.୩୩ ମେଗାଓ୍ୱାଟ୍ ଏବଂ ଚଳିତ ମାସ ପ୍ରାରମ୍ଭରୁ ୧୨ ତାରିଖ ପର୍ଯ୍ୟନ୍ତ ବିଦ୍ୟୁତ୍ ଉତ୍ପାଦନର ହାରାହାରି ଉତ୍ପାଦନ ୨୭୮ରୁ ୩୨୫ ମେଗାଓ୍ୱାଟ୍ ମଧ୍ୟରେ ଥିଲା ବୋଲି ଶ୍ରୀ ପଟ୍ଟନାୟକଙ୍କଠାରୁ ପ୍ରକାଶ । ଗତ ୫ ବର୍ଷ ମଧ୍ୟରେ ହାସଲ ହୋଇଥିବା ସର୍ବୋଚ୍ଚ ବିଦ୍ୟୁତ୍ ଉତ୍ପାଦନ ରେକର୍ଡ ସଂପର୍କରେ ସୂଚନା ଦେଇ ଶ୍ରୀ ପଟ୍ଟନାୟକ କହିଲେ ଯେ ୧୭-୬-୮୧ରେ ୩୨୩ ମେଗାଓ୍ୱାଟ୍, ୨୦-୧୨-୮୦ରେ ୩୧୫ ମେଗାଓ୍ୱାଟ୍, ୧୭-୧-୧୯୭୯ରେ ୩୦୯ ମେଗାଓ୍ୱାଟ, ୪-୯-୭୮ରେ ୩୦୫ ମେଗାଓ୍ୱାଟ୍ ଏବଂ ୨୧-୬-୭୭ ତାରିଖରେ ୩୦୨ ମେଗାଓ୍ୱାଟ୍ ବିଦ୍ୟୁତ୍ ଉତ୍ପାଦନ କରାଯାଇ ରେକର୍ଡ ସୃଷ୍ଟି କରାଯାଇଥିଲା । ମାତ୍ର ଚଳିତ ମାସର ରେକର୍ଡ ପୂର୍ବର ଏହି ସମସ୍ତ ରେକର୍ଡକୁ ଟପି ଯାଇ ପାରିଛି ।

ସେହିପରି ହୀରାକୁଦ ଜଳ ବି[illegible] କେନ୍ଦ୍ର ବୁର୍ଲା ଓ ଚିପିଲିମାର ଗତ ବର୍ଷର ଜୁଲାଇ ମାସଠାରୁ ଅକ୍ଟୋବର ମାସ ମଧ୍ୟରେ ୫୮୬.୭୯[illegible] ୟୁନିଟ୍ ଉତ୍ପାଦିତ ହୋଇ ପୂର୍ବର ସମସ୍ତ ରେ[illegible] ସାରିଛି । ଏଥି ପୂର୍ବରୁ ଏଠାରୁ ୧୯୮୧ ମସିହା ଜୁଲାଇ ମାସଠାରୁ ଅକ୍ଟୋବର ମାସ ମଧ୍ୟରେ ୫[illegible]୨.୬୭୧ ନିୟୁତ ୟୁନିଟ୍ ବିଦ୍ୟୁତ୍ ଉତ୍ପାଦିତ ହୋଇଥିଲା ।



OGP—MP-VI (I. & P. R.) 58—10,000—21-1-1984



Prime Minister Smt Indira Gandhi redeaming a special stamp in honour of Acharya Vinoba Bhave......

ପ୍ରଧାନ ମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ଦ୍ୱାରା ଆଚାର୍ଯ୍ୟ ବିନୋବା ଭାବେଙ୍କ ସମ୍ମାନାର୍ଥେ ଏକ ଡାକ ଟିକଟ ଉନ୍ମୋଚନ......



THE PRIME MINISTER INDIRA GANDHI AND COMMON WEALTH SECRETARY GENERAL DR. S.S. RAMPHAL AT A JOINT PRESS CONFERENCE AT BIGYAN BHAVAN, NEW DELHI AFTER THE CONCLUSION OF THE COMMON WEALTH HEADS OF GOVT. MEETING... ମିଳିତ ସାମ୍ବାଦିକ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଗାନ୍ଧୀ ଓ କମନ ୱେଲ୍‌ଥ ସେକ୍ରେଟାରୀ [illegible]

Vol. XL No. 6 UTKAL PRASANGA Regd. No. 005/8
Licence No. C. R. N. P. 5—Licensed to post without Pre-Payment

Gram : INFRA
Telex : 0675-204

Phones : 52828
51306
51865

# ORISSA INDUSTRIAL INFRASTRUCTURE DEVELOPMENT CORPORATION

## IDCO TOWERS : BHUBANESWAR-751007

**OFFERS :**

(1) Sophisticated Industrial Sheds

(2) Developed plots

*with*

Power, water, effluent disposal system and other infrastructural facilities like industrial housing, Banks and Post Offices,

*at*

strategic nerve centres like

(1) Chandaka Nucleus Complex, Bhubaneswar and Mancheswar Industrial Estate

(2) Cuttack-Jagatpur-Choudwar-Athagarh and Paradip Port

(3) Rourkela-Kalunga-Sundargarh

(4) Balasore-Baripada-Rairangpur-Barbil-Keonjhar

(5) Dhenkanal-Angul-Talcher

(6) NALCO impact zone-Sunabeda-Jeypore-Rayagada

(7) Emerging Nuclues Complex-Bolangir & Kesinga (Kalahandi)

**OUR ACHIEVEMENTS :**

(1) Acquisition of 7,000 acres of land for setting up industries, 5,000 acres more in the pipe line

(2) 1,200 Nos. of Industrial Sheds

*Please contact for further details*

V. JHA, I.A.S.
MANAGING DIRECTOR
Orissa Industrial Infrastructure Development Corporation,
IDCO Towers
Bhubaneswar-7

PRINTED AT ORISSA GOVERNMENT PRESS, CUTTACK-10